# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


■ Vol. 10, Issue. 332, Monday, 25 March 2024, Puri, Pages- 22, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୩୨, ସୋମବାର, ୨୫ ମାର୍ଚ୍ଚ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





# ODISHA'S BIGGEST WAVE POOL HOLI PARTY

**23RD, 24TH, 25TH & 26TH MARCH 2024**

TIME : 09.00 AM TO 06.00PM

## GENERAL CATEGORY

**Adult** — **₹899/-**
Height Between 4'6"

**Child** — **₹799/-**
Height Between 3'3" - 4'6"

**Sr. Citizen** — **₹699/-**
ID Proof Mandatory

### FACILITES

Bollywood and Ollywood SingerS Live Performance | Live Anchore | Live DJ | Dancer Group | Welcome Drink / Thandai | Unlimited Organic Gulal | Exciting Water Slide with Adventure Park | Delicious Food Pani Puri & Exotic Snacks..

## VIP CATEGORY

**Adult** — **₹1149/-**
Height Between 4'6"

**Child** — **₹1049/-**
Height Between 3'3" - 4'6"

**Sr. Citizen** — **₹949/-**
ID Proof Mandatory

### FACILITES

Bollywood and Ollywood SingerS Live Performance | Live Anchore | Live DJ | Dancer Group | Welcome Drink / Thandai | Bhangra Dhol | Unlimited Organic Gulal | Exciting Water Slide with Adventure Park Delicious Food | Pani Puri & Exotic Snacks

## RESORT STAY FOR 2 PERSON

**AC Romance Cottage** ------------------------ **₹9999/-**
**AC VIP Executive Room** ------------------------ **₹6999/-**
**AC Delux Room** ------------------------ **₹5999/-**
**AC Swiss Tent** ------------------------ **₹4999/-**

### FACILITES

Bollywood and Ollywood Singers Live Performance | Live Anchor | Live DJ | Dancer Group | Welcome Drink / Thandai | Bhangra Dhol | Unlimited Organic Gulal | Exciting Water Slide with Adventure Park | Delicious Food Shikara Boating & Water Zorbing | Pani Puri & Exotic Snacks | Over Night Stay, All Meal Plan..

Terms & Conditions Apply*

**FLAT 10% Discount on Resort Stay**



ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org




■ Vol. 10, Issue. 332, Monday, 25 March 2024, Puri, Pages- 22, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୩୨, ସୋମବାର, ୨୫ ମାର୍ଚ୍ଚ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା

## ଶୁଭେଚ୍ଛା

ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ 'ଅମୃତ ଦୁନିଆ'ର ଅଗଣିତ ପାଠକପାଠିକା, ବିଜ୍ଞାପନଦାତା, ଖବରଦାତା, ପୃଷ୍ଠପୋଷକ ଓ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ ଶୁଭେଚ୍ଛା।

## ଛୁଟି ଘୋଷଣା

ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଅବସରରେ 'ଅମୃତ ଦୁନିଆ' କାର୍ଯ୍ୟାଳୟ ୨୫ ଓ ୨୬ ତାରିଖରେ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ।

ପରିଚାଳକ

# ଓଡ଼ିଶାରେ ପ୍ରାର୍ଥୀ ଘୋଷଣା କଲା ବିଜେପି

- ୧୮ଟି ଲୋକସଭା ପାଇଁ ହେଲା ଘୋଷଣା
- ସମ୍ବଲପୁରରୁ ଧର୍ମେନ୍ଦ୍ର, ବ୍ରହ୍ମପୁରରୁ ଲଢ଼ିବେ ପ୍ରଦୀପ
- ଭୁବନେଶ୍ୱରରୁ ପୁଣି ଲଢ଼ିବେ ଅପରାଜିତା ଷଡ଼ଙ୍ଗୀ
- କଟକ, କନ୍ଧମାଳ ଓ ଯାଜପୁର ପାଇଁ ପ୍ରାର୍ଥୀ ଘୋଷଣା

ନୂଆଦିଲ୍ଲୀ

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ରବିବାର ପଞ୍ଚମ ପର୍ଯ୍ୟାୟରେ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିଛି। ୧୮ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ହୋଇଛି। ବିଜେପି ସମ୍ବଲପୁର ପାଇଁ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ପାଇଁ ଅପରାଜିତା ଷଡ଼ଙ୍ଗୀ ଓ ବ୍ରହ୍ମପୁର ପାଇଁ ପ୍ରଦୀପ ପାଣିଗ୍ରାହୀଙ୍କୁ ଟିକେଟ୍ ଦେଇଛି। ବିଜେପି ୨୦୨୪ ନିର୍ବାଚନ ପାଇଁ ପ୍ରଥମ ଦଳ ପାଇଁ ନିଜର ପ୍ରାର୍ଥୀ ଘୋଷଣା କରିଛି। ବରଗଡ଼, ସମ୍ବଲପୁର, କଳାହାଣ୍ଡି, ମୟୂରଭଂଜ, ବ୍ରହ୍ମପୁର ଓ କୋରାପୁଟରେ ନୂଆ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। ବଲାଙ୍ଗୀରରେ ସଂଗୀତା କୁମାରୀ ସିଂହଦେଓ, ସୁନ୍ଦରଗଡ଼ରେ ଜୁଏଲ ଓରାମ, ଢେଙ୍କାନାଳରେ ରୁଦ୍ର ପାଣି, ପୁରୀରେ ସମ୍ବିତ ପାତ୍ର, କେନ୍ଦ୍ରାପଡ଼ାରେ ବୈଜୟନ୍ତ ପଣ୍ଡା, ବାଲେଶ୍ୱରରେ ପ୍ରତାପ ଷଡ଼ଙ୍ଗୀ, ଭଦ୍ରକରେ ଅଭିମନ୍ୟୁ ସେଠୀଙ୍କୁ ପ୍ରାର୍ଥୀ କରିଛି। କଳାହାଣ୍ଡିରେ ମାଳବିକା କେଶରୀ ଦେଓ, ନବରଙ୍ଗପୁରରେ ବଳଭଦ୍ର ମାଝୀ, ଜଗତସିଂହପୁରରେ ବିଭୁ ତରାଇ, ବରଗଡ଼ରେ ପ୍ରଦୀପ ପୁରୋହିତ, କେନ୍ଦୁଝରରେ ଅନନ୍ତ ନାୟକ, ଆସ୍କାରୁ ଅନିତା ଶୁଭଦର୍ଶିନୀ, କୋରାପୁଟରୁ କାଳେରାମ ମାଝୀ, ମୟୂରଭଂଜରେ ନବ ମାଝୀଙ୍କୁ ପ୍ରାର୍ଥୀ କରିଛି। ବିଜେପି ଏହି ପର୍ଯ୍ୟାୟରେ କଟକ, କନ୍ଧମାଳ ଓ ଯାଜପୁର ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ।



## ଭଲ ଭାବରେ ନିର୍ବାଚନ ଲଢ଼ିବୁ: ମନମୋହନ ସାମଲ

ଆଗାମୀ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ଜୋରଦାର ଲଢ଼ାଇ କରିବ। ଓଡ଼ିଶାର ୨୧ଟି ଲୋକସଭା ଓ ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଅବତୀର୍ଣ୍ଣ କରାଇବ। ଆମେ ଭଲ ଭାବରେ ନିର୍ବାଚନ ଲଢ଼ିବୁ। ନୂଆଦିଲ୍ଲୀରେ ଅନୁଷ୍ଠିତ ବିଜେପିର ବୈଠକରେ ସାମିଲ ହୋଇ ଓଡ଼ିଶା ଫେରିବା ପରେ ରାଜ୍ୟ ସଭାପତି ମନମୋହନ ସାମଲ ରବିବାର ସନ୍ଧ୍ୟାରେ ଏହା କହିଛନ୍ତି।ଗଣମାଧ୍ୟମର ପ୍ରତିନିଧିଙ୍କୁ ଶ୍ରୀ ସାମଲ କହିଛନ୍ତି, ଦିଲ୍ଲୀ ବୈଠକରେ ଓଡ଼ିଶାର ରଣନୀତି ନେଇ ଚର୍ଚ୍ଚା ଓ ଆଲୋଚନା ହୋଇଛି। ରଣନୀତି ସଂପର୍କରେ ଆମେ କେନ୍ଦ୍ରୀୟ ନେତୃତ୍ୱକୁ ଅବଗତ କରିଛୁ। ରଣନୀତି ସଂପର୍କରେ ଅବଗତ କରାଇଛୁ। ଓଡ଼ିଶା ବାବଦରେ ତନ୍ନତନ୍ନ କରି ଜଣାଇଛୁ।

## ନବୀନ ନିବାସରେ ଟିକେଟ କସରତ

ଭୁବନେଶ୍ୱର(ବ୍ୟୁରୋ)

ରାଜନୈତିକ ପ୍ରତିଦ୍ୱନ୍ଦିତା ଭିତରେ ବିଜେଡିର ଟିକେଟ୍ କସରତ ଜାରି ରହିଛି । ଏହି କ୍ରମରେ ରବିବାର ୬ଟି ସଂସଦୀୟ କ୍ଷେତ୍ରର ବିଧାୟକ, ନେତା ଓ ପର୍ଯ୍ୟବେକ୍ଷକଙ୍କ ସହ ଚର୍ଚ୍ଚା କରିଛନ୍ତି ବିଜେଡି ସୁପ୍ରିମୋ । ପୂର୍ବାହ୍ନରେ ସମ୍ବଲପୁର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଲୋକସଭା କ୍ଷେତ୍ରର ସମୀକ୍ଷା କରାଯାଇଥିବା ବେଳେ ଅପରାହ୍ନରେ ଜଗତସିଂହପୁର, ଯାଜପୁର ଏବଂ କଟକ ଲୋକସଭା ଆସନ ଏବଂ ଏହା ଅଧିନରେ ଆସୁଥିବା ୭ ବିଧାନସଭା ଆସନରେ ଦଳର କେଉଁ ନେତାଙ୍କୁ ଟିକେଟ୍ ଦିଆଯିବ ସେ ସଂକ୍ରାନ୍ତରେ ଚର୍ଚ୍ଚା ହୋଇଛି ।ସୁପ୍ରିମୋଙ୍କ ଲୋକପ୍ରିୟତା ଓ ବିକାଶଧାରାକୁ ବଜାର ରଖିବା ପାଇଁ ଯିଏ ଯୋଗ୍ୟ, ହୁଏତ ସେ ଟିକେଟ୍ ପାଇବ ବୋଲି କୁହାଯାଉଛି । ପୂର୍ବାହ୍ନରେ ମନ୍ଥନ ହୋଇଥିବା ସମ୍ବଲପୁର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଆସନରୁ ୨ଟି ବିଜେପି ହାତରେ ଥିବା ବେଳେ ଗୋଟିଏ ଲୋକସଭା ଶାସକ ବିଜେଡି ହାତରେ ରହିଛି । କିନ୍ତୁ '୨୪' ଲଢ଼େଇରେ ୩ରୁ ୩ ଲୋକସଭା ଆସନ ପୋଛି ନେବା ଲକ୍ଷ୍ୟରେ ରହିଛି ବିଜୁ ଜନତା ଦଳ । ଏହି ଲକ୍ଷ୍ୟ ନେଇ ଦଳୀୟ ନେତା, ବିଧାୟକ, ସାଂସଦ, ପର୍ଯ୍ୟବେକ୍ଷକଙ୍କ ସହ ଚର୍ଚ୍ଚା ଆଲୋଚନା କରିଛନ୍ତି ସୁପ୍ରିମୋ । ସମ୍ବଲପୁର ଲୋକସଭା ଆସନର ଗଣିତ କହୁଛି, ସମ୍ବଲପୁର ଅଧିନରେ ଆସୁଥିବା ୭ ବିଧାନସଭା ଆସନରୁ ବିଜେଡି ୪ଟି ଆସନ ଜିତିଥିବା ବେଳେ ବିଜେପି ହାତରେ ରହିଛି ୩ଟି ଆସନ । ତେବେ ସମ୍ବଲପୁର ଲୋକସଭା ଆସନ ସହ ସଂପୂର୍ଣ୍ଣ ୭ ବିଧାନସଭା ଆସନ ଜିତିବା ପାଇଁ ଲକ୍ଷ୍ୟ ରଖିଛି ଦଳ ।ଏପଟେ ଢେଙ୍କାନାଳ ଲୋକସଭା ଆସନରେ ବିଜେଡିକୁ ମିଳିଥିବା ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛି ଦଳ ।

## ଶ୍ରୀନଗର ପୋଲିସ୍‌କୁ ମିଳିଲା ବଡ଼ ସଫଳତା
## ଗିରଫ ହେଲେ ୪ଆତଙ୍କବାଦୀ

ନୂଆଦିଲ୍ଲୀ

ଜମ୍ମୁକାଶ୍ମୀରର ଶ୍ରୀନଗର ପୁଲିସ ସୁରକ୍ଷା ବାହିନୀ ସହିତ ମିଶି ଜୋସ-ଏ-ମହମ୍ମଦ ସଙ୍ଗଠନର ଆତଙ୍କବାଦୀ ମଡ୍ୟୁଲ ଉପରେ ଚଢ଼ାଉ କରି ୪ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ପୁଲିସ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରି ଜୈସ-ଏ- ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ୪ଜଣଙ୍କୁ ଗିରଫ କରିଥିଲା। ଏଥିସହିତ ଆତଙ୍କବାଦୀଙ୍କ ନିକଟରୁ ସ୍ଥାନୀୟ ପୁଲିସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳି ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ରାଇଫଲ, ଗୁଳି, ମାଗାଜିନ, ବନ୍ଧୁକ ଓ ୬ଟି ଚାଇନା ବୋମା ରହିଛି। କାଶ୍ମୀର ଜୋନ୍ ପୁଲିସର କହିବାନୁସାରେ, ଏହି ଘଟଣାକୁ କେନ୍ଦ୍ର କରି ଶ୍ରୀନଗର ପୁଲିସ ଅଧିକ ତଦନ୍ତରେ ନିୟୋଜିତ ଅଛି। ଗିରଫ ଆତଙ୍କବାଦୀଙ୍କ ସହଯୋଗୀଙ୍କୁ ପୁଲିସ ପଚରାଉଚରା କରୁଛି। ପୁଲିସର ସର୍ଚ୍ଚ ଅପରେସନ ଚାଲିଛି। ଗିରଫ ଆତଙ୍କବାଦୀମାନେ ହେଲେ ମହମ୍ମଦ ୟାସିନ ଭଟ, ଶେରାଜ ଅହମ୍ମଦ ରାଠୋ, ଗୁଲାମ ହାସନ ଖଣ୍ଡେ ଏବଂ ଅହମ୍ମଦ ଭଟ ବୋଲି। ପୁଲିସ ସୂଚନାନୁସାରେ, ପଚରାଉଚରା ବେଳେ ଗିରଫ ଆତଙ୍କବାଦୀ କହିଥିଲେ, ସେମାନେ ସମସ୍ତେ ଆତଙ୍କବାଦୀ ସଂଗଠନ ଜୈସ-ଏ-ଅହମ୍ମଦ ସହିତ ଜଡ଼ିତ ଅଛି। ଏହି ସଙ୍ଗଠନ ସହିତ ଯୋଡ଼ି ହୋଇ ସେମାନେ ଆତଙ୍କବାଦୀ ମଡ୍ୟୁଲ ଭାବେ କାମ କରନ୍ତି।

## ଇଡି ହେପାଜତରେ ଥାଇ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଲେ କେଜ୍ରିୱାଲ

ନୂଆଦିଲ୍ଲୀ


ଗିରଫ ହେବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି ଅରବିନ୍ଦ କେଜ୍ରିୱାଲ। ଖରାଦିନ ଆସୁଥିବାରୁ ଲୋକଙ୍କ ପାଣି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି। ଇଡି ହେପାଜତରେ ଥାଇ ପ୍ରଥମ କରି ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି କେଜ୍ରିୱାଲ। ସୂଚନା ଅନୁସାରେ, କେଜ୍ରିୱାଲ ଇଡି ହେପାଜତରେ ଥାଇ ଜଳ ମନ୍ତ୍ରଣାଳୟକୁ ଏକ ନିର୍ଦ୍ଦେଶନାମା ପଠାଇଛନ୍ତି। ସେ ଏକ ଲେଖା ମାଧ୍ୟମନରେ ଦିଲ୍ଲୀବାସୀଙ୍କ ଜଳ ସମସ୍ୟାର ସମାଧାନ କରିବାକୁ ମନ୍ତ୍ରଣାଳୟକୁ ଆଦେଶ ଦେଇଛନ୍ତି। ଖରାଦିନ ଆସୁଛି, ଯେପରି କେହି ବି ପାଣି ଅଭାବର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଅଧିକ ଟ୍ୟାଙ୍କର ବିନିଯୋଗ କରିବାକୁ କହିଛନ୍ତି କେଜ୍ରିୱାଲ। ଦିଲ୍ଲୀ ମନ୍ତ୍ରୀ ଆତିଶୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ



ସମ୍ବୋଧିତ କରି ଅରବିନ୍ଦ କେଜ୍ରିୱାଲ ଦେଇଥିବା ଆଦେଶ ବିଷୟରେ ସବିଶେଷ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, 'ଇଡି ହେପାଜତରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସହରର କେତେକ ଅଞ୍ଚଳରେ ଜଳ ଓ ସ୍ୱେରେଜ୍ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଜଳ ଅଭାବ ଦେଖାଦେଇଥିବା ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ପାଣି ଟ୍ୟାଙ୍କର ଲଗାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।'ସେ ଆହୁରି କହିଛନ୍ତି, 'ଏଭଳି ପରିସ୍ଥିତିରେ ସେ ନିଜ ବିଷୟରେ ଚିନ୍ତା କରୁନାହାନ୍ତି, ସେ ଦିଲ୍ଲୀବାସୀ ଏବଂ ସେମାନଙ୍କ ସମସ୍ୟା କଥା ଭାବୁଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଲୋକଙ୍କ କାର୍ଯ୍ୟକୁ ବନ୍ଦ କରିପାରିବନି।'ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମାର୍ଚ୍ଚ ୨୧ରେ ଗିରଫ ହୋଇଥିଲେ ଅରବିନ୍ଦ କେଜ୍ରିୱାଲ। ଇଡି ତାଙ୍କୁ ୭ ଦିନିଆ ନ୍ୟାୟିକ ହେପାଜତକୁ ନେଇଛି। ସେ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଇଡି ହେପାଜତରେ ରହିବେ। ଭାରତୀୟ ରାଜନୀତି ଇତିହାସରେ ସେ ପ୍ରଥମ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଭାବେ ଗିରଫ ହୋଇଛନ୍ତି। ଗିରଫଦାରୀ ପରେ ବି କେଜ୍ରିୱାଲ ଇସ୍ତଫା ଦେଇନାହାନ୍ତି। ଇସ୍ତଫା ନ ଦେଇ ଜେଲରୁ କାର୍ଯ୍ୟ କରିବି ବୋଲି କହିଛନ୍ତି କେଜ୍ରିୱାଲ।

## ରାଜ୍ୟରେ ବୃଦ୍ଧି ପାଉଛି ତାପମାତ୍ରା
## ଆଗାମୀ ୪ ଦିନ ମଧ୍ୟରେ ୩ରୁ ୫ ଡିଗ୍ରୀ ବଢ଼ିବା ସମ୍ଭାବନା

ଭୁବନେଶ୍ୱର(ବ୍ୟୁରୋ)



ରାଜ୍ୟରେ ଗ୍ରୀଷ୍ମ ଉତ୍ତାପ କ୍ରମଶଃ ବଢ଼ିବାରେ ଲାଗିଛି । ଗତକାଲି ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ୫ଟି ସହରର ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିବା ଜଣାପଡିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ ଅନୁଯାୟୀ ଆଗାମୀ ୪ ଦିନ ମଧ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି । ସେହିଭଳି ରାତି ତାପମାତ୍ରା ମଧ୍ୟ ୨ରୁ ୩ଡିଗ୍ରୀ ବଢ଼ିପାରେ । ପରବର୍ତ୍ତୀ ସମୟରେ ସର୍ବନିମ୍ନ ଓ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ସମ୍ଭାବନା ନଥିବାରୁ ଅନେକ ଅଞ୍ଚଳରେ ପାରଦ ୪୦ଡିଗ୍ରୀ ଅତିକ୍ରମ କରିବା ସମ୍ଭାବନା ରହିଛି । ଏଥିସହିତ ସୋମବାର ଏବଂ ମଙ୍ଗଳବାର ରାଜ୍ୟର ୪-୫ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

## ମା-ବାପାଙ୍କ ଜୀବନ ନେଲା ପୁଅ

କେନ୍ଦୁଝର(ଅମୃତ ମିଡିଆ)

ଚମ୍ପୁଆ ଥାନା ଅନ୍ତର୍ଗତ କାଳିକା ପ୍ରସାଦ ପଞ୍ଚାୟତ ବସିରା ଗ୍ରାମରେ ପୁଅ ଆକ୍ରମଣରେ ମା ଓ ବାପାଙ୍କ ଶୋଚନୀୟ ମୃତ୍ୟୁ ଘଟିବା ଉକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରବିବାର ସକାଳେ ଏହି ଘଟଣା ଘଟିଛି। ମୃତ ମାଆ ପାଲି (୬୦) ଓ ବାପା ଗୁରା ମୁଣ୍ଡା (୬୫) ବୋଲି ଜଣାପଡିଛି। ପୋଲିସ ହତ୍ୟା ଅଭିଯୁକ୍ତ ପୁଅ ଧାନ ମୁଣ୍ଡା (୩୫)ଙ୍କୁ ଗିରଫ କରି ଘଟଣାର ତଦନ୍ତ କରୁଛି। ଆଜି ସକାଳେ ଘରୋଇ କନ୍ଦଳକୁ ନେଇ ପୁଅ ଉତ୍ତ୍ୟକ୍ତ ହୋଇ ଏକ କାଠ ବୋଝ ବାପା ଉପରେ କଚାଡ଼ି ଦେଲେ। ସେହିପରି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ବେଳେ ଉଦ୍ଧାର କରିବାକୁ ଆସିଥିବା ମା'କୁ ମଧ୍ୟ ଆକ୍ରମଣ କରିଥିଲେ।

## ହୀରାକୁଦରେ ବ୍ୟାପୁଛି ଝାଡ଼ାବାନ୍ତି


# ଗଲା ଆଉଜଣଙ୍କ ଜୀବନ, ମୃତ୍ୟୁସଂଖ୍ୟା ୨କୁ ବୃଦ୍ଧି

### ସ୍ଥିତି ସମୀକ୍ଷା କଲେ ୨ ଜଣିଆ ବିଶେଷଜ୍ଞ ଡାକ୍ତର

ହୀରାକୁଦ(ଅମୃତ ମିଡିଆ)

ଝାଡ଼ାବାନ୍ତିରେ ପୀଡ଼ିତ ଆଉଜଣଙ୍କ ଜୀବନ ଯାଇଛି। ଏବେ ମୃତ୍ୟୁସଂଖ୍ୟା ୨ରେ ପହଞ୍ଚିଛି। ଏହି ମୃତକ ହେଲେ ହୀରାକୁଦ ଭୋଜପାଲିର ଯୁଧିଷ୍ଠିର ଧୁରୁଆ। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୂଷିତ ପାଇପ୍ ପାଣି ପିଇବା ଯୋଗୁ ହୀରାକୁଦରେ ବ୍ୟାପିଛି ଝାଡ଼ାବାନ୍ତି। ଝାଡ଼ାବାନ୍ତି ଗତକାଲି ସନ୍ଧ୍ୟା ସୁଦ୍ଧା ୧୩୧ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିଲା। ହୀରାକୁଦ କାଲୁପଡ଼ାର ଟିକେଶ୍ୱର ନାୟକ(୪୩)ଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହୀରାକୁଦ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ଗତକାଲି ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ହୀରାକୁଦ ଜଳଭଣ୍ଡାର ତଳେ ଗଢ଼ି ଉଠିଥିବା ହୀରାକୁଦ ସହରବାସୀଙ୍କୁ ବିଶୁଦ୍ଧ ଜଳ ମିଳିପାରୁ ନାହିଁ। ସହରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେଇଥିବା ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଯାଇଛି। ରାସ୍ତା ନିର୍ମାଣ ସମୟରେ କେତେକ ଜାଗାରେ ପାଇପ୍ ଫାଟିଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ନିମ୍ନମାନର ପାଇପ୍ ବ୍ୟବହାର ହୋଇଥିବାରୁ ଚାପ ସମ୍ଭାଳି ନପାରି ଫାଟି ଯାଇଥିବା ଅଭିଯୋଗ ହେଉଛି। ଲୋକେ ଅଭିଯୋଗ କରିବା ପରେ ଜନସ୍ୱାସ୍ଥ୍ୟ ବିଭାଗ ମରାମତି ଦିଗରେ ଅବହେଳା ପ୍ରଦର୍ଶନ କରାଯାଇଥିବା କୁହାଯାଇଛି। ଗତ ୧୭ ତାରିଖ ଦିନ ଝାଡ଼ାବନ୍ତିରେ ଆକ୍ରାନ୍ତ ହୋଇ ୩ ଜଣ ଲୋକେ ହୀରାକୁଦ ଡାକ୍ତରଖାନାକୁ ପ୍ରଥମ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣକୁ ବୁର୍ଲା ଭିମ୍‌ସାରକୁ ରେଫର କରାଯାଇଥିଲା। ଏହାର ପର ଠାରୁ ସବୁଦିନ ୩/୪ ଜଣ ଲେଖାଏଁ ଲୋକେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ୨୧ ତାରିଖ ୩୬ ଜଣ ଏବଂ ୨୨ ତାରିଖ ଦିନ ୪୨ ଜଣ ଡାକ୍ତରଖାନାକୁ ଆସିଥିଲେ। ତେବେ, ଆଜି ସନ୍ଧ୍ୟା ସୁଦ୍ଧା ସହରରେ ଆକ୍ରାନ୍ତ ସଂଖ୍ୟା ୧୩୧ରେ ପହଂଚିଛି। କାଲୁପଡ଼ା, କ୍ଷୋର ଛକ, ଗୁରୁଦ୍ୱାରା ପଡ଼ା, କଦମପଡ଼ା, ଗାନ୍ଧୀନଗର, ଖ୍ରୀଷ୍ଟିଆନ ପଡ଼ା ଆଦି ଅଞ୍ଚଳରେ ମୁଖ୍ୟତଃ ଏହାର ବ୍ୟାପିଛି। ଆଜି ସିଡିଏମ୍‌ଓ ସୁଜାତାରାଣୀ ମିଶ୍ର ଓ ତାଙ୍କ ଟିମ୍ ହୀରାକୁଦ ପହଂଚି ସ୍ଥିତି ନିରୀକ୍ଷଣ କରିଥିଲେ। ବୁର୍ଲା ଭିମ୍‌ସାରକୁ ମଧ୍ୟ ଏକ ଡାକ୍ତରୀ ଟିମ୍ ଆସିଥିଲେ। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମଧ୍ୟ ହୀରାକୁଦ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ଆବଶ୍ୟକ ଚିକିତ୍ସା ସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆଶାକର୍ମୀ, ଅଂଗନୱାଡ଼ି କର୍ମୀ ପକ୍ଷରୁ ପଡ଼ାପଡ଼ା ବୋଲି ସଚେତନତା ସୃଷ୍ଟି କରାଯାଇଛି। ଡାକ୍ତରୀ ଦଳ ଔଷଧ ବି ବାଣ୍ଟୁଛନ୍ତି। ଟିକେଶ୍ୱରଙ୍କ ନିଜଘର ବରଗଡ଼ ଜିଲ୍ଲା ବରାହଗୋଡ଼ାରେ ହୋଇଥିବା ବେଳେ ହୀରାକୁଦରେ ତାଙ୍କ ପତ୍ନୀଙ୍କ ଶ୍ୱଶୁରଘରେ ରହୁଥିଲେ। ତାଙ୍କ ପତ୍ନୀ ଅଂଗନୱାଡ଼ି କର୍ମୀ ହୋଇଥିବା ବେଳେ ଟିକେଶ୍ୱର କ୍ୱାକ୍ ଭାବେ କାମକରି ଗୁଜୁରାଣ ମେଣ୍ଟାଉ ଥିଲେ। ଅପରପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଛି। ଫାଟି ଯାଇଥିବା ପାଇପ ମରାମତି କରିବା ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ସୁଜାତାରାଣୀ ମିଶ୍ରଙ୍କୁ ପଚାରିବାରୁ ଏପର୍ଯ୍ୟନ୍ତ ୧୩୧ ଜଣ ଆକ୍ରାନ୍ତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣ ଆଗରୁ ଯକୃତଜନିତ ରୋଗରେ ଆକ୍ରାନ୍ତ ଥିଲେ। ଆସନ୍ତାକାଲି ଭୁବନେଶ୍ୱରରୁ ଏକ ଡାକ୍ତରୀ ଟିମ୍ ଆସିବା କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି। ହୀରାକୁଦରେ ଝାଡାବାନ୍ତି ବ୍ୟାପିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ୨ଜଣିଆ ବିଶେଷଜ୍ଞ ଦଳ ହୀରାକୁଦ ପହଂଚି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ୨ଜଣିଆ ଟିମ୍ ପ୍ରଥମେ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଡାକ୍ତରଙ୍କ ସହ ଆଲୋଚନା କରିବା ପରେ ୱାର୍ଡ ଯାଇ ଭର୍ତ୍ତି ଥିବା ଆକ୍ରାନ୍ତଙ୍କ ସହ ଆଲୋଚନା କରିଛନ୍ତି ।ଖବର ଲେଖାଯିବା ପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ସଂଖ୍ୟା ୧୭୦ ଟପିଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି। ଏହି ଦୁଇଜଣିଆ ବିଶେଷଜ୍ଞ ଦଳରେ ରାଜ୍ୟ ଆରଆରଟି ସେଲ୍‌ର ସଦସ୍ୟ ଡାକ୍ତର ସୁରଜିତ ଓ ଆଇଡିପିଏସ୍‌ର ଏପିଡେମିଲୋଜିଷ୍ଟ ଡାକ୍ତର ସୁନିତା ଜେନା ରହିଛନ୍ତି। ସମସ୍ତ ଦିଗକୁ ଅନୁଧ୍ୟାନ କରି ଏହି ଟିମ୍ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ପ୍ରଦାନ କରିବେ ।






ଏକ ଚାମଚ ମହୁରେ ଏକ ଚାମଚ ଟମାଟୋ ରସ ମିଶାଇ ଦିଅନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨ ଥର ଏହାକୁ ବ୍ୟବହାର କରନ୍ତୁ। ୨ ଚାମଚ ଟମାଟୋ ରସ ସହ ଅଳ୍ପ ଅମୃତଭଣ୍ଡାକୁ ପେଷି ଏହାକୁ ଭଲ ଭାବେ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ମୁହଁରେ ଲଗାଇ ୧୫ ମିନିଟ ରଖିବା ପରେ ଧୋଇ ଦିଅନ୍ତୁ।

# ଚମକାଇବ ତ୍ୱଚା

ସୁନ୍ଦର ତ୍ୱଚା ପାଇଁ ସଭିଏଁ ଇଚ୍ଛୁକ। ଏଥିପାଇଁ କିଛି ଘରୋଇ ଓ ସହଜ ଉପାୟ ରହିଛି,ଯାହା ଦ୍ୱାରା ତ୍ୱଚା ଚମକିବା ସହ ସୁନେଲି ରଙ୍ଗ ଓ ଉଜ୍ଜ୍ୱଳ ହୋଇଥାଏ। ସେଭଳି ଏକ ଜିନିଷ ହେଉଛି ଟମାଟୋ। ଏହା ମୃତ କୋଷିକାକୁ ହଟାଇବା ସହ ସନ୍ ଟାନ୍ ଦୂର କରିଥାଏ। ମହୁ ତ୍ୱଚାକୁ ସୁନେଲି ରଙ୍ଗ କରିବା ସହ ଟମାଟୋ ସନ୍ ଟାନ୍ ଦୂର କରିଥାଏ। ଏକ ଚାମଚ ମହୁରେ ଏକ ଚାମଚ ଟମାଟୋ ରସ ମିଶାଇ ଦିଅନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨ ଥର ଏହାକୁ ବ୍ୟବହାର କରନ୍ତୁ। ଟମାଟୋ ଓ ଅମୃତଭଣ୍ଡାକୁ ମିଶାଇ ଲଗାଇବା ଦ୍ୱାରା ଏହା ବୟସର ପ୍ରଭାବକୁ କମ କରିଥାଏ ଓ ତ୍ୱଚାରୁ ବିଭିନ୍ନ ଦାଗ ଦୂର କରିଥାଏ। ୨ ଚାମଚ ଟମାଟୋ ରସ ସହ ଅଳ୍ପ ଅମୃତଭଣ୍ଡାକୁ ପେଷି ଏହାକୁ ଭଲ ଭାବେ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ମୁହଁରେ ଲଗାଇ ୧୫ ମିନିଟ ରଖିବା ପରେ ଧୋଇ ଦିଅନ୍ତୁ। ଏହାକୁ ମଧ୍ୟ ସପ୍ତାହକୁ ୨ ଥର ଲଗାଇ ପାରିବେ।

## ବାସ୍ତୁ ଉପଯୋଗୀ ଭୂମି

-ଲାଲ ରଙ୍ଗ ଅଥବା ଲାଲ ରଙ୍ଗର ମାଟି ଥିବା ଭୂମି ରାଜନେତା, ସେନା ଏବଂ ପୋଲିସ ଅଧିକାରୀଙ୍କ ପାଇଁ ଶୁଭ ହୋଇଥାଏ । -ହଳଦିଆ ରଙ୍ଗର ଭୂମି ବ୍ୟବସାୟୀ ଏବଂ ବ୍ୟବସାୟିକ ସ୍ଥଳ ଏବଂ ଆର୍ଥିକ ଅନୁଷ୍ଠାନ ନିର୍ମାଣ ପାଇଁ ଶୁଭ ସାବ୍ୟସ୍ତ ହୋଇଥାଏ । -ଭୂମିରେ କୂଅ, ବୋରିଙ୍ଗ ଏବଂ ଭୂମିଗତ ଟାଙ୍କି ଉତ୍ତର, ପୂର୍ବ ଦିଗରେ ନିର୍ମାଣ କରାଯିବା ଆବଶ୍ୟକ । -କଳାରଙ୍ଗର ଭୂମି ଅଶୁଭ ବୋଲି ଗ୍ରହଣୀୟ ହୋଇଥାଏ । -ଗୃହ ନିର୍ମାଣ ପାଇଁ ନିଅଁ ଖୋଳୁଥିଲେ ସେଥିରୁ ଯଦି ପିମ୍ପୁଡ଼ି, ଉଇ, ଅଜଗର, ସାପ, ହାଡ଼, କପଡ଼ା, ପାଉଁଶ, ଲୁହା ଆଦି ବାହାରେ ସେହି ଭୂମି ଅପବିତ୍ର ବୋଲି ଗ୍ରହଣୀୟ ହୋଇଥାଏ । ଏଭଳି ସ୍ଥିତି ପୂଜା କରି ଗୃହ ନିର୍ମାଣ କରିବା ଆବଶ୍ୟକ । -ଗୃହ ନିର୍ମାଣ ପାଇଁ କିଣାଯାଇଥିବା ଭୂଖଣ୍ଡର ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଉଚ୍ଚ ଭବନ, ପାହାଡ଼ ମୁଣ୍ଡିଆ କିମ୍ବା ବୃକ୍ଷ ରହିଥିଲେ ତାହା ଅଶୁଭ ବୋଲି ଗ୍ରହଣୀୟ ହୋଇଥାଏ । -ଦୁଇଟି ବଡ଼ ଭୂଖଣ୍ଡ ମଧ୍ୟରେ ଗୋଟିଏ ଭୂଖଣ୍ଡ ରହିଥିଲେ ତାହା ଅଶୁଭ ବୋଲି ବିବେଚିତ ହୋଇଥାଏ ।

# ଶେଷ କିଷାନଙ୍କ ଜୀବନ କାହାଣୀ ଉପରେ ନିର୍ମାଣ ହେବ ଚଳଚ୍ଚିତ୍ର 'ଶେଷ କିଷାନ ବଲାସିଙ୍ଘାରୁ ବର୍ଲିନ'



ଉତ୍କଟ ଦାରିଦ୍ରତାର ଶେଷ ସୀମାରେ ଥିଲେ ଶେଷ । ନିରାଟ ମଫସଲର ଏକ ଆଦିବାସୀ କିଷାନ କୁଳରେ ଜନ୍ମ ନେଇଥିଲେ ଶେଷ । ଅନେକ ଅଭାବ ଅନାଟନ ଦେଇ ବାପା ମାଆ ଛେଉଣ୍ଡ ଶେଷ ଛୁଆଟି ଦିନୁ ଆମ୍ବୁଲ ଭାତ ଖାଇ, ପର ଘରେ ମଜୁରୀ ଲାଗି, ଗାଈ, ଛେଳି ଚରାଇ ପିଲାଦିନ କାଟିଥିଲେ । ଶେଷ ଙ୍କର ସେଦିନ ଶେଷ ହୋଇସାରିଛି । ଆଜି ସେ ଦୁନିଆର ସବୁଠୁ ଶୀର୍ଷରେ। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅଧିନସ୍ଥ ବଲାସିଙ୍ଘା ଗାଁ ର କିଷାନ ପୁଅ ଆଜି ବିନା ପଇସାରେ ଗାଁ ଚାଟଶାଳୀ ରୁ ପାଠ ପଢ଼ା ଆରମ୍ଭ କରି ନବୋଦୟ, ତା'ପରେ ନାଇଜର ରୁ ପାଠ ସାରି ସୁଦୂର ଜର୍ମାନ ଯାତ୍ରା କରି ସାଜିଲେ ଜଣେ ସୁଖ୍ୟାତ ବୈଜ୍ଞାନିକ । ଯୋଉ ସ୍ୱପ୍ନ ତାଙ୍କୁ ଶୋଇବାକୁ ଦେଇନଥିଲା, ସେ ସ୍ୱପ୍ନ ତାଙ୍କର ପୂରଣ ହୋଇଛି। ସେଇ ଅଭାବୀ, ଅସହାୟ, କଷ୍ଟସହିଷ୍ଣୁ ଶେଷ କିଷାନଙ୍କ ହୃଦୟସ୍ପର୍ଶୀ ଜୀବନ ଯାତ୍ରାର କାହାଣୀ 'ଶେଷ କିଷାନ - ବଲାସିଙ୍ଘାରୁ ବର୍ଲିନ' ନାମକ ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଥିବା ଚଳଚ୍ଚିତ୍ର ଯାହାର ଟାଇଟିଲ ଆଜି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଘୋଷଣା ହୋଇଯାଇଛି । ଏହି ଟାଇଟିଲ ଘୋଷଣା ଅବସରରେ ବୈଜ୍ଞାନିକ ଡକ୍ଟର ଶେଷ କିଷାନ, ତାଙ୍କ ସହଧର୍ମିଣୀ ଜୟଶ୍ରୀ, ନିର୍ଦ୍ଦେଶକ ସୁଶାନ୍ତ ମଣି, ପ୍ରଯୋଜିକା ରଶ୍ମି ଧଳ, ରଜତ ଧଳ, ପ୍ରଯୋଜକ ନିର୍ମଳ ଜୟଶ୍ୱାଲ, ନାଇଜର ର ପ୍ରଫେସର ଡକ୍ଟର ହିମାଂଶୁ ବିଶ୍ୱାଳ, ନବୋଦୟର ପ୍ରିନସିପାଲ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚଳଚ୍ଚିତ୍ର ରଶ୍ମି ଧଳ ପ୍ରଡ଼କସନ୍ସ ଏବଂ ନିର୍ମଳ ଜୟଶ୍ୱାଲ ପ୍ରଡ଼କସନ୍ ବ୍ୟାନରରେ ନିର୍ମାଣ ହେବାକୁ ଯାଉଛି ଯାହାର ପ୍ରଯୋଜକ ରଜତ ଧଳ ଏବଂ ନିର୍ମଳ ଜୟଶ୍ୱାଲ ଅଛନ୍ତି ଏବଂ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ଓଲିଉଡ୍ ତଥା ବଲିଉଡର ଖୁବ ପ୍ରତିଭାବାନ ନିର୍ଦ୍ଦେଶକ ସୁଶାନ୍ତ ମଣି। ବୈଜ୍ଞାନିକ ଶେଷ କିଷାନ ଚରିତ୍ରରେ ନଜର ଆସିବେ ତୁ ମୋ ଲଭ ଷ୍ଟୋରୀ ଫିଲ୍ମ ମାଧ୍ୟମରେ ଖୁବ ପରିଚିତ ହୋଇଥିବା ନାୟକ ସ୍ୱରାଜ ବାରିକ । ଡକ୍ଟର ଶେଷ କିଷାନଙ୍କ ଜୀବନରେ ଯୋଡିହୋଇଥିବା ଜୀବନସାଥି ଭୂମିକାରେ ନଜର ଆସିବେ କୁକିଜ୍ ସ୍ୱାଇଁ । ତେବେ ଡକ୍ଟର ଶେଷ କିଷାନଙ୍କ ଜୀବନ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ର ବର୍ତ୍ତମାନ ପିଢ଼ିର ଛାତ୍ର ସମାଜ ତଥା ସମଗ୍ର ବିଶ୍ୱ ପାଇଁ ଏକ ପ୍ରେରଣା ହେବ ଏଥିରେ ସନ୍ଦେହ ନାହିଁ ବୋଲି ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଥିବା ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ପ୍ରକାଶ କରିଛନ୍ତି ।

## ମହାପଣ୍ଡିତ ରାବଣଙ୍କ ଦ୍ୱାରା ରଚିତ ୧୩ଟି ଅଦ୍ଭୁତ ଗ୍ରନ୍ଥ

ରାମଙ୍କ ଗାଥା ବାଲ୍ମିକୀ ରାମାୟଣ ଅନୁଯାୟୀ, ରାବଣ ମହାପଣ୍ଡିତ ଥିଲେ। ରାବଣ ବହୁତ ଜ୍ଞାନୀ ଥିଲେ ଏବଂ ଜ୍ୟୋତିଷ, ସ୍ଥାପତ୍ୟ ଏବଂ ବିଜ୍ଞାନ ବିଷୟରେ ତାଙ୍କର ଜ୍ଞାନ ଥିଲା । ଆସନ୍ତୁ ଜାଣିବା ରାବଣ ଦ୍ୱାରା ରଚନା ହୋଇଥିବା ୧୩ଟି ମହାନ ଗ୍ରନ୍ଥ।

୧. ଶିବ ତାଣ୍ଡବ ସ୍ତୋତ୍ର: ରାବଣ ତାଙ୍କର ଆରାଧ୍ୟ ଶିବଙ୍କ ପ୍ରଶଂସା କରି 'ଶିବ ତାଣ୍ଡବ ସ୍ତୋତ୍ର' ରଚନା କରିଥିଲେ। ୨. ରାବଣ ସଂହିତା: ରାବଣ




ସଂହିତା ରାବଣର ଜୀବନ ଏବଂ ଜ୍ୟୋତିଷ ଶାସ୍ତ୍ରର ଉତ୍ତମ ଜ୍ଞାନର ଭଣ୍ଡାର ଅଟେ । ୩. ଦଶ ଶତକାତ୍ମକ ଅର୍କପ୍ରକାଶ: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରରେ ଚର୍ଚ୍ଚିତ ଗ୍ରନ୍ଥ। ୪. ଦଶ ପଟଳାତ୍ମକ: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ପ୍ରସିଦ୍ଧ ଗ୍ରନ୍ଥ। ୫.ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ଲୋକପ୍ରିୟ ଗ୍ରନ୍ଥ। ୬. କୁକୁମାରତନ୍ତ୍ର: ଚିକିତ୍ସା ଏବଂ ଯାନ୍ତ୍ରିକ କ୍ଷେତ୍ରରେ ଚର୍ଚ୍ଚିତ୍ର ଗ୍ରନ୍ତ। ୭. ନାଡି ପରୀକ୍ଷା: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ଗ୍ରନ୍ଥ। ୮. ଅରୁଣ ସଂହିତା, ୯. ଅଙ୍କ ପ୍ରକାଶ, ୧୦. ଇନ୍ଦ୍ରଜାଲ, ୧୧. ପ୍ରକୃତ କାମଧେନୁ, ୧୨. ପ୍ରାକୃତ ଲଙ୍କେଶ୍ୱର, ୧୩. ରାବଣିଅମ୍ ଇତ୍ୟାଦି ପୁସ୍ତକ ରଚନା କରିଥିଲେ।

## ହୃଦଘାତରେ ରୋଗୀମାନେ କ'ଣ ଖାଇବା ଆବଶ୍ୟକ ?

ହୃଦଘାତରେ ରୋଗୀମାନେ କ'ଣ ଖାଇବା ଆବଶ୍ୟକ । କ'ଣ ଖାଇଲେ ହୃଦୟ ସୁସ୍ଥ ରହିବ । ଆଉ କେଉଁ ଜିନିଷକୁ ଖାଇବାରୁ ଆପଣ ନିବୃତ ରହିବେ ।

ସୁସ୍ଥ ହୃଦୟ ପାଇଁ କ'ଣ ଖାଇବେ ?


- ଅଧିକ ତେଲ ଥିବା ଖାଦ୍ୟ ଖାଆନ୍ତୁ ନାହିଁ
- ଅଧିକ ଆମିଷ ନଖାଇଲେ ସ୍ୱାସ୍ଥ୍ୟ ପ୍ରତି ଭଲ
- ମଟନ, ଚିଙ୍ଗୁଡି ଓ କଙ୍କଡ଼ା ଖାଆନ୍ତୁ ନାହିଁ
- ପନିପରିବା ଓ ଫଳ ଉପରେ ଅଧିକ ନିର୍ଭର କରନ୍ତୁ
- ପ୍ରତ୍ୟେକ ଦିନ ପନିପରିବା ସହ ଗୋଟିଏ ଫଳ ଖାଇବା ଆବଶ୍ୟକ
- ଶରୀରରେ ଅଧିକ ଚର୍ବି ରହିବା ହୃଦ୍ରୋଗର ମୁଖ୍ୟ କାରଣ
- ତେଲ ଜାତୀୟ ଖାଦ୍ୟ ଶରୀରରେ ଅଧିକ ଚର୍ବି ବଢାଇଥାଏ
- ମିଠା ଜାତୀୟ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ ନାହିଁ
- କମ୍ ଲୁଣ ଥିବା ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ



# କରୁଣାମୟ ହୃଦୟର ସୌନ୍ଦର୍ଯ୍ୟ



ଆମ୍ରପାଲି ଅପୂର୍ବ ସୁନ୍ଦରୀ, କୁଶଳୀ ଗାୟିକା ତଥା ନର୍ତ୍ତକୀ ଥିଲେ । ରାଜକୁମାର ବିମ୍ବିସାରଙ୍କୁ ସେ ପ୍ରେମବିବାହ କରିଥିଲେ । କିନ୍ତୁ ରାଜମହଲରେ ତାଙ୍କୁ ଅପମାନ ସହିବାକୁ ପଡ଼ିଥିଲା । ସେ ବୈଶାଳୀ ନଗର ବାହାରେ ଥିବା ଏକ ଆମ୍ର ବନରେ ନିଜ ପୁତ୍ର ଜୀବକଙ୍କ ସହ ରହି ସାଧନାରେ ଲୀନ ଥିଲେ । ଦିନେ ଜୀବକଙ୍କ ସହ ସେ ଭଗବାନ ବୁଦ୍ଧଙ୍କ ଦର୍ଶନ ନିମନ୍ତେ ପହଞ୍ଚିଲେ । ସେ କହିଲେ ଯେ ଗୁରୁବର, ମୋ ପାଖରେ ଅପାର ଧନସମ୍ପତ୍ତି ରହିଛି ତଥାପି ମୋ ଜୀବନ ଅତୃପ୍ତ । ବୁଦ୍ଧ କହିଲେ, ଆମ୍ରପାଲି, ସୁନ୍ଦରତା ଅନ୍ୟ ସାଂସାରିକ ବସ୍ତୁ ଭଳି ଆସିଥାଏ ଏବଂ ଚାଲିଯାଇଥାଏ । ଧନ ସମ୍ପତ୍ତି ଏବଂ ଖ୍ୟାତି କ୍ଷଣଭଙ୍ଗୁର । ଧ୍ୟାନ-ସାଧନା ମଧ୍ୟରେ ଯେଉଁ ଆତ୍ମିକ ସନ୍ତୋଷ ମିଳିଥାଏ, ତାହା ଶାଶ୍ୱତ । ଏହି ଜୀବନରେ ଶେଷ ରହିଯାଇଥିବା ସମୟତକ ସାଧନା, ଧ୍ୟାନ, ପ୍ରାଣାୟାମ ଏବଂ ସଂଯମପୂର୍ଣ୍ଣ ଜୀବନ ଜିଇଁବାରେ ବିତାଇବା ଉଚିତ୍ । ଏହାଦ୍ୱାରା ଜୀବନ ସାର୍ଥକ ହୋଇଥାଏ । ବୁଦ୍ଧଙ୍କ ଏହି ବାଣୀ ଆମ୍ରପାଲିକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଆମ୍ରପାଲିଙ୍କୁ ବୁଦ୍ଧ ଏହି କଥା କହିବା ବେଳେ କାଳଦୁୟୀ ଓ ସାରିପୁତ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସାରିପୁତ୍ର ବୁଦ୍ଧଙ୍କୁ ପଚାରିଲେ, ନାରୀର ସୌନ୍ଦର୍ଯ୍ୟକୁ କେଉଁ ଦୃଷ୍ଟିରେ ଦେଖିବା ଉଚିତ୍ ? ବୁଦ୍ଧ କହିଲେ, ସୁନ୍ଦରତା ଏବଂ କୁରୁପତା, ଏହି ଦୁଇଟିର ସୃଜନ ପାଞ୍ଚଟି ତତ୍ତ୍ୱର ସମାହାର । ଶାରୀରିକ ସୁନ୍ଦରତା ଦ୍ୱାରା ସମ୍ମୋହିତ ହେଉନଥିବା ଏବଂ କୁରୂପତା ଦ୍ୱାରା ବିରକ୍ତ ହେଉନଥିବା ବ୍ୟକ୍ତି 'ମୁକ୍ତ ପୁରୁଷ' । ଗୋଟିଏ ମାତ୍ର ସୁନ୍ଦରତା ହେଉଛି ଶାଶ୍ୱତ ଏବଂ ତାହା ହେଉଛି କରୁଣାମୟ ହୃଦୟର ସୌନ୍ଦର୍ଯ୍ୟ । କରୁଣାର ଅର୍ଥ ହେଉଛି ଅହେତୁକ ପ୍ରେମ ଅର୍ଥାତ୍ କୌଣସି ଆଶା ନରଖି ଅନ୍ୟକୁ ଭଲ ପାଇବା । ବୁଦ୍ଧଙ୍କ ଏହି କଥା ଶୁଣିବା ପରେ ସାରିପୁତ୍ତଙ୍କ ଜିଜ୍ଞାସା ଶାନ୍ତ ହୋଇଥିଲା ।



## ଲକ୍ଷ୍ମଣ ତପସ୍ୟା କରିଥିବା ସ୍ଥାନ

ଋକ୍ ବେଦରେ ଉତ୍ତରାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି । ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି । କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତ୍ତରାଖଣ୍ଡ ସହ ସଂଯୋଗ ରହିଥିଲା । ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉତ୍ତରାଖଣ୍ଡରେ କରିଥିଲେ। ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତ୍ତରାଖଣ୍ଡର ଗଢ଼ୱାଲରେ କରିଥିଲେ। ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢ଼ୱାଲର ତପୋବନରେ କରିଥିଲେ। ଯଦି ଆପଣ କେବେ ଉତ୍ତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ ଶୁଣିଥିବେ। ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ।

ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ। ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ। ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ। ଏଠାରେ ପର୍ବତାରୋହଣ ପାଇଁ କ୍ୟାପିଂଗ କରାଯାଇଥାଏ। ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ। ପର୍ଯ୍ୟଟକମାନେ ଏଠାରେ ସାତାପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି। ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢିବାକୁ ପସନ୍ଦ କରିଥାନ୍ତି। ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ।

## ଆବଶ୍ୟକତା ଠାରୁ ଅଧିକ ଧନ ବିପତ୍ତି ଆଣେ !

ଆଜିକାଲି ଜୀବନରେ ଧନ ଉପାର୍ଜନ କରିବା ଲାଗି ଭିନ୍ନ ଭିନ୍ନ ଲୋକ ବିଭିନ୍ନ କାର୍ଯ୍ୟ କରୁଛନ୍ତି । ଭିନ୍ନ ଭିନ୍ନ ପେସା ଆପଣାଉଛନ୍ତି । ବେଳେ ବେଳେ ଅଧିକ ଧନ ଉପାର୍ଜନ ଲାଗି ମନୁଷ୍ୟ ଉଚିତ୍ କ'ଣ ଅନୁଚିତ୍ କ'ଣ ତାହା ଭୁଲିଯାଉଛି । ଜୀବନରେ ଧନର ଆବଶ୍ୟକତା ରହିଛି ଏବଂ ଉପଯୋଗିତା ମଧ୍ୟ ଅଛି । ଧନକୁ ସମ୍ପତ୍ତି କୁହାଯାଇଛି । ବିପତ୍ତିରୁ ଆମକୁ ଉଦ୍ଧାର କରୁଥିବା ଜିନିଷ ହେଉଛି ସମ୍ପତ୍ତି । ଏହାର ଅର୍ଥ, ଯାହା ଆମକୁ ବିପତ୍ତିରେ ପକାଏ ତାହା କେବେ ସମ୍ପତ୍ତି ହୋଇ ପାରେନା । ଟଙ୍କା-ପଇସା ଦ୍ୱାରା ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ମୌଳିକ ଆବଶ୍ୟକତା ପୂରଣ ହେଉଥିବାରୁ ଏହାକୁ ଧନ କୁହାଯାଏ । ଏହିସବୁ ଆବଶ୍ୟକତା ପୂରଣ ହେଲେ ମନୁଷ୍ୟ ବିପତ୍ତିରୁ ଉଦ୍ଧାର ପାଇଥାଏ । କିନ୍ତୁ କେବଳ ଟଙ୍କା-ପଇସାକୁ ଧନ ବୋଲି ମାନିନେବା ଭୁଲ୍ । କାରଣ ମୌଳିକ ଆବଶ୍ୟକତା ଠାରୁ ଅଧିକ ଧନ ଉପାର୍ଜନ କରିବା ବିପତ୍ତିର କାରଣ ପାଲଟିଥାଏ । ଏଥିରୁ ଚୋରି ହେବାର ଭୟ ଉତ୍ପନ୍ନ ହୋଇଥାଏ, ଅଧିକ ଉପାର୍ଜନ କରିବାର ଲୋଭ ସୃଷ୍ଟି ହୁଏ, ଭ୍ରଷ୍ଟାଚାରର ବିଚାର ଆସିଥାଏ । ଏଣୁ ଆବଶ୍ୟକତା ଠାରୁ ଅଧିକ ଧନ ସବୁବେଳେ ମନୁଷ୍ୟ ପାଇଁ ବିପତ୍ତି ଡାକିଆଣେ । ଧନ କହିଲେ କେବଳ ଟଙ୍କା-ପଇସାକୁ ବୁଝାଏ ନାହିଁ, ଜ୍ଞାନ ଏବଂ ବିବେକ ହେଉଛି ପ୍ରକୃତ ଧନ । ସବୁଠୁ ବଡ଼ ଧନ ହେଉଛି ସନ୍ତୋଷ । ତା'ଠାରୁ ବଡ଼ ଧନ ବା ସମ୍ପତ୍ତି ହେଉଛି ସ୍ୱାସ୍ଥ୍ୟ । ମନୁଷ୍ୟ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରହିବା ଜରୁରୀ। ମନରେ କାମ, କ୍ରୋଧ, ଲୋଭ ଏବଂ ମୋହ ଆଦି ବିକାର ଭାବନାକୁ ସ୍ଥାନ ଦେବା ଉଚିତ୍ ନୁହେଁ । ମାନସିକ ଭାବେ ସନ୍ତୋଷ ଅନୁଭବ କରୁଥିବା ମନୁଷ୍ୟ ହିଁ ଅଳ୍ପରେ ସନ୍ତୋଷ ଲାଭ କରିଥାଏ।



## କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଥିବା ଲୋକଙ୍କୁ ଦରକାରୀ ଖାଦ୍ୟ

କମ୍ପ୍ୟୁଟର ଆଗରେ ବସି ଘଣ୍ଟା ଘଣ୍ଟା ଧରି କାମ କଲେ ଆଖିର ପାୱାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଅଧିକ ସମୟ ପର୍ଯ୍ୟନ୍ତ ବସି ରହିଲେ ମଧ୍ୟ ଶରୀରରେ ଫ୍ୟାଟ୍ ଜମା ହୋଇଯାଇଥାଏ, ଯଦ୍ୱାରା ଓଜନ ବଢ଼ିବାର ସମ୍ଭାବନା ଦେଖାଦେଇଥାଏ। ଯେଉଁ ଲୋକ କମ୍ପ୍ୟୁଟରରେ ୩ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରିଥାଆନ୍ତି, ସେମାନଙ୍କୁ ଏମିତି କିଛି ଖାଦ୍ୟ ଖାଇବା ଦରକାର, ଯଦ୍ୱାରା ଓଜନ ନିୟନ୍ତ୍ରିତ ରହିପାରିବ ଏବଂ ଆଖିର ପାୱାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆଜି ଆମେ ଆପଣଙ୍କୁ ୭ଟି ଫୁଡ୍ ବିଷୟରେ କହିବୁ।



୧. ଦହି: ଏଥିରେ ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ରହିଥାଆନ୍ତି। ଏହାଦ୍ୱାରା ହଜମ ଠିକ୍ ଭାବେ ହୋଇଥାଏ ଏବଂ ଅଧିକ ସମୟ ବସିରହିଲେ ଗ୍ୟାସ୍ ସମସ୍ୟା ଆସି ନ ଥାଏ।

୨. କଦଳୀ: ଏଥିରେ ପୋଟାସିୟମ୍‌ରେ ମାତ୍ରା ଅଧିକ ଥାଏ, ଯଦ୍ୱାରା ତୁରନ୍ତ ଏନର୍ଜି ମିଳିଥାଏ ଏବଂ ଥକ୍କା ଅନୁଭବ ହୋଇ ନ ଥାଏ।

୩. ସେଓ: ଏଥିରେ ଫାଇବର ଅଧିକ ମାତ୍ରାରେ ଥାଏ। ଏହା ହଜମକୁ ବଢ଼ାଇଥାଏ ଏବଂ ଆପଣ ଗ୍ୟାସ୍ ସମସ୍ୟାରୁ ମୁକ୍ତି ପାଇଥାଆନ୍ତି।

୪. ଧନିଆ ପତ୍ର: ଏଥିରେ କ୍ୟାରୋଟେନ୍‌ଇଡ୍ ରହିଛି, ଯଦ୍ୱାରା ଆଖିର ପାୱାର ବଢ଼ିଥାଏ।

୫. ଦୁଧ: ଏଥିରେ ଭିଟାମିନ୍ ଏ ଏବଂ ପ୍ରୋଟିନ୍ ଅଧିକ ମାତ୍ରାରେ ରହିଛି। ଏହାଦ୍ୱାରା ମଧ୍ୟ ଆଖିର ପାୱାର ବଢ଼ିଥାଏ।

୬. ଡାର୍କ ଚକୋଲେଟ: ଏଥିରେ ଆଣ୍ଟି ଅକ୍ସିଡେଣ୍ଟସ୍ ରହିଛି, ଯାହାକି ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଅଣ୍ଟା ଯନ୍ତ୍ରଣାରୁ ଉପଶମ ମିଳିଥାଏ।

୭. ଲେମ୍ବୁ ପାଣି: ଏଥିରେ ଭିଟାମିନ୍ ସି ଅଧିକ ମାତ୍ରାରେ ରହିଛି, ଯାହାଦ୍ୱାରା ଆପଣଙ୍କୁ ଥକ୍କା ଅନୁଭବ ହୋଇ ନ ଥାଏ।

## ମୁହଁରେ ବ୍ରଣ ହୋଇଥିଲେ...



ଶୁଷ୍କ ତ୍ୱଚାରେ କେତେଜଣଙ୍କ ଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ। ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ। ନିଜ ଖାଦ୍ୟ ପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ୍ୟ ଦିନକୁ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ। ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ।

– କ୍ଲିନଜିଂ ମିଲ୍କ ନଚେତ୍ କଞ୍ଚା ଖିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର୍ ଲଗାଇନେବେ। ତ୍ୱଚା ଶୁଷ୍କ ହେଲେ ବ୍ରଣ ବଢ଼ିବାର ସମସ୍ୟା ଉପୁଜେ।

– ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ। ସକାଳ ବେଳା ଏହି ପ୍ୟାକ୍ ଲଗାଇବେ ନଚେତ ଥଣ୍ଡା, ସର୍ଦି ହେବାର ଭୟ ରହିଛି।

– ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍।

– ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ିପାରେ ବୋଲି ବିଉଟିସିଆନ୍‌ଙ୍କ ମତ। ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର୍, ଟୋନର୍ ଲଗାଇବାକୁ ଯେପରି ନ ଭୁଲିବେ। ଏହି ଋତୁରେ ତ୍ୱଚାକୁ ଏଭଳି ଉପାୟରେ ପୋଷଣ ଦେବା ଜରୁରୀ।

# ପୁଣି ମୁହାଁମୁହିଁ ହେବେ କୁସୁମ-ଯୋଗେଶ

**ସୁନ୍ଦରଗଡ଼(ଅମୃତ ମିଡିଆ):** ବିଜେପି-ବିଜେଡି ମେଣ୍ଟ ହେବ ନାହିଁ ବୋଲି ଏକପ୍ରକାର ସ୍ପଷ୍ଟ ହେବା ପରେ ସୁନ୍ଦରଗଡ଼ ବିଧାନସଭାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଯୋଗେଶ ସିଂ ଏବଂ ବିଜେପିର କୁସୁମ ଟେଟେ ଅନେକ ପରିମାଣରେ ଆଶ୍ୱସ୍ତ ହୋଇଛନ୍ତି । ଉଭୟ ପୁଣି ଥରେ ମୁହାଁମୁହିଁ ହେବାର ସମ୍ଭାବନା ସୃଷ୍ଟି ସହ ଭୋଟରଙ୍କ ନଜର ଏହି ଦୁଇ ଆଦିବାସୀ ନେତାଙ୍କ ଉପରେ କେନ୍ଦ୍ରୀଭୂତ ହୋଇଛି । ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ ଜାଲ୍ ଜାତି ପ୍ରମାଣପତ୍ର ଓ ମିଥ୍ୟା ସତ୍ୟପାଠ ମାମଲା ଓ ବିଧାୟିକା କୁସୁମ ଟେଟେଙ୍କ ଲାଭଦାୟକ ପଦ ମାମଲା ହେଉ ବା ଗତ ନିର୍ବାଚନ ପୂର୍ବରୁ ଉଭୟଙ୍କ ଦଳବଦଳ ହେଉ ସବୁ ଘଟଣା ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ରକୁ ଗୋଟିଏ ଦଶନ୍ଧି ଧରି ଚର୍ଚ୍ଚାରେ ରଖିଥିଲା । ଅବଶ୍ୟ ମାମଲା ଯୋଗେଶ ଓ କୁସୁମଙ୍କ ସପକ୍ଷରେ ଗଲା । କିନ୍ତୁ, ଦଳ ବଦଳ କୁସୁମଙ୍କୁ ଫାଇଦା ଦେଇଥିଲା । ବିଜେଡିରୁ ବିଜେପିକୁ ଆସି ସେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ ଦଳ ବଦଳ ଯୋଗେଶଙ୍କୁ ବିଶେଷ କ୍ଷତି ପହଞ୍ଚାଇଥିଲା । କଂଗ୍ରେସରେ ୨ଥର ବିଧାୟକ ହୋଇଥିବା ଯୋଗେଶ ବିଜେଡିକୁ ଆସି ପରାଜୟର ମୁହଁ ଦେଖିଥିଲେ ।

**ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ**





ମେଣ୍ଟ ଚର୍ଚ୍ଚାର ଅବସାନ ପରେ ୨୦୨୪ ନିର୍ବାଚନରେ ଦୁଇନେତା ପୁଣି ନିର୍ବାଚନ ରଣାଙ୍ଗନରେ ମୁହାଁମୁହିଁ ହେବେ ବୋଲି ଚର୍ଚ୍ଚା ହେଉଛି । ଅବଶ୍ୟ ଦୁହିଁଙ୍କୁ ସେମାନଙ୍କ ଦଳ ପୁଣିଥରେ ସୁନ୍ଦରଗଡ଼ ବିଧାନସଭା ପାଇଁ ପ୍ରାର୍ଥୀ କରିବେ, ନା' ଅନ୍ୟ କୌଣସି ଆସନ ଦେଇ ଏଠାରେ ନୂଆ ପ୍ରାର୍ଥୀ ଓହ୍ଲାଇବେ କିମ୍ବା ସମ୍ପୂର୍ଣ୍ଣ ଟିକଟ୍ କାଟ କରିବେ ତାହା ସ୍ପଷ୍ଟ ହୋଇନାହିଁ । କୁସୁମ୍‌ଙ୍କୁ ବିଜେପି ସୁନ୍ଦରଗଡ଼ ଲୋକସଭା ଓ ଯୋଗେଶଙ୍କୁ ବିଜେଡି ତଳସରାରୁ ପ୍ରାର୍ଥୀ କରିବାକୁ ବିଚାର କରିପାରେ ବୋଲି ବି କ୍ଷୀଣ ଚର୍ଚ୍ଚା ହେଉଛି । ତେବେ ସୁନ୍ଦରଗଡ଼ ରାଜନୀତିର କେଉଁ ପାଣି କୁଆଡ଼େ ବୋହି ଯିବ, ତାହା ଏବେଠୁ କହିବା ମୁସ୍କିଲ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି ।

# ରକ୍ଷଣାବେକ୍ଷଣର ଅଭାବରୁ ରାସ୍ତା ଶୋଚନୀୟ



**ରେଙ୍ଗାଲି(ଅମୃତ ମିଡିଆ):** ଅତାବିରାରୁ ପାହାଡ଼ଶ୍ରୀଗିଡାକୁ ଯାଇଥିବା ୧୪ କିମି ବିଶିଷ୍ଟ ଗ୍ରାମ୍ୟ ଉନ୍ନୟନ ରାସ୍ତାର ରକ୍ଷଣାବେକ୍ଷଣର ଅଭାବରୁ ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଲାଣି । ରାସ୍ତାର ଉଭୟ ପାର୍ଶ୍ୱରେ ଲଟା, ବୁଦା ହୋଇ ଓସାରିଆ ରାସ୍ତାକୁ ଅଣ ଓସାରିଆ କରି ପକାଇଲାଣି । ଏପରିକି ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମି ରହୁଛି । ଯାହାକୁ ନେଇ ଜନ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଛି । ରାସ୍ତା ତିଆରି ପାଇଁ, ମରାମତି ପାଇଁ, ରକ୍ଷଣାବେକ୍ଷଣ ପାଇଁ ଆସୁଛି ଲକ୍ଷ ଲକ୍ଷ ଟଙ୍କା । କିନ୍ତୁ ବର୍ଷେ ନ ପୂରୁଣୁ ରାସ୍ତାରେ ଖାଲ ।

ସୂଚନାଯୋଗ୍ୟ ଯେ, ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ ହୋଇ ୧୫/୩/୨୦୨୩ରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘାସ, ଡାଳପତ୍ର କାଟି ସଫା କରିବା, ପାଣି କଟା ଧାରର ପୁନଃ ମରାମତି, ପିଚୁ ରାସ୍ତାର ଉଭୟ ପାର୍ଶ୍ୱର ମାଟି ସୋଲଡର ମରାମତି, ଗର୍ତ୍ତ ଓ ଫାଟ ମରାମତି, ନିର୍ମିତ ନାଳର ମରାମତି, କଲଭର୍ଟ ଓ ସେତୁ ମରାମତି କାର୍ଯ୍ୟ, କିଲୋମିଟର ଖୁଣ୍ଟି ଓ ସାଇନ ବୋର୍ଡ ମରାମତି ଭଳି କାର୍ଯ୍ୟ ରକ୍ଷଣାବେକ୍ଷଣରେ ରହିଛି । ରକ୍ଷଣାବେକ୍ଷଣର ପ୍ରଥମ ୨୦୨୩-୨୪ ପାଇଁ ୭ ଲକ୍ଷ ୨୫ ହଜାର ରହିଛି । ସେହିପରି ୨୦୨୪-୨୫ ପାଇଁ ୮ ଲକ୍ଷ ୭୦ ହଜାର, ୨୦୨୫-୨୬ ପାଇଁ ୧୦ ଲକ୍ଷ ୧୫ ହଜାର, ୨୦୨୬-୨୭ ପାଇଁ ୧୧ ଲକ୍ଷ ୬୧ ହଜାର ଓ ୨୦୨୭-୨୮ ପାଇଁ ୧୩ ଲକ୍ଷ ୫ ହଜାର ଖର୍ଚ୍ଚ କରାଯିବାର ସୂଚିତ ହୋଇଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେଭଳି କାର୍ଯ୍ୟ ସମ୍ପାଦନ ହେଉ ନଥିବାରୁ ରାସ୍ତା ଉପରେ ନିର୍ଭର କରୁଥିବା ଯାତ୍ରୀମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି ଓ ତୁରନ୍ତ ବିଭାଗୀୟ ଅଧିକାରୀ ଏହାକୁ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ୪୨ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଜବତ, ଅଭିଯୁକ୍ତ ଫେରାର



**ପଦ୍ମପୁର(ଅମୃତ ମିଡିଆ):** ରାୟଗଡା ଜିଲ୍ଲା ପଦ୍ମପୁର ନିକଟସ୍ଥ ଅନ୍ତରଝୋଲି ଗାଁରୁ କେନ୍ଦୁଗୁଡା ଯାଉଥିବା ସମୟରେ ଖିଲିଙ୍ଗିରାଇ ନିକଟରେ ତିନୋଟି ମାକ୍ସ ପିକ୍‌ଅପ୍ ଗାଡି ସହ ୪୨ ଖଣ୍ଡ ଶାଗୁଆନ କାଠ ଜବତ ହୋଇଛି । ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଗୁଣପୁର ରେଞ୍ଜର ଅଶୋକ କୁମାର ବେହେରାଙ୍କ ନିର୍ଦ୍ଦେଶ ଅନୁସାରେ ପଦ୍ମପୁର ବନପାଳ ମାଝୀ ମହାପାତ୍ର କୌଣସି ସୂତ୍ରରୁ ଖବର ପାଇ ପଦ୍ମପୁର ନିକଟସ୍ଥ ଅନ୍ତରଝୋଲି ଗାଁଠାରୁ କେନ୍ଦୁଗୁଡା ଯାଉଥିବା ତିନୋଟି ମାକ୍ସ ପିକ୍‌ଅପ୍ ଗାଡିରେ ୪୨ ଖଣ୍ଡ ଶାଗୁଆନ କାଠ ଯାଉଥିବା ଖବର ପାଇଥିଲେ । ମେକ୍ସ ପିକଅପ ଗାଡିରେ ଶାଗୁଆନ ଗାଠ ଯାଉଥିବା ସମୟରେ ପଦ୍ମପୁର ନିକଟସ୍ଥ ଖିଲିଙ୍ଗିରାଇ ନିକଟରେ ପଦ୍ମପୁର ବନପାଳ ଶ୍ରୀ ମହାପାତ୍ର ଗାଡିକୁ କାବୁ କରିଥିଲେ । ମେକ୍ସ ପିକଅପ୍ ଗାଡିର ଡ୍ରାଇଭରମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସେହି ତିନୋଟି ମାକ୍ସ ପିକଅପ୍ ଗାଡି ଗୁଣପୁର ରେଞ୍ଜ କାର୍ଯ୍ୟାଳୟ ପରିସରରେ ରହିଥିବା ବନପାଳ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ସେହି ତିନୋଟି ମେକ୍ସ ପିକଅପ୍ ଗାଡି ଆନ୍ଧ୍ରପ୍ରଦେଶର ବୋଲି ଜଣାପଡିଛି । ଏହି ଶାଗୁଆନ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପଦ୍ମପୁର ବନପାଳ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଶାଗୁଆନ କାଠ ଜବତ ସମୟରେ ପଦ୍ମପୁର ବନପାଳ ମାଝୀ ମହାପାତ୍ର, ବନରକ୍ଷୀ ସନ୍ତୋଷି ବାଗ, ପାରା କର୍ମଚାରୀ, ଗୁଡାରୀ ଡେପୁଟି ରେଞ୍ଜର ଗଙ୍ଗାଧର ମିଶ୍ର, ନାଇରା ଫରେଷ୍ଟର ଦୀପ୍ତି ପ୍ରଧାନ ଏବଂ ତାଙ୍କ ଟିମ ଉପସ୍ଥିତ ରହି ମେକ୍ସ ପିକଅପ୍ ଗାଡି ସହ ଶାଗୁଆନ କାଠ ଜବତ କରିଥିଲେ ।

# ସରକାରୀ ଯୋଜାନାରୁ ବଞ୍ଚିତ ଭିନ୍ନକ୍ଷମ ଛାତ୍ରଛାତ୍ରୀ

**ରେଙ୍ଗାଲିକ୍ୟାମ୍ପ(ଅମୃତ ମିଡିଆ):** ଅତାବିରା ବ୍ଲକରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ପାଇପାରୁ ନାହାନ୍ତି ସରକାରୀ ଯୋଜନାର ଲାଭ । ଏହି ଛାତ୍ରଛାତ୍ରୀମାନେ ସରକାରୀ ବିଦ୍ୟାଳୟରେ ପାଠ ପଢିଲେ ତାଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ଅନେକ ପ୍ରକାର ଯୋଜନା କରାଯାଇଛି । ରାଜ୍ୟ ତଥା ଜିଲ୍ଲାର ସମସ୍ତ ବ୍ଲକମାନଙ୍କରେ ଛାତ୍ରଛାତ୍ରୀମାନେ ଏହି ଯୋଜନାରୁ ଉପକୃତ ହେଉଥିବାବେଳେ ଅତାବିରା ବ୍ଲକରେ ତାର ଓଲଟା ହେଉଛି । ଆଜି ଯାଏ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସାଧନ କକ୍ଷଟିଏ ମଧ୍ୟ ନାହିଁ । ସାଧନ ପାଇଁ ଆସୁଥିବା ଉପକରଣ ବା ଶିକ୍ଷଣ ସାମଗ୍ରୀ ସେମିତି ବ୍ଲକ କାର୍ଯ୍ୟାଳୟରେ ପଡ଼ି ରହିଛି । ତା'ର କୌଣସି ଉପଯୋଗ ହୋଇ ପାରୁନାହିଁ । ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ପାଠ ପଢିବାରେ ସହାୟତା ପ୍ରଦାନ କରିବା, ସେମାନଙ୍କର ଜୀବିକା ନିର୍ବାହ ପାଇଁ ନିଜକୁ ପ୍ରସ୍ତୁତ କରାଇବାରେ ସହାୟତା ପ୍ରଦାନ କରିବା ଏବଂ ସମାଜରେ ମର୍ଯ୍ୟାଦାସ୍ପଦ ବ୍ୟକ୍ତି ଭାବେ ନିଜକୁ ପ୍ରତିଷ୍ଠିତ କରିବାରେ ଆସୁଥିବା ଅନେକ ବାଧା ବିଘ୍ନ ଯଥା ଶାରୀରିକ, ମନସ୍ତାତ୍ତ୍ୱିକ, ଆର୍ଥିକ, ମାନସିକ ଇତ୍ୟାଦିକୁ କିପରି ସେମାନେ ସାମ୍ନା କରିବେ, ଏହିସବୁ ଦକ୍ଷତା ସେମାନଙ୍କ ଠାରେ ବିକଶିତ କରାଇବାର ନିରନ୍ତର ପ୍ରୟାସ କରୁଛନ୍ତି ସରକାର । ଏହା ବ୍ୟତୀତ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କରିବାରେ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇଛି । ଦେଖିପାରୁ ନ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ବ୍ରେଲି, ଶୁଣି ପାରୁ ନଥିବା ପିଲାଙ୍କ ପାଇଁ ଶ୍ରବଣ ଯନ୍ତ୍ର, ବ୍ୟାୟାମ ସାମଗ୍ରୀ ଆଦି ଅନେକ ଉପକରଣ ଆସୁଛି । ପ୍ରତିବର୍ଷ ଏହି ଭିନ୍ନକ୍ଷମଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ଆସୁଛି । ଦିବ୍ୟାଙ୍ଗ ପିଲାମାନଙ୍କ ନିମନ୍ତେ ଦୁଇ ଜଣ ସାଧନ କର୍ମୀ ଓ ଚାରି ଜଣ ପିଏଚଆଇଇଡି ଭାବରେ ନିଯୁକ୍ତି ପାଇଛନ୍ତି । କିନ୍ତୁ ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରି ଗଢିବାର କିଛି ପ୍ରୟାସ କରାଯାଉ ନାହିଁ । ସରକାର ଏହି କର୍ମଚାରୀମାନଙ୍କୁ ମାସକୁ ମାସ ଦରମା ଦେଉଛନ୍ତି । ହେଲେ କାମ କିଛିନାହିଁ । କେବଳ ବର୍ଷକୁ ଥରେ ଏହି ଭିନ୍ନକ୍ଷମମାନଙ୍କୁ ବଣଭୋଜି ପାଇଁ ନେଇ ତାଙ୍କ ପାଇଁ ବହୁତ୍ କିଛି କରାଯାଉଛି ବୋଲି ବାଃ ବାଃ ନିଆଯାଉଛି । ସେଥିରେ ପୁଣି ସେହି ବଣ ଭୋଜିରେ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ତୁଳନାରେ କର୍ମଚାରୀମାନଙ୍କ ସଂଖ୍ୟା ବେଶୀ ରହିଥାଏ । ବଡ ପରିତାପର ବିଷୟ ଏହି ଭିନ୍ନକ୍ଷମଙ୍କୁ ସମର୍ଥ, ସକ୍ଷମ କରିବା ପାଇଁ ଯେଉଁ ସବୁ ପଦକ୍ଷେପ, ଯେଉଁ ସବୁ କାର୍ଯ୍ୟ ପନ୍ଥା ଅବଲମ୍ବନ କରାଯିବା ଉଚିତ୍, ସେ ସବୁକୁ ଚିନ୍ତା ନ କରି କେବଳ ଧର୍ମକୁ ଆଖି ଠାର ମାରିଲା ଭଳି କାମ କରାଯାଉଛି । ସବୁଠାରୁ ବିଡମ୍ବନାର ବିଷୟ ଯେ ବ୍ଲକ ଶିକ୍ଷା ବିଭାଗର ଏଥିପ୍ରତି ତିଳେ ମାତ୍ର ଦୃଷ୍ଟି ନାହିଁ । ଏଥିପାଇଁ କୌଣସି ଠୋସ୍ ପଦକ୍ଷେପ ବି ନେଉ ନାହାନ୍ତି । ଏହି ଭିନ୍ନକ୍ଷମଙ୍କ ପାଇଁ ଆସୁଥିବା ଅର୍ଥ ଯାଉଛି କୁଆଡେ ? ଏହି ଭିନ୍ନକ୍ଷମମାନଙ୍କ ପାଇଁ ବ୍ଲକ ପକ୍ଷରୁ କିଛି କାର୍ଯ୍ୟକ୍ରମ କରାଯାଉ ନ ଥିବା, ତାଙ୍କୁ ଏସବୁ ସୁବିଧାରୁ ବଞ୍ଚିତ କରିବାରେ ଦାୟୀ କିଏ ? ଅନ୍ୟ ବ୍ଲକର ପିଲାମାନେ ଏହି ସବୁ ସୁବିଧା ପାଉଥିବା ବେଳେ ଅତାବିରା ବ୍ଲକର ଛାତ୍ରଛାତ୍ରୀ ସେଥିରୁ କାହିଁକି ବଞ୍ଚିତ ରହୁଛନ୍ତି ? ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି ।

# କାଳ ସାଜିଛି କଲେଜ ସମ୍ମୁଖରେ ଥିବା ଗର୍ତ୍ତ

**ରେଙ୍ଗାଲି(ଅମୃତ ମିଡିଆ):** ଅତାବିରା ୫୩ ନମ୍ବର୍ ଜାତୀୟ ରାଜପଥ କଡ଼ରେ ରହିଛି ଅତାବିରା ଆବାସିକ ମହାବିଦ୍ୟାଳୟ । ଅଞ୍ଚଳର ପ୍ରାୟ ଅଧିକାଂଶ ଛାତ୍ରଛାତ୍ରୀ ଏଠାରେ ପଢୁଛନ୍ତି । ପାଖକୁ ଲାଗି ରହିଛି ନିୟନ୍ତ୍ରିତ ବଜାର । ପ୍ରତିଦିନ ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି । ଏହି ମହାବିଦ୍ୟାଳୟ ସମ୍ମୁଖରେ ଥିବା ସହରର ମୁଖ୍ୟ ନାଳ ଫାଟିଯାଇ ଦୁଇଟି ବଡ ଧରଣର ଗର୍ତ୍ତ ସୃଷ୍ଟି ହୋଇ ଦିନକୁ ଦିନ



ତାର କାୟା ବୃଦ୍ଧି ପାଇ ଚାଲିଛି । ଅନେକ ଲୋକ ଏହି ଗର୍ତ୍ତରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହା ବ୍ୟତୀତ ଏହି ନାଳରେ କୁଢ଼ କୁଢ଼ ମଇଳା ଜମି ଦୁର୍ଗନ୍ଧରେ ଫାଟି ପଡୁଛି ଏବଂ ମଶାମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଉଛି । ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ଓ୍ୱିଲକାନର ନିମ୍ନମାନର କାମ ଯୋଗୁଁ ଅଞ୍ଚଳରେ ଅନେକ ସ୍ଥାନରେ ଏମିତି ଅସଜଡା ରାସ୍ତା କାମ ଯୋଗୁଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଆଚରଣବିଧି ଉଲ୍ଲଂଘନ

**କଲ୍ୟାଣସିଂହପୁର(ଅମୃତ ମିଡିଆ):** ୨୦୨୪ ସାଧାରଣ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ଚଳିତ ମାସ ୧୭ ତାରିଖରୁ ଆଚରଣବିଧି ନିୟମ ଲାଗୁ କରାଯାଇଛି । ଏହାର ବ୍ୟତିକ୍ରମ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଠାରେ ଦେଖିବାକୁ ମିଳିଛି । ବିଜୁ ଜନତା ଦଳର ହୋର୍ଡିଂ, ବ୍ୟାନର ଓ ବିଜ୍ଞାପନ ସାଧାରଣ ସ୍ଥାନରୁ ହଟା ଯାଇନଥିବା ଦେଖିବାକୁ ମିଳିଛି । ସରକାରଙ୍କ ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ଫୋଟ ଥାଇ ହୋର୍ଡ଼ିଂ ଲାଗିଥିବା ଦେଖିବାକୁ ମିଳିଛି । କିଛି ହୋର୍ଡ଼ିଂରେ ନୀଳ ରଙ୍ଗର କପଡ଼ାରେ ବାନ୍ଧି ରଖିଥିବା ବେଳେ ତହସିଲଦାର କାର୍ଯ୍ୟାଳୟ ନିକଟରେ ଥିବା ହୋର୍ଡିଂକୁ ଧଳା ରଙ୍ଗର କପଡ଼ା ଗୁଡ଼ାଇଥିଲେ ମଧ୍ୟ ତାହା ସ୍ପଷ୍ଟ ଭାବରେ ଦେଖାଯାଉଛି ।

# ଯାନବାହାନ ଯାଞ୍ଚ, ୧୭ହଜାର ଜୋରିମାନା ଆଦାୟ

**ଗୁରୁଡ଼ିଝାଟିଆ(ଅମୃତ ମିଡିଆ):** ଗୁରୁଡ଼ିଝାଟିଆ ପୁଲିସ ପକ୍ଷରୁ ଥାନା ଅଞ୍ଚଳର ବିଭିନ୍ନ ଛକମାନଙ୍କରେ ଯାନବାହନ ଯାଞ୍ଚ କରାଯାଇଛି । ଗାଡିର ସିଟବେଲ୍ଟ ନ ପିନ୍ଧିବା, ହେଲମେଟ୍ ବ୍ୟବହାର ନକରିବା, ମୋବାଇଲ ଧରି ଗାଡି ଚଳାଇବା ଓ ଆବଶ୍ୟକ କାଗଜପତ୍ର ନଥିବା ଆଦିକୁ କଡାକଡି କରାଯାଇଛି । କପୁରସିଂ ଠାରେ ଥାନା ଅଧିକାରୀ ପରେଶ ମହାନ୍ତିଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇ ୧୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହାକୁ ଆଗକୁ ଆହୁରି କଡାକଡି କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



# ୨୦୦୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାରର ସର୍ବପୁରାତନ ମ୍ୟୁନିସିପାଲ ହାଇସ୍କୁଲ ୨୦୦୧ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଚଷାପଡ଼ା ନିକଟସ୍ଥ ଆଦିତ୍ୟ ନେଚର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ସ୍କୁଲର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ସହ ଏକ ସଂଗଠନ କରି ସମାଜର ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ସମସ୍ତେ ମତବ୍ୟକ୍ତ କରିଥିବାବେଳେ ପ୍ରତ୍ୟେକ ବର୍ଷ ଏହିଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବ ବୋଲି ସର୍ବସମ୍ମିତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ୍ ପ୍ରଧାନ, ମଧୁସ୍ମିତା ସାହୁ, ବିନ୍ଦୁବାସିନୀ ଦାସ, ଲକ୍ଷ୍ମୀଧର ମହାରଣା, ତୃପ୍ତିମୟୀ ସାହୁ, ମଧୁସ୍ମିତା ପରିଡ଼ା, ବିଜୟଲକ୍ଷ୍ମୀ ବେହେରା, ସୁମିତ୍ରା ପରିଡ଼ା, ରାଜଶ୍ରୀ ବେଉରା, ସଭ୍‌ଗୀତା ବେହେରା, ସସ୍ମିତା ବେହେରା, ଦୁର୍ଗାଦେବୀ ସେଠୀ, ଜୟନ୍ତୀ ସାହୁ, ଦମୟନ୍ତୀ ସାହୁ, ସୁମିତ୍ରା ପୃଷ୍ଟି, ସୁନିତା ସାହୁ, ସରିତା ସାହୁ, ରଜନୀ ସାହୁ, କଳ୍ପନା ହୋତା, ପଦ୍ମିନୀ ହୋତା, ପବନା ସ୍ୱାଇଁ, ଶିବ ବିଶ୍ୱାଳ, ସଞ୍ଜୟ ଜୀ, ଆଲୋକ ଦଳେଇ, ଦିଲ୍ଲୀପ ସେଠୀ, ରଞ୍ଜିତ୍ ନାୟକ, ଅଜିତ୍ ବେହେରା, ଟୁଟୁ ଆନନ୍ଦଙ୍କ ସମେତ ବହୁ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ପୁରାତନ ଛାତ୍ର ସୁଧାଂଶୁ ଶେଖର ପରିଜା ଧନ୍ୟବାଦ ଅର୍ପଣ କରିଥିଲେ ।



# ଗଞ୍ଜେଇ ଜବତ, ଜଣେ ଗିରଫ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡ଼ିଆ) :** ଚୌଦ୍ୱାର ଥାନା ଅନ୍ତର୍ଗତ ବିରୂପା ବ୍ୟାରେଜ୍ ନିକଟରେ ଏକ ହୁଣ୍ଡାଇ କାର୍‌ରୁ ୨୧କେଜି ଗଞ୍ଜେଇ ଜବତ କରିବା ସଙ୍ଗେ ସଙ୍ଗେ ଏଥିରେ ସମ୍ପୃକ୍ତ ଜଣକୁ ଗିରଫ୍ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ସୂଚନାଥାଉକି, ୨୧ ତାରିଖ ରାତିରେ ଚୌଦ୍ୱାର ପୁଲିସ୍‌ର ଅଫିସରମାନେ ବିରୂପା ବ୍ୟାରେଜ୍ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ବିଶେଷସୂତ୍ରରୁ ଖବର ପାଇ ଏକ ହ୍ୟୁଣ୍ଡାଇ ଏକ୍ସେଣ୍ଟ କାର୍ ଓଡ଼ି୦୨ବିଜି୭୮୩୭କୁ ଅଟକ ରଖି ଯାଂଚ୍ କରିବାରୁ ସେଥିରୁ ଗଞ୍ଜେଇ ଜବତ କରିଥିଲେ । କାର ଚାଳକ ସୁଜିତ୍ କୁମାର ନାୟକ (୪୬)ଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ଏ ସଂକ୍ରାନ୍ତରେ କେସ୍ ନଂ.୧୬୦ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି ।




# ବନ୍ଧୁକ ବ୍ୟବସାୟ ରାକେଟ୍‌ର ମୁଖ୍ୟ ଗିରଫ

**କଟକ(ବ୍ୟୁରୋ):** କଟକ ପୋଲିସକୁ ବଡ଼ ସଫଳତା । ଓଡିଶା ବିହାର ବନ୍ଧୁକ ବ୍ୟବସାୟ ରାକେଟର ମୁଖ୍ୟ ଗୋଲଡେନ ସିଂହକୁ ବିହାର ଏସଟିଏଫ ସହଯୋଗରେ ଗିରଫ କରିବାରେ ସକ୍ଷମ ହୋଇଛି କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ । ସହଯୋଗୀ କଟକ କେଶରପୁର ଅଞ୍ଚଳର ଓ୍ୱାସିମ ଖାନକୁ ମଧ୍ୟ ମଙ୍ଗଳାବାଗ ପୋଲିସ ଗିରଫ କରିଛି । ତା ଠାରୁ ଗୋଟିଏ ବନ୍ଧୁକ ଓ ଗୋଲଡେନ ଠାରୁ ଦୁଇଟି ବନ୍ଧୁକ ସମୁଦାୟ ୩ଟି ବନ୍ଧୁକ ଜବତ ହୋଇଛି । ୩ ଦିନ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିଛି ପୋଲିସ୍ । ରିମାଣ୍ଡରେ ଆସିବା ପରେ ଏନେଇ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଡିସିପି କେ.ବଶାଲ ସିଂହ ସୂଚନା ଦେଇଛନ୍ତି । ଗତ କିଛିଦିନ ତଳେ ଜଗତପୁର ଅଞ୍ଚଳରେ ବ୍ୟାଙ୍କ ଏଟିଏମ ଭ୍ୟାନ ଲୁଟ ଯୋଜନା କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିବା ୪ଜଣ ଡକାୟତଙ୍କ ନିକଟରୁ ୪ଟି ବନ୍ଧୁକ ଜବତ ହୋଇଥିଲା । ଏହି ବନ୍ଧୁକ ସେମାନେ ବିହାରର ମୁଙ୍ଗେରରୁ ଆଣି ଏହି ଡକାୟତି କଳାପରେ ବିକ୍ରି କରିବାକୁ ଯୋଜନା କରିଥିବା ପୋଲିସ ଜାଣିବାକୁ ପାଇଥିଲା । ସେମାନଙ୍କ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ଡିସିପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ ବିହାର ଯାଇଥିଲା । ଅଭିଯୁକ୍ତମାନଙ୍କ ବୟାନକୁ ଆଧାରକରି କଟକ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା ପୋଲିସ ।

# ବାଣିଜ୍ୟ ମେଳାରେ ମନ ମୋହୁଛି ବିଦେଶୀ ଷ୍ଟଲ୍

**କଟକ(ବ୍ୟୁରୋ):** ବଢୁଛି ବୈଶାଖୀ ବାଣିଜ୍ୟ ମେଳାର କ୍ରେଜ । ସଞ୍ଜ ହେଲେ ବାଲିଯାତ୍ରା ଉପର ପଡ଼ିଆରେ ଜମୁଛି ହଜାର ହଜାର ଦର୍ଶକଙ୍କ ଭିଡ । ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତାକାଲି ଶେଷ ହେବ । କିନ୍ତୁ ଏହି ମେଳାରେ ବର୍ତ୍ତମାନ ଦର୍ଶକଙ୍କ ଫୋକସ ପାଲଟିଛି ବିଦେଶୀ ସାମଗ୍ରୀ । ୨୦ତମ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ମନ ମୋହୁଛି ବିଦେଶୀ ଷ୍ଟଲ । ଆଫଗାନିସ୍ତାନରୁ ଆସିଥିବା ଡ୍ରାଏ ଫ୍ରୁଟ୍, ଦୁବାଇ ଭେରାଇଟ ଚକୋଲେଟ, ଅତର ଓ ଅନ୍ୟାନ୍ୟ ଦେଶର ସାମଗ୍ରୀ ଲୋକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଛି । ଦର ସାମାନ୍ୟ ଅଧିକ ରହିଥିବାବେଳେ ଏହାକୁ ଖାତିର ନ କରି ଏହି ତମାମ ସମଗ୍ରୀକୁ କିଣିବାରେ ବ୍ୟସ୍ତ ଗ୍ରହକ । ଗୋଟିଏ ପଟେ ବିଦେଶୀ ଆଇଟମକୁ ପାଖରେ ପାଇ ବେଶ ଖୁସି ଅନୁଭବ କରୁଥିଲାବେଳେ ଦୋଳି, ଚଟପଟା ଖାଇବା, ଆଉ ଭଳିକି ଭଳି ଦୋକାନରୁ ଜିନିଷକୁ ଶସ୍ତା ଦାମରେ କିଣି ବେଶ ଆନନ୍ଦିତ କଟକବାସୀ । ତେବେ ଅନେକ ବର୍ଷ ଧରି ଏହି ମେଳାରେ ନିଜର ଷ୍ଟଲ କରିବା ପାଇଁ ବିଦେଶୀମାନେ ଉତ୍ସାହ ପ୍ରକଟ କରୁଛନ୍ତି । କାହିଁକି ନାଁ ବାଲିଯାତ୍ରା ଭଳି ଏହି ବୈଶାଖୀ ମେଳାର କ୍ରେଜ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଭାରତର ୨୨ଟି ରାଜ୍ୟରୁ ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରୁଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଧ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟବସାୟୀମାନେ ଅଂଶଗ୍ରହଣ କରିଛନ୍ତି । ଏହି ମେଳାରେ ଘର କରଣା ସାମଗ୍ରୀ ଠାରୁ ଆରମ୍ଭ କରି ପୋଷାକ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ହେଉଛି । ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ, ଛେନାଝିଲି, ରସାବଳୀଠାରୁ ନେଇ ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ ଉପଲବ୍ଧ ହେଉଛି । ସନ୍ଧ୍ୟା ହେଲା ମାତ୍ରେ ମେଳାରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି । ତେବେ ଚଳିତ ବର୍ଷ ନିର୍ବାଚନକୁ ଆଖି ଆଗରେ ରଖି ଶୀଘ୍ର ମେଳାର ଆୟୋଜନ ହେଇଥିଲା । ଏହି ମେଳାରେ ବ୍ୟବସାୟୀମାନେ ଅନେକ ମାତ୍ରାରେ ଲାଭବାନ ହୋଇଛନ୍ତି କହିଛନ୍ତି ଆୟୋଜକ କମିଟି । ତେବେ କଟକ ବୈଶାଖୀ ବାଣିଜ୍ୟ ମେଳା ଆଗମୀ ଦିନରେ ରାଜ୍ୟବ୍ୟାପୀ ଏକ ବଡ଼ ବାଣିଜ୍ୟିକ ମେଳାର ରୂପ ପାଇବ ବୋଲି ଆଶା ରଖିଛି ଆୟୋଜକ କମିଟି ।

# ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବିତା ଆସର

**କଟକ (ବ୍ୟୁରୋ):** ସାରସ୍ୱତ ଅନୁଷ୍ଠାନ ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନା ଚକ୍ର ଗତିରାଉତ ପାଟଣା ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଶିକ୍ଷାବିତ୍ ଚୈତନ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ଉଦ୍‌ଘାଟକ ଭାବେ ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡ.ନିରଂଜନ ସାହୁ, ସମ୍ମାନୀୟ ଅତିଥି ଭାବେ ଆଇନଜୀବୀ ପତିତ ପାବନ ମହାପାତ୍ର, ନିରଂଜନ ଖଟୁଆ, ଅଶ୍ୱିନୀ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଓଡିଆ ଭାଷା ସାହିତ୍ୟକୁ ସୁଦୃଢ କରିବା ପାଇଁ ପଲ୍ଲୀ ପ୍ରତିଭାର ନୂତନ ପିଢି ସୃଷ୍ଟି କରିବା ଏକ ଶୁଭ ଲକ୍ଷଣ ବୋଲି କହିଥିଲେ । ଏହି ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ଶହିଦ ଭଗତ ସିଂହ, ରାଜଗୁରୁ, ସୁଖଦେବଙ୍କ ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କବି ମନୋରଂଜନ ପଣ୍ଡା, ରାଜୀବ ଷଡଙ୍ଗୀ ଓ ସରିତା ମହାପାତ୍ରଙ୍କ ସଂଯୋଜନାରେ କବି ବିଧୁଭୁଷଣ ମହାନ୍ତି, କମଳାକାନ୍ତ ନାୟକ, ରୀତାରାଣୀ ରାଉତ, ଶ୍ରୀୟା ସନ୍ତୋଷୀ ପାତ୍ର, ଆଦିତ୍ୟ ରଂଜନ ଦାଶ, ଭଗବତୀ ଖଟୁଆ, ଡ.ବସନ୍ତ କୁମାରୀ ନନ୍ଦ, ତପନ କୁମାର ସ୍ୱାଇଁ, ମଧୁସ୍ମିତା ମିଶ୍ର, ମହେନ୍ଦ୍ର କୁମାର ମହାପାତ୍ର, ରାଜକିଶୋର ସ୍ୱାଇଁ, ଦିବ୍ୟାଶ୍ରୀ ଜେନା, ରଘୁନାଥ ତ୍ରିପାଠୀ, ରତନ କୁମାର ମହାନ୍ତି, ପ୍ରଭାତୀରାଣୀ ମହାନ୍ତି, ରଶ୍ମୀତା ନାୟକ, ଭାଗ୍ୟଲକ୍ଷ୍ମୀ ନାୟକ, କୁନଲତା ତ୍ରିପାଠୀ, ସ୍ନେହଲତା ଦ୍ୱିବେଦୀ, ଚିନ୍ମୟୀ ଆଚାର୍ଯ୍ୟ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସଂପାଦିକା ଗୀତାଂଜଳି ପୃଷ୍ଟି ମଂଚ ପରିଚାଳନା କରିଥିଲେ । ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ସମ୍ପାଦକୀୟ...

# ମେଣ୍ଟହୀନ ପ୍ରତିଦ୍ୱନ୍ଦ୍ୱିତା

ଆଗାମୀ ନିର୍ବାଚନ ଉଭୟ ରାଜ୍ୟ ବିଜେପି ଏବଂ ବିଜେଡି ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । କିଛିଦିନ ଧରି ରାଜ୍ୟ ବିଜେପି ଏବଂ ରାଜ୍ୟ ବିଜେଡି ମଧ୍ୟରେ ଏକ ଛକାପଞ୍ଝା ପରିସ୍ଥିତି ଲାଗି ରହିଥିଲା । ଉଭୟ ଦଳ ମଧ୍ୟରେ ରାଜ୍ୟରେ ରାଜନୈତିକ ମେଣ୍ଟ ହେବା ନେଇ ପ୍ରାୟ ମାସାଧିକ କାଳ ଆଲୋଚନା ପ୍ରତ୍ୟାଲୋଚନା ଲାଗି ରହିଥିଲା । ପରେ ପରେ ସେଥିନେଇ ବିତର୍କର ସ୍ୱର ମଧ୍ୟ ସ୍ପଷ୍ଟ ହୋଇଥିଲା । କେତେବେଳେ କିଏ କହୁଛି ଉଭୟ ଦଳ ମଧ୍ୟରେ ମେଣ୍ଟ ହେବ ତ ଆଉ କେତେବେଳେ କିଏ କହୁଥିଲା ମେଣ୍ଟ ହେବନି । ମେଣ୍ଟ ହେବା କିମ୍ବା ନ ହେବା ନେଇ କିଛି ବି ନିଷ୍ପତ୍ତି ହୋଇପାରୁ ନଥିଲା । କେବଳ ଆଲୋଚନା ଏବଂ ପ୍ରତ୍ୟାଲୋଚନାରେ ସମୟର ଅଯଥା ଅପଚୟ ହୋଇଯାଉଥିଲା । ଯାହାକୁ ଆମେ ଡବଲ୍ ଲସ୍ କହିପାରିବା କାରଣ ଉଭୟ ଦଳ ମଧ୍ୟରେ ମେଣ୍ଟ ହେବାର ସମ୍ଭାବନା ଯଦିଓ ଥିଲା ତେବେ ସେଭଳି କିଭଳି ସମ୍ଭାବନା ଯେଉଁଥିରେ ସତ୍ୟତା ହିଁ ନ ଥିଲା । ତେବେ ତାହା କିଭଳି ସମ୍ଭାବନା ଯେଉଁଥିରେ ବାସ୍ତବତା ହିଁ ନ ଥିବ । ସେଭଳି ଏକ ଅବାସ୍ତବ ପରିକଳ୍ପନା ଉପରେ ଆଧାରିତ ବିଜେପି-ବିଜେଡି ମେଣ୍ଟକୁ ନେଇ ରାଜ୍ୟର ରାଜନୀତି ପ୍ରାୟ ମାସାଧିକ କାଳ ସରଗରମ ହୋଇ ଯାଇଥିଲା । କେବଳ ରାଜ୍ୟରେ ନୁହେଁ, ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ, ଗ୍ରାମରୁ ସହର ପର୍ଯ୍ୟନ୍ତ , ସବୁଆଡ଼େ କେବଳ ସେଇ ମେଣ୍ଟ ଚର୍ଚ୍ଚା । ଶେଷରେ କିନ୍ତୁ ସବୁ କିଛି ଫେଲ୍ । ମେଣ୍ଟ ଚର୍ଚ୍ଚା ବିଫଳ । କାରଣ ମେଣ୍ଟର ଆବଶ୍ୟକତା ହିଁ ନ ଥିଲା । ତଥାପି ସବୁ ଆଡ଼େ କେବଳ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋ୍ର୍ ଧରିଥିଲା । ଚର୍ଚ୍ଚା ଏତେ ଜୋର୍ ଧରିଥିଲା ଯେ କେତେବେଳେ କିଏ କହୁଥିଲା ଉଭୟ ଦଳ ମଧ୍ୟରେ ମେଣ୍ଟ ହେବ ତ ଆଉ କେତେବେଳେ କିଏ କହୁଥିଲା ମେଣ୍ଟ ହେବନି । ତେବେ ମେଣ୍ଟ ହେବା କିମ୍ବା ନ ହେବା ନେଇ କିଛି ବି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇପାରୁ ନଥିଲା । କେବଳ ଆଲୋଚନା , ପର୍ଯ୍ୟାଲୋଚନାରେ ସମୟର ଅଯଥା ଅପଚୟ ହେଉଥିଲା । ଯାହାକୁ ଆମେ ଡବଲ୍ ଲସ୍ କହିପାରିବା କାରଣ ଉଭୟ ଦଳ ମଧ୍ୟରେ ମେଣ୍ଟ ହେବାର ସମ୍ଭାବନା ଯଦିଓ ଥିଲା ତେବେ ସେଭଳି କିଭଳି ସମ୍ଭାବନା ଯେଉଁଥିରେ କିଛି ବି ବାସ୍ତବତା ନ ଥିଲା । ତେବେ ତାହା କିଭଳି ସମ୍ଭାବନା ଯେଉଁଥିରେ ବାସ୍ତବତା ହିଁ ନ ଥିବ । ସେଭଳି ଏକ ବୃଥା ପରିକଳ୍ପନା ଉପରେ ଆଧାରିତ ବିଜେପି-ବିଜେଡି ମେଣ୍ଟକୁ ନେଇ ରାଜ୍ୟର ରାଜନୀତି ପ୍ରାୟ ମାସାଧିକ କାଳ ସରଗରମ ହୋଇ ଯାଇଥିଲା । ପରେ ଧୀରେ ଧୀରେ ତାହା କୋହଳ ହୋଇଯାଇଥିଲା । ଏବେ ତ ତାହା ଗୁଜବରେ ପରିଣତ ହୋଇଯାଇଛି । ଏଭଳି ଗୁଜବ ଯାହା ଭାରି ଅଜବ ଲାଗୁଛି । ଉଭୟ ଦଳ ମଧ୍ୟରେ ମେଣ୍ଟ ନ ହେବା ନେଇ ବିଜେପି ପକ୍ଷରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ୍ ସୂଚନା ପ୍ରଦାନ କରିଥିବା ବେଳେ ବିଜେଡି ପକ୍ଷରୁ ମେଣ୍ଟ ନ ହେବା ନେଇ ସୂଚନା ପ୍ରଦାନ କରିଛନ୍ତି ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ଉଭୟ ବିଜେପି ଏବଂ ବିଜେଡ଼ି ନିଜ ନିଜ ରାଜନୈତିକ ସ୍ଥାନରେ ପୂରାପୁରି ଠିକ୍ ଅଛନ୍ତି । ସେମାନଙ୍କ ପୋଜିସନ୍ ବି ଠିକ୍ ଥିଲା । ତଥାପି ସବୁ ଆଡ଼େ କେବଳ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋ୍ର୍ ଧରିଥିଲା । ଚର୍ଚ୍ଚା ଏତେ ଜୋର୍ ଧରିଥିଲା ଯେ କେତେବେଳେ କିଏ କହୁଥିଲା ଉଭୟ ଦଳ ମଧ୍ୟରେ ମେଣ୍ଟ ହେବ ତ ଆଉ କେତେବେଳେ କିଏ କହୁଥିଲା ମେଣ୍ଟ ହେବନି । ତେବେ ମେଣ୍ଟ ହେବା କିମ୍ବା ନ ହେବା ନେଇ କିଛି ବି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇପାରୁ ନଥିଲା । କେବଳ ଆଲୋଚନା , ପର୍ଯ୍ୟାଲୋଚନାରେ ସମୟର କେବଳ ବହୁଳ ଅପଚୟ ହେଉଥିଲା । ଯାହାକୁ ଆମେ ସମ୍ପୂର୍ଣ୍ଣ ଅନାବଶ୍ୟକ ବୋଲି କହିପାରିବା । କାରଣ ଉଭୟ ଦଳ ମଧ୍ୟରେ ମେଣ୍ଟ ହେବାର ସମ୍ଭାବନା ନୁହେଁ ଆଶଙ୍କା ରହିଥିଲା, ଯାହାକୁ ଉଭୟ ଦଳ ସମ୍ଭାବନା ଧରି ଚାଲିଥିଲେ । ତେବେ ସେହି ସମ୍ଭାବନାରେ କିଛି ବି ସତ୍ୟତା ନ ଥିଲା କାରଣ କେହି କାହା ସହିତ ପ୍ରକୃତରେ ମିଶିବା ପାଇଁ ଚାହୁଁନଥିଲେ । କେବଳ କିଛି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମନୋଭାବ ରଖି ଉଭୟ ଦଳ ପରସ୍ପର ସହିତ ମିଶିଯିବାକୁ ଇଚ୍ଛା ପ୍ରକାଶ କରୁଥିଲେ । ହେଲେ ଶେଷ ସମୟରେ ଗୋଟିଚାଳନାରେ ସବୁ କିଛି ଭୁଲ୍ ହୋଇଯାଇଥିଲା । ବାସ୍ତବରେ ଉଭୟ ଦଳର ମିଶ୍ରଣ ନେଇ ବିଜେଡି ପ୍ରଥମେ ଇଚ୍ଛା ପ୍ରକାଶ କରିଥିଲା । କାରଣ ବିଜେଡି ମନରେ ବି ଭୟ ରହୁଥିଲା । ହାରିଯିବାର ଭୟ, କିମ୍ବା ହାରିଯିବାର ଆଶଙ୍କା ନୁହେଁ । ଇଡି କିମ୍ବା ସିବିଆଇ ଚଢ଼ଉର ଆଶଙ୍କା ଯାହା କେନ୍ଦ୍ର ସରକାର ତରଫରୁ ହେବାର ସମ୍ଭାବନା ସୃଷ୍ଟି ହେଉଥିଲା ଏଇ ଯେମିତି ହେଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରୀୱାଲ୍ ଙ୍କ ଅବସ୍ଥା । ବାରମ୍ବାର ଇ ଡି ସମନ୍ ପରେ ପୂରା ନଅ ଥରରେ ଗିରଫ କରିନେଲା ଇ ଡି । ଯାହା ପୂରା ଭାରତବର୍ଷର ମୁଖ୍ୟମନ୍ତ୍ରୀତ୍ୱ ଶାସନକୁ ବିଚଳିତ କରିଦେଇଛି । କାରଣ ଏହା ମୋଦିଙ୍କ ଶାସନ ଯାହା ଭାରତୀୟ ଶାସନ ତନ୍ତ୍ରକୁ ଦେଇଛି ଏକ ନୂଆ ରୂପ, ନୂଆ ରଙ୍ଗ । ଏକାଧିକ ଯୁଗାନ୍ତକାରୀ ପରିବର୍ତ୍ତନ ସହିତ ଆଗେଇ ଚାଲିଛି ମୋଦୀଜୀଙ୍କ ଗଣତାନ୍ତ୍ରିକ ଶାସନ । ଯେଉଁଥିରେ ଗଣମାନଙ୍କୁ ଦିଆଯାଉଛି ସର୍ବାଧିକ ଗୁରୁତ୍ୱ । ତେବେ ବହୁ ବାଦାନୁବାଦ ପରେ ଶେଷରେ ବିନା ମେଣ୍ଟରେ ହେବ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ଯାହା ପୂରା ଫାଇନାଲ୍ ।

ଜ୍ଞାନାମୃତ

## ବିଶ୍ୱାସ

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କଥାର ସତ୍ୟତା ରହିଛି । ମୃତ୍ୟୁ ପରେ ବି ଜୀବନ । ମଣିଷର ମୃତ୍ୟୁ ପରେ ସେହି ଯମଦୂତଙ୍କ ନିକଟକୁ ସମସ୍ତଙ୍କ ଆତ୍ମା ଚାଲିଯାଏ । ଯେଉଁଠି ତା'ର ବିଚାର ହୁଏ ପାପ ପୁଣ୍ୟର । ପୁରାଣ ଯୁଗରେ ଆମେ ସ୍ତୀ -ସ୍ତ୍ୟବାନଙ୍କ କଥା ବିଚାରକୁ ନେଲେ ଯାହା ଅନୁଭବ କରିବା ଯେ ପୁରାଣ ଇତିହାସରେ ଯମରାଜଙ୍କ ଅସ୍ତିତ୍ୱ ରହିଛି ଯାହାକୁ ବିଶ୍ୱାସକୁ ନିଆଯାଇପାରେ । ସେହି ଯମରାଜ ଯେ କି କେବଳ ମୃତ୍ୟୁ ପରେ ମଣିଷର କଥା । ବୁଝନ୍ତି, ମଣିଷର କଥା ବିଚାରକୁ ନିଅନ୍ତି, ମଣିଷର ଭଲମନ୍ଦ କଥା ବୁଝନ୍ତି , ସେହି ମଣିଷ ତା'ର ଜୀବନ କାଳରେ ଯାବତୀୟ ଭଲ ମନ୍ଦ ଯାହା ସବୁ କରିଥାଏ, ସେ ସବୁର ହିସାବ ନିକାଶ ବିଷୟରେ ଆଲୋଚନା ହୋଇଥାଏ, ତର୍ଜମା ହୋଇଥାଏ । ପରେ ଯମରାଜ ସେମାନଙ୍କ ବିଷୟରେ ଆରମ୍ଭ କରିଥାନ୍ତି ବିଚାରବିମର୍ଶ । ପରେ ଯମରାଜ ମଣିଷର କର୍ମ ଅନୁସାରେ ଫଳ ଦେଇଥାନ୍ତି । ସେମାନଙ୍କୁ ସେମାନଙ୍କ କର୍ମ ବିଷୟରେ ଅବଗତ ହେଲା ପରେ ପର୍ଯ୍ୟାୟକ୍ରମେ ସେମାନଙ୍କୁ ସେମାନଙ୍କର କର୍ମଫଳ ଅନୁଯାୟୀ ଶାସ୍ତି ବିଧାନ କରାଯାଏ । ଶାସ୍ତି ବିଧାନ ପରେ ହିଁ ସ୍ଥିର କରାଯାଏ କି କାହାକୁ କି ପ୍ରକାର ଶାସ୍ତି ଦିଆଯିବ ଏବଂ ପରେ ସେହି ଅନୁସାରେ ଅର୍ଥାତ୍ ତା'ର କର୍ମଫଳ ଅନୁଯାୟୀ ସ୍ଥିର କରାଯାଏ କି ସେ କି ପ୍ରକାର ଜନ୍ମ ନେବ ଅବା ନ ନେବ । ଏଣୁ ଯମରାଜ ମଣିଷ ଜୀବନର ସେହି ସ୍ଥିତି ଅବା ପରିସ୍ଥିତିରେ କାହାକୁ କିଛି ଅଭିଶାପ ଦିଅନ୍ତି ଅବା ଆଶୀର୍ବାଦ ଦିଅନ୍ତି ଯାହା ମଣିଷ ଜୀବନର ଆଗାମୀ ଜନ୍ମ ପାଇଁ ଅନେକ ମାତ୍ରାରେ ସହାୟକ ହୋଇପାରେ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇପାରେ ଯେ ଯମରାଜ ବି ଆଶୀର୍ବାଦ ଦେଇପାରନ୍ତି ଏବଂ ଅଭିଶାପ ବି ଦେଇପାରନ୍ତି । ମଣିଷ ତା'ର ଜୀବନରେ ଯାହା ବି କିଛି କରୁଛି, ଯାହା ବି କିଛି କହୁଛି , ସେ ସବୁଥିରେ ମଣିଷ ତା'ର ଜୀବନର ବିଭିନ୍ନ ଭୁଲ୍ ଠିକ୍ କାର୍ଯ୍ୟକଳାପର ଛାପ ଛାଡିଯାଉଛି ଯାହାପାଇଁ ପରବର୍ତ୍ତୀ ସମୟରେ ସେ ହିଁ କେବଳ ଦାୟୀ ରହିଯାଉଛି ତା'ର କର୍ମଫଳ ପାଇଁ । ଯେଉଁଥିପାଇଁ ମୃତ୍ୟୁ ପରେ ବି ମଣିଷକୁ ଜବାବ୍ ଦେବାକୁ ପଡୁଛି ୍ ତା'ର କର୍ମଫଳ ପାଇଁ ଯମରାଜଙ୍କ ପାଖରେ । ସେହି କର୍ମଫଳ ଅନୁସାରେ ଯମରାଜ ବି ନିଷ୍ପତ୍ତି ନିଅନ୍ତି ଯେ ସେ କାହାକୁ କି ଦଣ୍ଡ ଦେବେ ଅବା ନ ଦେବେ କିମ୍ବା କାହାକୁ ତା'ର କାର୍ଯ୍ୟକଳାପ ପାଇଁ କି ପ୍ରକାର ପୁରସ୍କାର ଦେବେ କି ନାହିଁ । ଏଣୁ ପ୍ରତ୍ୟକ ମଣିଷ ତା'ର ଜୀବନରେ କିଛି ଭଲକାମ କରିଯିବା ଦରକାର । ନଚେତ୍ ସାବଧାନ , ମୃତ୍ୟୁ ପରେ ଆମେ ଯମରାଜଙ୍କ କବଳରେ ଫସିଯିବାର ଆଶଙ୍କା ରହିଛି ।

# ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଗୌରବକୁ ନୂଆଶିଖରରେ ପହଞ୍ଚାଇ ପାରିଛି

ପ୍ରଦୀପ ସେନାପତି

୧୯୩୬ ମସିହା ଅପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରଠାରୁ ଦୀର୍ଘ ୮୮ ବର୍ଷର ଯାତ୍ରା ପଥରେ ରାଜ୍ୟର ସର୍ବାଙ୍ଗୀନ ବିକାଶ ପରିଲକ୍ଷିତ ହୋଇଛି । ନିର୍ଦ୍ଦିଷ୍ଟ ଭାବେ ଆମ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଆନ୍ତର୍ଜାତୀୟ ସ୍ତରରେ ନେତୃତ୍ୱ ବହନ କରିଛି । ଏଣୁ ଓଡ଼ିଶାରେ ଆଜି ପରମ୍ପରା ଏବଂ ଆଧୁନିକତାର ଏକ ବିରଳ ସମନ୍ୱୟ ଘଟିଛି । ଏହି ପବିତ୍ର ଭୂମି ଆମର ଇତିହାସ, ପୁରାଣଶାସ୍ତ୍ର ଓ ଆଧ୍ୟାତ୍ମିକ ଶକ୍ତି ନିମନ୍ତେ ବିଶ୍ୱ ପ୍ରସିଦ୍ଧିଲାଭ କରିଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହା ଦେଶର ପ୍ରଥମ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନର ମୂଳ ଦୁଆ ପକାଇଥିଲା । ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାଶ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଗଙ୍ଗାଧର ମେହେର ଓ ଫକୀରମୋହନ ସେନାପତିଙ୍କ ଅବଦାନକୁ ଏ ଜାତି ସବୁଦିନ ସ୍ମରଣ ରଖିବ । ଆମ ପାଇଁ ଏହି ଗୌରବ ଆଣିଦେଇଥିବା ଓଡ଼ିଶା ମାଆର ବରପୁତ୍ରମାନଙ୍କ ପ୍ରତି ଏହି ପବିତ୍ର ଦିବସ ଅବସରରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।

ଚଳିତବର୍ଷ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୮ ବର୍ଷ ପାଳନ କରୁଅଛୁ । ୧୯୩୬ ରୁ ୨୦୨୪ ଏହି ୮୮ ବର୍ଷ ମଧ୍ୟରେ ଓଡ଼ିଆ ଜାତି ଅନେକ ସଫଳତା ପାଇଛି । ଅନେକ କଠିନ ପରିସ୍ଥିତିର ମୁକାବିଲା ମଧ୍ୟ କରିଛି । ୧୯୪୭ରେ ଦେଶ ସ୍ୱାଧୀନ ହେଲା ଗଡ଼ଜାତ ରାଜ୍ୟସବୁ ଭାରତରେ ମିଶି ଅଖଣ୍ଡ ଭାରତବର୍ଷ ଗଠନର ରୂପ ନେଲା । ଏଥିରେ ମଧ୍ୟ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କଲା । ନୂଆ ବ୍ୟବସ୍ଥା, ନୂଆ ସମ୍ବିଧାନ ଓ ବିକାଶ ଯୋଜନାରେ ଦେଶ ଆଗକୁ ବଢ଼ିଲା । ଓଡ଼ିଶା ମଧ୍ୟ ଏହି ବିକାଶ ଯାତ୍ରାରେ ନିଜକୁ ସଫଳ ଭାବରେ ଆନ୍ତର୍ଜାତିକ ସ୍ତରରେ ସାମିଲ କରିପାରିଛି । ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟମାନ୍ୟତା ଲାଭ କରିପାରିଛି । ଓଡ଼ିଆ ଲେଖକମାନେ ସେମାନଙ୍କ କୃତୀ ଦ୍ୱାରା ଭାରତର ସାରସ୍ୱତ ଜଗତର ଗୌରବ ବୃଦ୍ଧି କରିଛନ୍ତି । ଓଡ଼ିଆ ଖେଳାଳୀମାନେ ଦେଶର ସୁନାମ ବଢ଼ାଇଛନ୍ତି । ଓଡ଼ିଆ ପିଲାମାନେ ସେମାନଙ୍କ ପ୍ରତିଭା ଦ୍ୱାରା ଦେଶକୁ ଗର୍ବିତ କରୁଛନ୍ତି । ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ଲୋକକଳା ଆଜି ଦେଶ ବିଦେଶରେ ଓଡ଼ିଆ ଜାତିପାଇଁ ପ୍ରସିଦ୍ଧି ଆଣିଦେଇଛି । ଅତୀତର ସମୃଦ୍ଧି ଓ ବୀରତ୍ୱର ଗାଥା ଏକ ଅପୂର୍ବ ସମ୍ମିଶ୍ରଣ ସହ ବର୍ତ୍ତମାନର ବିକାଶ ଓ ସଶକ୍ତିକରଣ ଦିଗରେ ଉଦ୍ୟମ ଆମମାନଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରି ଗଢ଼ିତୋଳିଛି । ସୁଦୂର ଦେଶମାନଙ୍କ ସହ ଆମ୍ଭର ନୌବାଣିଜ୍ୟ ସମ୍ପର୍କ, ସମୟ ପ୍ରବାହରେ ଆଧ୍ୟାତ୍ମିକ ଓ ନୈତିକ ଜୟଯାତ୍ରା ଏବଂ ସଦ୍‌ଭାବ ଓ ମାର୍ମିକ ସୃଜନଶୀଳତାର ଅନନ୍ୟ ଐତିହ୍ୟ ସମ୍ପର୍କରେ ଆମକୁ ଧାରଣା ଦେଇଥିବା ଓଡ଼ିଶା ହେଉଛି ଗୌରବମୟ ଐତିହ୍ୟ ଏବଂ ସମୃଦ୍ଧି, ସାଂସ୍କୃତିକ ପରମ୍ପରାର ଅଧିକାରୀ । ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶ ଆନ୍ତର୍ଜାତୀୟ କ୍ଷେତ୍ରରେ ଏହାର ପ୍ରସାର ଦିଗରେ ଓଡ଼ିଶାର ଅବଦାନ ବାସ୍ତବିକ ଅତୁଳନୀୟ । ସମଗ୍ର ବିଶ୍ୱ ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାଦ୍ୱାରା ପରିଚାଳିତ । ବିକାଶ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଓଡ଼ିଶା କ୍ଷେତ୍ରରେ ମଧ୍ୟ ଅନୁଭୂତ ହୋଇଛି । ଯାହା ଆମର ଜୀବନଧାରଣ ମାନରେ ଏକ ସକରାତ୍ମକ ପ୍ରଭାବ ପକାଇବା ସହ ସାମାଜିକ ଏବଂ ଅର୍ଥନୈତିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ସହାୟକ ହୋଇପାରିଛି । ଏଣୁ ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଯୁକ୍ତି ଶିକ୍ଷା ଏବଂ ବାଣିଜ୍ୟକେନ୍ଦ୍ର ରୂପେ ପରିଗଣିତ ହୋଇଛି । ପୁଞ୍ଜିନିବେଶ ଏବଂ ସହଜ ବ୍ୟବସାୟ କରିପାରିବାର ଭିତ୍ତିଭୂମି ସୃଷ୍ଟି କରିବାରେ ଓଡ଼ିଶା ବର୍ତ୍ତମାନ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ୨୦୧୫ ମସିହାରେ ପ୍ରଣୀତ ନୂତନ ଶିଳ୍ପନୀତି ସହ ରାଜ୍ୟ ସରକାର ୨୦୨୫ ମସିହା ସୁଦ୍ଧା ୨.୨୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ ଏବଂ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରଖି ଓଡ଼ିଶା ଶିଳ୍ପ ବିକାଶ ଯୋଜନା ୨୦୨୫ ପ୍ରଣୟନ କରିଛନ୍ତି । ଓଡ଼ିଶାରେ ମୋବାଇଲ ଆପର ଶୁଭାରମ୍ଭ, ଅନଲାଇନ୍ ତଦାରଖ ବ୍ୟବସ୍ଥା ଏବଂ ଲ୍ୟାଣ୍ଡ ବ୍ୟାଙ୍କ ପରି ଓଡ଼ିଶାରେ ଶିଳ୍ପ ସଂସ୍କାର ସମଗ୍ର ବିଶ୍ୱରେ ଉଚ୍ଚ ପ୍ରଶଂସିତ ହୋଇପାରିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଦେଶର ନଂ୧ମ୍ବର ସ୍ମାର୍ଟ ସିଟି ରୂପେ ବିବେଚିତ ହୋଇଛି । ବିଶ୍ୱ ଦରବାରକୁ ଭୁବନେଶ୍ୱରର ଆନ୍ତର୍ଜାତୀୟ ବିମାନ ବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି । ଏହି ସରକାର ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଧାରାର ସୁରକ୍ଷା ଏବଂ ବିକାଶ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଏବଂ ଭର୍ଚ୍ୟୁଆଲ ଓଡ଼ିଆ ୟୁନିଭରସିଟି ପ୍ରତିଷ୍ଠା ସମେତ ରାଜ୍ୟ ସରକାର ମଧ୍ୟ ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍ୱତନ୍ତ୍ର ପ୍ରଦେଶ ଗଠନ ୮୮ ବର୍ଷରେ ଉପନୀତ ହୋଇଥିବା ଓଡ଼ିଶା ଆଜି ନିରନ୍ତର ବିକାଶ ଏବଂ ଏହାର ଜନସାଧାରଣଙ୍କ ସଶକ୍ତିକରଣ କ୍ଷେତ୍ରରେ ସଫଳ ହୋଇପାରିଛି । ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ବର୍ଷ ପୂର୍ତ୍ତି ଅବସରରେ ସାମଗ୍ରିକ ଅଭିବୃଦ୍ଧିର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ସରକାର ରଖିଛନ୍ତି ଏବଂ ଯୋଜନାବଦ୍ଧ ଅଭିବୃଦ୍ଧି କାର୍ଯ୍ୟକ୍ରମ "ଭିଜନ - ୨୦୩୬" ପ୍ରସ୍ତୁତି ନିମନ୍ତେ ଓଡ଼ିଶାର ଅଭିଜ୍ଞ, ଦକ୍ଷ ଏବଂ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବିଶେଷଙ୍କର ସହଯୋଗ କାମନା କରୁଛନ୍ତି । ଆଜିର ଏହି ପବିତ୍ର ଦିବସ ଅବସରରେ ଆସନ୍ତୁ ଆମ ମାତୃଭୂମିର ଟେକ ବଜାୟ ରଖିବା, ମାତୃଭାଷାର ସମ୍ମାନକୁ ବଜାୟ ରଖିବା ଏବଂ ଆମ୍ଭର ସହଭାଗୀ ଓ ମାତୃଭୂମିର ସେବା ସହ ନିଃସ୍ୱାର୍ଥପର କାର୍ଯ୍ୟକଳାପ ଦ୍ୱାରା ଆମ୍ଭର ସଂସ୍କୃତି ଏବଂ ଐତିହ୍ୟ ସମୃଦ୍ଧି କରିବା ନିମନ୍ତେ ସଂକଳ୍ପବଦ୍ଧ ହେବା । ଏଣୁ ଏହି ପରିପ୍ରେକ୍ଷୀରେ ଆଜିର ଏହି ପବିତ୍ର ଓଡ଼ିଶା ଦିବସର ଶୁଭ ଅବସରରେ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

"ବନ୍ଦେ ଉତ୍କଳ ଜନନୀ"

**ରାଜ୍ୟ ସଭାପତି**
**ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଙ୍ଗଠନ ଏବଂ ଜାତୀୟ ସ୍ତରର ସାମ୍ବାଦିକ ତଥା ଆନ୍ତର୍ଜାତିକ ସ୍ତରର ସ୍ତମ୍ଭକାର,**
**ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨**
ମୋ.୭୮୪୮୮୯୮୪୫୬
**Email- Pradeepsenapati0607@gmail.com**

# ରଙ୍ଗ ହେଉଛି ସୌନ୍ଦର୍ଯ୍ୟର ପ୍ରତୀକ

ଦିପ୍ତିମୟୀ ନାୟକ

ରଙ୍ଗର ପର୍ବ ହେଉଛି ହୋଲି । ଫାଲ୍ଗୁନ ପୂର୍ଣ୍ଣିମା, ବସନ୍ତ ପୂର୍ଣ୍ଣିମା ତଥା ସୌନ୍ଦର୍ଯ୍ୟବୋଧ ପୂର୍ଣ୍ଣତାରେ ରଙ୍ଗର ପର୍ବ ହୋଲି ପାଳନ କରାଯାଏ । କାରଣ ରଙ୍ଗ ହେଉଛି ସୌନ୍ଦର୍ଯ୍ୟର ପ୍ରତୀକ । ଏବଂ ଆମ ପ୍ରାକୃତିକ ପରିବେଶ ଯେମିତି ରଙ୍ଗ ବିନା ରଙ୍ଗହୀନ । ସବୁଜ ରଙ୍ଗ ଶ୍ୟାମଳ ବର୍ଣ୍ଣ ବୃକ୍ଷରାଜିର ପ୍ରଗତୀର ପ୍ରତୀକ । ଲାଲ ରଙ୍ଗ ଶକ୍ତିର ପ୍ରତୀକ । ଗୋଲାପୀ ରଙ୍ଗ ପ୍ରେମର ପ୍ରତୀକ । କମଳା ରଙ୍ଗ ତ୍ୟାଗର ପ୍ରତୀକ । ହଳଦିଆ ରଙ୍ଗ ଜ୍ଞାନର ସଂବାହକର ପ୍ରତୀକ । ତେବେ ପ୍ରତ୍ୟେକ ମଣିଷଙ୍କ ଜୀବନରେ ରଙ୍ଗ ବିନା ଜୀବନ ଜିଇଁବା ମୂଲ୍ୟହୀନ । କାରଣ ପ୍ରତ୍ୟେକ ଲୋକଙ୍କ ସୁଖ, ଦୁଃଖ, ହସ, ଲୁହ ଜୀବନ ଭିତରେ କିଛି ରଙ୍ଗ ସହିତ ନିଜ ଭିତରେ ଟିକେ ନିଜେ ହଜିଯିବା ପାଇଁ ଏ ରଙ୍ଗର ପର୍ବ ଆସିଥାଏ । ତେବେ ଫଗୁଣ ମାସର ଫଗୁ ଖେଳର ମଜା କିଛି ଅଲଗା । ପରସ୍ପରକୁ ରଙ୍ଗ ବୋଳା ବୋଳି ହୋଇ ସ୍ନେହଭରା ଆଲିଙ୍ଗନ କରି ରାଗ, ରୁଷା, ଅଭିମାନକୁ ଭୁଲି ସମସ୍ତେ ପୁଣି ଏକାଠି ହୋଇ ଯେଉଁ ହୋଲି ଖେଳ ଖେଳନ୍ତି ଏଥିରୁ ଭାଇଚାରା ଭାବ ସୃଷ୍ଟି ହୋଇଯାଏ । ଆଉ ଏମିତିରେ ଜୀବନର ରଙ୍ଗ ପ୍ରତିମୁହୂର୍ତ୍ତରେ ବଦଳେ ହେଲେ ଏଠି ମଣିଷ କେବଳ ଫଗୁଣର ରଙ୍ଗକୁ ଅପେକ୍ଷା କରିଥାଏ । ଏବଂ କିଛି ପ୍ରେମୀ ଯୁଗଳ ଫଗୁଣର ଫଗୁ ଖେଳିବା ବାହାନାରେ ସିନ୍ଥିରେ ସିନ୍ଦୁର ଦେଇ ହୋଲି ଖେଳିବାର ବାହାନା ଖୋଜନ୍ତି । ଆଉ କିଛି ଲୋକ ଗୁରୁଜନ ମାନଙ୍କ ପାଦରେ ଫଗୁ ଥୋଇ ଆଶୀର୍ବାଦ ନିଅନ୍ତି । ଆମେ କେବଳ ଫଗୁଣର ଫଗୁ ଖେଳ କଥା କହିଦେଲେ ହେବନି ବରଂ ଫଗୁଣ ମାସର ଫଗୁଖେଳ ସବୁ ସମ୍ପର୍କକୁ ଏକତା ସୂତ୍ରରେ ବାନ୍ଧି ରଖି ସମ୍ପର୍କର ଆଉ ଏକ ନୂଆ ପରିଚୟ ଦେଇଥାଏ ।

ସମ୍ପର୍କର ରଙ୍ଗ ବେଳେବେଳେ ଫିକା ହୋଇଯାଏ ସେଥିପାଇଁ କିଛି ଲୋକ ନିଜ ଆତ୍ମୀୟସୋଜନଙ୍କୁ ଧୋକା ଦେଇଦିଅନ୍ତି । ସୁଖ-ଦୁଃଖ, ରୋଗ-ଭୋଗ, ମାନ-ଅଭିମାନ ସବୁବେଳେ ରହେ ନାହିଁ ସମସ୍ତଙ୍କ ପାଖରେ । ସେଥିପାଇଁ କିଛି ମଣିଷ ବଞ୍ଚନ୍ତି ନିଜ ଇଚ୍ଛାରେ । ଆମେ ଯେଉଁ ନାଲି, ନେଳି, ଗୋଲାପୀ ରଙ୍ଗ କଥା କହୁଛେ ଏ ରଙ୍ଗ ତ ସମସ୍ତଙ୍କ ମୁହଁକୁ ରଙ୍ଗେଇ ଦେବ ହେଲେ ହୃଦୟ ଭିତରେ ଯେଉଁ ଇସତ୍ ଲାଲ ରଙ୍ଗର ହୃଦୟଟା ଅଛି । ସେ ହୃଦୟଟା ବଞ୍ଚେଇ ପାରିବ କାହାର ନା କାହାର ଗୋଟିଏ ଜୀବନ । ରଙ୍ଗର ପର୍ବ ହୋଲିକୁ ନେଇ ଅନେକ ଲୋକଙ୍କ ଅନେକ ମତ ଥାଏ ଏବଂ ଅନେକ ପୌରାଣିକ କଥା ମଧ୍ୟ ରହିଛି । କିନ୍ତୁ ମୁଁ ବାସ୍ତବ ସତକୁ ଅନୁଧ୍ୟାନ କରି କହୁଛି ଏ ରଙ୍ଗର ପର୍ବ ସମସ୍ତଙ୍କୁ ଏକାଠି କରୁଛି । ଫଗୁଣର ଫଗୁ ପ୍ରେମର ରଙ୍ଗରେ ରଙ୍ଗେଇ ଦିଏ ସାରା ଚଞ୍ଚଳ ମନକୁ । ପରସ୍ପର ରଙ୍ଗ ବୋଳା ବୋଳି ହୋଇ ସବୁ ମାନ ଅଭିମାନକୁ ଭୁଲି ଯେତେବେଳେ ଦୁଇ ଗାଲରେ ଫଗୁଣର ଫଗୁ ବୋଳି ଦେଇ ଆଲିଙ୍ଗନ କରିଦିଅନ୍ତି । ସେତେବେଳେ ଭାରି ଖୁସି ଲାଗେ । ଯେମିତିକି ଏ ଫଗୁଣ ରଙ୍ଗରେ କେବଳ ମନ ରଙ୍ଗେଇ ହୁଏନି ବରଂ ଏ ଫଗୁଣ ରଙ୍ଗରେ ରଙ୍ଗେଇ ହୋଇଯାଏ ସାରା ଜୀବନ । ଆପଣମାନେ ଭାବିବେ ମୁଁ କଣ ପାଇଁ କହିଲି ଫଗୁଣର ରଙ୍ଗରେ ରଙ୍ଗେଇ ହୋଇଯିବ ଜୀବନ । ତେବେ ଫଗୁଣ ରଙ୍ଗରେ ରଙ୍ଗେଇ ହୋଇଯାଏ ସିନା ହାତ, ମୁହଁ, କାନ, ନାକ ପୁରା ଶରୀର ହେଲେ ଜୀବନଟା କେମିତି ରଙ୍ଗେଇ ହେବ ।ଜୀବନ ବି ରଙ୍ଗେଇ ହୁଏ । ଏ ରଙ୍ଗ ସିନା ସାରା ବଦନରୁ କିଛି କ୍ଷଣୀ ପରେ ଲିଭିଯିବ ହେଲେ ହୃଦୟ ଭିତରେ ଯେଉଁ ସ୍ମୃତି ଟିକକ ରହିଥିବ । ସେ ପ୍ରତିମୁହୂର୍ତ୍ତରେ ପ୍ରତି ବର୍ଷରେ ମନେ



ପଡୁଥିବ ଠିକ ଯେମିତି ଆଜିଭଳି ଦିନରେ ଆମେମାନେ ଭେଟ ହୋଇଛେ । ଏ ଫଗୁଣର ରଙ୍ଗକୁ ସ୍ୱାଗତ କରି ଆମେବି ତା ରଙ୍ଗରେ ରଙ୍ଗେଇ ହୋଇଛେ ।'ଫିକା ପଡିଯାଉ ପଛେ ଏ ରଙ୍ଗୋଲିର ରଙ୍ଗ ହେଲେ ଫିକା ନ ପଡୁ ଆମ ହୃଦୟ ଭିତରେ ଥିବା ଏ ରଙ୍ଗର ଦାଗ ଏ ଦାଗ ତମେ ଦେଇଛ ମୋ ଠାରୁ ମୋତେ ଚୋରେଇ ନେଇଛ

ସେଥିପାଇଁ ତ ଏ ଜୀବନରେ ବନ୍ଧୁତା ଭଳି ଏକ ପବିତ୍ର ସମ୍ପର୍କ ଗଢିଛ ।'ତେବେ ଏତ ଥିଲା ମୋ ହୃଦୟର ଏକ ଛୋଟ କବିତା ତଥାପି କହିବି ଫଗୁଣର ଫଗୁ ନେଇ ପ୍ରତିବର୍ଷ ଫଗୁଣ ମାସରେ ଏମିତି ଆସୁଥାଉ । ଏହି ଫଗୁ ଟିକକ ସମସ୍ତଙ୍କ ହାତରେ ଥାଉ । ସେହ୍ନ, ପ୍ରେମ ରହିବା ସହ ଆତ୍ମୀୟତା ଭାବ ରଖିବା ସହ ସଚେତନ ରହି ହୋଲି ଖେଳନ୍ତୁ । ଆଖି, ନାକ, କାନ, ପାଟିକୁ ସୁରକ୍ଷା ଦିଅନ୍ତୁ ଏବଂ ଖୁସିର ମାହୋଲକୁ ସମସ୍ତେ ନିଜ ଆତ୍ମୀୟସୋଜନଙ୍କ ସହ ଉପଭୋଗ କରନ୍ତୁ ।

**ଯୁବ ସାମ୍ବାଦିକା**
**ଦିପ୍ତିମୟୀ ନାୟକ**
୯୦୯୦୬୬୧୫୮୬

# ୧୩୬୮ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଥିଲେ ମାର୍ଟିନ୍

ଗୋପାଳ ମହାପାତ୍ର

ନିର୍ବାଚନ କମିଶନ ଇଲେକ୍ଟୋରାଲ ବଣ୍ଡ ଜରିଆରେ ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଇଥିବା ବ୍ୟକ୍ତିବିଶେଷ/ସଂସ୍ଥାର ନାମ ୧୪ ମାର୍ଚ୍ଚରେ ଜାରି କରିଛନ୍ତି, ୭୬୩ ପୃଷ୍ଠାର ତାଲିକାରେ ହଜାରେ କୋଟିରୁ ଅଧିକ ଚାନ୍ଦା ଦେଇଥିବା ଜଣେ ମାତ୍ର ବ୍ୟକ୍ତି ଅଛନ୍ତି ଓ ସେହି ବ୍ୟକ୍ତିଙ୍କ ନାମ ହେଉଛି ମାର୍ଟିନ ସେଟିୟାଗୋ । ୫୯ ବର୍ଷ ମାର୍ଟିନ୍‌ଙ୍କ କମ୍ପାନୀ ୨୦୧୯ ମସିହା ଏପ୍ରିଲ୍ ୧୨ ତାରିଖଠାରୁ ୨୦୧୪ ଜାନୁୟାରୀ ୧୧ ମଧ୍ୟରେ ରାଜନୈତିକ ଦଳମାନଙ୍କୁ ସର୍ବାଧିକ ୧୩୬୮ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି । ମାର୍ଟିନ ଦେଶରେ ଲଟେରୀ କିଙ୍ଗ୍ ନାମରେ ପରିଚିତ । ଦକ୍ଷିଣ ତାମିଲନାଡୁର ରାମନାଥପୁରମ ଜିଲ୍ଲାରେ ୧୯୬୫ ମସିହାରେ ମାର୍ଟିନ ଜନ୍ମଗ୍ରହଣ କରିଥିଲେ । ଏକ ମଧ୍ୟମ ବର୍ଗୀୟ ପରିବାରରେ ଜନ୍ମ ନେଇଥିବା ମାର୍ଟିନଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥିଲା । ଦାରିଦ୍ର୍ୟ ଭିତରେ ପିଲାବେଳ କଟିଥିଲା । ଦୈନନ୍ଦିନର ଗୁଜୁରାଣ ମେ ।ଇବା କଷ୍ଟକର ହୋଇପଡ଼ିବାରୁ ମାର୍ଟିନଙ୍କୁ କାମ କରିବା ପାଇଁ ମିଁୟାମାରର ୟାଙ୍ଗୁନ ସହରକୁ ଯିବାକୁ ପଡ଼ିଥିଲା । ୧୯୮୮ ମସିହାରେ ମାର୍ଟିନ ମିଁୟାମାରରୁ ତାମିଲନାଡୁ ଫେରି ଆସିଥିଲା । ତାମିଲନାଡୁର କୋଏମ୍ବାଟୁରଠାରେ ସେ ମାର୍ଟିନ ଲଟେରୀ ଏଜେନ୍ସୀ ଲିମିଟେଡ ନାମରେ ଲଟେରୀ ବ୍ୟବସାୟ ଆରମ୍ଭ କରିଥିଲେ । ବ୍ୟବସାୟ ତାର ଭଲ ଚାଲିଥିଲା । ଧିରେ ଧିରେ ମାର୍ଟିନ ଦକ୍ଷିଣ ଭାରତର କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକ ଭଳି ରାଜ୍ୟରେ ଲଟେରୀ ବ୍ୟବସାୟକୁ ଆରମ୍ଭ କରିଥିଲେ ।ମାର୍ଟିନ ଲଟେରୀ ମାର୍ଟିନ ଓ ଲଟେରୀ କିଙ୍ଗ ନାମରେ ପରିଚିତ ହେଲେ । ବର୍ତ୍ତମାନ ମାର୍ଟିନ ଅନେକ କମ୍ପାନୀର ମାଲିକ । ମାର୍ଟିନର ମାଲିକାନାରେ ଥିବା କମ୍ପାନୀ ମାନଙ୍କ ମଧ୍ୟରୁ ଗୋଟିଏ କମ୍ପାନୀ ହେଉଛି ଫ୍ୟୁଚର ଗେମିଙ୍ଗ ଆଣ୍ଡ ହୋଟେଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ । ୧୯୯୧ ମସିହା ଡିସେମ୍ବର ୩୦ ତାରିଖରେ ସ୍ଥାପିତ ହୋଇଥିବା ଏହି କମ୍ପାନୀ ଏବେ ସିକିମ୍, ନାଗାଲ୍ୟାଣ୍ଡ ଏବଂ ପଶ୍ଚିମବଙ୍ଗ ସମେତ ସାରା ଦେଶରେ ଲଟେରୀ ବ୍ୟବସାୟ ଚଳାଇଛି । ଏହି କମ୍ପାନୀ ୧୩୬୮ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ବା ନିର୍ବାଚନୀ ବଣ୍ଡ କିଣିଛି । ଅନ୍ୟ ଅର୍ଥରେ ଏହି କମ୍ପାନୀ ବିଭିନ୍ନ ରାଜେନୈତିକ ଦଳମାନଙ୍କୁ ୧୩୬୮ କୋଟି ଟଙ୍କା ଚାନ୍ଦା ଦେଇଛି । ବିଜିନେସ୍ ଓ୍ୱାଲଡ ଏବଂ ଇକୋନିମିକ୍ ଟାଇମସ ଭଳି ସମ୍ବାଦପତ୍ରରେ ଅନେକବାର ମାର୍ଟିନ ବାବଦରେ ଖବର ପ୍ରକାଶ ପାଇଛି ଓ ଭାରତର ସବୁଠାରୁ ବଡ଼ ବ୍ୟକ୍ତିଗତ କରଦାତା ବୋଲି ଲଲ୍ଲେଖ କରାଯାଇଛି । ମାର୍ଟିନ ଏବେ ଅଲ୍ ଇଣ୍ଡିଆ ଫେଡେରେସନ ଅଫ ଲଟେରୀ ଟ୍ରେଡଆଣ୍ଡ ଆଲାଡେ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ଅଛି । ତାର କମ୍ପାନୀ ଫ୍ୟୁଚର ଗେମିଂଙ୍ଗ ଓ୍ୱାଲଡ ଲଟେରୀ ଆସୋସିଏସନର ସଭ୍ୟ ଅଟେ । ମାର୍ଟିନର ଓ୍ୱେବସାଇଟ ଅନୁସାରେ ସେ ଦାନ କରିବା ଏବଂ କରିବା ଏବଂ ପରୋପକାର କରିବାକୁ ଭଲପାଏ । ତା ସ୍ତ୍ରୀ କୋରେନା ସମୟରେ ତାମିଲନାଡୁ ସରକାରଙ୍କୁ ମାର୍ଟିନ ଗ୍ରୁପ ତରଫରୁ କୋଟି କୋଟି ଟଙ୍କା ଦାନ କରିଥିଲେ ।କେରଳ ଲୋକଙ୍କର ଲଟେରୀ ଟିକଟ କିଣିବାର ଆଗ୍ରହ ଅଧିକ । ଏହି ଲଟେରୀରୁ ସରକାର ମଧ୍ୟ ଅଧିକ ରାଜସ୍ୱ ପାଇଥାନ୍ତି । ବିଗତ ଏକ ଦଶନ୍ଧି ମଧ୍ୟରେ ଲଟେରୀରୁ ରାଜ୍ୟସରକାରଙ୍କୁ ମିଳୁଥିବା ରାଜସ୍ୱ ୧୦ ଗୁଣ ବଢିଛି । ଇଣ୍ଡିଆନ ଏକ୍ସପ୍ରେସର ଏକ ଖବର ଅନୁସାରେ ୨୦୧୧ ମସିହାରେ ଲଟେରୀ ଧନ୍ଦାରୁ କେରଳ ସରକାର ୫୫୭ କୋଟି ଟଙ୍କାର ରାଜସ୍ୱ ପାଇଥିଲେ । ୨୦୧୫ ବେଳକୁ ଏହି ରାଜସ୍ୱ ବାବଦ ଅର୍ଥ ବଢିଯାଇ ୫୬୯୬କୋଟି ଟଙ୍କାରେ ପହଞ୍ଚିଥିଲା । ୨୦୨୦ ମସିହା ବେଳକୁ ଏହା ୯୯୭୪ କୋଟି ଟଙ୍କାରେ ପହଞ୍ଚିଥିଲା । କେରଳର ବାମପନ୍ଥୀ ସରକାର ସହ ମାର୍ଟିନର ଭଲ ସମ୍ପର୍କ ଥିଲା । ଡିଏମ୍‌କେ ସହ ମଧ୍ୟ ସମ୍ପର୍କ ଭଲ ଥିଲା । ୨୦୧୧ରେ ମାର୍ଟିନ ୨୦ କୋଟି ଟଙ୍କା ବ୍ୟୟରେ ଏକ ତାମିଲ ଫିଲ୍ମର ପ୍ରଯୋଜନା କରିଥିଲା । ଏହାର କାହାଣୀ ଲେଖିଥିଲେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଏମ୍ କରୁଣାନିଧି । ସୋଭିଏତ ସଙ୍ଘ ସମୟର ଋଷ ଲେଖକ ଗୋର୍କିଙ୍କ ଉପନ୍ୟାସ ଦି ମଦର ଉପରେ ଫିଲ୍ମଟି ଆଧାରିତ ଥିଲା । ଏଆଇଡିଏମ୍‌କେ ଶାସନକୁ ଆସିବା ପରେ ଜମି ଜବରଦଖଲ ମାମଲାରେ ମାର୍ଟିନ ଗିରଫ ହୋଇ ଜେଲ ଯାଇଥିଲା । ଜୟଲଳିତାଙ୍କ ସରକାର ମାର୍ଟିନ ନାମରେ ଗୁଣ୍ଡା ଆଇନୀ ମାମଲା ଦରଜ କରିଥିଲେ ଓ ୮ ମାସ ଜେଲରେ ରହିବା ପରେ ମାଡ୍ରାସ ହାଇକୋର୍ଟରୁ ସେ ଜାମିନରେ ଆସିଥିଲା ।ପରବର୍ତ୍ତୀ ସମୟରେ ଡିଏମ୍‌କେ ସହ ମାର୍ଟିନର ସମ୍ପର୍କ ବିଗିଡ଼ି ଯାଇଥିଲା । ମାର୍ଟିନର ସ୍ତ୍ରୀ ୨୦୧୨ ମସିହାରେ ଇଣ୍ଡିଆ ଜନନାଏଗାକାଚି ନାମକ ଏକ ରାଜନୈତିକ ଦଳରେ ସାମିଲ ହୋଇଥିଲା । ୨୦୨୪ର ଲୋକସଭା ନିର୍ବାଚନ ପୁର୍ବରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମୋଦୀ କୋଏମ୍ବାଟୁର ଠାରେ ଏକ ରାଲିକୁ ସମ୍ବୋଧିତ କରିଥିଲେ । ସେ ସମୟରେ ମୋଦୀଙ୍କ ସହ ମଞ୍ଚରେ ମାର୍ଟିନର ସ୍ତ୍ରୀ ଲିମା ମଧ୍ୟ ଥିଲା ।୨୦୦୮ ମସିହାରେ ସିକିମ ସରକାର ମାର୍ଟିନ ନାମରେ ୪୫୦୦ କୋଟି ଟଙ୍କାର ଠକେଇ ଅଭିଯୋଗ ଆଣିଥିଲେ । ୨୦୧୧ରେ ତାମିଲନାଡୁ ସରକାର ଏବଂ କର୍ଣ୍ଣାଟକ ସରକାର ଅବୈଧ ଲଟେରୀ କାରବାର ବାବଦରେ ତଦନ୍ତ କରିଥିଲେ । ୨୦୧୩ରେ କେରଳ ପୋଲିସ ମାର୍ଟିନର ଘର ଉପରେ ଚଢଉ କରିଥିଲେ । ୨୦୧୫ରେ ଆୟକର ବିଭାଗ ମଧ୍ୟ ଚଢଉ କରିଥିଲେ । ୨୦୧୬ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ମାର୍ଟିନର ଘର ଓ ଅଫିସ ଉପରେ ଚଢଉ ହୋଇଥିଲା । ୨୦୧୮ରେ ସିବିଆଇ ମଧ୍ୟ ମାର୍ଟିନ ସମ୍ପର୍କରେ ତଦନ୍ତ କରିଥିଲା ।୨୦୨୨ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାର୍ଟିନର ୪୦୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲେ । ୨୦୨୩ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ମାର୍ଟିନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସିକିମ ସରକାର ମାର୍ଟିନର ୪୫୭ କୋଟି ଟଙ୍କା ମଧ୍ୟ ଜବତ କରିଥିଲେ । ଏ ହେଉଛି ରାଜନୈତିକ ଦଳମାନଙ୍କୁ ୧୩୬୮ କୋଟି ଟଙ୍କା ଚାନ୍ଦା ଦେଇଥିବା ମାର୍ଟିନ ସେଟିୟାଗୋଙ୍କ ଇତିବୃତ୍ତି । ଏକ ସମୟରେ କାମ କରିବା ପାଇଁ ମିଁଆମାର ଯାଇଥିବା ମାର୍ଟିନ ଏବେ ବହୁ କୋଟି ଟଙ୍କାର ମାଲିକ ।

### ପେଣ୍ଡରାବନ୍ଧ ପୋଲ ଉପରେ ଟ୍ରକଅଚଳ

# ୫ ଘଣ୍ଟା ଧରି ରାଜପଥ ଅବରୋଧ



**ନୂଆପଡ଼ା(ଅମୃତ ମିଡିଆ) :** କୋମନା ବ୍ଲକ ପେଣ୍ଡରାବନ୍ଧ ପୋଲରେ ଏକ ମାଲ ବୋଝେଇ ଟ୍ରକ ଅଚଳ ହୋଇପଡ଼ିଛି। ଫଳରେ ୫ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହେବା ଯୋଗୁଁ ନୂଆପଡ଼ାରୁ ଖଡ଼ିଆଳ ଯାତାୟାତ ଠପ୍ ହୋଇଛି। ଅପରାହ୍ନ ୨ଟାରେ ରାୟପୁର-ଗୋପାଳପୁର ଜାତୀୟ ରାଜପଥ ୩୫୩ ଉପରେ ଖଡ଼ିଆଳ ପଟୁ ବିଶାଖାପାଟଣାରୁ ରାୟପୁର ଲୁହାଗୁଣ୍ଡ ନେଇ ଏକ ଟ୍ରକ ଯାଉଥିଲା। ପେଣ୍ଡରାବନ୍ଧ ପୋଲ ଉପରେ ଟ୍ରକର ଚକ ଫାଟିଯିବା ସହ ପଟା ଭାଙ୍ଗି ଯାଇଥିଲା । ଫଳରେ ଅଣଓସାରିଆ ପୋଲରେ ରାଜପଥ ଅବରୋଧ ହୋଇଥିଲା। ବସ, ଟ୍ରକ ଭଳି ଭାରୀଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାବେଳେ କେବଳ ବାଇକ ଯିବା ଆସିବା କରୁଥିଲା। କୋମନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ଏହି ଅଚଳ ଟ୍ରକକୁ ରାସ୍ତାରୁ ହଟାଇବା ପାଇଁ ବହୁ ଉଦ୍ୟମ କରିଥିଲେ ସୁଦ୍ଧା ସଫଳତା ମିଳିନଥିଲା ଓ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା ଓ ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାର ଯାତ୍ରୀମାନେ ବହୁ ହଇରାଣ ହରକତ ହୋଇଥିବା ଦେଖାଯାଇଥିଲା। ପରେ ସନ୍ଧ୍ୟା ୭ଟାରେ ଲୁହାଗୁଣ୍ଡ ବୋଝେଇ ଅଚଳ ଟ୍ରକରୁ ମାଲ ଖାଲି କରି ରାଜପଥରୁ ହଟାଯାଇଥିଲା। ବର୍ତ୍ତମାନ ଯାତୟାତ ସ୍ୱାଭାବିକ ହୋଇଛି।

# ପ୍ରାକୃତିକ ସୌନ୍ଦର୍ଯ୍ୟର ଶୋଭା ବଢ଼ାଉଛି ପଳାସଫୁଲ

**କଳାହାଣ୍ଡି(ଅମୃତ ମିଡିଆ) :** ଋତୁରାଜ ବସନ୍ତର ଆଗମନରେ କଳାହାଣ୍ଡି ଜିଲ୍ଲାରେ ସୁନ୍ଦର ଭାବରେ ପଳାସ ଫୁଲର ସମ୍ଭାର ଦେଖିବାକୁ ମିଳିଥିବା ବେଳେ ପୃଥିବୀର ପ୍ରାକୃତିକ ସୌନ୍ଦର୍ଯ୍ୟର ଶୋଭାକୁ ଦ୍ୱିଗୁଣିତ କରୁଛି ଏହି ପଳାସଫୁଲ । ନାଲି ରଙ୍ଗର ଏହି ପଳାସଫୁଲ ଏବେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବିଲ, ବାଡି , ପୋଖରୀ ହୁଡା, ରାସ୍ତାକଡରେ ଦେଖିବାକୁ ମିଳୁଛି ଏହି ପଳାସଫୁଲ । ସବୁଆଡେ ଅପୁର୍ବ ସୌନ୍ଦର୍ଯ୍ୟର ମନୋରମ ଦୃଶ୍ୟ ଦେଖିବାକୁ ମିଳୁଛି । ସକାଳର ସୂର୍ଯ୍ୟକିରଣର ନାଲି ରଙ୍ଗରେ ରଙ୍ଗିନ ହୋଇ ଝରିପଡୁଛି ପ୍ରକୃତିର ଅପରୂପ ଦୃଶ୍ୟ । ଗାଁ ହିଡ, ଚାଷଜମି, ପୋଖରୀ ତୁଠ ସବୁଠି ଏବେ ପଳାସଫୁଲର ସମ୍ଭାର । ଥିରିଥିରି ପବନରେ ଉତଫୁଲିତ ହୋଇ ଉଠୁଛି ଧରଣୀ ରାଣୀ । ଚାରିଆଡେ ପକ୍ଷୀମାନଙ୍କ



କଚିରି ମିଚିରି ଶବ୍ଦ ସାଙ୍ଗକୁ ମନମତାଣିଆ ସ୍ୱର । କ୍ଳାନ୍ତ କୃଷକଟିଏ ହେଉ ଅବା ପଥିକଟିଏ ପଳାସଫୁଲକୁ ଦେଖି କ୍ଷଣିକ ପାଇଁ ଭୁଲିଯାଏ ଦୁଃଖକଷ୍ଟ । ଭରିଦିଏ ମନରେ ଅସୁମାରି ଆନନ୍ଦ । ଖାଲି ସେତିକି ନୁହେଁ ପ୍ରକୃତି ସହିତ ପରିବେଶର ପରିପୂରକ ଅପୂର୍ବ ମନୋରମ ଦୃଶ୍ୟକୁ ଦେଖି କେତେ କବି ଆତ୍ମହରା ହୋଇଛନ୍ତି ତ ଭାବୁକ ହୋଇଛନ୍ତି ଭାବମୟ । ବସନ୍ତ ଋତୁରେ ପରିବେଶକୁ ବିମୋହିତ କରିଦେଇଛି ପଳାସଫୁଲ । ପ୍ରଭାତର ସୁନେଲି କିରଣରେ ଆଲୋକିତ ହୋଇଥାଏ ପଳାସଫୁଲ ।ଦୂରରୁ ଦେଖାଯାଏ ନାଲି ଚାଦର ଭଳି । ଆକାଶର ଭଷା ବାଦଲ ଓ ପୃଥିବୀର ଚିକଚିକ୍ କରୁଥିବା ପଳାସଫୁଲ ସତେ ଯେମିତି ସ୍ୱରସ୍ୱରକୁ ଚାହିଁ ରହିଛନ୍ତି ଚାତକ ପରି । ପ୍ରକୃତିର ଏହି ମନୋରମ ଅପୁର୍ବ ଦୃଶ୍ୟ ଧରଣୀରାଣୀ କୋଳରେ ବେଶ ଶୋଭା ପାଉଛି ।ପ୍ରାଚିନ ଭାରତୀୟ ତନ୍ତ୍ର ପରମ୍ପରାରେ ପଳାସଫୁଲର ବେଶ୍ ଗୁରୁତ୍ୱ ରହିଛି । ପଶ୍ଚିମ ଓଡ଼ିଶାରେ ଆଜି ମଧ୍ୟ ଅବିଚାର ତନ୍ତ୍ରଧାରା ବଞ୍ଚିରହିଛି ଓ ଏଥିରେ ବିଭିନ୍ନ ଦେବାଦେବୀଙ୍କୁ ମଦ୍ୟ, ବଳୀ ଆଦି ପ୍ରଦାନ କରାଯାଇ ଉପାସନା କରାଯାଏ ।ଚୈତ୍ରମାସରେ ଏହି ଧାରାର ଅନେକ ଦେବାଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ ଓ ଏଥିରେ ପଳାସଫୁଲ ଲାଗି କରାଯାଇଥାଏ । ଏମିତି ଭାବରେ ପଳାସଫୁଲ ଧାର୍ମିକ ପରମ୍ପରାରେ ମଧ୍ୟ ସାମିଲ୍ ହୋଇଥାଏ। ପଳାସ ଗଛଟି ଖାଲି ସେତିକି ନୁହେଁ ମୂଳ ଠାରୁ ଡାଳ ପର୍ଯ୍ୟନ୍ତ ସବୁରେ ଏହାର ଔଷଧୀୟ ଗୁଣ ରହିଛି ।ତେଣୁ ଆଦିବାସୀ ଅଞ୍ଚଳର ମହିଳା ମାନଙ୍କୁ ପଳାସଫୁଲ ଓ ଫଳ ଋତୁ କାଳିନ ଭାବେ ସାମୟିକ ରୋଜଗାର ମଧ୍ୟ ଦେଇଛି ।

# ଐତିହ୍ୟ ପରମ୍ପରାର ନିଦର୍ଶନ ହୋଲି ଓ ଦୋଳ ପର୍ବ

**ଭଗବାନ କୃଷ୍ଣ ମଧ ଶ୍ରୀରାଧା ଓ ଗୋପୀଙ୍କ ସହ ରଙ୍ଗ ଖେଳୁଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ସେହିପରି ଫାଲଗୁନ୍ ପୂର୍ଣ୍ଣିମା ଦିନ ପାଳିତ ହେଉଥିବା ଦୋଳ ପର୍ବ ଓଡ଼ିଶାର ପରମ୍ପରା ଓ ଇତିହାସ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହାକୁ ନେଇ ଆଲେଖ୍ୟ କରିଛନ୍ତି ପ୍ୟାରିଲାଲ ଦୁର୍ଗା...**

**କଳାହାଣ୍ଡି(ଅମୃତ ମିଡିଆ) :** ଋତୁରାଜ ବସନ୍ତର ପବିତ୍ର ଆଗମନ ସହ କୋଇଲିର କୁହୁ କୁହୁ ପବିତ୍ର ଧ୍ୱନି ଓ ଆମ୍ରବୃକ୍ଷର କୁନିକୁନି କଳିକା ଭିତରେ ପ୍ରେମମୟ ଶ୍ରୀକୃଷ୍ଣ ଓହ୍ଲାନ୍ତି ଦୋଳଯାତ୍ରାରେ। ବିମାନରେ ଝୁଲି ଝୁଲି ପ୍ରେମର ଯୁଗଳମୂର୍ତ୍ତି ଶ୍ରୀକୃଷ୍ଣ ଓ ଶ୍ରୀରାଧା କୃଷ୍ଣପ୍ରେମୀଙ୍କୁ ଦିବ୍ୟାଶୀର୍ବାଦ ଦେବା ପାଇଁ ଘରେ ଘରେ ପହଞ୍ଚି ଓଡ଼ିଆଣୀର ହାତ ତିଆରି ପିଠାପଣା ପାଇବାକୁ ଭୁଲିନଥାନ୍ତି ।ଫାଲଗୁନ୍ ଶୁକ୍ଳ ଦଶମୀ ତିଥିଠାରୁ ସାଧାରଣତଃ ଓଡ଼ିଆ ଜନଜୀବନରେ ଦୋଳଯାତ୍ରା ଆଧାତ୍ମିକ ଭକ୍ତିପୂତ ପରିବେଶରେ ଆରମ୍ଭ ହୋଇଥାଏ । ଏହି ପର୍ବର ମୁଖ୍ୟ ଆରାଧ ଠାକୁର ପ୍ରେମମୟ କୃଷ୍ଣ ଓ ରାଧାଙ୍କ ନିକଟରେ ଅବିର ଅର୍ପଣ କରାଯାଇ ରାଧାକୃଷ୍ଣ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ଚିତ୍ତାକର୍ଷକ ସାଜସଜା ସହିତ ଘରେ ଘରେ ପ୍ରସାଦ ପାଇଁ ବିଜେ କରିଥାଆନ୍ତି। ଦୋଳପୂର୍ଣ୍ଣିମାର ପାଞ୍ଚ ଦିନ ପୂର୍ବରୁ ପଞ୍ଚୁ ଦୋଳ ଏବଂ ଦୋଳ ପୂର୍ଣ୍ଣିମା ପରେ ମଧ କେତେକ ସ୍ଥାନରେ ଏହି



ପର୍ବ ପାଳିତ ହୋଇଥାଏ। ଦୋଳ ପର୍ବରେ ରାଧାଗୋବିନ୍ଦଙ୍କ ମେଳଣ ଅନୁଷ୍ଠିତ ହୋଇଥାଏ। ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ବିମାନରେ ବସାଯାଇ ବୁଲାଯାଇଥାଏ ଓ ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଦୋଳଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ଦୋଳ ଉତ୍ସବ ହିନ୍ଦୁ ସମାଜକୁ ଏକତା, ସଂଗଠନ, ଧର୍ମରକ୍ଷା, ତ୍ୟାଗ, ତପସ୍ୟା ଓ ଐତିହାସିକ ପରମ୍ପରାକୁ ସୁରକ୍ଷା ଦେବା ଲାଗି ସର୍ବଦା ତତ୍ପର ରହିବାକୁ ଶିକ୍ଷା ଦେଇଥାଏ। ଦୋଳଯାତ୍ରାର ପ୍ରଥମ ଦିନକୁ ଫଗୁ ଦଶମୀ କୁହାଯାଇଥାଏ । ଏହା ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରେ ପାଳିତ ହୁଏ । ଫଗୁ ଦଶମୀ ପରଠାରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଚାଚେରୀ ଲୀଳା ଆରମ୍ଭ ହୋଇଥାଏ । ଫଗୁ ଦଶମୀ ଦିନ ଦୋଳବିମାନରେ ମଦନମୋହନ ଓ ଲକ୍ଷ୍ମୀ, ସରସ୍ୱତୀ ଦୋଳବେଦୀକୁ ବିଜେ କରିଥାନ୍ତି । ଏମାନେ ପାଲିଙ୍କିରେ ବସି ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭ ଉଦ୍ୟାନକୁ ଚାଚେରା ଖେଳିବାକୁ ଯାଆନ୍ତି । ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଦୋଳବେଦୀରେ ପହଞ୍ଚିବା ପରେ ଫଗୁ ଲାଗି ହୋଇଥାଏ। ସେଠାରେ ସୁବାସିତ ପୁଷ୍ପ ଓ ଲାଲ୍ ବେଶରେ ପୂଜାର୍ଚ୍ଚନା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି ।ପବିତ୍ର ହୋଲି ଉତ୍ସବ ଓଡ଼ିଶାରେ ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରୁ ଆରମ୍ଭ ହୋଇଥାଏ । ଏହି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର 'ଚାଚେରୀ ବେଶ' ହୁଏ । ଦୋଳ ଉତ୍ସବ ଉପଲକ୍ଷେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଦୋଳ ମଣ୍ଡପକୁ ବିଜେ କରନ୍ତି । ଦୋଳ ପୂର୍ଣ୍ଣିମାରେ ଶ୍ରୀ ମହାପ୍ରଭୁଙ୍କର ରାଜବେଶ ଅନୁଷ୍ଠିତ ହୁଏ ଓ ଶ୍ରୀଚୈତନ୍ୟଦେବଙ୍କ ଜନ୍ମ ଦୋଳ ପୂର୍ଣ୍ଣିମାରେ ହୋଇଥିବାରୁ ଗୌଡ଼ୀୟ ମତାବଲମ୍ବୀ ଭକ୍ତଗଣ ଏହି ଦିନଟିକୁ ମହୋତ୍ସବର ଦିନ ରୂପେ ପାଳନ କରିଥାନ୍ତି । ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଦୋଳଯାତ୍ରା ବା ହୋଲି ଆରମ୍ଭ ହେଉଥିଲେ ହେଁ ଦୋଳପୂର୍ଣ୍ଣିମା ଦିନ ମେଳଣ ସମାପ୍ତ ହୋଇଥାଏ। ଦୋଳପୂର୍ଣ୍ଣିମା ପରେ ଅନେକ ସ୍ଥାନରେ ମେଳଣ ମହୋତ୍ସବ ପାଳିତ ହୁଏ । ଏହାକୁ ଦଶ ଦୋଳ କୁହାଯାଏ । ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ। ସମ୍ପ୍ରତି ମାନବୀୟ ମୂଲ୍ୟବୋଧ ଏକ ସନ୍ଧିକ୍ଷଣରେ ପହଞ୍ଚିଥିବା ସମୟରେ ହୋଲିର ପବିତ୍ର ରଙ୍ଗ ସମସ୍ତଙ୍କ ଜୀବନର ପବିତ୍ର ମୁହୂର୍ତ୍ତ ଓ ଦାୟିତ୍ୱବୋଧକୁ ରଙ୍ଗାୟିତ କରିପାରିଲେ ତାହାହିଁ ହେଉଛି ଯଥାର୍ଥ ପବିତ୍ର ହୋଲି ।

### ପୋଖରୀରେ ବିଷ ପକାଇବା ନେଇ ଅଭିଯୋଗ

# ମାଛ ଖାଇ ତିନି ଜଣ ଅସୁସ୍ଥ



**ବାସୁଦେବପୁର(ଅମୃତ ମିଡିଆ) :** ସ୍ଥାନୀୟ ତେନ୍ତୁଳିଆ ଗ୍ରାମ ରେ ମାଛ ଖାଇ ତିନି ଜଣ ଅସୁସ୍ଥ ହୋଇ ଥିବାର ଖବର ମିଳିଛି। ମିଳି ଥିବା ସୂଚନା ଅନୁସାରେ ତେନ୍ତୁଳିଆ ରେ ଥିବା ସାତ ନମ୍ବର୍ ୱାର୍ଡ ରେ ଏକ ପୋଖରୀ ରେ କେହି ଦୁର୍ବୃତ୍ତ ଗତ ରାତିରେ ବିଷ ପକାଇ ଥିବାର ଅଭିଯୋଗ ହୋଇଛି। ସକାଳୁ ସକାଳୁ ମାଛ ଖାଇ ତିନି ଜଣ ଅସୁସ୍ଥ ହୋଇ ବାସୁଦେବପୁର ମେଡିକାଲ ଆସିଥିବାର ଖବର ମିଳିଛି। ତିନି ଜଣ ଅସୁସ୍ଥ ହେଲେ ଅକ୍ଷୟ ମଲ୍ଲିକ, ଶ୍ରୀକାନ୍ତ ଦଳାଇ, ମଧୁସ୍ମିତା ମଲ୍ଲିକ। ଗତ କିଛି ବର୍ଷ ଧରି ଏମିତି ଘଟଣା ଘଟୁଛି ବୋଲି ଜଣା ପଡିଛି, ଆଗରୁ ମଧ ଅଭିଯୋଗ ହୋଇଛି, ଏବେ ମଧ ଅଭିଯୋଗ କରାଯିବ ବୋଲି ଅକ୍ଷୟ ମଲ୍ଲିକ କହିଁଛନ୍ତି। ଉପଯୁକ୍ତ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ଅକ୍ଷୟ ମଲ୍ଲିକ। ଏମିତି ଘଟଣା କୁ ନେଇ ସାଧାରଣ ରେ ଦୃଢ଼ ନିନ୍ଦା କରାଯାଇଛି। ବ୍ୟକ୍ତି ଗତ ହେଉ କି ସରକାରୀ ପୋଖରୀ ରେ ବିଷ ପକାଇବା ଅପରାଧ, ଏଣୁ ଦୁର୍ବୃର୍ତ୍ତକୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହେଉଛି।

# ମତଦାନ ସମ୍ବନ୍ଧୀୟ ଜିଲ୍ଲାପାଳଙ୍କ ବୈଠକ

**ବାରିପଦା(ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ କରିଛନ୍ତି । ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ସକାଳ ୭ଘଟିକାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ମତଦାନ ଚାଲିବ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଧେ କହିଥିଲେ । ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଥିବା ବେଳେ ଏହାକୁ କଡାକଡି ପାଳନ କରିବା ପାଇଁ ଜିଲ୍ଲାପାଳ ରାଜନୈତିକ ଦଳ ଗୁଡିକର ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ । ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ସମ୍ପୂର୍ଣ୍ଣ କରିବା ସହ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ ନେବାକୁ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରି ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ । ସମସ୍ତ ମତଦାନ ବୁଥ ମାନଙ୍କରେ ମହିଳା କର୍ମଚାରୀଙ୍କ ପାଇଁ ଉତ୍ତମ ବ୍ୟବସ୍ଥା ଏବଂ ସମସ୍ତ କର୍ମଚାରୀ ଏବଂ ମତଦାନ କାର୍ଯ୍ୟରେ ସହଯୋଗ କରୁଥିବା ବ୍ୟକ୍ତି ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ମଧ୍ୟ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ । ଉକ୍ତ ବୈଠକରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ଗୁଡିକର ପ୍ରତିନିଧିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉଦୟ କୁମାର ମହାପାତ୍ର, ବାରିପଦା ଉପ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଶ୍ରୀ ଦୁର୍ଗା ଚରଣ ମୁର୍ମୁ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

# ନୂଆପଡ଼ା ବ୍ଲକ୍‌ରେ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୀକ୍ଷା

**ନୂଆପଡା(ଅମୃତ ମିଡିଆ) :** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖରିଆରରୋଡ ଠାରେ ନୂଆପଡ଼ା ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ହେମାସାଗର ମହାନନ୍ଦଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡ଼ା ଶ୍ରୀଯୁକ୍ତ ରୋହିତ ଭୋଇ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ଅରୁଣ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସମସ୍ତ ବିଦ୍ୟାଳୟର ଭିତ୍ତିଭୂମି ମରାମତି ଓ ଉନ୍ନତି ନିମନ୍ତେ ବି ଡି ଓ ନୂଆପଡ଼ା ଆଲୋଚନା କରିଥିଲେ। ସମସ୍ତ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରେ କରାଯାଇଥିବା ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଦ୍ୱିତୀୟ ସମାପ୍ତିସୂଚକ ଆକଳନରେ ୯୫ ପ୍ରତିଶତରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଉପସ୍ଥାନ ସୁନିଶ୍ଚିତ କରିଥିବା ବିଦ୍ୟାଳୟକୁ ପ୍ରଶଂସା ପତ୍ର ପ୍ରଦାନ



କରାଯାଇଥିଲା। ଏହି ଶିକ୍ଷା ବର୍ଷରେ ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କୁ ମଧ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ଶିକ୍ଷା ବର୍ଷରେ ସମସ୍ତ ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମକୁ ସୁସଂଗଠିତ ଭାବରେ ଅନୁଷ୍ଠିତ କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇ ଥିଲେ। ଆସନ୍ତା ଶିକ୍ଷା ବର୍ଷରେ ସମସ୍ତ ବିଦ୍ୟାଳୟରେ ୯୦ ପ୍ରତିଶତ ଛାତ୍ରଛାତ୍ରୀ ଉପସ୍ଥାନ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଜନା ବଦ୍ଧ ଭାବରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷା ପ୍ରଦାନ, ବିଦ୍ୟାଳୟ ପାଣ୍ଠିର ସୁବିନିଯୋଗ, ପାଠ୍ୟ ପୁସ୍ତକ ବଣ୍ଟନ, ଏଫ୍ ଏଲ୍ ଏନ୍, ୟୁ ଡାଇସ ପ୍ଲସ, ଶିକ୍ଷଣ ସାମଗ୍ରୀର ବ୍ୟବହାର... ମଧ୍ୟାହ୍ନ ଭୋଜନର ସୁପରିଚାଳନା, ପାଠ୍ୟ ଟୀକା ଏବଂ ସମୟ ସାରଣୀ ପ୍ରସ୍ତୁତି, ଛାତ୍ରଛାତ୍ରୀଙ୍କ ପ୍ରାକ୍ ମାଟ୍ରିକ ବୃତ୍ତି, ବିଦ୍ୟାଳୟ ସ୍ତରରେ ଉନ୍ନତ ପ୍ରଦର୍ଶନ ଓ ଛାତ୍ର ଛାତ୍ରୀଙ୍କ ସାମଗ୍ରିକ ବିକାଶ ନିମନ୍ତେ ଯୋଜନା ପ୍ରଣୟନ, ବିଦ୍ୟାଳୟ ସମ୍ପତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ, ବୁଥ୍ ହୋଇଥିବା ସମସ୍ତ ବିଦ୍ୟାଳୟରେ ଏ ଏମ ଏଫ୍ କୁ ସୁନିଶ୍ଚିତ କରିବା ଇତ୍ୟାଦି ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ସୁଶାନ୍ତ ଯୋଶୀ ସ୍ୱାଗତ ଜ୍ଞାପନ କରିଥିବା ବେଳେ ବି ଆର୍‌ସିସି ଶ୍ରୀଯୁକ୍ତ ଉତ୍କଳମଣି ଅଗସ୍ତି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏବିଇଓ ଶ୍ରୀଯୁକ୍ତ ଚୈତରାମ ନାଏକ, ଶ୍ରୀମତୀ ଚନ୍ଦ୍ରକଳା ଜଗତ, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଭୋଇ, ଶ୍ରୀ ଯୁକ୍ତ ପ୍ରବୋଧ ହୋତା, ଏକାଉଣ୍ଟାଣ୍ଟ ଶ୍ରୀଯୁକ୍ତ ଦୀନବନ୍ଧୁ କୁମାର, ସି ଆର୍ ସି ସି ଧମକ ମହାନନ୍ଦ ଓ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଏହି ସମୀକ୍ଷା ବୈଠକରେ ନୂଆପଡ଼ା ବ୍ଲକ ବ୍ଲକର ସମସ୍ତ ସି ଆର୍ ସି ସି ଏବଂ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାଣଙ୍କରିଥିଲେ।

# ବାବା ଆଖଣ୍ଡଳମଣି ମନ୍ଦିରର ବରିଷ୍ଠ ସେବାୟତଙ୍କ ପରଲୋକ



**ଧୂଷୁରୀ(ଅମୃତ ମିଡିଆ) :** ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡିରେ ଥିବା ବାବା ଆଖଣ୍ଡଳମଣିଙ୍କ ମନ୍ଦିରର ବରିଷ୍ଠ ସେବାୟତ ଗୋକୁଳାନନ୍ଦ ପାଢୀ ୯୨ବର୍ଷ ବୟସରେ ଦେହ ତ୍ୟାଗ କରିଛନ୍ତି। ସେ ଥିଲେ ଜଣେ ଜ୍ଞାନୀ, ଗୁଣୀ, ନିଷ୍କପଟ, ସରଳ, ପରୋପକାରୀ ତଥା ଉଦାର ହୃଦୟ ସଂପନ୍ନ ବ୍ୟକ୍ତିତ୍ୱ । ସେ ଦୀର୍ଘ ୮୦ ବର୍ଷ ଧରି ବାବା ଆଖଣ୍ଡଳମଣିଙ୍କର ଦୈନନ୍ଦିନ ସେବାପୂଜା କରି ଆସୁଥିଲେ । ଏଥିସହିତ ସେ ମଣିବାବାଙ୍କ ବଡସିଂହାର ବେଶ , ମହାଦୀପ ପ୍ରସ୍ତୁତ, ହରଗୌରୀ ବେଶ କରି ସମସ୍ତଙ୍କ ଶ୍ରଦ୍ଧା ଭାଜନ ହୋଇ ପାରିଥିଲେ। ସ୍ୱର୍ଗତ ପାଢୀ ଜଣେ ମୂର୍ତ୍ତି କାରିଗର ଭାବେ ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ । ନିଜ ହାତରେ ସେ ବିଭିନ୍ନ ମୂର୍ତ୍ତି ଗଠନ କରି ସୁନାମ ଅର୍ଜନ କରିଥିଲେ । ତାଙ୍କ ଦ୍ୱାରା ପ୍ରସ୍ତୁତ ଦୁର୍ଗା, ଗଣେଶ, କାର୍ତ୍ତିକ, ମଙ୍ଗଳା, ଖୁଦୁରୁକୁଣି ଆଦି ମୂର୍ତ୍ତି ପୀଠ ତଥା ପୀଠ ବାହାରେ ବେଶ୍ ଆଦୃତି ଲାଭ କରିଥିଲା । ବାଲ୍ୟକାଳରୁ ସେ ଜଣେ ନିଷ୍ଠା ପରାୟଣ ସେବାୟତ ଭାବେ ନିଜକୁ ପ୍ରତିପାଦିତ କରିଥିଲେ । ପ୍ରତିଦିନ ବେଢାରେ ବସି ନିଜ ହାତଗଢା ପ୍ରଭୁଙ୍କ ବଡ ସିଂହାର ବେଶ ମୂର୍ତ୍ତିକୁ ଭକ୍ତଙ୍କୁ ଦର୍ଶନ କରାଇବା ସହିତ ସମସ୍ତଙ୍କ ମଥାରେ ଚନ୍ଦନ, ତିଳକ ଲଗାଇ ଦେଉଥିଲେ । ଶିବପୁରାଣ ସହ ବହୁ ପୁରାଣ ଓ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମନ୍ତ୍ର ପୁସ୍ତକ ସେ କଣ୍ଠସ୍ଥ କରିଥିଲେ । ବୟସର ଅପରାହ୍ନରେ ମଧ ସେ ପ୍ରଭୁଙ୍କ ସେବାରେ ନିଜକୁ ସମର୍ପଣ କରିଥିଲେ। ମଣିବାବାଙ୍କ ଆବିର୍ଭାବ ବୃତ୍ତାନ୍ତ ଜଣାଣକୁ ସେ ପ୍ରତିଦିନ ସନ୍ଧ୍ୟାରେ ମନ୍ଦିର ପରିସରରେ ଗାନକରି ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ । ମୃତ୍ୟୁ ପୂର୍ବରୁ ନିଜର ୧୧ ବର୍ଷୀୟ ନାତିକୁ ଜଣେ ନିଷ୍ଠାପର ସେବାୟତ ଭାବେ ଗଢି ତୋଳିବାକୁ ସେ ସ୍ୱପ୍ନ ଦେଖିଥିଲେ। ଆସନ୍ତା ୨୭ ତାରିଖରେ ସେ ନାତି ଗୌରବର ବ୍ରତୋପନୟନ କାର୍ଯ୍ୟ କରିବାର ସମସ୍ତ ଅ ?ାୟୋଜନ କରିଥିଲେ । ନିଜ ନାମରେ ମଧ ନିମନ୍ତ୍ରଣ ପତ୍ର ଛପାଇଥିଲେ । ହେଲେ ତାଙ୍କ ସ୍ୱପ୍ନ ସବୁଦିନ ପାଇଁ ଅଧୂରା ହୋଇ ରହିଗଲା। ନାତି ବ୍ରତୋପନୟନ ପୂର୍ବରୁ ସେ ଆରପାରିକୁ ଚାଲିଯାଇଥିଲେ । ତାଙ୍କ ବିୟୋଗରେ ଆରଡିପୀଠ ସମେତ ବାରପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପିପିଲିରେ ଜାଗୃତି ମହୋତ୍ସବ ଉପଲକ୍ଷେ ପ୍ରତିଭା ଅନ୍ୱେଷଣ-୨୦୨୪ ମହାମୁକାବିଲା



**ପିପିଲି (ଅମୃତ ମିଡିଆ):** ଆସନ୍ତା ଅପ୍ରେଲ ୯ତାରିଖ ଠାରୁ ୧୧ତାରିଖ ପର୍ଯ୍ୟନ୍ତ ପିପିଲି ରେ ହେବ ଜାଗୃତି ମହୋତ୍ସବ ୨୦୨୪ । ଓଡିଆ ନବବର୍ଷ ସଂସ୍କୃତି ପରମ୍ପରା କୁ ଉଜ୍ଜୀବିତ କରିଆସୁଥିବା ପିପିଲି ର ଅଗ୍ରଣୀ ଅନୁଷ୍ଠାନ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଏହି ମହୋତ୍ସବ ପାଳନ କରାଯାଉଥିବା ବେଳେ ଏନେଇ ଆଜି ପିପିଲି ଇନ୍ଦିରା ମୈଦାନ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହାଇସ୍କୁଲ ସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୀତ, ଚିତ୍ରାଙ୍କନ, କ୍ୱିଜ୍ , ଦଳଗତ ନୃତ୍ୟ, ବକ୍ତୃତା, ହାସ୍ୟ ଅଭିନୟ ଓ ଭଏସ ଅଫ ଜାଗୃତି ଆଦି ୭ଟି ବିଭାଗରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପ୍ରତିଯୋଗୀତା କରାଯାଇଥିଲା । ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ମେରିଡିଆନ ସ୍କୁଲ ର ଅଧ୍ୟକ୍ଷ ଦେବାଶିଷ ପଣ୍ଡା , ଅବସରପ୍ରାପ୍ତ ଅଧ୍ୟାପିକା ଜ୍ୟୋତିର୍ମୟୀ ନନ୍ଦ, ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଯୋଗୀତା ରେ ପିପିଲି ର ପ୍ରାୟ ୧୪ଟି ହାଇସ୍କୁଲ ର ୧୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରି ନିଜ ନିଜର ସୁନ୍ଦର ପ୍ରତିଭାକୁ ପରିପ୍ରାଦନ କରିଥିଲେ । ଏଥିରେ ବିଚାରକ ଭାବେ ସଂଗୀତ ନିର୍ଦ୍ଦେଶକ ସଚ୍ଚିକାନ୍ତ ନାୟକ, ଦେବେନ୍ଦ୍ର ତରାଇ, ନୃତ୍ୟଗୁରୁ ଜଗନ୍ନାଥ ମଲ୍ଲିକ ,ସଂଯୁକ୍ତା ମହାପାତ୍ର, ଅଭିନେତା ସୁରେନ୍ଦ୍ର ପୁଷ୍ପାଳକ, ଇଂ ରମେଶ ଚନ୍ଦ୍ର ଶତପଥୀ, ସସ୍ମିତା ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରତିଭା ଅନ୍ୱେଷଣ କରିଥିବା ବେଳେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଆଗାମୀ ୩ଦିନିଆ ଜାଗୃତି ମହୋତ୍ସବରେ ସ୍ଥାନ ଦିଆଯିବା ସହ ନିଜ ପ୍ରତିଭା ସର୍ବଜାନିନ କରାଯାଇ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ପ୍ରଭାତ ମହାପାତ୍ର କହିଛନ୍ତି । କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର କୋଷାଧ୍ୟକ୍ଷ ମୁନୁ ଅଗ୍ରୱାଲ, ବରିଷ୍ଠ ସଭ୍ୟ ବିକାଶ ଅଗ୍ରୱାଲଙ୍କ ସହ ସମସ୍ତ ସଭ୍ୟ ସଭ୍ୟା ମାନେ ପରିଚାଳନା କରିଥିଲେ ।

## ବିଜେପି ପକ୍ଷରୁ ମୋଦିଙ୍କ ଗ୍ୟାରେଣ୍ଟି କୃଷକ ପଞ୍ଚାୟତ ସମାବେଶ



**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ଉପଖଣ୍ଡ ଘସିପୁରା ନିର୍ବାଚନ ମଣ୍ଡଳୀ କେଶଦୁରାପାଳ ବାଲିଯାତ୍ରା ପଡିଆଠାରେ ମୋ ପରିବାର କୃଷକ ପରିବାର କାର୍ଯ୍ୟକ୍ରମ ଖାଲିଆମେଣ୍ଟା ମଣ୍ଡଳର ବିଭିନ୍ନ ପଞ୍ଚାୟତର କୃଷକମାନଙ୍କୁ ନେଇ କେନ୍ଦୁଝର ଜିଲ୍ଲା ବୁଦ୍ଧିଜୀବୀ ସେଲ ସଂଯୋଜକ ଡ଼ ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଉନ୍ମୋଚିତ କୃଷକ ପଞ୍ଚାୟତର ନୂତନ ଦିଗନ୍ତ ସାଧାରଣ ଚାଷୀ ମାନଙ୍କ ପାଇଁ ଏକ ଅଭିନବ ପ୍ରୟାସ ବୋଲି ସଭାରେ ଯୋଗଦେଇଥିବା ରାଜ୍ୟ କୃଷକମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ ମହେଶ୍ୱର ସାହୁ ମତବ୍ୟକ୍ତ କରିବା ସହ ସାରା ରାଜ୍ୟରେ କୃଷକ ମାନଙ୍କର ମେରୁଦଣ୍ଡକୁ ସସକ୍ତ କରାଇବାର ନିଆଁରା ପ୍ରୟାସକୁ ଶ୍ରୀ ସାହୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ । ଏଥିରେ ଜିଲ୍ଲା ବ୍ୟବସାୟୀ ସେଲର ସଂଯୋଜକ ବାଇଧର ଚିନ୍ହାଙ୍କ ସଂଯୋଜନାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷକ ମୋର୍ଚ୍ଚା ପ୍ରଭାରୀ ଶଙ୍କର୍ଷଣ ଜେନା ,ବିଧାନସଭା ପ୍ରଭାରୀ ସୁବ୍ରତ ମହାନ୍ତି, ଜିଲ୍ଲା କୃଷକ ମୋର୍ଚ୍ଚ ସାଧାରଣ ସମ୍ପାଦକ ରାଜେଶ କୁମାର ସିଂ, ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଯୋଗଦେଇ କୃଷି ଓଡ଼ିଶାର ମେରୁଦଣ୍ଡ ବୋଲି ନିଜର ମତବ୍ୟକ୍ତ କରି ମୋଦି ସରକାରଙ୍କର ଓଡିଶା ରାଜ୍ୟର ଚାଷୀକୁଳଙ୍କ ପାଇଁ ଏକ ସତନ୍ତ୍ର ଅବଦାନ ବୋଲି ଅଭିହିତ କରିଥିଲେ । କୃଷକ ପଞ୍ଚାୟତ ପାଇଁ ରାଜ୍ୟ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ପତ୍ରକ ଉପସ୍ଥିତ ଜନସାଧରଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ସର୍ବଶେଷରେ ୨୦୨୪ ନିର୍ବାଚନରେ ଭାରତୀୟ ଜନତା ପାର୍ଟିକୁ କ୍ଷମତା ସିନ କରାଇବା ପାଇଁ ଡ଼ ରାଉତ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ ।ଶେଷରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ପୁହାଣ ସମସ୍ତ ଅତିଥି ତଥା ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

## ରାଜ୍ୟ ବାର୍ କାଉନସିଲ ସଦସ୍ୟଙ୍କୁ ଭଞ୍ଜନଗର ଓକିଲ ସଂଘର ସମ୍ବର୍ଦ୍ଧନା



**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ଓକିଲ ସଂଘ ପକ୍ଷରୁ ରବିବାର ରାଜ୍ୟ ବାର୍ କାଉନସିଲ ସଦସ୍ୟ ନିର୍ବାଚିତ ଭୁବନେଶ୍ୱର ଓକିଲ ସଂଘ ର ସଦସ୍ୟ ତପନ କୁମାର ବିଶ୍ୱାଳ ଙ୍କୁ ଉଷ୍ଣସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଓକିଲ ସଂଘ ସଭାପତି ଅଭିମନ୍ୟୁ ଗୌଡ଼ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରଜତ କୁମାର ଦାଶ, ସଂପାଦକ ହରେକୃଷ୍ଣ ମହାପାତ୍ର, ସହ ସଂପାଦକ ଚନ୍ଦ୍ରମଣି ମହାପାତ୍ର ଓ କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ । ଓକିଲ ସଂଘ ପକ୍ଷରୁ ସଭାପତି ଅଭିମନ୍ୟୁ ଗୌଡ଼ ରାଜ୍ୟ ବାର୍ କାଉନସିଲ ସଦସ୍ୟ ତପନ କୁମାର ବିଶ୍ୱାଳ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ ବର୍ତ୍ତମାନ ଓକିଲ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ । ବାର୍ କାଉନସିଲ ସଦସ୍ୟ ବିଶ୍ୱାଳ ମଧ୍ୟ ଓକିଲ ମାନଙ୍କ ସମସ୍ତ ସମସ୍ୟା ଓ ଅଭିଯୋଗ କୁ ସରକାରଙ୍କୁ ଜଣାଯାଇଛି ବୋଲି ତାଙ୍କ ବିବୃତି ରଖିଥିଲେ ।ଏଥିସହ ଭଂଜନଗର ଓକିଲ ସଂଘର ଯୁବ ଓକିଲ ସମୀର ନାୟକ ଓ ସୁଶାନ୍ତ ତିଆଡି ମଧ୍ୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ । ଓକିଲ ସଂଘର ସମ୍ପାଦକ ସଭା ପରିଚାଳନା କରିଥିବା ବେଳେ ଉପ-ସଭାପତି ରଜତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ଏଥିରେ ସନ୍ତୋଷ କୁମାର ନାୟକ, ,ଲକ୍ଷୀକାନ୍ତ ମହାପାତ୍ର ବସନ୍ତ କୁମାର ଦାଶ, ଦଣ୍ଡପାଣି ସ୍ୱାଇଁ , ଅଳକା ମଞ୍ଜରୀ ପଟ୍ଟନାୟକ, ଶୈଳେନ୍ଦ୍ର ସାହୁ, ଦିବାକର ନାୟକ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଆଦି ବହୁତ ଓକିଲ ବନ୍ଧୁ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ସହଯୋଗ କରିଥିଲେ ।

# ଦୋଳ ପୂର୍ଣ୍ଣିମା ଓ ହୋଲି ଆନନ୍ଦ ଓ ଭାତୃତ୍ୱର ଗଣଉତ୍ସବ



**ଅସ୍ତରଙ୍ଗ (ଅମୃତ ମିଡିଆ):** ଆଜି ଦୋଳ ପୂର୍ଣ୍ଣିମା ।ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ପର୍ବର ପ୍ରାଧାନ୍ୟ ବେଶୀ । ଫାଲ୍ଗୁନ ଦଶମୀ ତିଥିରୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ । ଶ୍ରୀରାଧାକୃଷ୍ଣ ଙ୍କ ଯୁଗଳ ମୂର୍ତ୍ତି ଝୁଲଣ ମଣ୍ଡପରେ ଦୋଳି ଝୁଲିବା ସହିତ ସୁସଜ୍ଜିତ ବିମାନରେ ବିଜେ କରନ୍ତି ।ଶ୍ରୀରାଧାକୃଷ୍ଣ ବିମାନରେ ବିରାଜମାନ ହୋଇ ଘରେ ଘରେ ଭୋଗ ଖାଆନ୍ତି । ଦୋଳ ପଡିଆ ବା ମେଳନ ପଡିଆରେ ବିଭିନ୍ନ ଗ୍ରାମରୁ ଆସିଥିବା ବିମାନର ମେଳନ ହୁଏ । ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହେଉଛି ରଙ୍ଗ ଖେଳ । ଦୋଳ ପୂର୍ଣ୍ଣିମାର ପର ଦିନ ରଙ୍ଗର ପର୍ବ ହୋଲି ପାଳିତ ହୁଏ ।

ଆଧାତ୍ମିକ ଭାରତ ବର୍ଷର ବିଭବ କୁ ଦେଖିଲେ ସବୁଆଧାତ୍ମିକ ଭାରତ ବର୍ଷର ବିଭବକୁ ଦେଖିଲେ ସବୁ ସମ୍ପ୍ରଦାୟ ହୋଲିକୁ ଆନନ୍ଦ ଓ ଭାତୃତ୍ୱର ଗଣ ଉତ୍ସବ ଭାବେ ପାଳନ କରିଥାନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଦୋଳ ପୂର୍ଣ୍ଣିମା ହେଉଥିବା ବେଳେ ଶିଶୁଅ ପଂଚାୟତ ବଡ଼ଓଲା ନିକଟରେ ଗୋସିଙ୍ଗା, ତିରିକଣା, ବଙ୍କୁରୀ, ଶିଶୁଅ, ହଳଦୀଗୋରଡା ଦୋଳ ବିମାନ ଏକତ୍ରିତ ହେଉଥିବା ବେଳେ ରବିବାର ଅପରାହ୍ଣ ରେ ଗୋପାଳ ମାନେ ନିକଟସ୍ତ ନଦୀରୁ କଳସି ମାଧ୍ୟମରେ ଜଳଆଣି ଘଟ ସ୍ଥାପନ କରିଥିଲେ । ସେହିଭଳି ମାଣ୍ଡୁକି ପଂଚାୟତ ମାଣ୍ଡୁକି ରେ ସରିପୁର ଅପାଖୋର, ସରିପୁର ହରିବଂଶ, କେନ୍ଦ୍ରାପଟି, ଜିଓଳ ଓ ଗୁଡୁବଣି ଦୋଳ ଏକତ୍ରିତ ହୋଇ ଥାଏ । ଭାଇଚାରା ବାର୍ତ୍ତା ନେଇ ଗୋଷ୍ଠି ଗୋଷ୍ଠି ବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ କରିବା ପାଇଁ ଏହି ପର୍ବ ଗ୍ରାମର ପିଲା ଠାରୁ ବୁଢା ଯାଏଁ ସଭିଙ୍କ ମନରେ ଭରି ଦେଇଛି ଆନନ୍ଦ ଉଲ୍ଲାସ ।ବିଭିନ୍ନ ରାଜ୍ୟରେ ନାନା ଢଙ୍ଗରେ ହୋଲି ଉତ୍ସବ ପାଳନ କରାଯାଏ । କିଛି ରାଜ୍ୟରେ ହୋଲି ଉତ୍ସବର ନାଁ ମଧ୍ୟ ଭିନ୍ନ । ପଶ୍ଚିମବଙ୍ଗରେ 'ବସନ୍ତୋତ୍ସବ', ମହାରାଷ୍ଟ୍ରରେ 'ରଙ୍ଗପଞ୍ଚମୀ', ପଞ୍ଜାବରେ 'ହୋଲା ମହୋଲା' ଓ ତାମିଲନାଡୁରେ ଏହା 'କାମ-ଦହନ' ନାମରେ ଜଣାଶୁଣା । ମଥୁରା ଅନ୍ତର୍ଗତ ବ୍ରଜରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପ୍ରଥମେ ହୋଲି ଖେଳିଥିବାରୁ ତାହା 'ବ୍ରଜ ହୋଲି' ଭାବେ ପ୍ରସିଦ୍ଧ । ବୃନ୍ଦାବନରେ ଫୁଲରେ ହୋଲି ଖେଳାଯାଏ । ମହାରାଷ୍ଟ୍ରରେ ପାଞ୍ଚ ଦିନ ଧରି ହୋଲି ପାଳିତ ହୋଇଥାଏ । ଶେଷ ଦିନରେ ରଙ୍ଗ ଖେଳହୁଏ । ମାଠିଆ ଭଙ୍ଗା ଉତ୍ସବ ମଧ୍ୟ ହୋଲିର ଅନ୍ୟତମ ଆକର୍ଷଣୀୟ ପରମ୍ପରା । ମଥୁରା ଅନ୍ତର୍ଗତ ଦୁଇ ଗାଁ ବର୍ସନା ଓ ନନ୍ଦଗାଁରେ ପ୍ରଚଳିତ ଲାଠିମାର ? ହୋଲି ବେଶ ଲୋକପ୍ରିୟ । ଗାଁର ପୁରୁଷମାନେ ପଡ଼ୋଶୀ ଗାଁକୁ ରଙ୍ଗ ଖେଳିବାକୁ ଯାଇ ମହିଳାମାନଙ୍କଠାରୁ ଲାଠିମାଡ଼ ଖାଇଥାନ୍ତି । ଉଜ୍ଜୟିନୀର ସନ୍ନ୍ୟାସୀମାନେ ରଙ୍ଗ ବଦଳରେ ଗୋବରକୁ ରଙ୍ଗ ଭାବେ ବ୍ୟବହାର କରି ହୋଲି ଖେଳନ୍ତି ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ଘଟଣାରେ ୪ଗିରଫ

**ବ୍ରହ୍ମପୁର (ଅମୃତ ମିଡିଆ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବ୍ରହ୍ମପୁର ସହରର ରଘୁପତି ନଗରରେ ବୋମା ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୪ ଅଭିଯୁକ୍ତ ଗିରଫ । ଖବର ଅନୁଯାୟୀ ବ୍ରହ୍ମପୁର ରଘୁପତି ନଗର ସ୍ଥିତ ପୂର୍ବତନ ସିଆରସିସି ଅଫିସର ଘର ଉପରେ ବୋମା ମାଡ଼ ହୋଇଛି, ଏ ନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୋଲିସର ତଦନ୍ତ ଆରମ୍ଭ ହୋଇଥିଲା କ୍ଷ ସୂଚନା ଅନୁସାରେ ଅଭିଯୋଗକାରୀ ବ୍ରହ୍ମପୁର ରଘୁପତି ନଗର ସ୍ଥିତ ଘରେ ହଠାତ ୪ଜଣ ଯୁବକ ଆସି ବୋମା ମାଡ଼ କରିଥିଲେ । ଅଭିଯୋଗକାରୀ ଏବଂ ଅଭିଯୁକ୍ତ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବହୁଥର ଯୁକ୍ତିତର୍କ ହୋଇଥିବା ବେଳେ ଅଭିଯୁକ୍ତ ସୁଦର୍ଶନ ପାଢ଼ୀ ୩ ସହଯୋଗୀଙ୍କ ସହ ବୋମା ମାଡ଼ କରିବା ପାଇଁ ଯୋଜନା କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତ ସୁଦର୍ଶନ ପାଢ଼ୀ, ସୁମନ ପଟ୍ଟନାୟକ, ଦୀପକ ସାହୁ, କାଳିଆ ସାହୁ ନାମରେ ବଡ଼ବଜାର ପୋଲିସ ଥାନାରେ ୯୯/୨୪ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ବୃକ୍ଷ ରୋପଣ କରି ଭିନ୍ନ ରୂପରେ ଜନ୍ମଦିନ ପାଳିତ

**ତାଳଚେର (ଅମୃତ ମିଡିଆ):** ଉତ୍ସର୍ଗ କଲ୍ୟାଣ ସେବା ପକ୍ଷରୁ ଲେଖକ ରବିନାରାୟଣ ପଟ୍ଟନାୟକଙ୍କ ମା ଶ୍ରୀମତି ବାସନ୍ତୀ ପଟ୍ଟନାୟକ ଙ୍କ ଜନ୍ମଦିନ ଅବସର ରେ ବୃକ୍ଷ ରୋପଣ କରାଯାଇଛି । ତାଳଚେର ସ୍ଥିତ ନାତିଦି ଠାରେ ବୃକ୍ଷ ରୋପଣ କରାଯାଇଥିଲା । ଉତ୍ସର୍ଗ କଲ୍ୟାଣ ସେବା ସଭାପତି ସରୋଜ କୁମାର ସାହୁ ସମେତ ଅନୁଷ୍ଠାନ ର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ । ଶିବିର ରେ ଜଳ ସଂରକ୍ଷଣ ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି ଦର୍ଶାଯାଇ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଏମିତି ନିଆରା ଜନ୍ମଦିନ କୁ ସ୍ଥାନୀୟ ଅଞ୍ଚଳ ରେ ସ୍ୱାଗତ କରାଯାଇଛି ।

## କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଟିକେଟ ବିକ୍ରି ଓ ଅର୍ଥ ତୋଷାରପାତ ଘଟଣା...

# ତଦନ୍ତ କରିବ କେନ୍ଦ୍ରୀୟ ଗୁଇନ୍ଦା ପରିଷଦ

**କୋଣାର୍କ (ଅମୃତ ମିଡିଆ):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ଦାୟିତ୍ୱରେ ଏଏସଆଇ କର୍ତୃପକ୍ଷଙ୍କ ସୂର୍ଯ୍ୟ ମନ୍ଦିର ପ୍ରବେଶ ବାବଦରେ ଟିକେଟ ବିକ୍ରିରେ କଳାବଜାର ଓ ଉନ୍ନୟନ କାର୍ଯ୍ୟ ବାବଦରେ ଆସୁଥିବା ଅର୍ଥ ବିନିଯୋଗରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଘଟଣାର ତଦନ୍ତ ପାଇଁ କେନ୍ଦ୍ରୀୟ ଗୁଇନ୍ଦା ପରିଷଦରେ ମାମଲା ଦାୟର ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କ ନିମନ୍ତେ ଅନଲାଇନ ଟିକେଟ ବିକ୍ରିର ବ୍ୟବସ୍ଥା ଥିବା ବେଳେ ଏଏସଆଇ କର୍ତୃପକ୍ଷଙ୍କ ମନମାନୀ ଓ ଦାୟିତ୍ୱହୀନତା ନୀତି ଯୋଗୁଁ ଏହା ବିଶେଷ ଭାବେ ପ୍ରଭାବିତ ହୋଇଛି । ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ସୂର୍ଯ୍ୟ ମନ୍ଦିର ଦାୟିତ୍ୱରେ ଥିବା ଏଏସଆଇ ଅଧିକାରୀଙ୍କ ଇଙ୍ଗିତରେ କେତେକ ନ୍ୟସ୍ତ ସ୍ୱାର୍ଥ କର୍ମଚାରୀ ଅଫଲାଇନ ଟିକେଟ ବ୍ୟବସ୍ଥା ମାଧ୍ୟମରେ ଟିକେଟ କଳା ବଜାର କରି ପର୍ଯ୍ୟଟକ ମାନଙ୍କୁ ଶୋଷଣ କରୁଥିବା ବିଗତ ଦିନରେ ନଜର ରହିଛି । ସୂର୍ଯ୍ୟ ମନ୍ଦିର ଦାୟିତ୍ୱରେ ଥିବା ଏଏସଆଇ ଅଧିକାରୀ ବିଗତ ଦିନରେ ବିଭିନ୍ନ ପ୍ରକାରର ମାମଲାରେ ଛନ୍ଦି ହୋଇ କୋଣାର୍କ ଥାନାରେ ସଂପୃକ୍ତ ଏଏସଆଇ ଅଧିକାରୀଙ୍କ ନାମରେ ମାମଲା ରହିଛି । ସୂର୍ଯ୍ୟ ମନ୍ଦିର ପରିସରରେ ପର୍ଯ୍ୟଟକ ମାନଙ୍କୁ ଅଫଲାଇନ ଟିକେଟ ମାଧ୍ୟମରେ ଆର୍ଥିକ ଶୋଷଣ କରି ଟିକେଟ କଳାବଜାର କରିବା ଓ କେନ୍ଦ୍ର ସରକାରଙ୍କ ଏଏସଆଇ କର୍ତୃପକ୍ଷଙ୍କ ପକ୍ଷରୁ ସୂର୍ଯ୍ୟ ମନ୍ଦିର ଉନ୍ନୟନ ବାବଦରେ ଆସୁଥିବା ଅର୍ଥରାଶିର ସଠିକ ବିନିଯୋଗ କରା ନ ଯାଇ ଅର୍ଥ ତୋଷାରପାତ କରିବା ଘଟଣାରେ କୋଣାର୍କ ଅଞ୍ଚଳର ସୂଚନା ଅଧିକାର କର୍ମୀ ତଥା ବରିଷ୍ଠ ସାମ୍ବାଦିକ ଏନଏ ଶାହା ଅନସାରୀ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ କେନ୍ଦ୍ରୀୟ ଗୁଇନ୍ଦା ପରିଷଦ ନିକଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତିକରି କେନ୍ଦ୍ରୀୟ ଗୁଇନ୍ଦା ପରିଷଦ ପକ୍ଷରୁ ୫୦୦୯୩/୨୦୨୪ରେ ଏକ ମାମଲା ରୁଜୁ ହୋଇଛି । କେନ୍ଦ୍ରୀୟ ଗୁଇନ୍ଦା ପରିଷଦର ଏକ ଟିମ କୋଣାର୍କରେ ପହଞ୍ଚି କୋଣାର୍କ ସୂର୍ଯ୍ୟ ମନ୍ଦିର ଟିକେଟ କଳା ବଜାର ଓ ଉନ୍ନୟନ କାର୍ଯ୍ୟରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣା ଉପରେ ତଦନ୍ତ କରିବ ବୋଲି ବରିଷ୍ଠ ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ଏନଏ ଶାହା ଅନସାରୀ ପ୍ରକାଶ କରିଛନ୍ତି ।

## ବିଧାୟକ ରେସ୍‌ରେ ଯୁବ ଚେହେରା ମନୋଜ କୁମାର



**ଆସିକା (ଅମୃତ ମିଡିଆ):** ନିର୍ବାସନ କମିସନଙ୍କ ଦ୍ୱାରା ଭୋଟ ଗ୍ରହଣ ତାରିଖ ଘୋଷଣା ପରେ ୨୦୨୪ ପାଇଁ ନିର୍ବାଚନ ବିଗୁଲ ବାଜି ସାରିଛି । ଏତିକି ବେଳେ ଆସିକା ବିଧାନସଭା କ୍ଷେତ୍ରରେ ବିଧାୟକ ରେସରେ ଯୁବ ଚେହେରା ତଥା ଯୁବ ନେତା ମନୋଜ କୁମାର ନାହକ ଏବେ ଚର୍ଚ୍ଚାରେ ରହିଛନ୍ତି । ଚଳିତ ନିର୍ବାଚନରେ ଆସିକାର ବିକାଶ ଧାରାକୁ ମଜବୁତ କରିବା ପାଇଁ ସେ ଏବେ ଅଟାଂ ଭିଡିଛନ୍ତି । ଆସିକା ନିର୍ବାଚ ମଣ୍ଡଳୀରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ଗାଁ ଗାଁ ବୁଲି ଲୋକଙ୍କ ଜନମତ ସଂଗ୍ରହ କରୁଛନ୍ତି । ଆସିକାରେ ରାଜନୈତିକ ନେତୃତ୍ୱ ପାଇଁ ସଜବାଜ ହୋଇଛନ୍ତି । ଏଭଳି ସ୍ଥିତିରେ ଆସିକା ଅଚଂଳରେ ନୂତନ ନେତୃତ୍ୱ ପାଇଁ ମନୋଜ କୁମାର ନାହକଙ୍କୁ ଉତମ ପ୍ରାର୍ଥୀ ବୋଲି ଚିନ୍ତା କରିଥିବା ଶୁଣାଯାଇଛି । ଏଭିତରେ ଆଶାୟୀଙ୍କ ମଧ୍ୟରେ ସବାଗ୍ରେ ଆଲିପୁର ପଚାଂୟତର ପୂର୍ବତନ ସରପଚଂ ତଥା ଯୁବ ସମାଜସେବୀ ମନୋଜ କୁମାର ନାହକଙ୍କ ନାମ ଚର୍ଚ୍ଚାରେ ରହିଥିବା ବେଳେ ବ୍ଲକର ବିଭିନ୍ନ ସମସ୍ୟା ଉପରେ ତାଙ୍କ ଅଭିଜ୍ଞତା ରହିଛି । ତେଣୁ ସେ ଏ ଦିଗରେ ଆସିକାର ବିକାଶ ପାଇଁ ଯୁବ ନେତୃତ୍ୱ ମନୋଜ କୁମାର ନାହକ ବିଧାୟିକା ପ୍ରାର୍ଥୀ ପାଇଁ ଜନସାଧାରଣ ଚାହିଁ ରହିଥିବା ଆଲୋଚନା ହେଉଛି । ଆସିକା ବ୍ଲକର ବିଭିନ୍ନ ପଚାଂୟତରେ ନିୟମିତ ବୁଲିବା ସହିତ ଯାଇ ସେ ଲୋକଙ୍କ ସମସ୍ୟା ବୁଝୁଛନ୍ତି । ଅସହାୟ ଓ ଗରିବ ଗୁରୁବାଙ୍କ ଦୁଃଖ ଲାଘବ ପାଇଁ ସେମାନଙ୍କୁ ସହାୟତ କରୁଛନ୍ତି । ଆଜି ଆସିକା ବ୍ଲକର ବଡଖୋଲି, ଗହଙ୍ଗୁ, ମୁନିଗାଡିରେ ପଚାଂୟତରେ ବୁଲି ବିଭିନ୍ନ ସମସ୍ୟା ଉପରେ ତଦାରଖ କରିଥିଲେ । ଏହା ସହିତ ଭେଜିପୁଟ ଗ୍ରାମର କାଳୁଚରଣ ନାୟକଙ୍କ ଘରେ ମଧ୍ୟାହ୍ନ ଭୋଜନ କରି ଗ୍ରାମର ବିକାଶ ପାଇଁ ଅନେକ ଆଲୋଚନା କରିଥିଲେ । ପ୍ରତ୍ୟେକ ଗାଁକୁ ଗାଁ ବୁଲି ରାଜ୍ୟ ସରକାରଙ୍କ ଦିର୍ଘ ୨୫ ବର୍ଷର ବିକାଶମୂଳକ କାର୍ଯ୍ୟ ଓ ଯୋଜନା ଉପରେ ପ୍ରଚାର ପ୍ରସାର କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଙ୍କ ପିତା ଶ୍ରୀ ଗଞ୍ଜାମ ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ନାହକ ଏବଂ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

**ଆସିକା ନିର୍ବାଚନ ମଣ୍ଡଳୀ**

## ଏସ୍‌ବିଆଇ ଲାଇଫ ଇନ୍‌ସ୍ୟୁରାନ୍ସ କମ୍ପାନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭଞ୍ଜନଗର (ଅମୃତ ମିଡିଆ):** ସହର ସଂଲଗ୍ନ ବାଉଁଶ ଲୁଣ୍ଡି ବାଇପାସ ଛକ ଠାରେ ଏସବିଆଇ ଲାଇଫ ଇନ୍ୟୁରାନ୍ସ କମ୍ପାନୀର ପୂରାତନ କାର୍ଯ୍ୟାଳୟର ଆଧୁନିକୀକରଣ କରାଯାଇ ନୂତନ ରୂପାନ୍ତରିତ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ କମ୍ପାନୀର ଆଞ୍ଚଳିକ ନିର୍ଦ୍ଦେଶକ ପି ଭି ମାରୁତି ନାୟୁଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସହ ଭଞ୍ଜନଗରବାସୀ ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ରାଜ୍ୟର କିଛି ହାତଗଣତି ଶାଖାକୁ ଏଭଳି ଅତ୍ୟାଧୁନିକ ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କାର୍ଯ୍ୟାଳୟ ରେ ରୂପାନ୍ତରିତ କରାଯାଇଥିବା ବେଳେ ଏହି ବର୍ଗରେ ଭଞ୍ଜନଗର ଶାଖା ସାମିଲ ହୋଇପାରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି ।

## ଯୋଗ ହିଁ ମଣିଷର ମାନସିକତାକୁ ସନ୍ତୁଳିତ ରଖେ : ମହାନ୍ ସଂଘ ସଭାପତି




**ବ୍ରହ୍ମପୁର (ଅମୃତ ମିଡିଆ):** ମୋରାଜି ଦେଶାଇ ରାଷ୍ଟ୍ରୀୟ ଯୋଗ ସଂସ୍ଥାନ ,ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ତରଫରୁ ବିଶ୍ୱ ଯୋଗ ଦିବସ କୁ ଆଖି ଆଗରେ ରଖି 'ଯୋଗ ଉତ୍ସବ ୨୪' ପାଳନ ପରିପ୍ରେକ୍ଷୀରେ ଶହେ ଦିନିଆ ଯୋଗ ର ମୂଲ୍ୟବୋଧ ଉପରେ ଆଲୋକପାତ କରିବା ନିମନ୍ତେ ଭାରତର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରିବା ନିମନ୍ତେ ନିଷ୍ପତି ହୋଇଛି । ଏହି ଅବସରରେ ନୂଆଦିଲ୍ଲୀ ବିଜ୍ଞାନ ଭବନ ଠାରେ ମୋରଜି ଦେଶାଇ ରାଷ୍ଟ୍ରୀୟ ଯୋଗ ସଂସ୍ଥାନ ବପକ୍ଷରୁ ଗତ ମାର୍ଚ୍ଚ ୧୩ ତାରିଖ ଦିନ ଯୋଗ ମହୋତ୍ସବ ୨୦୨୪ ଉଦଘାଟିତ ହୋଇଯାଇଛି ।

ଏହି ପରିପ୍ରେକ୍ଷୀରେ ଓଡିଶାରେ ଅଗ୍ରଣୀ ଅନୁଷ୍ଠାନ ମହାନ୍ ସଂଘ ପକ୍ଷ ରୁ ମାର୍ଚ୍ଚ ୨୨ ସକାଳ ୮ ଘଟିକା ରୁ ସରସ୍ୱତି ଡିଗ୍ରୀ ବିଦ୍ୟା ମନ୍ଦିର ନିଳକଣ୍ଠ ନଗର ଠାରେ ଏକ ହଜାର ରୁ ଛାତ୍ର ଛାତ୍ରୀ ଙ୍କୁ ନେଇ ଯୋଗ ଉତ୍ସବ ୨୪ ମୋରଜି ଦେଶାଇ ରାଷ୍ଟ୍ରୀୟ ଯୋଗ ସଂସ୍ଥାନ, ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସହୋଜୋଗରେ ଅନୁଷ୍ଠିତ ହେବ ।ଉତ୍ସବ୍ କୁ ସଫଲ୍ କରିବା ଉପଲକ୍ଷେ ହୋଟେଲ ଗାୟତ୍ରୀ ସମ୍ମିଳନୀ ପ୍ରକୋଷ୍ଠ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଅଧ୍ୟକ୍ଷତା କରି ମହାନ୍ ସଂଘ ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜ ସେବୀ ଶ୍ରୀ ସୁଶାନ୍ତ କୁମାର ସାବତ ବିସ୍ତୃତ ଭାବେ ସୂଚନା ଦେବା ସହ,ଯୋଗ ହିଁ ମଣିଷର ମାନସିକତା କୁ ସନ୍ତୁଳିତ ରଖି ଏକ ସୁସ୍ଥ ଜୀବନ ଗଠନ ର ମୂଳ ମନ୍ତ୍ର ଏଣୁ ଯୋଗ ସଚେତନତା ନେଇ ବିଶାଳ କାର୍ଯ୍ୟ କ୍ରମ କାଲି କରିବା ସହ, ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଏହି କାର୍ଯ୍ୟ କ୍ରମ ବ୍ୟାପକ ଭାବେ ସଂଘ ତରଫରୁ ଆୟୋଜନ କରାଯିବା ବୋଲି ସୂଚନା ଦେଇଛନ୍ତି । ୨୨ ମାର୍ଚ୍ଚ ସକାଳ ୮ ଘଟିକରେ କାର୍ଯ୍ୟକ୍ରମ ଉଦ୍ଘାଟନ ଓ ପରେ ପରେ ଯୋଗ ଉପରେ ଆଲୋଚନା , ପ୍ରତିଯୋଗିତା , ଯୋଗ ତାଲିମ, ଯୋଗ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ସଂଘ ସାଧାରଣ ସମ୍ପାଦକ ଶ୍ରୀ ପ୍ରସାନ୍ତ ପାତ୍ର ସୂଚନା ଦେଇଥିଲେ । ସାଂସ୍କୃତିକ ସମ୍ପାଦିକା ଶ୍ରୀମତୀ ରମେଶ୍ୱରୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିବା ବେଳେ, ମହାନ୍ ସଂଘ ମହିଳା ବିଭାଗ ସଭାନେତ୍ରୀ ଶ୍ରୀମତୀ ଦେବୀପ୍ରଭା ରଥ, ବରିଷ୍ଟ ସଦସ୍ୟ ଶ୍ରୀ ସୀମାଞ୍ଚଳ୍ ପାଣିଗ୍ରାହୀ, ଶ୍ରୀ ଭୀଷ୍ମଚାର୍ଯ୍ୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଶ୍ୱ କଣ୍ଢେଇ ଦିବସ

**ଚମ୍ପୁଆ (ଅମୃତ ମିଡିଆ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ଅଧ୍ୟକ୍ଷତାରେ ବିଶ୍ୱ କଣ୍ଢେଇ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁ ବାଟିକା ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଶିଶୁ ମାନେ କଣ୍ଢେଇର ବହୁଳ ବ୍ୟବହାର ମାଧ୍ୟମରେ ନିଜ ବୁଦ୍ଧି ଓ ଜ୍ଞାନକୁ ସମ୍ପ୍ରସାରିତ କରିଥାଆନ୍ତି ବୋଲି କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାରର କଣ୍ଢେଇ ପ୍ରଦର୍ଶିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକା ପ୍ରମୁଖ ରଙ୍ଗଲତା କର, ଲକ୍ଷ୍ମୀ କୁମାରୀ ପ୍ରଧାନ, ପ୍ରତାପ ମହାନ୍ତି, ଝରଣା ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ମୈତ୍ରୀ ମହାନ୍ତ ଆଦି ଆଚାର୍ଯ୍ୟ ଆଚାର୍ଯ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଜାତୀୟ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସମାବେଶ




**ବାରିପଦା /କରଞ୍ଜିଆ (ଅମୃତ ମିଡିଆ) :** ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଜାତୀୟ କଂଗ୍ରେସ ସହଯୋଗରେ ଆଜି କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ପରିବର୍ତ୍ତନ ସମାବେଶ ଧରଣୀଧର ମହାନ୍ତଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଅତିଥି ମାନଙ୍କ ମଧ୍ୟରେ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଭାପତି ସୁଦର୍ଶନ ଦାସ, ରାଜ୍ୟ ସଂଯୋଜକ କୁଣାଲ ବାନାର୍ଜୀ, ପୂର୍ବତନ ସାଂସଦ ସୁଶିଳା ତିରିଆ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସାଂଗଠନିକ ସଭାପତି ତଥା ସଂଯୋଜକ ଭୁବନ୍ବିହାରୀ ସାହୁ, ମୟୂରଭଞ୍ଜ ଜିଲ୍ଲା ପୂର୍ବ ସାଂଗଠନିକ ସଭାପତି ନିରୋଜ ଲୋଚନ ଦାସ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜବାମଣୀ ଟୁଡୁ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନିଳୀମା ସୋରେନ୍, ରାଇରଙ୍ଗପୁର ଯୁବ କଂଗ୍ରେସ ସଭାପତି ଦୀପଙ୍କର ମହାନ୍ତି, ମୟୂରଭଞ୍ଜ ଜିଲ୍ଲା ଉପସଭାପତି ହେଲେନା ଦାସ, ବିଶ୍ୱନାଥ ଦାସ, ସାଧାରଣ ସମ୍ପାଦକ ଭଜୁହରି ମହାନ୍ତ, ଚନ୍ଦ୍ର କୁମାର ସୁଭେନ୍ଦୁ ଦାସ, ବ୍ଲକ ସଭାପତି (ଜାମଦା) ସନ୍ତୋଷ କୁମାର ନନ୍ଦ, ରାଇରଙ୍ଗପୁର ବ୍ଲକ ଭାଗବତ ମାଝୀ, ଶୁକ୍ରୁଳି ବ୍ଲକ ବାପୁନ ତିରିଆ, ଠାକୁରମୁଣ୍ଡା ବ୍ଲକ ସଭାପତି ରବିନ୍ଦ୍ର ନାଥ ତ୍ରିପାଠୀ, ରରୁଆଁ ବ୍ଲକ ସଭାପତି ସୁଶିଲ କୁମାର ଭଞ୍ଜ, କରଞ୍ଜିଆ ଏନଏସି ସଭାପତି ଲାଲନ ସିଂ, ସାଧାରଣ ସମ୍ପାଦକ କେଦାରନାଥ ସେଠୀ, ମିଡିଆ ସେଲ ଅଧକ୍ଷ ଅଂଶୁମାନ ଦାସ, ହରିଜନ ସେଲ ସଭାପତି ତୁଷାର କାନ୍ତ ବେହେରା ମଭା ମଣ୍ଡନ କରିଥିଲେ। ୨୪ ବର୍ଷର ବିଜେଡି ଓ ୯ ବର୍ଷ ର ବିଜେଡି ବିଜେପି ଶାସନରେ ସମଗ୍ର ଓଡ଼ିଶାର ଜନସାଧାରଣଙ୍କ ପାଇଁ ଯାହା ହୋଇପାରିନାହିଁ ତାକୁ କରି ଦେଖାଇବାକୁ କଂଗ୍ରେସ ଦଳ ଗ୍ୟାରେଣ୍ଟି ଦେଇଥିବା ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କଂଗ୍ରେସ ଦଳର ଗ୍ୟାରେଣ୍ଟି ଗୁଡିକ ମଧ୍ୟରେ ମୁଖ୍ୟତଃ ବୋନସ ସହ ଧାନର କ୍ରୟ ମୂଲ୍ୟ ୩୦୦୦ ଟଙ୍କାକୁ ବୃଦ୍ଧି, କୃଷି ଋଣ ଛାଡ଼, ଘରୋଇ ଉପଭୋକ୍ତାଙ୍କୁ ମାସିକ ୨ ଶହ ୟୁନିଟ ବିଦ୍ୟୁତ ଦେୟ ଛାଡ଼, ୫ ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ, ବେକାରୀ ଭତ୍ତା ୩୦୦୦, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ପରିବାରର ମହିଳା ମୁଖ୍ୟଙ୍କୁ ୨ ହଜାର ଟଙ୍କା ଭତ୍ତା, ୫ଶହ ଟଙ୍କା ମୂଲ୍ୟରେ ଗ୍ୟାସ୍ ସିଲିଣ୍ଡର୍, ସରକାରୀ ଓ ବେସରକାରୀ କର୍ମଚାରୀମାନଙ୍କୁ ସମସ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ୨୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ମାସିକ ୨ ହଜାର, ଜାତି ଭିତ୍ତିକ ପଛୁଆବର୍ଗ ପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ନଗର ସଭାପତି ଲାଲନ ସିଂ, କରଞ୍ଜିଆ ନିର୍ବାଚନ ମଣ୍ଡଳୀ ସଂଯୋଜକ ଜାକିର ହୁସେନଙ୍କ ସମେତ କର୍ମକର୍ତ୍ତା ମାନେ ପରିଚାଳନା ରେ ସହଯୋଗ କରିଥିଲେ।

# ଦୁଇ ଶିକାରୀ ସମେତ ଦେଶୀବନ୍ଧୁକ ଜବତ

**ନୀଳଗିରି (ଅମୃତ ମିଡିଆ) :** କୁଳଡିହା ବନବିଭାଗ, ଶିମିଳିପାଳ ଏସଟିଏଫ ଓ ନୀଳଗିରି ପୋଲିସ ପକ୍ଷରୁ ଜାରି ରହିଥିବା କମ୍ବିଂ ଅପରେସନର ଚତୁର୍ଥ ଦିନରେ ଦୁଇ ଶିକାରୀ ଓ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଗତକାଲି ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଧୀନ ଖୁମଖୁଟ ଓ ଗୋଡିଖୋଲା ଗ୍ରାମରେ ରାତି ଅଧିଆ ଚଢାଉ କରାଯାଇଥିଲା। ଏହି ଚଢ଼ାଉରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଖୁମଖୁଟ ଗ୍ରାମର ଶିବ ହାସନ୍ଦା (୪୨) ଓ ଗୁଡିଖୋଲା ଗ୍ରାମର ଛୋଟରାୟ ମୁର୍ମୁଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିବା ସହ ନୀଳଗିରି ପୋଲିସ ୯୮/୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲଣ କରିଛି।



# ୨୦୦୬ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



**ବାସୁଦେବପୁର (ଅମୃତ ମିଡିଆ) :** ବନ୍ଧୁ ବଳ ଦିଏ, ନଇ ଥଳ ଦିଏ। କଥାରେ ଅଛି ଭାତ ଛାଡିଦେବ ହେଲେ ବନ୍ଧୁକୁ ଛାଡି ହେବ ନାହିଁ। ସେହି ଉକ୍ତିକୁ ସାକାର କରିବା ଉଦ୍ଦେଶ୍ୟରେ ମନ୍ଦାରୀ ଉଚ୍ଚ ବିଦ୍ୟାଳୟର ୨୦୦୬ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବାସୁଦେବପୁର ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ବିଦ୍ୟାଳୟ ର ଶିକ୍ଷକ ମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ୨୦୦୬ ମସିହା ମ୍ୟାଟ୍ରିକ ବ୍ୟାଚର ଛାତ୍ର ସମ୍ବିତ ମହାପାତ୍ର। ନିମନ୍ତ୍ରିତ ଶିକ୍ଷକ ମାନଙ୍କୁ ମଞ୍ଚରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସ୍ୱର୍ଗବାସୀ ତିନି ଜଣ ଶିକ୍ଷକଙ୍କ ମାନପତ୍ରକୁ ପୁଷ୍ପମାଲ୍ୟ ଅର୍ପଣ କରି ଏକ ଶୋକ ସଭା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଶିକ୍ଷକ ମାନେ ପିଲାମାନଙ୍କୁ ଭଲ କାମ କରି ସମାଜରେ ପ୍ରତିଷ୍ଠିତ ହେବା ସହିତ ସମାଜକୁ ଭ୍ରଷ୍ଟାଚାର, ଦୁର୍ନୀତି ମୁକ୍ତ କରିବା ସହିତ ଆଦର୍ଶ ସମାଜ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଭଲ ପାଠ ନ ପଢିଲେ ମଧ୍ୟ ଭଲ ମଣିଷ ଟିଏ ହେବାକୁ ଉଦବୋଧନ ଦେଇଥିଲେ। ଧର୍ଯ୍ୟ ସଫଳତାର ଚାବିକାଠି ବୋଲି ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ପରାମର୍ଶ ଦେଇଥିଲେ। ପିଲାମାନେ ମଧ୍ୟ ଶିକ୍ଷା ଅଧ୍ୟୟନ ସମୟରେ ଶିକ୍ଷକଙ୍କ ସହିତ ପୂର୍ବ ସମ୍ପର୍କ ଓ ଅନୁଭୂତିକୁ ବଖାଣିଥିଲେ।

# ମୁନି ସମାଜର ବାର୍ଷିକ ସତସଙ୍ଗ ଓ ଅଧିବେଶନ




**ବାରିପଦା (ଅମୃତ ମିଡିଆ) :** ପ୍ରକୃତିର ସୁନ୍ଦର ପରିବେଶ ଭିତରେ ଅବସ୍ଥିତ ଠାକୁରମୁଣ୍ଡା ବ୍ଲକ ର ହାତୀଗୋଡା ମୁନି ଆଶ୍ରମରେ ବାର୍ଷିକ ସତସଙ୍ଗ ଓ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ପଣ୍ଡିତ ନିରଞ୍ଜନ ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗୀ ଚୈତନ୍ୟ ମୁନି ସଭାପତିତ୍ୱ କରି ମୁନି ସମାଜର ସ୍ଥାପୟୀତା ଆଦି ମୁନିଶ୍ୱର ଯୋଗେଶ୍ୱର ଶିବ କୁମାର ଶାସ୍ତ୍ରୀଙ୍କ ଦର୍ଶନ ଓ ଆଧାତ୍ମିକ ସାହିତ୍ୟକୁ ଅନୁଶୀଳନ ଓ ମନନ କରି ଜୀବନ ରେ ପ୍ରତିଫଳିତ କରିବାକୁ ଉପସ୍ଥିତ ମୁନି ଓ ମୁନି ମତୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୟୋଜ୍ୟେଷ୍ଠ ଯୋଗୀ ପ୍ରଫୁଲ୍ଲ ମୁନି କହିଲେ ଯେ, ସଦଗୁରୁ ଶିବମୁନୀ ଙ୍କ ଆବିଷ୍କୃତ ଚକ୍ର ଭେଦନ ଯୋଗ, ଆତ୍ମଜ୍ଞାନ ଓ ସ୍ୱାସ୍ଥ୍ୟ ରକ୍ଷା ଉପରେ ଆଧାରିତ ସୂତ୍ର ଦ୍ୱାରା ହିଁ ଏ ଭୀତ, ରୋଗ ଜର୍ଜରିତ ପୃଥିବୀରେ ମଧ୍ୟ ମୁନି ଓ ଯୋଗୀ ମାନେ କିଭଳି ନିର୍ଭୀକ ଓ ପ୍ରସନ୍ନ ରହିପାରୁଛନ୍ତି ଏ ବିଷୟ ରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନି ମତୀ ଚନ୍ଦ୍ରାବତୀ, ମାଧୁରୀ ବେହେରା, ମିନତି ମୁଣ୍ଡା, କମଳା ସେନାପତି, ଯୋଗୀ ଅଚ୍ୟୁତାନନ୍ଦ ବେହେରା, ଗଉର ମୁନି, ଭରତ ମୁନି, ଖଗେଶ୍ୱର ମୁନି, ମୁନି ଲକ୍ଷ୍ମୀଧର ଗିରି, ସାମ୍ବାଦିକ ଓ ସମାଜସେବୀ ପଦ୍ମଲୋଚନ ନନ୍ଦ ଆଦି ଯୋଗ ଦେଇ ସଦଗୁରୁ ଶିବ କୁମାର ଶାସ୍ତ୍ରୀ ଙ୍କ ଦର୍ଶନ ହିଁ ମାନବ ଜଗତ କୁ ନାନାଦି କୁସଂସ୍କାର ଓ ବିପଦରୁ ରକ୍ଷା କରିପାରିବ ବୋଲି ପ୍ରବଚନ ମଧ୍ୟମରେ ଉପସ୍ଥିତ ମୁନିଙ୍କୁ ବୁଝାଇଥିଲେ। ମୁନି କୁମାରୀ ପାୟେଲ ଓ ଜୁଏଲ ମୁନି ସଙ୍ଗୀତ ଗାନ କରିଥିଲେ। ମୁନି କୁମାରୀ ଦେବସ୍ମିତା ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଯୋଗୀ ଜନାର୍ଦ୍ଦନ ମୁନି ମଞ୍ଚ ପରିଚାଳନା କରିଥିଲେ।

# ଦୋଳ ଉତ୍ସବ ପାଇଁ ଡାଳିଭାର ଶୋଭାଯାତ୍ରା

**ମାର୍ଶାଘାଇ (ଅମୃତ ମିଡିଆ) :** ଦୋଳ ଉତ୍ସବ ଅବସରରେ ରବିବାର ମାର୍ଶାଘାଇ ଯାଦବ ସମାଜ ପକ୍ଷରୁ ଡାଳିଭାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆ ବାହୁଙ୍ଗି ଭାରରେ ନୂଆ କଳସି, ଫଳନ୍ତି ଆମ୍ବ ଡାଳ, କୋଳି ଡାଳ, ଫୁଲ, ପଇଡ଼ ରେ ସଜାଇ ଗାଁ ମାର୍ଶାଘାଇ ଗ୍ରାମରୁ ଏକ ଶୋଭାଯାତ୍ରାରେ ୫୦ରୁ ଅଧିକ ସଦସ୍ୟ ବାହାରି ମାର୍ଶାଘାଇ ବଜାର ପରିକ୍ରମା କରି ଯଜ୍ଞ ମଠ ନିକଟ ଦେଇ ଲୁଣା ନଦୀରୁ କଳସିରେ ଜଳ ଆଣି ଯଜ୍ଞ ମଠ ନିକଟ ଗୋଠ ରେ କଳସି ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ମାର୍ଶାଘାଇ ବ୍ଲକର ଶିଳିପୁର, ଥାଉରୀ, କାନପୁର, ପରକୁଳା, ପଳାସପୁର, ଆଖୁଆ, ପସ୍ତା, ମାଣିକପୁର, କୁଆଁରପାଳ ବାଲି କଷଟି, ବରେଇ ପ୍ରଭୃତି ଗ୍ରାମରେ ଡାଳି ଭାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ସଭାପତି ବଳଭଦ୍ର ଦାସ, ମଧୁସୂଦନ ଦାସ, ବିନୋଦ ଦାସ, ବିଜୟ କୁମାର ଦାସ, ଲୁଲୁ ଦାସ, ଜିତେନ୍ଦ୍ର ଦାସ, ଅରୁଣ ଦାସ, ଟୁଟୁ ଦାସ, ସୁରେନ୍ଦ୍ରନାଥ ଦାସ, ଅକ୍ଷୟ ଦାସ, ବିପିନ ଦାସ, ଉଦୟ ଦାସ, ଚିକୁ ଦାସ, ବାବାଜୀ ଦାସ, ଚଗଲା ଦାସ, ବାବୁ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ସାନ୍ଦୁଲ ନଦୀ ପୋଲ ଶିଳାନ୍ୟାସର ୫ ମାସ ପରେବି କାର୍ଯ୍ୟଶୂନ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ ବହୁ ଚର୍ଚ୍ଚିତ ମାଡ଼ିବନ୍ଧା ସାନ୍ଦୁଲ ନଦୀ ପାଇଁ ଅନେକ ସମୟରେ ଅନେକ ଅସୁବିଧା ଭୋଗୁଥିଲେ ଅଞ୍ଚଳବାସୀ। ଏହାକୁ ନେଇ ସେମାନେ ବିଭିନ୍ନ ସମୟରେ ପଞ୍ଚାୟତ ତଥା ସ୍କୁଲ, କଲେଜ, ଡାକ୍ତରଖାନା, ଗମନାଗମନ ଦାବିରେ ବର୍ଷ ବର୍ଷ ଧରି ଦାବି କରିଆସୁଥିବା ବେଳେ କୌଣସି ସୁଫଳ ମିଳୁ ନ'ଥିଲା। ୬ନଂରାଜ୍ୟ ରାଜପଥର ଥର କିଡିଙ୍ଗ ଛକରୁ ମାଡ଼ିବନ୍ଧା, ମାହେଶ୍ୱରୀପୁର ଦେଇ ଲାଞ୍ଜିଗଡ଼ରୋଡ ଗ୍ରାମ ପଞ୍ଚାୟତକୁ ସଂଯୋଗ କରୁଥିବା ୩ କି.ମି ରାସ୍ତା ଶୋଚନୀୟ ହୋଇପଡ଼ି ପଡ଼ିବା ସହିତ ସାନ୍ଦୁଲ ନଦୀରେ ସେତୁ ନିର୍ମାଣ ପାଇଁ ଆବଶ୍ୟକତା ରହିଥିବା ବେଳେ ଏହି ନଦୀ ପାଇଁ ଅଞ୍ଚଳବାସୀ ଭୋଟ ବର୍ଜନ ସହିତ ରାସ୍ତାରୋକ ମଧ୍ୟ କରିଥିଲେ। ତେବେ ସନିକ ଅଧିକାରି ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାମଣା କରି ପ୍ରତିଶୃତି ଦେବାପରେ ରାସ୍ତାରୋକ ହଟିଥିଲା। ପ୍ରତିଶୃତିର କିଛି ମାସ ବ୍ୟବଧାନ ପରେବି ପ୍ରତିଶ୍ରୁତି ପୂରଣ ହୋଇନଥିଲା ଫଳରେ ଅଞ୍ଚଳବାସୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଭୋଟ ବର୍ଜନ ପାଇଁ ନିଷ୍ପତି ନେଇଥିଲେ। ତେବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି ମାଡିବନ୍ଧା ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ଭୋଟ ବର୍ଜନ ବାତିଲ ହୋଇଥିଲା ଏବଂ କିଛି ମାସର ବ୍ୟବଧାନ ପରେ ସାନ୍ଦୁଲ ନଦୀରେ ପୋଲ ନିର୍ମାଣ ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ। ତେବେ ଶିଳାନ୍ୟାସ ହେଲା ପରେ ଅଞ୍ଚଳରେ ଗୋଟିଏ ପ୍ରକାର ଖୁସିର ଲହରୀ ଖେଳିଯାଇଥିଲା। କିନ୍ତୁ ପରିତାପର ବିଷୟ ଯେ ଶିଳାନ୍ୟାସ ର ପାଞ୍ଚ ମାସ ପରେ ବି ଏବେ ଯାଏଁ କୌଣସି କାର୍ଯ୍ୟ ହୋଇପାରିନାହିଁ। ଏଠି ବଡ଼ ପ୍ରଶ୍ନ ଉଠୁଛି ଯେ ଗୋଟିଏ ଶାସକ ଦଳର ବିଧାୟକ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ କରି ଏବେ ଯାଏଁ କୌଣସି କାର୍ଯ୍ୟ କରିପାରିନାହାନ୍ତି। ଏଥିରେ ସ୍ପଷ୍ଟ ଜଣାପଡୁଛି ଯେ ଜଣେ ଅପାରଗତ ବିଧାୟକ ସହିତ ଅଞ୍ଚଳବାସୀ ଙ୍କୁ ମିଛ ପ୍ରତିଶ୍ରୁତି ପାଇଁ ଭୁଆଁ ବୁଲାଇ ନାହାନ୍ତି ତ' ଫଳରେ ଶିଳାନ୍ୟାସର ଅନେକ ମାସ ଗଡି ଯାଇଥିଲେ ମଧ୍ୟ ଏବେ ଯାଏଁ କୌଣସି କାର୍ଯ୍ୟ ହୋଇ ନଥିବାରୁ ଅଞ୍ଚଳବାସୀଙ୍କ ମନରେ ବିଧାୟକଙ୍କ ପ୍ରତି ଆସ୍ଥା ବିଶ୍ୱାସ ଧୀରେ ଧୀରେ କମିବାରେ ଲାଗିଛି ! ଲାଞ୍ଜିଗଡ଼ ବିଧାୟକଙ୍କ ଏହି ମିଛ ପ୍ରତିଶ୍ରୁତି ଆଗାମୀ ସାଧାରଣ ନିର୍ବାଚନରେ ମହଙ୍ଗା ପଡ଼ି ପାରେ ବୋଲି ବିଭିନ୍ନ ଅନୁଷ୍ଠାନ ସହିତ ଚା ଖଟିରେ ମଧ୍ୟ ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ତେବେ ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ବିଧାୟକ ଅଞ୍ଚଳବାସୀ ଙ୍କ ମନ କେମିତି ଜିଣିବା ପାଇଁ ଏକ ମିଛ ଶିଳାନ୍ୟାସର କରିନାହାନ୍ତି ତ' କିନ୍ତୁ ଏହି ମିଛ ପ୍ରତିଶୃତି ଲାଞ୍ଜିଗଡ଼ ବିଧାୟକଙ୍କୁ ଅଡୁଆରେ ପକେଇ ପାରେ ବୋଲି ଏବେ ବିଭିନ୍ନ ମହ ହଲରେ ବେଶ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଆମେ ଲାଞ୍ଜିଗଡ଼ ବିଧାୟକଙ୍କୁ ଫୋନ ଯୋଗେ ପଚାରିବାରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ସାରିଛି କିନ୍ତୁ ଠିକାଦାର ଆଜି କାଲି କହି କାର୍ଯ୍ୟ କରୁନାହାନ୍ତି। ସେ ଯଦି କାର୍ଯ୍ୟ ନ'କରେ ତାହାହେଲେ ଅନ୍ୟ ଲୋକଙ୍କୁ ଟେଣ୍ଡର ଦିଆଯିବ ଓ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି। ତେବେ ଦେଖିବାକୁ ବାକି ରହିଲା କେବେ କାର୍ଯ୍ୟ ଆରମ୍ଭ କରି ଅଞ୍ଚଳର ଦୀର୍ଘ ୩୫ ବର୍ଷର ସ୍ୱପ୍ନ ପୂରଣ କରୁଛନ୍ତି ଲାଞ୍ଜିଗଡ ବିଧାୟକ।

# ଶିଳ୍ପୀଗୁରୁ ରଘୁନାଥ ମହାପାତ୍ରଙ୍କ ୮୧ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ

## ଶ୍ୟାମାମଣି ଦେବୀ, କୁମକୁମ ମହାନ୍ତି, ବଳଦେବ ମହାରଥା, ପ୍ରଭାକର ମହାରଣାଙ୍କୁ ସ୍ମୃତି ସମ୍ମାନ ପ୍ରଦାନ

**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଆ ଅସ୍ମିତାର ସ୍ୱର୍ଣ୍ଣିମ କୀର୍ତ୍ତି ଭାସ୍କର୍ଯ୍ୟ କଳାର କାଳଜୟୀ ମୂର୍ତ୍ତିକାର ବିଶିଷ୍ଟ ଶିଳ୍ପୀଗୁରୁ ପ୍ରାକ୍ତନ ସାଂସଦ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ୮୧ତମ ଜନ୍ମଜୟନ୍ତୀ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ୟୁନିଟ ୬ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଙ୍ଗ ସନ୍ନିକଟ ନେତାଜୀ ଭବନ ଠାରେ ପାଳନ କରାଯାଇଛି। ଏହି ସାମ୍ବତ୍ସରିକ ଉତ୍ସବରେ ମହାମାନ୍ୟ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ରହି ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର ସ୍ମୃତି ସମ୍ମାନ ୨୦୨୪ ପ୍ରଦାନ ସହିତ ମହାନ ଆତ୍ମାଙ୍କର ସ୍ମୃତିଚାରଣ କରିଥିଲେ। ଓଡିଶୀ ଶାସ୍ତ୍ରୀୟ ସଂଗୀତର ପ୍ରସିଦ୍ଧ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ପ୍ରତିଷ୍ଠିତ ଓଡିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ କୁମକୁମ ମହାନ୍ତି, ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ସୁପ୍ରସିଦ୍ଧ ଚିତ୍ର ଶିଳ୍ପୀ ବଳଦେବ ମହାରଥାଙ୍କୁ ଏବର୍ଷ ପାଇଁ ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ପ୍ରସନ୍ନ ବିଷୋୟୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ବାସୁଦେବ ଭଟ୍ଟ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁପଦ ବଳିଆରସିଂହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ଜେନା, ସନ୍ତୋଷ ସେନାପତି, ତାରାକାନ୍ତ ପରିଡା, ମାଲା ଜେନା ଆଦିଙ୍କ ସହିତ ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର ସ୍ମୃତି ସଂସଦର କାର୍ଯ୍ୟକର୍ତ୍ତା ମାନେ ସ୍ମୃତି ଚାରଣ କରିଥିଲେ। ଜଗବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ତହଁକ କୁଟୁମ ପିରତି ଫଗୁନ କବିତା ଆସର ଓ କଳାକାର ସମ୍ମାନ



**ବଲାଙ୍ଗୀର (ଅମୃତ ମିଡିଆ) :** ତହଁକ କୁଟୁମ, ବଲାଙ୍ଗିର ତରଫରୁ ପିରତି ଫଗୁନ କବିତା ଉଚ୍ଛବ ମହାସମାରୋହରେ ପାଳିତ ହୋଇଯାଇଛି। ଫଗୁଣ ଆସିଲେ ରଙ୍ଗାୟିତ ହୁଏ ଏ ଧରା। ଆମ୍ବ ବଉଳ ମହ ମହ ବାସେ, କୋଇଲି ଗାଏ କୁହୁକୁହୁ ଗୀତ। ଫଳସା ଫୁଲର ସୁନ୍ଦରତା ଆକୃଷ୍ଟ କରେ କବିଙ୍କୁ। ଆଉ କବି ହୋଇଯାଏ ଭାବୁକ। ତାର କଲମ ମୂନରେ ସୃଷ୍ଟି କରେ ଫଗୁଣ କବିତା। ଏଇ ଅବସରରେ ପ୍ରଥମ ଅଧିବେଶନ ରେ ଶିଶୁ ସାହିତ୍ୟିକ ତଥା ସଭାପତି ଗୋପୀନାଥ ଦଣ୍ଡସେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପଶ୍ଚିମ ଓଡିଶା ବ୍ୟୁରୋ ହେଡ୍ ଓ ଟିଭିର ମନୋରଞ୍ଜନ ଯୋଷୀ ମୁଖ୍ୟ ବକ୍ତା ଭାବେ, କବି ରଞ୍ଜିତ ପଧାନ, ସମ୍ମାନିତ ଅତିଥି ସୁଶାନ୍ତ ବାଗ, ସମାଜସେବୀ ସୋମନାଥ ମିଶ୍ର, କଣ୍ଠ ଶିଳ୍ପୀ ନବୀନ କୁଅଁର ଯୋଗ ଦେଇଥିଲେ। ଏଇ ଅବସରରେ ରାଜୀବ ପ୍ରସାଦ ଭୋଇ ଙ୍କ କବିତା ସଙ୍କଳନ ପ୍ରେମ ଓ ଧର୍ମେନ୍ଦ୍ର ପଧାନଙ୍କ ଗଳ୍ପ ସଙ୍କଳନ ସବୁ ବରତ ତୁମର ଲାଗି ଓ ତହଁକ କୁଟୁମ ଖାନେଲ, ତହଁକ ପାଠାଗାର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କୋଶଳୀ ସର୍ଟ ଫିଲ୍ମ ବଏନା ର ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବରିଷ୍ଠ ସାମ୍ବାଦିକ ପାର୍ଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଆରମ୍ଭ ହୋଇଥିଲା। ଏଥିରେ କବି ନିରଞ୍ଜନ ପଣ୍ଡା, ଦିଗାମ୍ବର ନାଏକ, ବୈରାଗୀ ସାହୁ, ଜଗବନ୍ଧୁ ପଟେଲ, ଗୀତାଞ୍ଜଳି ମିଶ୍ର, ବ୍ୟାସଦେବ ପୁରୋହିତ ଯୋଗ ଦେଇଥିଲେ ଶତାଧିକ କବିତା ପାଠ କରାଯାଇଥିଲା। ମାନସୀ ସାହୁ ଓ ଟିମ୍ ମାନଭଞ୍ଜନ ଗୀତ ପରିବେଷଣ ରିଥିଲେ। ଏଇ କାର୍ଯ୍ୟକ୍ରମକୁ ଦିଲିପ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ଜୁନ ସାହୁ ସଂଯୋଜନା କରିଥିଲେ। ରାଜେଶ ଦଣ୍ଡସେନା ସଂପାଦକୀୟ ବିବରଣୀ ପଠନ କରିଥିଲେ। ମିଳନ ପଣ୍ଡା, ପ୍ରଭାସିନୀ ଭୋଇ, ସୁଦେସ୍ନା ମିଶ୍ର, ସାଲିନୀ ସାହୁ, କବିତା ମିଶ୍ର, କୁମର ମଣି ସାହୁ, ଗିରିଶ ପାତ୍ର, ପୁଷ୍ପାଞ୍ଜଳୀ ମେହେର ସହଯୋଗ କରିଥିଲେ।

# ମୃତ କାଠଯୋଡି ନଦୀକୁ ପୁନଃଉଦ୍ଧାର ପାଇଁ ସାଧାରଣରେ ଦାବି



**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକର ନୂଆଦା ଠାରୁ ବାହାରି ଦୀର୍ଘ ୧୪ କିମି ଅତିକ୍ରମ କରି ପୁରୁଣାବସନ୍ତ ଠାରେ ହଂସୁଆ ନଦୀରେ ମିଶି ଯାଇଥିବା ମୃତ କାଠ ଯୋଡି ନଦୀକୁ ପୁନରୁଦ୍ଧାର ପାଇଁ ସାଧାରଣରେ ଦାବୀ କରାଯାଇଛି। ପ୍ରକାଶଥାଉ କି, ଅଳକା ନଦୀରୁ ତରିକୁନ୍ଦ ପଂଚାୟତର ନୂଆଦା ଠାରୁ ଶାଖା ନଦୀ ଭାବେ ଏହା ସମଙ୍ଗ, ରାଉତନୂଆ ଗାଁ, ସାଦେଇପୁର, ବଣିକୁନ୍ଦ. ଅଢେଇକୂଳ, ତଅଁରା, ରେଢୁଆ, ଗମ୍ଭାପୁର, ରାମଚନ୍ଦ୍ରପୁର, ଶାଳିଜଙ୍ଗା, ମୁଣ୍ଡାଳ, ଗୋପାଳପୁର ଗ୍ରାମ ଦେଇ ହଁସୁଆ ନଦୀରେ ମିଶିଅଛି। ଏହି ନଦୀର ଉଭୟପାର୍ଶ୍ୱରେ ଥିବା ଶହ ଶହ ହେକ୍ଟର ଜମିରେ ଗ୍ରାମବାସୀମାନେ ବିଭିନ୍ନ ପ୍ରକାର ଫସଲ ଚାଷ କରି ନିଜର ପରିବାର ଭରଣ ପୋଷଣ କରୁଥିଲେ। ଏହି ନଦୀର ମୁହାଣକୁ ନୂଆଦା ଠାରେ ବନ୍ଦ କରା ଯାଇଥିବାରୁ କାଳକ୍ରମେ ଏହି ନଦୀଟି ବର୍ଷାଦିନ ବ୍ୟତିତ ଅନ୍ୟଦିନ ମାନଙ୍କରେ ଶୁଷ୍କ ରହୁଥିବା ଦେଖାଯାଇଛି। ଫଳରେ ଚାଷୀମାନେ ପାଣି ବିନା ଚାଷ କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହେଲେ। ନଦୀଟି ଶୁଖିଲା ପଡିବା ଦ୍ୱାରା ଏହି ଅଂଚଳ ମାନଙ୍କରେ ଜଳସ୍ତର କମି ଯିବାରୁ ପୋଖରି, ଗାଡିଆ, ଇତ୍ୟାଦି ପାଣି ବିନା ଶୁଷ୍କ ପଡି ରହିଛି। ଏହାର ସୁଯୋଗ ନେଇ କେତେକ ମୁଷ୍ଟିମେୟ ଲୋକ ନଦୀର ବିଭିନ୍ନ ଅଂଚଳକୁ ଜବର ଦଖଲ କରିବା ସହ ନିଜ ନାମରେ ପଟ୍ଟା କରି ଅନ୍ୟ ଲୋକଙ୍କୁ ବିକି ଭଲ ରୋଜଗାର କରିବାରେ ସକ୍ଷମ ହୋଇଥିବା ପରିଲକ୍ଷିତ ହୋଇଛି। ଏତଦ୍‌ଭିନ୍ନ ବହୁ ସ୍ଥାନରେ ଏହି ନଦୀ ଗର୍ଭରେ ବିଭିନ୍ନ ଲୋକ ପୋଖରୀ ଖୋଳି ମାଛ ଚାଷ କରିଥିବା ଏବଂ କିଛି ଲୋକ ଏହି ନଦୀ ଗର୍ଭରେ ବେନିୟମ ଭାବେ ଗୃହ ନିର୍ମାଣ କରିଥିବାରୁ ବର୍ଷଦିନ ମାନଙ୍କରେ ଏହି ନଦୀରେ ପାଣି ନିଷ୍କାସନ ହୋଇ ନପାରି ଉପର ମୁଣ୍ଡରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ଏହି ନଦୀର ପୁନରୁଦ୍ଧାର କରାଗଲେ ହଜାର ହଜାର ଚାଷୀ ଉପକୃତ ହେବା ସହିତ ଜଳ ସମସ୍ୟା ଦୂରୀଭୂତ ହୋଇ ପାରିବ ବୋଲି ବହୁ ବୁଦ୍ଧିଜୀବି ମତ ଦେଇଛନ୍ତି।

### ସେମାନଙ୍କ ମୁଖରୁ....



ଏହି ମୃତ କାଠଯୋଡି ନଦୀକୁ ପୁନରୁଦ୍ଧାର କରାଯିବା ଏକାନ୍ତ ଆବଶ୍ୟକ। ଏହାକୁ ପୁନରୁଦ୍ଧାର କରାଗଲେ ୬ଗୋଟି ଗ୍ରା.ପ ହଜାର ହଜାର ଚାଷୀ ପନିପରିବା ଚାଷ କରି ନିଜର ଗୁଜୁରାଣ ମେଣ୍ଟାଇ ପାରିବେ।

**କିଶୋର ଚନ୍ଦ୍ର ବେହେରା, ସରପଞ୍ଚ, ରେଢୁଆ**




ଏହି ମୃତ କାଠ ଯୋଡିଟିକୁ ପୁନରୁଦ୍ଧାର କରାଗଲେ ଏ ଅଂଚଳର ପାଣି ସମସ୍ୟାର ସମାଧାନ ହୋଇ ପାରିବା ସହ ପରିବେଶ ସୁରକ୍ଷିତ ରହିପାରିବ। ଗୃହ ପାଳିତ ପଶୁମାନେ ଏହି ନଦୀରୁ ପିଇବା ପାଇଁ ପାଣି ପାଇ ପାରିବେ।

**ବିଶ୍ୱଜିତ ଦାଶ, ସମିତି ସଭ୍ୟ, ରେଢୁଆ**



ଏହି ମୃତ କାଠଯୋଡି ନଦୀକୁ ପୁନଶ୍ଚ ଚିରସ୍ରୋତା କରାଯିବା ସହିତ ହଂସୁଆ ନଦୀକୁ ଉକ୍ତ ନଦୀ ସହିତ ସଂଯୋଗ କରାଗଲେ ଉଦବୃତ ଜଳରାଶି ନିଷ୍କାସନ ହେବ ଏବଂ ସବୁଦିନିଆ ଚାଷ କାର୍ଯ୍ୟ ହୋଇପାରିବ।

**ଗୌତମ ପାଲିତ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ**



ଏହି ମୃତ କାଠ ଯୋଡିକୁ ପୁନରୁଦ୍ଧାର କରାଯିବା ନିତ୍ୟାନ୍ତ ଆବଶ୍ୟକ। ଯଦ୍ୱାରା ହଜାର ହଜାର ଗରିବ, ଭୂମିହୀନ, ମଧ୍ୟବିତ ଚାଷୀମାନେ ଉପକୃତ ହୋଇ ପାରିବେ।

**କେଲୁ ଚରଣ ସେଠୀ, ସମାଜସେବୀ, ସାଦେଇପୁର**



ମୃତ କାଠ ଯୋଡି ନଦୀକୁ ଉଦ୍ଧାର କରାଗଲେ ନଦୀର ଉଭୟ ପାର୍ଶ୍ୱ ଅଂଚଳରେ ଥିବା ଗାଡିଆ, ପୋଖରୀରୁ ପାଣି ଶୁଖିବ ନାହିଁ, ପାନୀୟ ଜଳର ସମସ୍ୟା ରହିବ ନାହିଁ ଏବଂ ଲୋକମାନେ ନିଜ ନିଜ ପୋଖରୀରେ ମାଛ ଚାଷ କରି ପରିବାର ଭରଣ ପୋଷଣ କରିବାରେ ସକ୍ଷମ ହୋଇ ପାରିବେ।

**ବଂଶୀଧର ସ୍ୱାଇଁ, ପୂର୍ବତନ ସରପଞ୍ଚ, ସାଦେଇପୁର**

## ଲୋକଙ୍କ କାମରେ ଆସୁନାହିଁ ଓଭରହେଡ୍ ୱାଟର ଟ୍ୟାଙ୍କ

# ପାଣି ନ ମିଳିବାରୁ ରାସ୍ତାରୋକୋ, ଭୋଟ ବର୍ଜନ ଚେତାବନୀ

**ନୂଆପଡ଼ା (ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଡ଼ମଝର ପଞ୍ଚାୟତ ଅନ୍ତର୍ଗତ ରୁଣିବସା ଗାଁରେ। ଉକ୍ତ ଗାଁକୁ ପାଇବ ଯୋଗେ ଜଳ ଯୋଗାଣ କରିବା ପାଇଁ ପାଇପ ପୋତା ଯାଇ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ସରିଛି। ହେଲେ ଲୋକମାନଙ୍କୁ ବୁନ୍ଦାଏ ମଧ ପାଣି ମିଳୁନାହିଁ। ସୂଚନା ମୁତାବକ ଗତ ଦୁଇ ବର୍ଷ ତଳେ ଡମଝର ଗାଁରୁ ରୁ ରୁଣିବସା ଗାଁକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ରୁଣିବସା ଠାରେ ସରକାରଙ୍କ ତରଫରୁ ଗୋଟିଏ ଓଭର୍ହେଡ ଟେଙ୍କ ନିର୍ମାଣ ସରିଛି। ହେଲେ ଓଭରହେଡ ଟ୍ୟାଙ୍କ ନିର୍ମାଣ ହେବ ଦିନଠାରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖତ ଖାଉଛି, ଲୋକଙ୍କ କାମରେ ଆସୁନାହିଁ। ଗାଁର ମହିଳାମାନେ ଆଜି ଗାଁ ରାସ୍ତା ଉପରେ ମାଠିଆ, ଗରିଆ ଧରି ରାସ୍ତା ଅବରୋଧ କରିଥିଲେ। କୌଣସି ପଦାଧିକାରୀ ଘଟଣାସ୍ଥଳକୁ ଆସିନଥିଲେ। ଗାଁରେ ନଳକୂପ ପାଣିର କଥା ନ କହିବା ଭଲ। ଗାଁର ମହିଳାମାନେ ଦୁଇ କିଲୋମିଟର ଦୂର ନଦୀକୁ ଯାଇ ଟାଣ ଖରାରେ ପିଇବା ପାଣି ଆଣୁଥିବା



ଅଭିଯୋଗ ହେଉଛି। ସଂପୃକ୍ତ ପାଇପ ପୋତାଯାଇଥିବ ଠିକାଦାରଙ୍କୁ ଏ ପଚାରିବାରୁ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା କର୍ଲାକୋଟ ଠାରୁ ରୁଣିବସା, ଡମଝରରୁ ପଲସଦା ଛକରେ ସଂଯୋଗ ହୋଇଛି। ରାସ୍ତା କାମର ଠିକାଦାରଙ୍କ ମେସିନରେ କାମ କରିଥିବାରୁ ପାଇପ ଗୁଡ଼ିକ ବାରମ୍ବାର ନଷ୍ଟ ହୋଇଥିବାରୁ ମରାମତି ମଧ କରାଯାଉଛି ବୋଲି ସଂପୃକ୍ତ ଠିକାଦାର ପ୍ରକାଶ କରିଥିଲେ । ଏ ପଟେ ଗ୍ରାମବାସୀଙ୍କ କହିବା ଅନୁସାରେ ଦୀର୍ଘ ଦୁଇ ବର୍ଷ ହେଲା ୬ ମାସରେ ଦୁଇଥର ୩ ମାସରେ ଥରେ ପାଣି ଆସୁଛି ବୋଲି କହିଥିଲେ। ଗାଁରୁ ନିକଟସ୍ଥ ଘରଧରା ନଦୀକୂଳରେ ଏକ ଗଭୀର କୂଅ ଖୋଲି ସ୍ୱତନ୍ତ୍ର ବ୍ୟବସ୍ଥା କରି ପାଣି ଯୋଗାଣ କରାଗଲେ ପାଣି ପାଇ ପାରିବୁ ବୋଲି ପ୍ରକାଶ କରିଥିଲେ। ଗାଁରେ ଜନସଂଖ୍ୟା ପ୍ରାୟ ଏକ ହଜାର ରହିଥିବା ବେଳେ ଗୋଟିଏ ୱାର୍ଡ ରହିଛି। ଏଠାରେ ଏକ ପ୍ରାଥମିକ ବିଦ୍ୟାଳୟ ଅଛି। ହେଲେ ମଧାହ୍ନ ଭୋଜନ ପାଇଁ ରାନ୍ଧିବା କଷ୍ଟକର ହୋଇପାରୁଥିବା ବେଳେ ଛାତ୍ରଛାତ୍ରୀମାନେ ମଧ ଅସୁବିଧା ଭୋଗି ଆସୁଛନ୍ତି। ଏ ସଂପର୍କରେ ସ୍ଥାନୀୟ ସରପଞ୍ଚ ସଦାଶିବ ବେହେରାଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାର ଓ ସଂପୃକ୍ତ କନିଷ୍ଠଯନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛି ଓ ଖୁବ୍ ଶୀଘ୍ର ଜଳ ଯୋଗାଣ କରାଯିବ ବୋଲି କହିଥିଲେ। ପାଣି ଯୋଗାଣ କରା ନଗଲେ ଓ ୨୦୨୪ ନିର୍ବାଚନର ଗାଁ ବିଦ୍ୟାଳୟରେ ମତଦାନ କେନ୍ଦ୍ର କରା ନଗଲେ ଭୋଟ ବର୍ଜନ କରାଯିବ ବୋଲି ଗାଁର ଉମାଶଙ୍କର ବେହେରା, ଇନ୍ଦ୍ରମଣି ବେହେରା, କ୍ଷାମାନିଧି ବେହେରା, ରିଖିରାମ ବେହେରା, ରାଧାମୋହନ ବେହେରା, ରମା ବେହେରା, ପର୍ଶୁରାମ ବେହେରା, ନାଏବ ସରପଞ୍ଚ ସସ୍ମିତା ବେହେରା, ୱାର୍ଡ ମେମ୍ବର ସେବନି ବେହେରା ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଘର ଭାଙ୍ଗିଲା ଦନ୍ତା, କ୍ଷତିପୂରଣ ଦାବି କଲେ ଗ୍ରାମବାସୀ



**ଢେଙ୍କିକୋଟ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ଛତିଆ ଗ୍ରାମରେ ଗତ ୨୦ ତାରିଖ ରାତି ଗୋଟିଏ ଗୋଠ ଛଡ଼ା ଦନ୍ତା ପଶି ୨ଟି ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ଗ୍ରାମର ପ୍ରମିଳା ମୁଣ୍ଡା ଓ ତାଙ୍କ ଭାଇ ସୋରେନ ମୁଣ୍ଡାଙ୍କ ଘର ଏହି ଦନ୍ତା ଭାଙ୍ଗିଥିବା ଜଣାପଡିଛି। ବନବିଭାଗ ଘଟଣାର ତଦନ୍ତ କରି ଉଭୟ ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭଞ୍ଜନଗର ପୋଲିସ କବ୍ଜାରେ ଦୁର୍ଦ୍ଦାନ୍ତ ଅପରାଧୀ ପବିତ୍ର



**ବ୍ରହ୍ମପୁର (ଅମୃତ ମିଡିଆ):** ଭଞ୍ଜନଗର ପୋଲିସକୁ ସଫଳତା, ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ କାବୁ କରିଛି ପୋଲିସ । ଖବର ଅନୁଯାୟୀ ଭଞ୍ଜନଗର ଏବଂ ଗାଙ୍ଗପୁର ଥାନା ଅଂଚଳରେ ଦୁର୍ଦ୍ଦାନ୍ତ ଅପରାଧୀ ପବିତ୍ର ନାୟକ (୨୩) ପୋଲିସର ନିଦ ହଜାଇଥିବା ବେଳେ ପୋଲିସ ଶେଷରେ ପବିତ୍ରଙ୍କୁ କାବୁ କରିବାରେ ସକ୍ଷମ ହୋଇଛି । ସୂଚନା ଅନୁଯାୟୀ ଭଂଜନଗର ଏସଆଇ ଜୋଶନାମୟୀ ସାହୁଙ୍କ ନେତୃତ୍ୱରେ ଏକ ଟିମ ବାରଙ୍ଗନାଳ ନିକଟରେ ଯାଞ୍ଚ କରୁଥୁଲେ । ଉକ୍ତ ଅଂଚଳ ଦେଇ ପବିତ୍ର ନିଜ ମୋଟର ସାଇକେଲରେ ଯାଉଥିବା ବେଳେ ପୋଲିସର ପେଟ୍ରୋଲିଂ ଦେଖି ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ପବିତ୍ରକୁ ଧରିବାରେ ସକ୍ଷମ ହୋଇଥିଲା । ଏ ନେଇ ପୋଲିସ ପବିତ୍ର ନିକଟରୁ ଗୋଟିଏ ବନ୍ଧୁକ, ୪ ଗୋଟି ଜୀବନ୍ତ ଗୁଳି, ବାଇକ ଏବଂ ଏକ ଖଣ୍ଡା ମଧ ଜବତ କରିଥିବା ବେଳେ ଥାନାରେ ୨୦୯/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଭଞ୍ଜନଗର ଥାନାଧିକାରୀ ସୂଚନା ଦେଇଛନ୍ତି । ଭଞ୍ଜନଗର ପୋଲିସ କବ୍ଜାରେ ଦୁର୍ଦ୍ଦାନ୍ତ ଅପରାଧୀ ପବିତ୍ର ।

## ମିଶନ ଶକ୍ତି ଭବନ ଉଦ୍‌ଘାଟିତ

**ଆଳି (ଅମୃତ ମିଡିଆ):** ଆଳି ବ୍ଲକ ମିଶନ ଶକ୍ତି ଭ୍ୱନ ବୁଧବାର ଦିନ ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ଆଳି ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଭୀଷ୍ମ ମହାନ୍ତି,ନିଆଳ ସରପଞ୍ଚ ଅଶୋକ ମଲ୍ଲିକ, ସମିତିସଭ୍ୟ ସନ୍ତୋଷ ପଡିହାରୀ, ଆଳି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ, କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରାଙ୍କ ସେମେତ ମିଶନ ଶକ୍ତି ବିଭାଗର କର୍ମଚାରୀ ଓ ଶତାଧିକ ମହିଳା ଉପସ୍ଥିତ ଥିଲେ । ଏହି ଭବନ ମିଶନ ଶକ୍ତି ମହିଳା ମାନଙ୍କ ଅନେକ କାର୍ଯ୍ୟରେ ଲାଗିପାରିବ ବୋଲି ମନ୍ତ୍ରୀ ଶ୍ରୀ ଦେବ ପ୍ରକାଶ କରିଛନ୍ତି ।

## ସହିଦ୍ ଭଗତ ସିଂଙ୍କ ବଳିଦାନ ଦିବସରେ ଶୋଭାଯାତ୍ରା



**ଭଞ୍ଜନଗର (ଅମୃତ ମିଡିଆ):** ସ୍ୱତନ୍ତ୍ର ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିବା ଓ ସାଲିସ ବିହୀନ ସଂଗ୍ରାମ କରି ଦେଶ ପାଇଁ ହସି ହସି ଫାଶୀ ଖୁଣ୍ଟରେ ଚଢିଥିବା ସହିଦ୍ ଭଗତ ସିଂ ଙ୍କ ବଳିଦାନ ଦିବସ ଶନିବାର ଭଞ୍ଜନଗର ଠାରେ ପାଳିତ ହୋଇଯାଇଛି। ଚାଷୀ ମୂଲିଆ ସଂଘ ଓଡିଶା ଓ ସର୍ବ ଭାରତୀୟ କ୍ଷେତ ମଜଦୂର କିଶାନ ସଭା ପକ୍ଷରୁ ଶନିବାର ସହିଦ୍ ଭଗତ ସିଂ ଙ୍କ ବଳିଦାନ ଦିବସ କୁ ମନେ ପକାଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ଶହ ଶହ ଚାଷୀ ମୂଲିଆ, ଶୋଷିତ ବର୍ଗ ଓ ଦଳିତ ଆଦିବାସୀ ସାମିଲ ହୋଇଥିଲେ। ସ୍ଥାନୀୟ ବସଷ୍ଟାଣ୍ଡ ଛକରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଶେଷରେ ବାଉଁଶ ଲୁଣ୍ଡି ବାଇପାସ୍ ଛକରେ ପହଞ୍ଚିଥିଲା। ସାମ୍ରାଜ୍ୟ ବାଦ, ପୁଞ୍ଜିବାଦ ବିରୁଦ୍ଧରେ ସ୍ଲୋଗାନ ଦେଇ ସହିଦ୍ ଭଗତ ସିଂ ଙ୍କ ସ୍ୱପ୍ନ ର ଭାରତ ଗଠନ ପାଇଁ ଏଥିରେ ଆହ୍ୱାନ ଦିଆଯାଇଥିଲା। ସାମନ୍ତବାଦ ଚିନ୍ତାଧାରା ଦେଶ ପାଇଁ କ୍ଷତିକାରକ। ଏଣୁ ଏହି ବ୍ୟବସ୍ଥା ବିରୁଦ୍ଧରେ ସାଲିସ ବିହୀନ ସଂଗ୍ରାମ ପାଇଁ ସମାଜର ସବୁ ବର୍ଗର ଜନସାଧାରଣ ଆଗେଇ ଆସିବା ଉଚିତ ବୋଲି ଏଥିପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ମଞ୍ଚାସୀନ ଅତିଥି ମାନେ ଉଲ୍ଲେଖ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ରେ ବରିଷ୍ଠ ଆଇନଜୀବି ସୋମନାଥ ନାୟକ, ନିରାକାର ନାୟକ, ଅବନୀ ଗୟା, ଗଗନ ଚନ୍ଦ୍ର ମଲ୍ଲିକ, ରବି ନାରାୟଣ ସାମନ୍ତ, ପିତାମ୍ବର ପରିଡ଼ା, ରଞ୍ଜନ ଶବର ଓ ଲଡୁ ଶବର ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

## ସମ୍ବାଦ ଓ ଆମ ଓଡ଼ିଶା, ବିପଦର ବନ୍ଧୁ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର



**ବ୍ରହ୍ମପୁର / ହିଞ୍ଜିଳିକାଟୁ (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ରାଳବ ଗ୍ରାମରେ ସମ୍ବାଦ ଓ ଆମ ଓଡ଼ିଶା ଏବଂ ବିପଦର ବନ୍ଧୁ ଓଡ଼ିଶା ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରିଥିଲେ ଏବଂ ନିଜର ରକ୍ତ ଦାନ କରିଥିଲେ। ଏହି ରକ୍ତ ଦାନ କରିବା ସମୟରେ ଏକ ସ୍ୱେଚ୍ଛାସେବୀ ଭାବରେ ବ୍ରହ୍ମପୁର ସହରର ଟ୍ରାଫିକ ପୋଲିସରେ କାର୍ଯ୍ୟରତ ଟ୍ରାଫିକ କନଷ୍ଟେବଳ ଏ. ଦେବେନ୍ଦ୍ର ରାଓ କୌଣସି ସୂତ୍ରରୁ ତଥା ଯୋଗାଯୋଗ ମାଧ୍ୟମରେ ଖବର ପାଇ ତୁରନ୍ତ ନିଜର ରକ୍ତ ଦାନ କରିବା ପାଇଁ ଏହି ରକ୍ତ ଦାନ ଶିବିରକୁ ଆସିଥିଲେ। ଶ୍ରୀ ରାଓ ସବୁବେଳେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନା କରିବା ସହ ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ତତ୍ପର ରହିଥାନ୍ତି। ଶ୍ରୀ ରାଓଙ୍କ କହିବା ଅନୁସାରେ ସବୁ ସମୟରେ ରକ୍ତ ଭଣ୍ଡାରରେ କୌଣସି ନା କୌଣସି ଗ୍ରୁପର ରକ୍ତର ଅଭାବ ଦେଖା ଯାଇଥାଏ। ତେଣୁ ଏପରି ରକ୍ତଦାନ ଶିବିର ଆୟୋଜନ ଯଦି କରାଯାଏ ତାହାହେଲେ ଏହି ରକ୍ତ ଅଭାବର ସମସ୍ୟା ଦୂର ହୋଇପାରିବ। ଏହାଛଡା ସେ ଆହୁରି ମଧ କହିଥିଲେ ଯେ ସାଧାରଣତଃ ଆଜିକାଲି ଲୋକେ କୌଣସି ଶୁଭ କାର୍ଯ୍ୟ ଭୋଜିଭାତରେ ନିମନ୍ତ୍ରଣ କରା ନଗଲେ ଅଭିମାନ କରିଥାନ୍ତି। କିନ୍ତୁ ଯେତେବେଳେ ରକ୍ତ ଦାନ କରିବା ସମୟ ଆସିଲେ ବିଭିନ୍ନ ପ୍ରକାରର ବାହାନା ଦେଖାଇ ଥାନ୍ତି। କଥାରେ ଅଛି ରକ୍ତ ଦାନ ମହା ପୁଣ୍ୟ। ତଥାପି ଲୋକ ଏପରି ରକ୍ତଦାନ କରିବାକୁ ପାଛାଇଥାନ୍ତି। ଶ୍ରୀ ରାଓଙ୍କ କହିବା ମତରେ ସେ ଟ୍ରାଫିକ ଡିଉଟି କରିବା ସମୟରେ ଟ୍ରାଫିକ ନିୟମ ନ ମାନି ଅନେକ ଲୋକ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି ଏବଂ ନିଜର ଅମୂଲ୍ୟ ରକ୍ତ ସଡ଼କରେ ଅନାବଶ୍ୟକ ଭାବରେ ବୋହି ଦେଇଥାନ୍ତି। ସେହି ଲୋକମାନେ ଯଦି ଏପରି ଅମୂଲ୍ୟ ରକ୍ତ ସଡ଼କରେ ନ ବୋହାଇ ବରଂ କୋ ?ଣସି ଆବଶ୍ୟକୀୟ ଲୋକଙ୍କ ଉପକାରରେ ଦେବା ଉଚିତ। ସତରେ ଜଣେ ଟ୍ରାଫିକ କନଷ୍ଟେବଳଙ୍କ ଏହିଭଳି ସାହାଯ୍ୟ ଭାବନା ସର୍ବ ସାଧାରଣରେ ପ୍ରଶଂସନୀୟ ଅଟେ।

# ଚାରିଶମ୍ଭୁ ପୀଠରୁ ଉଠିଲା ଚୈତ୍ର ଦଣ୍ଡ

## ଝାମୁଯାତ୍ରାରେ ବାହାରିଲେ ବାବା ପଶ୍ଚିମେଶ୍ୱର

**ବୌଦ୍ଧ (ଅମୃତ ମିଡିଆ):** ବୌଦ୍ଧ ଜିଲ୍ଲା ଐତିହାସିକ ଗନ୍ଧରାଡ଼ୀ (ଚାରିଶମ୍ଭୁ)ପୀଠରୁ ଗୁରୁବାର ଚୈତ୍ର ଦଣ୍ଡ ଉଠିଛି। ବାବା ପଶ୍ଚିମେଶ୍ୱର ଝାମୁଯାତ୍ରାରେ ବାହାରିଛନ୍ତି। ସିଦ୍ଧେଶ୍ୱର, ଜାଗେଶ୍ୱର, ପଶ୍ଚିମ ସୋମନାଥ, କପିଳେଶ୍ୱର, ଭଦ୍ରକାଳୀ, ଶ୍ୟାମାକାଳୀଙ୍କ ସହ ବିଭିନ୍ନ ଦେବା ଦେବୀଙ୍କୁ ଠାରେ ରିତିନୀତି ପୂଜାକାନ୍ତି ହେଲା ପରେ ଦଣ୍ଡ ଉଠିଥିଲା।



ଶୁକ୍ରବାର ମନ୍ଦିର ପରିସରରୁ ଠାକୁର ଠାକୁରାଣୀଙ୍କୁ ବାହାର କରାଯାଇ ଚାରିଶମ୍ଭୁ, ଜଗତି ଗ୍ରାମ ପରିକ୍ରମା କରାଯାଇ ଘରକୁ ଘର ବନ୍ଦାଣ ଘେନିଥିଲେ। ରବିନା କ୍ଷେତିଙ୍କ ତତ୍ତ୍ୱାବଧାନରେ ଉଠିଥିବା ଏହି ଦଣ୍ଡରେ ମୁଖ୍ୟ ପାଟଭୁକୁତା ଭାବେ ପରଖିତ ସ୍ୱାଇଁ, ବିଣାକାର ଭାବେ ଶିଶିର କଳତା, ମୁନା ବେହେରା, ସନ୍ତୋଷ ବେହେରା, ଜଳନ୍ଧର ପ୍ରଧାନଙ୍କ ସହ ତେର ଭୁକୁତା, ଗୁହରିଆମାନେ ସାମିଲ ହୋଇ ଠାକୁରଙ୍କୁ ବିଭିନ୍ନ ଗ୍ରାମ ପରିକ୍ରମା କରିବା କାର୍ଯକ୍ରମ ରହିଛି।

ନୂଆ ଦଣ୍ଡ ପାଟି ଭାବେ ଏହି ଦଣ୍ଡ ବାହାରି ଗ୍ରାମ ପରିକ୍ରମା କରିଥିବା ବେଳେ ପୁରୁଣା ଦଣ୍ଡ ପାଟିର ଚତୁର୍ଭୁଜ ଖମାରୀଙ୍କ ତତ୍ୟାବଧକ୍ଷନରେ ପଶ୍ଚିମ ସୋମନାଥ ମନ୍ଦିରରୁ ଦଣ୍ଡ ଉଠିଛି। ଏଥିରେ ପୂଜକ ସୁଶୀଲ ପାଣିଗ୍ରାହୀ, ସୁବାସ ଖମାରୀ ପୂଜାକାର୍ଯ୍ୟ ତୁଲାଇଥିବା ଜଣାପଡ଼ିଛି। ଦୀର୍ଘ ୨୧ ଦିନ ବ୍ୟାପୀ ଏହି ଯାତ୍ରା ହେଉ ଥିବା ବେଳେ ପଣାସଂକ୍ରାନ୍ତି ଦିନ ଠାକୁରମାନେ ମେରୁ ଯାତ୍ରା କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ସେହିପରି ଶନିବାର ଦିନ ଠାରୁ ଚଣ୍ଡୀତଳ ଗ୍ରାମରୁ ଗୁପ୍ତେଶ୍ୱର ବାବାଙ୍କ ଚୈତ୍ର ଦଣ୍ଡ ଉଠି ଗ୍ରାମ ପରିକ୍ରମା କରିବ।

# କବିରାଜ ଗଜାନନ ତ୍ରିପାଠୀଙ୍କୁ ମିଳିଲା ସମ୍ମାନଜନକ ଡ଼କ୍ଟରେଟ୍ ଉପାଧି

**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ଶା ରାଜ୍ୟ ଗଂଜାମ ଜିଲ୍ଲାର ଜଣେ ଜଣାଶୁଣା ଲେଖକ କବି ସାମ୍ବାଦିକ ତଥା ପରିବେଶ ପ୍ରେମୀ ପ୍ରକୃତିମଣିଷ ଆଇନଜୀବୀ ଏବଂ ସମାଜିକ କର୍ମୀ ପ୍ରାକୃତିକ ଚିକିତ୍ସା ସହାୟକ କବିରାଜ ବଦ୍ୟଶ୍ରୀ ଗଜାନନ ତ୍ରିପାଠୀଙ୍କୁ ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରକୃତିର ସୁରକ୍ଷା ପରିବେଶର ସୁରକ୍ଷା ଜୀବଜଗତର ସୁରକ୍ଷା ମାନବାଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଭାରତ ସରକାରଙ୍କ ସହବନ୍ଧିତ ବିଶ୍ୱ ସଂସ୍କୃତି ପର୍ଯ୍ୟାବରଣ ସୁରକ୍ଷା ମନ୍ତ୍ରଣାଳୟ ନୂଆଦିଲ୍ଲୀ ପକ୍ଷରୁ ମାର୍ଚ୍ଚ ୨୦ ତାରିଖ ୨୦୨୪ ରେ ସମ୍ମାନ ଜନକ ଡ଼କ୍ଟରେଟ୍ ଉପାଧି ପ୍ରଦାନ କରାଯାଇଅଛି । ନୂଆଦିଲ୍ଲୀ ସ୍ଥିତ ଭାରତୀୟ ସଂସଦିୟ କ୍ଲବ୍ ପରିସରରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଆଇନଜୀବୀ ତଥା ପରିବେଶବିତ୍ତ କବିରାଜ ବଦ୍ୟଶ୍ରୀ ଗଜାନନ ତ୍ରିପାଠୀ ଙ୍କୁ ଡ଼କ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଡ଼କ୍ଟର ଗଜାନନ ତ୍ରିପାଠୀ ଏଥି ପୂର୍ବରୁ ୨୦୦୨ ରେ ଡ଼କ୍ଟର ଆମ୍ବେଦ୍କର ଫେଲୋସିପ୍ ସମେତ ଓଡ଼ଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଗୌରବ ସମ୍ମାନ ୨୦୦୨, ମୟୁରଭଞ୍ଜ ଜିଲ୍ଲା ବରପଦା ହଳଦୀପଦା ସ୍ଥିତ ସୁନାଚାନ୍ଦ ସୁନପିଲା ବାଣୀପିଠ ଠାରେ ୨୦୦୪ମସିହାରେ ପ୍ରଜ୍ଞା ବାଣୀଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୧୦ ମସିହାରେ ବେଷ୍ଟ କ୍ରିୟେଟିଭ୍ ରାଇଟର ଆଣ୍ଡ଼ ଜୋର୍ନାଲିଷ୍ଟ ସମ୍ମାନ ଦିଆଯାଇଥିଲା । ଡ଼କ୍ଟର ଗଜାନନ ତ୍ରିପାଠୀ ଙ୍କୁ ଓଡ଼ିଶା ର ବିଭିନ୍ନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ମାନଙ୍କ ପକ୍ଷରୁ ଅନେକାନେକ ସମ୍ମାନ ମିଳିଛି । ଖେମୁଣ୍ଡି ରକ୍ତଦାନ ସଂଘ ପକ୍ଷରୁ ବହୁବାର ରକ୍ତଦାନ କରିବାପରେ ସମ୍ମାନିତ କରାଯାଇଥିଲା । ଡ଼କ୍ଟର ଗଜାନନ ତ୍ରିପାଠୀ ବିଭିନ୍ନ ସାହିତ ସଂସ୍କୃତି ଅନୁଷ୍ଠାନ ମାନବାଧିକାର ଅନୁଷ୍ଠାନ ପରିବେଗ ସୁରକ୍ଷା ଅନୁଷ୍ଠାନ ସହିତ ଜଡ଼ିତ ରହି ଜୀବନତମାମ ଏହି କର୍ତ୍ତବ୍ୟ କରିଚାଲିଛନ୍ତି ।




# କୋଦଳା ବାର୍ ଆସୋସିଏସନ୍ ନିର୍ବାଚନ - ୨୦୨୪

## ସମ୍ପାଦକ ପଦବୀ ପାଇଁ ଦୁଇ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ଲଢେଇ

**ପୋଲସରା (ଅମୃତ ମିଡିଆ):** ଚଳିତ ମାର୍ଚ୍ଚ ମାସ ଆଗାମୀ ୩୦ ତାରିଖ ଶନିବାର ଦିନ ୨୦୨୪-୨୫ ଏକ ବର୍ଷ ପାଇଁ ରାଜ୍ୟର ୧୭୨ ଗୋଟି ବାର୍ ଆସୋସିଏସନ୍ ଗୁଡ଼ିକର ପରିଚାଳନା କମିଟିର ବିଭିନ୍ନ ପଦପଦବୀ ସକାଶେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେବାକୁ ଯାଉଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲାରେ ନିମ୍ନସ୍ଥ ଗଂଜାମ ବାର୍ ବ୍ରହ୍ମପୁର, ଛତ୍ରପୁର ବାର୍ , ଭଂଜନଗର ବାର୍, ଆସ୍କା ବାର୍, ସୋରଡ଼ା ବାର୍, ହିଞ୍ଜିଳିକାଟୁ ବାର୍, ଚିକିଟି ବାର୍, କବିସୂର୍ଯ୍ୟନଗର ବାର୍, ପୁରୁଷୋ ମ ବାର୍, ଖେମୁଣ୍ଡି ବାର୍, ବୁଗୁଡ଼ା ବାର୍, ଖଲିକୋଟ ବାର୍, ସାନେଖେମୁଣ୍ଡି ବାର୍ ସେମତ ୮୪ ଜଣ ସଭ୍ୟ/ସଭ୍ୟା ବିଶିଷ୍ଟ କୋଦଳା ବାର୍ ଆସୋସିଏସନ୍ ଗୁଡିକେର ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ଉପରୋକ୍ତ କୋଦଳା ବାର୍‌ର ସଭାପତି ପଦ ପାଇଁ ବରିଷ୍ଠ ଓକିଲ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସୋମନାଥ ବେହେରା, ସମ୍ପାଦକ ପଦ ପାଇଁ ସନ୍ନ୍ୟାସୀ ସାହୁ ଓ ଗୋପାଳକୃଷ୍ଣ ସାହୁ, ଉପ-ସଭାପତି ପଦ ପାଇଁ ହରପ୍ରସାଦ ସାହୁ (ଗୁନୁ) ଓ ଅବନୀ ଶଙ୍କର ମିଶ୍ର ଏବଂ ସହ-ସମ୍ପାଦକ ପଦ ପାଇଁ ଜଣେ ମାତ୍ର ପ୍ରାର୍ଥୀ ଭାବେ ଭାସ୍କର ସ୍ୱାଇଁ ପ୍ରମୁଖ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ମୁଖ୍ୟତଃ ସମ୍ପାଦକ ପଦ ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ସନ୍ନ୍ୟାସୀ ସାହୁ ଏବଂ ଗୋପାଳ ସାହୁ ଉଭୟଙ୍କ ମନେର ତୀବ୍ର ପ୍ରତିଦ୍ୱନ୍ଦିତା ହେଉଥିବା ଶୁଣିବାକୁ ମିଳିଛି। ପ୍ରକାଶଥାଉ କି, ଗତ ୨୦୨୦-୨୧ ବର୍ଷ ଏହି କୋଦଳା ବାର୍ ଆସୋସିଏସନ୍ ର ସମ୍ପାଦକ ପଦରେ ସନ୍ନ୍ୟାସୀ ସାହୁ ପ୍ରଥମ ଥର ପାଇଁ ନିର୍ବାଚନରେ ଲଢେଇ କରି ନିଜର ପ୍ରତିଦ୍ୱନ୍ଦୀଙ୍କ ଠାରୁ ଅଧିକା ୨୪ ଖଣ୍ଡ ବ୍ୟବଧାନରେ ବିଜୟୀ ଲାଭ କରିଥିବା ବେଳେ ଚଳିତ ଏହି ନିର୍ବାଚନରେ ଦ୍ୱିତୀୟ ଥର ପାଇଁ ସମ୍ପାଦକ ପଦବୀ ହାତେଇବାକୁ ଚେଷ୍ଟା ଚେଳଇଥିବା ବେଳେ ପ୍ରତିଦ୍ୱନ୍ଦୀ ଗୋପାଳକୃଷ୍ଣ ସାହୁ ମଧ ଜୋରଦାର ପ୍ରୟାସ ଜାରି ରଖିଥିବା ଜଣାପଡିଛି। ଯାହାକି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ବୋଲି କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ। ତେବେ ବଶେଷ କରି ସନ୍ନ୍ୟାସୀ ସାହୁ ପୂର୍ବ ଭଳି ଏହି ନିର୍ବାଚନେର ମଧ ନିଜର ଓକିଲ ବନ୍ଧୁମାନଙ୍କ ଅକୁଣ୍ଠ ସହେଯାଗ ଏବଂ ସମଥର୍ନେର ନିଶ୍ଚିତ ଭବେ ବିଜୟୀ ଲାଭ କରିବେ ବୋଲି ଆଶା ରଖିଛନ୍ତି। ବ ର୍ମାନ ଦେଖିବାକୁ ବାକି ରହିଲା ସଭାପତି ପଦ ପେର ଏହି ସମ୍ପାଦକ ଭଳି ମର୍ଯ୍ୟାଦାଜନକ ପଦଟୀକୁ ହାତେଇବାରେ କିଏ ସଫଳ ହେଉଛନ୍ତି। କାରଣ କଥାରେ ଅଛି "ଯା ଜିତା ଓ୍ୱହି ସିକନ୍ଦର"।



ସନ୍ନ୍ୟାସୀ ସାହୁ

# ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ନୀତି ସମ୍ପନ୍ନ

**ପୁରୀ(ବ୍ୟୁରୋ):** ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ରବିବାର ଅବସରରେ ଦୋଳବେଦୀ ଠାରେ ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ନୀତି ବା ମେଣ୍ଢା ପୋଡି ସମ୍ପନ୍ନ ହୋଇଛି ।ଅରପକ୍ଷରେ ସୋମବାର ଦୋଳପୂର୍ଣ୍ଣିମା ଅବସରରେ ଦୋଳବେଦୀ ପରିସରରେ ଠାକୁରଙ୍କ ଦୋଳପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ମାନଙ୍କ ଦୁଲର୍ଭ ସୁନାବେଶ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ଫାଲୁଗୁନ ଚତୁର୍ଦ୍ଦଶୀ ଅବସରରେ ଦୋଳବେଦୀ ଠାରେ ଅନୁଷ୍ଠିତ ହେଉଥିବା ଅଗ୍ନି ଉତ୍ସବକୁ ମେଣ୍ଢାପୋଡ଼ି ନୀତି କୁହାଯାଏ ।ଏହି ଅବସରରେ ଠାକୁରଙ୍କ ଦର୍ଶନ ଲାଗି ଦୋଳବେଦି ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲିଖିତ ହୋଇଥିଲା । ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପରେ ତିନି ବାଡ଼ରେ ମଇଲମ ହୋଇଥିଲା । ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ବିଜେ କରାଇବା ପରେ ପୁଷ୍ପାଳକ ସେବକ ସର୍ବାଙ୍ଗ ଲାଗି କରାଇଥିଲେ । ଏହାପରେ ଚାଚେରୀ ବେଶ ନିମନ୍ତେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣୀ ଘରେ ପଡ଼ିଥିବା ଖଟଶେଜ ଉପରକୁ ବିଜେ କରିଥିଲେ । ତିନି ବାଡ଼ରେ ଚାଚେରୀ ବେଶ ବଢି ମାଳଫୁଲ ଓ କର୍ପୁର ଲାଗି ହୋଇଥିଲା । ଭୋଗ ସରିବା ପରେ ଦକ୍ଷୀଣଘର ଭୋଗ ସମ୍ପନ୍ନ ହୋଇଥିଲା । ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଭିତରକୁ ବିଜେ କରିଥଲେ । ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ଏବଂ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ । ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଚନ୍ଦନ, ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗ ଲାଗି କରାଇଥିଲେ ।ଏହାପରେ ସିଂହାସନ ତଳେ ମୁଦିରସ୍ତ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିବା ପରେ ଶ୍ରୀଅଙ୍ଗରେ ଚନ୍ଦନ ଫଗୁମଣି ଲାଗି ହୋଇଥିଲା । ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଠାକୁରଙ୍କୁ ଦେବା ପରେ ମହାଜନ ସେବକ ଠାକୁରଙ୍କୁ ହାତରେ ଜୟବିଜୟ ଦ୍ୱାର, ମୁକ୍ତିମଣ୍ଡପ ଦେଇ ଲକ୍ଷ୍ମୀ ମନ୍ଦିର ଠାରେ ପଲଙ୍କରେ ବିଜେ କରାଇଥିଲେ । ସେଠାରେ ଲକ୍ଷ୍ମୀ ନାରାୟଣଙ୍କ ଫଗୁ ଖେଳ ହୋଇଥିଲା । ପ୍ରସାଦ ଲାଗି ହୋଇ ବନ୍ଦାପନା ପରେ ଦୋଳଗୋବିନ୍ଦ, ଭୁଦେବୀ, ଶ୍ରୀଦେବୀଙ୍କୁ ପାଲିଙ୍କିରୁ ଆସି ବିମାନରେ ବିଜେ କରିଥିଲେ । ପରେ ଘଣ୍ଟ ଛତା କାହଳୀ ଏବଂ ସେବାୟତଙ୍କ ଗହଣରେ ଠାକୁର ଠାକୁରାଣୀ ଦୋଳବେଦିସ୍ଥିତ ଅଗ୍ନି ଉତ୍ସବକୁ ନିକଟକୁ ବିଜେ କରିଥିଲେ । ସେଠାରେ ହୋମ ନୀତି ସମ୍ପନ୍ନ ହେବା ପରେ ପ୍ରସାଦ ଲାଗି ଏବଂ ଶୀତଳ ଭୋଗ ମଣୋହି ହୋଇ ଚାମର ଆଲଟ ହୋଇଥିଲା । ପୂର୍ବରୁ ଦୋଳବେଦୀ ପରିସରରେ ସଜିତ ହୋଇ ରହିଥିବା ଅଗ୍ନିଘରେ ନିଆଁ ସଂଯୋଗ କରାଯାଇଥିଲା । ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ବିମାନରେ ୭ଥର ପ୍ରଦକ୍ଷଣ କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

# ଜନତା ପାର୍ଟି ଚକ୍ରାନ୍ତ କରି କେଜରିୱାଲଙ୍କୁ ଜେଲ୍ ପଠାଇଛି:ସତ୍ୟଜିତ ମହାନ୍ତି



**ପୁରୀ(ବ୍ୟୁରୋ):** ଅରବିନ୍ଦ କେଜରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରିଥିବା ଏବଂ ଅଭିଯୋଗକାରୀ ଠାରୁ ଚାନ୍ଦା ଆଦାୟ କରିଥିବା ଭାରତୀୟ ଜନତା ପାର୍ଟି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ଆମ ଆଦମୀ ପାର୍ଟି । ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯିବା ସମ୍ବନ୍ଧରେ ସାଙ୍ଘାତିକ ତଥ୍ୟ ପଦାକୁ ଆସିଛି । ଏହି ତଥ୍ୟରୁ ଭାରତୀୟ ଜନତା ପାର୍ଟି ହିଁ ପ୍ରକୃତ ଅପରାଧୀ ଏବଂ ଚକ୍ରାନ୍ତ କରି କେଜରିୱାଲଙ୍କୁ ଜେଲ ପଠାଇଥିବା ପ୍ରମାଣିତ ହେଉଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡିର ଅଭିଯୋଗ ହେଉଛି ପି ସରଥ ଚନ୍ଦ୍ର ରେଡ୍ଡୀ ନାମକ ମଦ ବେପାରୀ ଅରବିନ୍ଦ କେଜରିୱାଲଙ୍କୁ ଦିଲ୍ଲୀରେ ମଦ ଠିକା ପାଇବା ପାଇଁ ୧୦୦ କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି । କେବଳ ତାଙ୍କର ବକ୍ତବ୍ୟ ଆଧାରରେ କେଜରିୱାଲଙ୍କୁ ଗିରଫ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୁରୀ ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି । ମାତ୍ର ସୁପ୍ରିମ କୋର୍ଟର ନିର୍ଦ୍ଦେଶ ପରେ ସାର୍ବଜନୀନ ହୋଇଥିବା ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଅତି ସାଙ୍ଘାତିକ କଥା ଜଣାପଡିଛି । ସରଥ ଚନ୍ଦ୍ର ରେଡ୍ଡୀଙ୍କୁ ଇଡି ମଦ ଘୋଟଲାର ମୁଖ୍ୟ ପୁରୋଧା କହି ଗିରଫ କଲା । ତାଙ୍କୁ ଜେରା କଲାବେଳେ ସେ ଅରବିନ୍ଦ କେଜରିୱାଲଙ୍କୁ ଚିହ୍ନି ନାହାନ୍ତି ଏବଂ କୌଣସି ଟଙ୍କା ଦେଇନାହାନ୍ତି ବୋଲି କହିଲେ । ମାତ୍ର ବର୍ତ୍ତମାନ ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଜଣା ପଡିଛି ଯେ ପି ସରଥ ଚନ୍ଦ୍ର ରେଡ୍ଡୀଙ୍କୁ ଇଡି ମାଧମରେ ଭୟଭୀତ କରି ଭାରତୀୟ ଜନତା ପାର୍ଟି ତାଙ୍କର ବିଭିନ୍ନ କମ୍ପାନୀରୁ ପ୍ରାୟ ୬୦ କୋଟି ଟଙ୍କା ଚାନ୍ଦା ନେଇଛି । ସେ ଜେଲରେ ଥିବା ବେଳେ ଚାନ୍ଦା ଦେଇଛନ୍ତି । ପରବର୍ତ୍ତୀ ସମୟରେ ଅରବିନ୍ଦ କେଜରିୱାଲଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ରାଜି ହେବାରୁ ଇଡି ତାଙ୍କର ବେଲକୁ ବିରୋଧ କରିନଥିଲା ଏବଂ ତାଙ୍କୁ ରାଜସାକ୍ଷୀ କରି ମାମଲାରୁ ମୁକ୍ତି ଦେଇଥିଲା । ଏଥିରୁ ଜଣାପଡୁଛି ଚାପପକେଇ, ଡରେଇ ଧମକେଇ ଇଡି ମାଧ୍ୟମରେ ବିଜେପି କେବଳ ଚାନ୍ଦା ଆଦାୟ କରିନାହିଁ, ଅରବିନ୍ଦ କେଜରିୱାଲଙ୍କ ବିରୁଦ୍ଧରେ ମିଥ୍ୟା ବକ୍ତବ୍ୟ ମଧ୍ୟ ଆଦାୟ କରିଛି । ତେଣୁ ଆମ୍ ଆଦମୀ ପାର୍ଟି ବିଜେପି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛି ।ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁବ ସଭାପତି ଅଂଶୁମାନ ଶତପଥୀ, ବିରଜା ପ୍ରସାଦ ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଣିପାଗ ପରିବର୍ତ୍ତନ ସମ୍ବନ୍ଧୀୟ କର୍ମଶାଳା

**ପୁରୀ(ବ୍ୟୁରୋ):** ଭାରତୀୟ ବିଜ୍ଞାନ କଂଗ୍ରେସ ଏସୋସେଶନ ଭୁବନେଶ୍ୱର ଆନୁକୂଲ୍ୟରେ ଓଡ଼ିଶା ପାଣିପାଗ ପରିବର୍ତ୍ତନକୁ କିପରି ଜାଣିବା ଉପରେ ଏକ କର୍ମଶାଳା ଲାଇଟ ହାଉସ ନିକଟ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆମେରିକାର ଦୁଇ ବୈଜ୍ଞାନିକ ରସାୟନ ବିଜ୍ଞାନୀ ପ୍ରଫେସର ନିଲ ଫିଲିପି ଓ ଶ୍ରୀମତୀ ପରମିତା ସେନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଫେସର ଫିଲିପି ପରିବେଶରେ ପ୍ଲାଷ୍ଟିକର ବ୍ୟବହାରର ନକାରାତ୍ମକ ପ୍ରଭାବ ଉପରେ ନିଜ ଅଭିଭଷାଣ ରଖିଥିଲେ । ସ୍ୱାଗତ ସଙ୍ଗୀତ ,ଓଡିଶୀ ନୃତ୍ୟ ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘୋଡ଼ା ବଜାର, ପୁରୀର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅରବିନ୍ଦ ଦାସ ଅତିଥି ମାନଙ୍କ ପରିଚୟ ରଖିଥିଲେ ।ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ଅଭିମନ୍ୟୁ ଭୂୟାଁ ଅତିଥିମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।ଶିଶୁ ବିଦ୍ୟା ମନ୍ଦିର,+୨ ବିଜ୍ଞାନ ଜ୍ଞାନ ମନ୍ଦିରର ଶିଶୁ ମାନଙ୍କ ଓ ସୋଆ ବିଶ୍ୱବିଦ୍ୟାଳୟର ପ୍ରାୟ ୩୦୦ ବିଦ୍ୟାର୍ଥୀ ମାନଙ୍କ ସହ ଅନେକ ସମାଜ ସେବୀ ସମୁଦ୍ରକୂଳ ସଫେଇ କରିଥିଲେ ।ସମସ୍ତ କାର୍ଯ୍ୟକ୍ରମ ,ଭାରତୀୟ ବିଜ୍ଞାନ କଂଗ୍ରେସ ଏସୋସେଶନ ଭୁବନେଶ୍ୱରର କନଭେନର ଡ଼ଃ ଏସ.କେ.ଏସ. ପରାଶରଙ୍କ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟ ପରିଚାଳନା ସମିତିର କର୍ମକର୍ତ୍ତା ଓ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା ।ସମସ୍ତ କାର୍ଯ୍ୟକ୍ରମ ଭାରତୀୟ ବିଜ୍ଞାନ କଂଗ୍ରେସ ଏସୋସେଶନ ଭୁବନେଶ୍ୱରର କନଭେନର ଡ଼ଃ ପରାଶରଙ୍କ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟ ପରିଚାଳନା ସମିତିର କର୍ମକର୍ତ୍ତା ଓ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା ।

# ୧୪ ତମ ଜାତୀୟ ନାଟ୍ୟ ମହୋତ୍ସବ





**ପୁରୀ(ବ୍ୟୁରୋ):** ରଙ୍ଗଶାଳା ଅନୁଷ୍ଠାନ ପକ୍ଷରୁ ୧୪ ତମ ଜାତୀୟ ନାଟ୍ୟ ମହୋତ୍ସବ ୨୦୨୪ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର,ବରିଷ୍ଠ କଳାକାର ଭରତ ଚନ୍ଦ୍ର ନାୟକ,ଗଣେଶ୍ୱର ମହାପାତ୍ର,ଶିବସୁନ୍ଦର ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାନ୍ତି,ସାମାଜିକ କର୍ମୀ ସୁରେଶ କୁମାର ନନ୍ଦ,ଉପସ୍ଥାପିକା ମୌଳିକାନ୍ତା ମିଶ୍ର (ଗୁଡ୍ଡି) ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ପ୍ରମୁଖ ଯୋଗଦାନ କରି ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ନାଟ୍ୟ ସଂଜୀବନୀ ବ୍ୟୋମକେଶ ତ୍ରିପାଠୀ ସମ୍ମାନରେ ବିଶିଷ୍ଟ ହାସ୍ୟ ଅଭିନେତା ହରିହର ମହାପାତ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।ମଞ୍ଚ ପରିଚାଳନା କରିଥିଲେ ମଧୁସ୍ମିତା ସାହୁ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ ଶ୍ୟାମ ପ୍ରକାଶ ସେନାପତି ।

# ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ



**ପୁରୀ(ବ୍ୟୁରୋ):** ଅଦ୍ୟ ତା ୨୩.୦୩. ୨୦୨୪ ରିଖ ଶନିବାର ମହାତ୍ମାଗାନ୍ଧୀ ସ୍ମୃତିଶିକ୍ଷା ଓ ବୈଶୟିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସର ମଧ୍ୟରେ ଏନ୍‌ଏସ୍‌ଏସ୍ ପୁରୁଷ ବିଭାଗ ଦ୍ୱାରା ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ଲକ୍ଷ୍ମୀଧର ସାହୁ ଉକ୍ତ କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କରିବା ପରେ ପ୍ରୋଗ୍ରାମ ଅଫିସର ବରାହୀପ୍ରସାଦ ଶତପଥୀ ୧୦୦ ଛାତ୍ରମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମଟିର ପରିଚାଳନା କରିଥିଲେ । ଜାତୀୟ ସେବା ଯୋଜନା ମଧ୍ୟରେ ଥିବା ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ଭଳି ଅନେକ ପ୍ରମୁଖ ବିକାଶ ସାଧନ ହୋଇପାରିବ ବୋଲି ଅଧକ୍ଷ ଓ ପ୍ରୋଗ୍ରାମ ଅଫିସର ଛାତ୍ରମାନଙ୍କୁ ଏଥିରେ ବ୍ରତୀ ହୋଇ ନିଜକୁ ଗଢ଼ିତୋଳିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଶେଷରେ ଛାତ୍ରମାନଙ୍କ ପାଇଁ ଜଳପାନର ବ୍ୟବସ୍ଥା କରାଯାଇ ସେମାନଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ସୃଷ୍ଟିପାଇଁ ପ୍ରୟାସ କରାଯାଇଥିଲା । ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମଟିରେ ସହଯୋଗ ପ୍ରଦାନ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ଏସ୍.ଏଫ୍. ଆଇ ପକ୍ଷରୁ ସହିଦ ଦିବସ ପାଳିତ

**ପୁରୀ(ବ୍ୟୁରୋ):** ଏସ୍ .ଏଫ୍.ଆଇ ପୁରୀ ସହର କମିଟି ପକ୍ଷରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଭଗତ ସିଂହ, ରାଜଗୁରୁ ଓ ସୁଖଦେବଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସଙ୍ଗଠନ ପକ୍ଷରୁ ସହିଦ ଦିବସ ଉପଲକ୍ଷେ ଏକ ପ୍ରଚାର ପଦଯାତ୍ରା ପୁରୀ ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରୁ ବାହାରି ରାମଚଣ୍ଡୀ ସାହିସ୍ଥ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ସଂଘ (ଓଷ୍ଟା) ପୁରୀ ଜିଲ୍ଲା କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ଓଷ୍ଟା ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅଧକ୍ଷତା କରିଥିଲେ ସୁରଜମଲ ସାହା ମହାବିଦ୍ୟାଳୟର ଛାତ୍ରନେତା ମାନସ ରଞ୍ଜନ ଦଳବେହେରା । ପ୍ରାରମ୍ଭରେ ସଭ୍ୟ ଓ ସଭ୍ୟା ମାନେ ସହିଦ ମାନଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଦେଇଥିଲେ ।ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ତଥା ସୁରଜମଲ ସାହା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ବକ୍ତବ୍ୟ ରଖି କହିଲେ ଯେ ଭଗତ ସିଂହ ଓ ତାଙ୍କ ସାଥୀ ବିପ୍ଳବୀ ମାନେ ଭାରତକୁ ଏକ ସମାଜବାଦୀ ପ୍ରଜାତନ୍ତ୍ର ଗଢିବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ଧୂଳିସାତ ହେବାକୁ ବସିଛି । ବୃହତ୍ ଏକଚାଟିଆ ପଞ୍ଜିପତିଙ୍କ ଲୁଣ୍ଠନ ଓ ସାମ୍ପ୍ରଦାୟିକ ଫାଶୀବାଦି ରାଜନୀତି ଏହି ସ୍ୱପ୍ନ ସାକାର ଦିଗରେ ମୁଖ୍ୟ ପ୍ରତିବନ୍ଧକ । ଏସ ଏଫ୍ ଆଇ ରାଜ୍ୟ ସମ୍ପାଦକ ଷ୍ଟାଲିନ ଲେଙ୍କା, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରନେତା ସ୍ମୃତି ରଞ୍ଜନ ଜେନା ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ଓ ବ୍ୟବସାୟୀକରଣ ହେଉଛି ପୁଞ୍ଜିବାଦୀ ଅର୍ଥନୀତିର ଅଂଶ । ଏହା ବିରୁଦ୍ଧରେ ଛାତ୍ର ସମାଜ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ଛାତ୍ର ନେତା ଚନ୍ଦନ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଛାତ୍ରୀନେତ୍ରୀ ରାକ୍ଷୀ ସ୍ୱାଇଁ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରନେତା ଅମିତ୍ କୁମାର ବେହେରା, ଶୁଭଙ୍କର ପଣ୍ଡା , ଦିପୁ ଶଙ୍ଖର୍ବ, ଶିକ୍ଷକନେତା ବ୍ରହ୍ମାନନ୍ଦ ସାହୁ ଓ କୃଷ୍ଣଚନ୍ଦ୍ର ସାହୁ ଆଲୋଚନାରେ ଭାଗ ନେଇଥିଲେ ।

## ଦୋଳ ପୂର୍ଣ୍ଣିମା ଉପଲକ୍ଷେ ବଡ଼ଦାଣ୍ଡାରେ ଚିତ୍ରକଳା ଶିବିର

**ପୁରୀ(ବ୍ୟୁରୋ):** ଆସନ୍ତା ତା ୨୫ରିଖ ଦୋଳ ପୂର୍ଣ୍ଣମୀ ଉପଲକ୍ଷେ ଜଗନ୍ନାଥ ମନ୍ଦିର ବେଢ଼ା ପରିକ୍ରମା ପଥଠାରେ 'ଜେଡ଼ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ', ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଓ 'ଉକ୍ରୃଷ୍ଟ ଭିଜୁଆଲ କନ୍‌ସଲଷ୍ଟାଣ୍ଟ' ଦ୍ୱାରା ଆୟୋଜିତ ଏକ ଦିବସୀୟ ଚିତ୍ର କଳା ଶିବିର ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ ଶିବିରରେ ପ୍ରସ୍ତୁତ ହୋଇଥିବା କଳାକୃତୀ ସବୁ ସର୍ବସାଧାରଣରେ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଶିବିରରେ ଓଡ଼ିଶାର ଏବଂ ଓଡ଼ିଶା ବାହାରେ ରହୁଥିବା ବହୁ ସୁନାମଧନ୍ୟ ଚିତ୍ରଶିଳ୍ପୀ ଭାଗନେବେ ।ଅତୀତରେ ହୋଇଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପାତାଳି ଘଟଣା କ୍ରମର ବିବରଣୀକୁ ଜଗନ୍ନାଥ ସଂସ୍କୃତିର ଗବେଷକ ଶ୍ରୀ ପିତବାସ ରାଉତରାୟ ଓ ଶ୍ରୀ ଅସିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିମକାଠ ଉପରେ ବିଭିନ୍ନ ଶିବିରରେ ଚିତ୍ରଶିଳ୍ପୀଗଣ ଅଙ୍କନ କରିଆସୁଛନ୍ତି ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ



**ପୁରୀ(ବ୍ୟୁରୋ):** ପୁରୀ ପୌରାଞ୍ଚଳ ଅଧୀନ ୮ ନମ୍ବର ୱାର୍ଡ ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପୂର୍ବତନ କାଉନସିଲର ନାରାୟଣ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ସୁନିଲ କୁମାର ମହାନ୍ତି ଯୋଗଦାନ କରି ନବୀନ ବାବୁଙ୍କ ଲୋକାଭିମୁଖୀ କାର୍ଯ୍ୟ ଗୁଡ଼ିକୁ ସମସ୍ତ ଘରେ ଘରେ ପହଞ୍ଚାଇବା ସହ ପ୍ରତ୍ୟକ ଘରେ ଶଙ୍ଖ ଚିହ୍ନ ମାରି ନବୀନ ବାବୁ ଙ୍କ କାର୍ଯ୍ୟ ଗୁଡିକୁ ଅବଗତ କରାଇଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ସରୋଜ ନାୟକ,ୱାର୍ଡ ମହିଳା ସଭାନେତ୍ରୀ ସବିତା ମାଳ,ଯୁବ ନେତ୍ରୀ ଲକ୍ଷ୍ମୀପ୍ରିୟା ପାତ୍ର,ୱାର୍ଡ ସଭାପତି ହରିହର ମିଶ୍ର,ବୈଦ୍ୟରାଜ୍ ଷଡଙ୍ଗୀ,ଅଭିନାସ୍ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ ।

# ଅସାମାଜିକ ବ୍ୟକ୍ତିଙ୍କ ପେଣ୍ଠସ୍ଥଳ ପାଲଟିଛି ୩୧୬ ଜାତୀୟ ରାଜପଥ





**ପୁରୀ(ବ୍ୟୁରୋ):** ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ୩୧୬ ଜାତୀୟ ରାଜପଥ ବର୍ତ୍ତମାନ ଅସାମାଜିକ ବ୍ୟକ୍ତିଙ୍କ ପେଣ୍ଠସ୍ଥଳ ପାଲଟିଛି । ସମଯାଜପୁର ଓଭରବ୍ରିଜଠାରୁ ତୁଳସୀଚଉରା ଛକ ପର୍ଯ୍ୟନ୍ତ ନିଶାଖୋର ଏବଂ ଲୁଟିଆଙ୍କ ଚରାଭୂଇଁରେ ପରିଣତ ହୋଇଛି । ଏହି ୨କିଲୋମିଟର ରାସ୍ତା ଦିନରେ ନିଛାଟିଆ ଓ ରାତିରେ ସମ୍ପୂର୍ଣ୍ଣ ଅନ୍ଧାର ଯୋଗୁ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ରାସ୍ତା ପ୍ରାଣନାଶକ ସାବ୍ୟସ୍ତ ହେଉଛି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେଲା ପରେ ବି ଜିଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗହେଉ ନାହିଁ । ପ୍ରଶାସନର ଅବହେଳା ପାଇଁ ଆଗାମୀ ଦିନରେ ଚନ୍ଦନପୁର ଅଞ୍ଚଳରେ ଏକ ବଡ଼ ଧରଣର ଆନ୍ଦୋଳନ ଦାନା ବାନ୍ଧିବାର ଲକ୍ଷ୍ୟ କରାଯାଉଛି । ୨୦୧୩ମସିହାରେ ନବକଳେବର ପାଇଁ ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ସମଯାଜପୁର ଓଭରବ୍ରିଜଠାରୁ ତୁଳସୀଚଉରା ଛକ ପର୍ଯ୍ୟନ୍ତ ଚନ୍ଦନପୁର ମୁଖ୍ୟ ବଜାରକୁ ନଭାଙ୍ଗି ବାଇପାସ ରାସ୍ତା ନିର୍ମାଣ କରାଯାଇଥିଲା । ୨୦୧୧ରେ ସମଯାଜପୁର ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୦୧୫ରେ ବାଇପାସ ରାସ୍ତାର ଦୋହରୀକରଣ କାର୍ଯ୍ୟ ଶେଷ ହୋଇଥିଲା । ସମଯାଜପୁର ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱରେ ୩୨ଟି ବିଦ୍ୟୁତ୍ ଖୁଣ୍ଟରେ ଉଜ୍ଜଳ ଆଲୋକ ଏବଂ ପ୍ରକଳ୍ପର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଉଜ୍ଜଳ ଆଲୋକୀକରଣର କରିବା ପାଇଁ ବ୍ୟବସ୍ଥା ରହିଥିଲା । କିନ୍ତୁ ଏହି ପ୍ରକଳ୍ପକୁ ୯ବର୍ଷ ବିତି ଯାଇଥିଲେ ମଧ କେବଳ ଖୁଣ୍ଟ ପୋତାରେ ଆଲୋକୀକରଣ ବ୍ୟବସ୍ଥା ଅଟକି ରହିଛି । ନାମକୁ ମାତ୍ର ବୀରପ୍ରତାପପୁର ଏବଂ ତୁଳସୀଚଉରା ଛକରେ ୨ଟି ହାଇମାଷ୍ଟ ଲାଇଟ ଲଗାଯାଇଥିଲା କିନ୍ତୁ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇ ନଥିଲା । ଫଳରେ ୩୧୬ ଜାତୀୟ ରାଜପଥର ଏହି ୨କିଲୋମିଟର ରାସ୍ତା ବର୍ତ୍ତମାନ ସମ୍ପୂର୍ଣ୍ଣ ଅନ୍ଧାର । ୨୦୧୯ ବାତ୍ୟା ପ୍ରଭାବରେ ତୁଳସୀଚଉରାସ୍ଥିତ ହାଇମାଷ୍ଟ ଲାଇଟ ଖୁଣ୍ଟ ସମ୍ପୂର୍ଣ୍ଣ ଓଲଟି ପଡିଥିବାବେଳେ ବୀରପ୍ରତାପପୁରସ୍ଥିତ ବିଦ୍ୟୁତ୍ ଖୁଣ୍ଟ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇ ପଡ଼ିରହିଛି । ବାତ୍ୟାକୁ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ୨ଟି ହାଇମାଷ୍ଟ ଲାଇଟ ପୁନଃରୁଦ୍ଧାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଫଳରେ ଚନ୍ଦନପୁର ପୁଲିସ ପକ୍ଷରୁ ରାତ୍ରିକାଳୀନ ପଇଁତରାରେ ଘୋର ଅବ୍ୟବସ୍ଥା ଅନୁଭୂତ ହେଉଛି । ଅନ୍ଧାରରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କାର୍ଯ୍ୟ କରିବା ଜଣେ ସାଧାରଣ ପୁଲିସ ପାଇଁ ପ୍ରାଣଘାତକ ସାବ୍ୟସ୍ତ ହୋଇପାରେ ବୋଲି ଚନ୍ଦନପୁର ଥାନାଧିକାରୀ ସୂଚନା ଦେଇଛନ୍ତି । ରାଜପଥରେ ଦୀର୍ଘ ଦିନରୁ ଗର୍ତ୍ତଗୁଡ଼ିକ ହୋଇଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ଚାଲିଛନ୍ତି । ଅନ୍ଧକାର ଏବଂ ଗର୍ତ୍ତ ଯୋଗୁଁ ମୋଟର ସାଇକଲ ଚାଳକ ଓ ଆରୋହୀମାନେ ଖାଲ ଖମାରେ ପଡ଼ି ଜୀବନ ହରାଉଥିବାର ନଜିର ରହିଛି । ଏହି ୨କିଲୋମିଟର ରାସ୍ତା ଅନ୍ଧାର ଏବଂ ଗର୍ତ୍ତ ସାଧାରଣ ଲୋକଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଥିବାବେଳେ ପ୍ରଶାସନ ଅବହେଳା ଯୋଗୁଁ ଲୁଟିଆଙ୍କ ପାଇଁ ଏହା ଭୂସ୍ୱର୍ଗରେ ପରିଣତ ହୋଇଛି । ୩୧୬ ଜାତୀୟ ରାଜପଥ ଚନ୍ଦନପୁର ଅଞ୍ଚଳରେ ଶୁକ୍ରବାର ପୁରୀ ଟାଉନ ଅଞ୍ଚଳର ଜଣେ ମହିଳା ଦିନରେ ଜଣେ ପଲସର ଚାଳକଙ୍କ ଦ୍ୱାରା ଲୁଟ୍‌ର ଶିକାର ହେବା ସହ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଏ ସମ୍ପର୍କରେ ଚନ୍ଦନପୁର ଥାନାଧିକାରୀ ମୋହନ ସାମନ୍ତରାୟ କହନ୍ତି, ଉପରୋକ୍ତ ୨ଟି ସ୍ଥାନ ଏବଂ ସମଯାଜପୁର ବ୍ରିଜ ଉପରେ ଆଲୋକ ନଥିବାରୁ ପୁଲିସ କର୍ମଚାରୀଙ୍କୁ ଡ୍ୟୁଟି କରିବାକୁ ଅସୁବିଧା ହେଉଛି । ଅନ୍ୟ ପକ୍ଷରେ ଅସାମାଜିକ ବ୍ୟକ୍ତିମାନେ ଅନ୍ଧାର ର ସୁଯୋଗ ନେଇ ଅପରାଧ ଘଟାଇ ଖସିଯିବାକୁ ସକ୍ଷମ ହେଉଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ସମଯାଜପୁର ବ୍ରିଜ ଏବଂ ରାସ୍ତା ପାର୍ଶ୍ୱ ୨ଟି ଟ୍ରାଫିକକୁ ତୁରନ୍ତ ଆଲୋକୀକରଣ ବ୍ୟବସ୍ଥା କରାଗଲେ ଅସାମାଜିକ କାର୍ଯ୍ୟକଳାପ ରେ ହ୍ରାସ ପାଇବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

# କବୀର ଚୌରା ମଠରେ ଆନନ୍ଦୀ ଚୌକା ଆରତୀ ଉତ୍ସବ ଅନୁଷ୍ଠିତ

**ପୁରୀ(ବ୍ୟୁରୋ):** ପୁରୀ କବିର ଚୌରା ମଠ ପୁରୀ ଠାରେ ଆୟୋଜିତ ସତୀକ ମହାଯଜ୍ଞ ଓ ଆନନ୍ଦୀ ଚୌକା ଆରତୀ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଆନନ୍ଦୀ ଚୌକା ଆରତୀ ଯଜ୍ଞ କବିର ପନ୍ଥ ପରମ୍ପରା ଅନୁଯାୟୀ ଏହି ଚୌକା ଆରତୀ ହେଉଛି ବାସ୍ତବରେ ଗୁରୁ ପ୍ରଣାଳୀ ର ପୂଜନ । ମୁଖ୍ୟତଃ ସେମାନେ ଚାରି ପୂର୍ବପୁରୁଷ ଗୁରୁଙ୍କୁ ଆରାଧନା କରିଥାନ୍ତି । ଅର୍ଥାତ ଚାରି ବେଦ ଙ୍କ ପୂଜନ ସହିତ କବିରଜୀ ଙ୍କ ମତ ଅନୁସାରେ ବେଦ ର ସ୍ରଷ୍ଟା ସୁଅମ ବେଦ ଙ୍କ ପୂଜା କରାଯାଏ । ନିଜର ପରିବାର ସୁଖ ପାଇଁ ସେମାନେ ଆନନ୍ଦ ଚୌକ ଆରତୀ । ଆତ୍ମୀୟ ଙ୍କ ମୃତ୍ୟୁରେ ଚଲା ବାଚକ ଆରତୀ । ସଂସ୍କାର ପାଇଁ ଶୋଲ୍ଲା ସକ୍ରାର ଆରତୀ ଏବଂ ଜଗତର ମଙ୍ଗଳ ବିଧାନ ସହିତ ପର୍ଯ୍ୟାବରଣ ଶୁଦ୍ଧତା ପାଇଁ ଆନନ୍ଦୀ ଚୌକା ଆରତୀ କରିଥାନ୍ତି । ଆଜି ଜଗତ ମଙ୍ଗଳ ଉଦ୍ଦେଶ୍ୟରେ ଏହି ଆନନ୍ଦୀ ଚୌକା ଆରତୀ ଅନୁଷ୍ଠିତ ହୋଇଥିଲା । ଏହି ଆରତୀ କେବଳ କବିର ପୀଠର ପିଠାଧୀଶ୍ୱର ଓ ମହନ୍ତ ହିଁ କରିପାରିବେ ବୋଲି ନିୟମ ରହିଛି । ଏହି ଆରତୀ ରେ ପାଖାପାଖି ଏକ ହଜାର ଭକ୍ତ ବିଭିନ୍ନ ରାଜ୍ୟ ଯଥା ଓଡିଶା, ଛତିଶଗଡ, ରାଜସ୍ତାନ, ବଙ୍ଗଳା, ଗୁଜରାଟ ମାଧପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ପ୍ରମୁଖ ରାଜ୍ୟ ରୁ ଭକ୍ତ ମାନେ ଯୋଗ ଦେଇଛନ୍ତି । ଶେଷରେ ଭକ୍ତ ମାନଙ୍କୁ ପୂଜ୍ୟ ପ୍ରସାଦ ବିତରଣ କରିଥିଲେ । ଏହି ଉତ୍ସବ କୁ ମଠ ର ମହନ୍ତ ଲକ୍ଷ୍ମୀଧର ଦାସ ମହାରାଜ ପରିଚାଳନା କରିଥିଲେ । କାଶୀ ରୁ କବୀର ଚୌରା ମଠ ମହନ୍ତ ଗୋପାଳ ଦାସ ଶାସ୍ତ୍ରୀ, ମହନ୍ତ ରାଜେଶ୍ୱର ଦାସ, ଛତିଶଗଡ ମହନ୍ତ ହନୁମାନ ଦାସ, ଉମେଶ ଦାସ ସ୍ୱାଧୀ , ଲକ୍ଷ୍ମୀ ସାହେବ, ବିଷ୍ଣୁ ଦାସ, ଜିତେନ୍ଦ୍ର ପଣ୍ଡା, କାର୍ତିକ ପ୍ରମୁଖ କାର୍ଯ୍ୟକ୍ରମ ଯୋଗ ଦେଇ ସହଯୋଗ କରିଥିଲେ ।

# ଅକୁପେସନାଲ ଥେରାପିଷ୍ଟ

**ପ୍ରଫେସର ଡାକ୍ତର ମଦନମୋହନ ସାହୁ**





**ରୋଗୀକୁ ରୋଗର ଚିକିତ୍ସା ଦେବା ସଙ୍ଗେ ସଙ୍ଗେ ଅକୁପେସନାଲ ଥେରାପି ତା'ର ମାନସିକ ସନ୍ତୁଳନତା, ସାମାଜିକ ଆଦୃତତା, ବଞ୍ଚିବା ପାଇଁ ସମ୍ମାନ, ଧନ୍ଦାମୂଳକ ବୃତ୍ତି ଏବଂ ଜୀବନ ବଞ୍ଚିବାର ମାନ ଯୋଗାଇ ଦେଇପାରୁଛି । ଆଧୁନିକ ଚିକିତ୍ସା ଓ ଶଲ୍ୟ ବ୍ୟବସ୍ଥାରେ ଅକୁପେସନାଲ୍ ଥେରାପିର ସାହାଯ୍ୟ ଉଲ୍ଲେଖନୀୟ ।**

ଅକୁପେସନାଲ ଥେରାପିର ଲକ୍ଷ୍ୟ ହେଉଛି ରୋଗୀକୁ (ଶାରୀରିକ ଓ ମାନସିକ) ନିଜର ଚିକିତ୍ସା କାର୍ଯ୍ୟରେ ସର୍ବାଧିକ ଆତ୍ମନିର୍ଭରଶୀଳ କରାଇବା (ଏହା ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ହୋଇପାରେ, କର୍ମ କ୍ଷେତ୍ରରେ କିମ୍ବା କ୍ରୀଡା କ୍ଷେତ୍ରରେ ହୋଇପାରେ) ଯାହାଦ୍ୱାରା ରୋଗୀ ସମାଜରେ ବଞ୍ଚିବାର ଶୈଳୀ ଶିଖିଥାଏ ଓ ସମ୍ମାନର ପାତ୍ର ହୋଇଥାଏ । କୌଣସି ଏକ କାର୍ଯ୍ୟରେ ନିୟୋଜିତ କରି ରୋଗୀର ଦକ୍ଷତାକୁ ସଂରକ୍ଷଣ ବା ଉନ୍ନତି କରାଇବା ଅକୁପେସନାଲ୍ ଥେରାପି ଚିକିତ୍ସା ପ୍ରଣାଳୀ ।

ଅକୁପେସନାଲ ଥେରାପିଷ୍ଟ – 'ଜୀବନ ଶୈଳୀ ପରିବର୍ତ୍ତନ ପ୍ରବର୍ତ୍ତକ' ଭାରତରେ ତାଲିମପ୍ରାପ୍ତ ଜଣେ ଦକ୍ଷ ଅକୁପେସନାଲ୍ ଥେରାପିଷ୍ଟ ହେବା ପାଇଁ ବ୍ୟକ୍ତିଙ୍କୁ କୌଣସି ମାନ୍ୟତାପ୍ରାପ୍ତ ବିଶ୍ୱ ବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ୪ବର୍ଷ ସ୍ନାତକ ପାଠ୍ୟକ୍ରମ ଏବଂ ୬ମାସ ପ୍ରଶିକ୍ଷଣ ନେବାକୁ ହୋଇଥାଏ । ଅକୁପେସନାଲ୍ ଥେରାପିଷ୍ଟ ନିଜର କାର୍ଯ୍ୟଦକ୍ଷତା ଓ ବୁଦ୍ଧି ବଳରେ ଭିନ୍ନକ୍ଷମ ରୋଗୀମାନଙ୍କୁ ପୃଥକ୍ ଭାବରେ କିମ୍ବା ଦଳଗତ ଭାବରେ ଚିକିତ୍ସା ପ୍ରଦାନ କରିପାରନ୍ତି ।

ଅବଶିଷ୍ଟ କ୍ଷମତାର ଉପଯୋଗରେ ବ୍ୟକ୍ତି ବିଶେଷକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା ହିଁ ଅକୁପେସନାଲ ଥେରାପିର ମୂଳ ଲକ୍ଷ୍ୟ ।

ଅକୁପେସନାଲ ଥେରାପିଷ୍ଟ ନିଜର ଦକ୍ଷତା ଓ ଜ୍ଞାନ ସାହାଯ୍ୟରେ ଉପରୋକ୍ତ ରୋଗରେ ପୀଡ଼ିତ ରୋଗୀଙ୍କୁ ଚିକିତ୍ସା କରିଥାନ୍ତି । ମୋଟାମୋଟି ଭାବରେ ଅକୁପେସନାଲ ଥେରାପିଷ୍ଟ ତାଙ୍କର ଚିକିତ୍ସା ମାଧ୍ୟମରେ ରୋଗୀକୁ ତା'ର ପରିବାର ଓ ସମାଜର ସ୍ୱୟଂସମ୍ପୂର୍ଣ୍ଣ ଓ ସ୍ୱାବଲମ୍ବୀ କରିପାରନ୍ତି । ଅକୁପେସନାଲ ଥେରାପିଷ୍ଟ ରୋଗୀର ପରିବେଶ ପରିବର୍ତ୍ତନ, କାର୍ଯ୍ୟର ସରଳୀକରଣ ଓ ଜଟିଳକରଣ ସାହାଯ୍ୟରେ ରୋଗୀର ଦକ୍ଷତା ବୃଦ୍ଧି କରିଥାଆନ୍ତି, ଯାହାକି ଶାରୀରିକ ଓ ମାନସିକ ପୁନର୍ବାସର ମୂଳ ଉଦ୍ଦେଶ୍ୟ ସାଧନ କରିଥାଏ ।

ଅକୁପେସନାଲ ଥେରାପିଷ୍ଟ ଅନ୍ୟଠାରୁ ଭିନ୍ନ – 'ଅକୁପେସନାଲ୍ ଥେରାପି ସେବାର ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିଆସିଛି' । ସଂଗୀତ, ନୃତ୍ୟ, କ୍ରୀଡ଼ା, ହସ୍ତଶିଳ୍ପ, ପରାମର୍ଶ, ସ୍ପ୍ଲିଣ୍ଟ ଇତ୍ୟାଦିକୁ ଅକୁପେସନାଲ ଥେରାପିଷ୍ଟ ନିଜର ଚିକିତ୍ସାର ମାଧ୍ୟମ ଭାବେ ବ୍ୟବହାର କରିଥାଆନ୍ତି ।

## ଓଡ଼ିଶା ଏବଂ ଭାରତରେ ଅକୁପେସନାଲ ଥେରାପି ଶିକ୍ଷା

ଓଡ଼ିଶାର ଏସ୍.ଭି.ନିରତାର, ଓଲଟପୁର, କଟକ ଠାରେ ୪ବର୍ଷ ୬ମାସ ସ୍ନାତକ ଡିଗ୍ରୀ ଏବଂ ଡେଭଲପ୍‌ମେଣ୍ଟାଲ୍ ଡିଜାବିଲିଟି ଓ ରିହାବିଲିଟେସନ୍‌ରେ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରାଯାଉଛି । ଭାରତର ଅନ୍ୟାନ୍ୟ ଖ୍ୟାତିସମ୍ପନ୍ନ ଅନୁଷ୍ଠାନମାନଙ୍କରେ ଅର୍ଥୋପେଡ଼ିକ୍, ନ୍ୟୁରୋଲୋଜି, ସାଇକାଟ୍ରିକ, ହ୍ୟାଣ୍ଡ ଥେରାପି, ପେଡ଼ିଆଟ୍ରିକ୍ସ, କମ୍ୟୁନିଟି ରିହାବିଲିଟେସନ୍ ଆଦି ବିଷୟରେ ସ୍ନାତକୋତର ଡିଗ୍ରୀ ପ୍ରଦାନ କରାଯାଉଛି । ବହୁ ଶିକ୍ଷାର୍ଥୀ ଉପରୋକ୍ତ ଶିକ୍ଷା ହାସଲ କରି ଦେଶବିଦେଶରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି ।

### ଶିକ୍ଷାନୁଷ୍ଠାନ

√ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନ, ଓଲଟପୁର, କଟକ ।
√ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ, କଟକ ।
√ ଏମ୍.କେ.ସି.ଜି. ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ, ବ୍ରହ୍ମପୁର ।
√ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ସ୍ୱାସ୍ଥ୍ୟକେନ୍ଦ୍ର, କଟକ ।
√ ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ର, କଟକ ।
√ ଜିଲ୍ଲା ଅକ୍ଷମ ପୁନର୍ବାସ କେନ୍ଦ୍ର, କୋରାପୁଟ ।
√ ଜିଲ୍ଲା ଅକ୍ଷମ ପୁନର୍ବାସ କେନ୍ଦ୍ର, ଫୁଲବାଣୀ ।
√ ଏସ୍.ଭି. ନିରତାରର ଉପକେନ୍ଦ୍ର, ଢ଼େଙ୍କାନାଳ ।
√ ଏସ୍.ଭି.ନିରତାରର ଉପକେନ୍ଦ୍ର, ଭୁବନେଶ୍ୱର ।

*ସହକାରୀ ପ୍ରଫେସର,*
*ଅସ୍ଥିଶଲ୍ୟ ବିଭାଗ, ବୁର୍ଲା*

# ବିଜ୍ଞାପନରେ କ୍ୟାରିୟର



***ବିଜ୍ଞାପନ ହେଉଛି ଏଭଳି ଏକ ମାଧ୍ୟମ, ଯାହା ଜରିଆରେ ଜନସାଧାରଣଙ୍କୁ କୌଣସି ସାମଗ୍ରୀ ବା ଉତ୍ପାଦ ସଂପର୍କରେ ସୂଚନା ଯୋଗାଇ ଦିଆଯାଏ, ଅଥବା ଉକ୍ତ ସାମଗ୍ରୀ ପ୍ରତି ଗ୍ରାହକଙ୍କୁ ଆକୃଷ୍ଟ ହେବାକୁ ପ୍ରଭାବିତ କରାଯାଇଥାଏ। ଏଥିରେ ଜନସାଧାରଣଙ୍କୁ ମନକୁ ଛୁଇଁବା ଭଳି ବାର୍ତ୍ତା , ଚଳଚ୍ଚିତ୍ର, ଅଭିନେତ୍ରୀ, ଖେଳାଳୀ, ଛୋଟପିଲା ପ୍ରଭୃତିଙ୍କୁ ସାମିଲ କରାଯାଇଥାଏ। ସମୟକ୍ରମେ ବିଜ୍ଞାପନ ଏବେ ବହୁକୋଟି ଟଙ୍କାର ଶିଳ୍ପରେ ପରିଣତ ହୋଇଛି , ଯାହାଦ୍ୱାରାକି ମେଧାବୀ ତଥା ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ଏହା ଆକର୍ଷଣୀୟ କ୍ୟାରିୟର ହୋଇପାରିଛି।***

*ସଂପ୍ରତି ବ୍ରାଣ୍ଡେଡ୍ କମ୍ପାନୀ ହେଉକି କୌଣସି ବ୍ୟକ୍ତି ବିଶେଷ ଅଥବା ସ୍ୱେଚ୍ଛାସେବୀ ସଂଗଠନ ଅବା ଧାର୍ମିକ ସଂଗଠନ-ସମସ୍ତେ ନିଜକୁ ଜନସାଧାରଣଙ୍କ ନିକଟତର କରିବା ପାଇଁ କୌଣସିନା କୌଣସି ବିଜ୍ଞାପନ ମାଧ୍ୟମକୁ ଜରିଆ କରିଥାନ୍ତି। ତେଣୁ ଏହାକୁ କ୍ୟାରିୟର କରୁଥିବା ବ୍ୟକ୍ତି ମାନେ ବେଶ୍ ମୋଟା ଅଙ୍କର ବେତନ ପାଇଥାନ୍ତି। ଯଦି ଜଣଙ୍କର ଆତ୍ମବିଶ୍ୱାସ ଓ କାମ କରିବାର ଇଚ୍ଛା ରହିଛି, ତେବେ ସେ ନିଶ୍ଚିତଭାବେ ନିଜର ଉଦ୍ୟମ ଦ୍ୱାରା ଶୀର୍ଷରେ ପହଞ୍ଚି ପାରିବ। ଜଣେ ସୃଜନଶୀଳ ବ୍ୟକ୍ତିଙ୍କ ନିମନ୍ତେ ଏହା ଏକ ଆଦର୍ଶ ପେଶା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆର୍ଡ୍‌ଭର୍ଟାଇଜିଂ ବା ବିଜ୍ଞାପନ କ୍ଷେତ୍ରରେ ଥିବା ମୁଖ୍ୟ ବିଭାଗ ଗୁଡ଼ିକ ହେଉଛି- କ୍ଲାଏଣ୍ଟ ସର୍ଭିସ, କ୍ରିଏଟିଭ୍ ଡ଼ିପାର୍ଟମେଣ୍ଟ ଏବଂ ପ୍ରମୋଶନ ଏବଂ ଡ଼ାଇରେକ୍ଟ ମାର୍କେଟିଂ। ଏବେ ବିଜ୍ଞାପନ କ୍ଷେତ୍ରରେ ନୂଆ ନୂଆ କ୍ଷେତ୍ର ସୃଷ୍ଟି କରାଯାଉଚଛି। ଯଥା - ଇଭେଣ୍ଟ ମ୍ୟାନେଜମେଣ୍ଟ, ଇମେଜ୍ ମ୍ୟାନେଜମେର୍ଣ୍ଟ। ଏହିସବୁ କ୍ଷେତ୍ରରେ ଇଭେଣ୍ଟ ଗୁଡ଼ିକୁ ମାର୍କେଟିଂ କରିବାକୁ ପଡ଼ିଥାଏ। ଇମେଜ୍ ମ୍ୟାନେମେଣ୍ଟ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ପ୍ରୋଫାଇଲକୁ ସର୍ବ ସମ୍ମୁଖକୁ ଆଣିବାକୁ ଚେଷ୍ଟା କରାଯାଇଛି। ଇଣ୍ଟରନେଟ୍ ମାର୍କେଟିଂ ଆରମ୍ଭ ହେବା ପରେ ବିଜ୍ଞାପନ ଜଗତରେ ଅନେକ ପରିବର୍ତ୍ତନ ଆସିଛି। କାରଣ ଇଣ୍ଟରନେଟ୍‌ଜରିଆରେ ଖୁବ୍ କମ୍ ଲୋକ ଏବେ ମାର୍କେଟିଂ କରୁଛନ୍ତି।*

*ଅଧିକାଂଶ ବିଜ୍ଞାପନ ସଂସ୍ଥା ଆନଷ୍ଠାନିକ ଭାବେ ମ୍ୟାନେଜମେଣ୍ଟ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥାନ୍ତି। ସ୍ନାତକ ଅବା ସ୍ନାତୋକତ୍ତର ପରେ ଛାତ୍ରଛାତ୍ରୀ ଆଡ୍‌ଭର୍ଟାଇଜିଂ ପାଠ୍ୟକ୍ରମରେ ନାମ ଲେଖାଇଥାନ୍ତି। ଏଥିପାଇଁ ସେମାନଙ୍କୁ ପ୍ରବେଶିକା ପରୀକ୍ଷା ଅଥବା ଇଣ୍ଟରଭ୍ୟୁ ଜରିଆରେ ମନୋନୀତ କରାଯାଇଥାଏ। ଏହାଛଡ଼ା ସେମାନଙ୍କର ବିଜ୍ଞାପନ କ୍ଷେତ୍ରରେ ଥିବା ସୃଜନଶୀଳତା, ଜନସଂପର୍କ ଏବଂ ଅନେକ ସମୟରେ ଗ୍ରାଫିକ୍ ତଥା ପ୍ରଡ଼କ୍ସନ ସଂପର୍କରେ ଥିବା ବୈଷିକ ଜ୍ଞାନକୁ ମଧ ବିଚାରକୁ ନିଆଯାଇଥାଏ। ଦେଶରେ ବହୁ ପ୍ରତିଷ୍ଠାନ ମାସ୍ କମ୍ୟୁନିକେଶନ ଶିକ୍ଷା ଦେଉଥିବାବେଳେ ସେଥିରେ ଆଡ଼ଭର୍ଟାଇଜିଂ ଏକ ବିଷୟ ଭାବେ ରହିଥାଏ। ଦେଶର କିଛି ହାତଗଣତି ସଂସ୍ଥା ଆଡ଼ଭର୍ଟାଇଜିଂ କ୍ଷେତ୍ରରେ ପୋଷ୍ଟ ଗ୍ରାଜୁଏଟ୍ ଡ଼ିପ୍ଲୋମା ପାଠ୍ୟକ୍ରମ ଯୋଗାଇ ଦେଉଛନ୍ତି।*

***ନିଯୁକ୍ତି /ସୁଯୋଗ:***

*ଏହି ପାଠ୍ୟକ୍ରମରେ ଜଣେ ପାଠ୍ୟକ୍ରମ ଶେଷ କରିବା ପରେ କୌଣସି ଆଡ୍‌ଭର୍ଟାଇଜିଂ ସଂସ୍ଥା, ଘରୋଇ ଏବଂ ସରକାରୀ ବିଜ୍ଞାପନ ବିଭାଗ, ଖବରକାଗଜ, ପତ୍ରପତ୍ରିକା, ରେଡ଼ିଓ, ଟେଲିଭିଜନ, ମାର୍କେଟିଂ ବିଭାଗ, ମାର୍କେଟିଂ ରିସର୍ଚ୍ଚ ସଂସ୍ଥା ପ୍ରଭୃତିରେ ନିଯୁକ୍ତି ପାଇପାରିବେ। ନିଜେ ଚାହିଁଲେ ମଧ ସେ ବିଭିନ୍ନ ସଂସ୍ଥା ପାଇଁ ମୁକ୍ତ ପେଶା ବିଜ୍ଞାପନ ବ୍ୟବସାୟ ଆରମ୍ଭ କରିପାରିବେ। ଏଥିରେ ପ୍ରାଥମିକ ସ୍ତରରେ ମାସିକ ପାରିଶ୍ରମିକ ପ୍ରାୟ ୯ହଜାରରୁ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଥିବାବେଳେ ଏମ୍‌ବିଏ ଏବଂ ଉଚ୍ଚ ଶିକ୍ଷା ଲାଭ କରିଥିବା ବ୍ୟକ୍ତିବିଶେଷ ମାସିକ ୩୦ରୁ ୫୦ହଜାର ଟଙ୍କା ରୋଜଗାର କରିପାରିବେ। ତେବେ ଏହା ସଂପୃକ୍ତ ବିଜ୍ଞାପନ ସଂସ୍ଥା କମ୍ପାନୀର ଆୟ ଉପରେ ନିର୍ଭର କରିଥାଏ। ଏହି ବୃତ୍ତି ମୁଖ୍ୟତଃ ଦୁଇଭାଗରେ ବିଭକ୍ତ- ଆଡ଼ଭର୍ଟାଇଜ୍‌ମେଣ୍ଟ ଏକ୍‌ଜିକ୍ୟୁଟିଭ୍ ଏବଂ କ୍ରିଏଟିଭ୍ ଏକ୍‌ଜିକ୍ୟୁଟିଭ୍। ଆଡ଼ଭର୍ଟାଇଜ୍ ଏକ୍‌ଜିକ୍ୟୁଟିଭ୍ ମୁଖ୍ୟତଃ ମାର୍କେଟିଂ ସହିତ ସଂଶ୍ଲିଷ୍ଟ ରହିଥିବାବେଳେ କ୍ରିଏଟିଭ୍ ଏକ୍‌ଜିକ୍ୟୁଟିଭ୍‌ମାନେ ଆଡ୍‌ଭର୍ଟାଇଜ୍‌ମେଣ୍ଟ ପ୍ଲାନିଂ, ଡ଼ିଜାଇନ୍ ଇତ୍ୟାଦି କରିଥାନ୍ତି।*

***ବିଜ୍ଞାପନ ଦେବାର ମୂଳ ଉଦ୍ଦେଶ୍ୟ:***

*ଭଏହା ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ସାମଗ୍ରୀ ବା ସେବା ଯୋଗାଇବା ପାଇଁ ପ୍ରବର୍ତ୍ତାଇଥାଏ।*
*ଭକମ୍ପାନୀ ସଂପର୍କରେ ଜନସାଧାରଣଙ୍କ ମନରେ ଏକ ସକରାତ୍ମକ ଧାରଣା ସୃଷ୍ଟି କରେ।*
*ସରକାରୀ ବା ଘରୋଇ ସଂସ୍ଥା ଗୁଡ଼ିକ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥାଏ।*



**କେଉଁଠି ପଢିବେ ?**

- ଭାରତୀୟ ବିଦ୍ୟାଭବନ, ନୂଆଦିଲ୍ଲୀ
- ଆଇ.ଆଇ.ଏମ୍‌ସି, ଢେଙ୍କାନାଳ
- ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
- ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକ

**ସୁଶାନ୍ତ ସାହୁ**
**କ୍ୟାରିୟର ଉଟ୍‌କମ**




# ଓବିସିଙ୍କୁ ୨୭ଭାଗ ସଂରକ୍ଷଣ ଦେବାକୁ ସମାଜବାଦୀ ପାର୍ଟିର ଦାବି

**ଭୁବନେଶ୍ୱର, (ବ୍ୟୁରୋ):** ସମାଜବାଦୀ ଚନ୍ତକ, ସ୍ୱାଧୀନତା ସଂଗ୍ରାମୀ, ପ୍ରଖର ବାଗ୍ମୀ ଓ ସାମାଜିକ ନ୍ୟାୟର ଅଗ୍ରଦୂତ ଡଃ ରାମ ମନୋହର ଲୋହିଆଙ୍କର (୨୩ ମାର୍ଚ୍ଚ ୧୯୧୦) ଜନ୍ମଜୟନ୍ତୀ ଶନିବାର ଦିନ ସମାଜବାଦୀ ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଲୋହିଆଙ୍କ ସମାଜବାଦୀ ଚିନ୍ତା ଉପରେ ଆଲୋଚନା କରାଯାଇ ଆଜି ସାମାଜିକ ନ୍ୟାୟ କିଭଳି ବିପନ୍ନ, ସେ ବିଷୟରେ ଶ୍ରୀ ବେହେରା ତଥ୍ୟଭିତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମାଜିକ ନ୍ୟାୟ ଓ ଧର୍ମ ନିରପେକ୍ଷତାରେ ବିଶ୍ୱାସ କରୁଥିବା ସମସ୍ତ ରାଜନୈତିକ ଦଳ ଓ ଗଣସଂଗଠନ ଗୁଡ଼ିକ ଓଡ଼ିଶାରେ ଓବିସିଙ୍କୁ ଶିକ୍ଷା, ନିଯୁକ୍ତି ଓ ରାଜନୈତିକସ୍ତରରେ ୨୭ଭାଗ ସଂରକ୍ଷଣ ଦେବା ପାଇଁ ଗଣ ଆନ୍ଦୋଳନକୁ ଜୋରଦାର କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଏହାବ୍ୟତୀତ ଯୁବକ୍ରାନ୍ତିର ଆଦର୍ଶ, ସହିଦ ଭଗତ ସିଂଙ୍କ ଫାଶି ଦିବସ ମଧ୍ୟ ସମାଜବାଦୀ ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ ପାଳନ କରାଯାଇ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଆଜି ଫାଶିବାଦ ଯେତେବେଳେ ଭାରତବର୍ଷର ଗଣତନ୍ତ୍ରକୁ ବିପନ୍ନ କରିଛି, ସେତିକିବେଳେ ଭଗତ ସିଂଙ୍କ ଚିନ୍ତା ଓ ଆଦର୍ଶର ଗୁରୁତ୍ୱ ବଢିଯାଇଛି। ଦେଶର ଯୁବ ସମାଜ ଫାଶିବାଦ ବିରୁଦ୍ଧରେ ଭଗତ ସିଂଙ୍କ ଚିନ୍ତା ଚେତନାରେ ଉଦ୍‌ବୁଦ୍ଧ ହୋଇ ଦେଶରେ ଗଣଆନ୍ଦୋଳନକୁ ତୀବ୍ରତର କରିବାକୁ ସମାଜବାଦୀ ପାର୍ଟି ତରଫରୁ ଆହ୍ୱାନ ଦିଆଯାଇଛି। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖ କାଠଯୋଡ଼ି ନଇବାଲିରେ ଉତ୍କଳମଣି ଗୋପବନ୍ଧୁଙ୍କ ଅଧ୍ୟକ୍ଷତାରେ ତାଙ୍କର ବିଶାଳ ଜନସଭା ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମକୁ ଏକ ନୂଆ ଦିଶା ଦେଖାଇଥିଲା। ତେଣୁ ଆଜି ଏହି ଉପଲକ୍ଷେ ଡଃ ରାମ ମନୋହର ଲୋହିଆ, ସହିଦ ଭଗତ ସିଂ ଓ ମହାତ୍ମା ଗାନ୍ଧିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

# ଭବିଷ୍ୟତ ପାଇଁ ଯୁବବର୍ଗଙ୍କୁ ନିର୍ମାଣ କରୁଛି ବିଜେଡି

**ଭୁବନେଶ୍ୱର, (ବ୍ୟୁରୋ):** ଯୁବଗୋଷ୍ଠୀଙ୍କୁ ଦକ୍ଷ, ଦାୟିତ୍ୱବାନ, ପ୍ରେରଣାଦାୟୀ, ଦୂରଦର୍ଶୀ ଓ ଚିନ୍ତାଶୀଳ ନାଗରିକ କରିବା ପାଇଁ ବିଜେଡି ଅନେକ ପଦକ୍ଷେପ ନେଇଛି। ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଅର୍ଥନୈତିକ ସୁଯୋଗ କ୍ଷେତ୍ର ଭାବେ ଇଲେକ୍ଟ୍ରୋନିକ୍ ନୀତି ୨୦୨୧, ଆଇଟି ନୀତି ୨୦୨୨, ବିପିଓ ନୀତି ୨୦୨୨, ଡାଟାସେଣ୍ଟର ନୀତିର ୨୦୨୧ରେ ଏହି ସବୁ କ୍ଷେତ୍ରର ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଇଛି। ଫଳରେ ବ୍ୟାପକ ନିଯୁକ୍ତି ସହିତ ଶିକ୍ଷାର ପ୍ରସାର ହୋଇପାରୁଛି ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ସନ୍ତୃପ୍ତ ମିଶ୍ର ଓ ସସ୍ମିତ ପାତ୍ର। ଆଜି ସାମ୍ବାଦିକ ସମ୍ମିଳନୀରେ ଉଭୟ ମୁଖପାତ୍ର କହିଥିଲେ, ଫ୍ରାଙ୍କଲିନ ରୁଜଭେଲ୍ଟ କହିଥିଲେ 'ଆମେ ସବୁବେଳେ ଯୁବଗୋଷ୍ଠୀଙ୍କ ପାଇଁ ଭବିଷ୍ୟତ ନିର୍ମାଣ କରିପାରିବା ନାହିଁ, କିନ୍ତୁ ଆମର ଯୁବକଙ୍କୁ ଭବିଷ୍ୟତ ପାଇଁ ନିର୍ମାଣ ପାରିବା'। ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟକୁ ହାସଲ କରିବାକୁ ଚେଷ୍ଟା କରିଛନ୍ତି। ଆସେଞ୍ଚର, ଆଇବିଏମ୍, କଗ୍ନିଜେଣ୍ଟ, ମାଇକ୍ରୋସଫ୍ଟ, ଇନଫୋସିସ୍, ଟେକ୍ ମହିନ୍ଦ୍ରା, ଟିସିଏସ୍ ପକ୍ଷରୁ ଡେଭଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ପିଡବ୍ଲ୍ୟୁସି, ଇୱାଇ କେନ୍ଦ୍ର ରହିଛି। ନୂଆ-ଓ, ସାମ୍ସ ମାଧ୍ୟମରେ ନାମ ଲେଖାଇ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ପ୍ରଦାନର ବ୍ୟବସ୍ଥା ହୋଇଛି।

# ୩୫ ସାଙ୍ଗଠନିକ ଜିଲ୍ଲା ପାଇଁ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ

**ଭୁବନେଶ୍ୱର, (ବ୍ୟୁରୋ):** କଂଗ୍ରେସ ଦ୍ୱାରା ପ୍ରସ୍ତୁତ ହୋଇଥିବା ଗ୍ୟାରେଣ୍ଟି କାର୍ଡକୁ ଆଜି ଦଳର ୩୫ଟି ସାଙ୍ଗଠନିକ ଜିଲ୍ଲାରେ ଏକକାଳୀନ ଉନ୍ମୋଚନ କରାଯାଇଛି। ଏହି ଭିତ୍ତିରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନରେ ଏହି କାର୍ଡକୁ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଏଆଇସିସି ଗଣମାଧ୍ୟମ ସଂଯୋଜିକା ବବିତା ଶର୍ମା, ରଜନୀ ମହାନ୍ତି, ଅଶୋକ ଦାସ ଓ ଅମୀୟ ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ହରିଚନ୍ଦନ କହିଥିଲେ ଯେ ରାଜ୍ୟରେ କଂଗ୍ରେସ ଶାସନକୁ ଫେରିଲେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ୫ଟି ଗ୍ୟାରେଣ୍ଟିକୁ ସରକାର ପାଳନ କରିବ। ଗୃହଜ୍ୟୋତି ଯୋଜନାରେ ପ୍ରତ୍ୟେକ ଘରୋଇଉପ ଭୋକ୍ତାଙ୍କୁ ୨ଶହ ୟୁନିଟ୍ ବିଦ୍ୟୁତ୍ ଦେୟ ସଂପୂର୍ଣ୍ଣ ଛାଡ଼ କରାଯିବ। ଯୁବ ବିକାଶ ଗ୍ୟାରେଣ୍ଟିରେ ୫ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହ ବେକାର ଯୁବକଯୁବତୀଙ୍କୁ ମାସକ ୩ହଜାର ଟଙ୍କା ବେକାରୀ ଭତ୍ତା, ଠିକା ନିଯୁକ୍ତିକୁ ସଂପୂର୍ଣ୍ଣ ବନ୍ଦ, କୃଷକ ବନ୍ଧୁ ଯୋଜନାରେ ବୋନସ ସହ କ୍ୱିଣ୍ଟାଲ୍ ପ୍ରତି ୩ହଜାର ଟଙ୍କାରେ ଧାନ କିଣାଯିବ। ମଣ୍ଡିରେ କଟ୍‌ନୀ ଓ ଛଟ୍‌ନୀକୁ ସଂପୂର୍ଣ୍ଣ ବନ୍ଦ କରାଯିବ। କୃଷି ଋଣ ସଂପୂର୍ଣ୍ଣ ଛାଡ଼ କରାଯିବା ସହ କୃଷକଙ୍କ ପାଇଁ ମାସିକ ୨ହଜାର ଟଙ୍କା ପେନସନ ରାଶି ପ୍ରଦାନ କରାଯିବ। ଗୃହଲକ୍ଷ୍ମୀ ଯୋଜନାରେ ମହିଳା ଏସ୍ଏଚ୍‌ଜିଙ୍କ ବ୍ୟାଙ୍କ ଋଣ ଛାଡ଼ କରାଯିବ ସହ ମହିଳାଙ୍କୁ ମାସିକ ଭତ୍ତା ୨ହଜାର ଓ ଆଦିବାସୀ ଓ ଦଳିତ ବର୍ଗର ମହିଳାଙ୍କୁ ମାସିକ ୩ହଜାର ଟଙ୍କା ଦିଆଯିବ। ମହିଳାଙ୍କୁ ୫ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର, ଜନକଲ୍ୟାଣ ଗ୍ୟାରେଣ୍ଟି ଯୋଜନାରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ସ୍ୱାସ୍ଥ୍ୟବୀମା ଯୋଜନା ଦ୍ୱାରା ଚିକିତ୍ସା ସୁବିଧା ମିଳିବ। ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗଙ୍କୁ ମାସିକ ୨ହଜାର ଟଙ୍କାର ଭତ୍ତା, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀଙ୍କୁ ୬ମାସ ଭିତରେ ସୁଧ ସହ ଜମାରାଶି ଫେରସ୍ତ ଦିଆଯିବ। ଆଦିବାସୀ ଓ ଦଳିତଙ୍କ ଜମି ଓ ଜଙ୍ଗଲ ଉପରେ ସଂପୂର୍ଣ୍ଣ ଅଧିକାରକୁ ଲାଗୁ କରିବା ସହ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯିବ।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୪-୨୫ ଶିକ୍ଷାବର୍ଷ ଲାଗି 'ସ୍ୱଟ୍ ନାମଲେଖା' ମାର୍ଚ୍ଚ ୨୭ରୁ

**ଭୁବନେଶ୍ୱର, (ବ୍ୟୁରୋ):** ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ବିଭିନ୍ନ ଅତ୍ୟାଧୁନିକ ବିଷୟରେ ସ୍ୱଟ୍ ନାମଲେଖା କରାଯିବ। ଏହି ପ୍ରକ୍ରିୟା ମାର୍ଚ୍ଚ ୨୭ରୁ ଏପ୍ରିଲ ୬ ତାରିଖ ଯାଏଁ ଚାଲିବ। ଓଡ଼ିଶାର ଯୋଗ୍ୟ ତଥା ଆଗ୍ରହୀ ପ୍ରାର୍ଥୀମାନେ ଆବଶ୍ୟକ ପ୍ରମାଣପତ୍ର ସାଙ୍ଗରେ ଆଣି ନାମ ଲେଖାଇବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସ୍ୱଟ୍ ନାମଲେଖା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ ଅଧୀନରେ ଥିବା ମୋଟ ୭ଟି ବିଷୟରେ କରାଯିବ। ନାମଲେଖା ପ୍ରକ୍ରିୟା ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏଁ ଚାଲିବ। ତେଣୁ ପ୍ରାର୍ଥୀମାନେ ଏହାର ସୁଯୋଗ ନେବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ କୁହାଯାଇଛି। ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ୍, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍, ମେକାଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ ଟେକ୍ନୋଲୋଜି ଭଳି ୫ଟି ଅତ୍ୟାଧୁନିକ ବିଷୟ ରହିଛି। ସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/ ୩ ବର୍ଷିଆ ଡିପ୍ଲୋମା ଇଞ୍ଜିନିୟରିଂ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ଏହି ୧ ବର୍ଷିଆ ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ସେହିପରି ସ୍କୁଲ୍ ଅଫ୍ ସର୍ଭିସେସ୍ ଅଧୀନରେ ହେୟାର ଫ୍ୟାସନ ଆଣ୍ଡ ଡିଜାଇନ ଏବଂ ବ୍ୟୁଟି ୱେଲନେସ୍ ଆଣ୍ଡ ସ୍ପା ଭଳି ଦୁଇଟି ଅତ୍ୟାଧୁନିକ ବିଷୟ ରହିଛି। +୨ କିମ୍ବା କୌଣସି ବିଷୟରେ ଡିପ୍ଲୋମା କରିଥିବା ପ୍ରାର୍ଥୀମାନେ ଏଥିରେ ନାମ ଲେଖାଇପାରିବେ। ଏହି ପାଠ୍ୟକ୍ରମର ଅବଧି ରହିଛି ୧ ବର୍ଷ। ପ୍ରାର୍ଥୀମାନେ ନିଜ ନିଜର ଆଧାରକାର୍ଡ ଏବଂ ପାସପୋର୍ଟ ଫଟୋ ସହିତ ମାଟ୍ରିକ, +୨, ଆଇଟିଆଇ କିମ୍ବା ଡିପ୍ଲୋମା ଏବଂ ସିଏଲସି ସାର୍ଟିଫିକେଟ ସାଙ୍ଗରେ ଆଣିବାକୁ କେନ୍ଦ୍ର



ପକ୍ଷରୁ କୁହାଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଅନ୍ତର୍ଜାତୀୟ ଢାଞ୍ଚାର ପାଠ୍ୟକ୍ରମ ସହ ଆବଶ୍ୟକ ଭିତ୍ତିଭୂମି, ଅତ୍ୟାଧୁନିକ ଲାବୋରେଟୋରି ଏବଂ ବିଶ୍ୱସ୍ତରୀୟ ବିଭିନ୍ନ ଯନ୍ତ୍ରପାତି ରହିଛି। ଏହି କେନ୍ଦ୍ରରେ ଫିନିସିଙ୍ଗ ସ୍କୁଲ ଢାଞ୍ଚାରେ ଯୁବକ ଯୁବତୀମାନଙ୍କୁ ଆବଶ୍ୟକ ଶିକ୍ଷା ଓ ତାଲିମ ଦିଆଯାଇ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପ ଓ ସେବା କ୍ଷେତ୍ର ଲାଗି ପ୍ରସ୍ତୁତ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କ ରହିବା ଲାଗି ହଷ୍ଟେଲ, ଖାଇବା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଦିଆଯାଉଛି। ତା'ଛଡ଼ା ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ, ଏସଇବିସି, ଆର୍ଥିକ ଅନଗ୍ରସର ବର୍ଗ, ସଂଖ୍ୟାଲଘୁ ଏବଂ ଛାତ୍ରୀମାନଙ୍କ ପାଇଁ କୋର୍ସ ଫି' ମାଗଣା ରହିଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ବିଦେଶରେ ଯାଇ ବିଶେଷ ଅନୁଭୂତି ହାସଲ କରିବା ପାଇଁ ସୁଯୋଗ ଦିଆଯାଉଛି। ଏହି ପାଠ୍ୟକ୍ରମ ଅଧୀନରେ କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ବଛାଯାଇ ଦୁଇ ସପ୍ତାହ ଲାଗି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମରେ ସିଙ୍ଗାପୁର ପଠାଯାଉଛି। ସେହିପରି ପ୍ରତିବର୍ଷ ୨୪ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସିଙ୍ଗାପୁରର ବିଭିନ୍ନ କମ୍ପାନିରେ ପେଡ୍ ଇଣ୍ଟର୍ଣ୍ଣସିପ୍ କରିବାର ସୁଯୋଗ ଦିଆଯାଉଛି। ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେଥିପାଇଁ 'ପ୍ଲେସମେଣ୍ଟ' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ୨୦୨୨-୨୩ ବ୍ୟାଚରେ ୯୩ ପ୍ରତିଶତ ଛାତ୍ରଛାତ୍ରୀ ବିଭିନ୍ନ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ତା' ଭିତରେ ୨୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ସ୍ତରରେ ନିଯୁକ୍ତି ସୁଯୋଗ ମିଳିଛି।

# ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କୁ ସରକାରଙ୍କ ଉପେକ୍ଷା ଯୋଗୁଁ ତୀବ୍ର ଅସନ୍ତୋଷ

**ଭୁବନେଶ୍ୱର, (ବ୍ୟୁରୋ):** ପେନ୍‌ସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ୍ କରାଯିବା ନୀତିଗତ ନିଷ୍ପତ୍ତି ଆମ ରାଜ୍ୟ ସରକାର ନେଇଛନ୍ତି । ଅଥଚ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଏବଂ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ ସତ୍ୱେ ଏ ସମ୍ପର୍କିତ ସରକାରୀ ଆଦେଶନାମା ପ୍ରକାଶ ପାଇଲା ନାହିଁ । ଫଳରେ ସାଢେ ୩ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ, ପଞ୍ଚମ ବେତନ କମିଶନଙ୍କ ସୁପାରିଶକ୍ରମେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସରଙ୍କ ଠାରୁ ଆରମ୍ଭ କରି ଗ୍ରୁପ୍ 'ଡି' ଚାକିରିଆ ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ୧୯୯୮ ମସିହାରୁ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ (ସି.ଜି.ଏଚ୍.ଏସ୍.) ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଅଥବା ମାସିକ ଚିକିତ୍ସା ଭତ୍ତା ପାଉଛନ୍ତି । ରାଜ୍ୟରେ ସ୍ୱତନ୍ତ୍ର ବେତନ କମିଶନ ଗଠନ ବନ୍ଦ କରି କେନ୍ଦ୍ର ବେତନ କମିଶନଙ୍କ ସୁପାରିଶ ଭିତିରେ ବେତନ, ପେନ୍‌ସନ୍ ଓ ବିଭିନ୍ନ ପ୍ରକାର ଭତ୍ତା ସଂଶୋଧନ କରିବାକୁ ଆମ ରାଜ୍ୟ ସରକାର ୧୯୯୮ ମସିହାରେ ନୀତିଗତ ନିଷ୍ପତି ନେଇଛନ୍ତି । ସେ ଦୃଷ୍ଟିରୁ ଏହିସବୁ ପ୍ରାପ୍ୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଅସମତା କ୍ରମଶଃ ଦୂରୀଭୂତ ହେବା ଆଶା ରଖାଯାଏ । ରାଜ୍ୟରେ ୭ମ ବେତନ କମିଶନ କାର୍ଯ୍ୟକାରି କରିବାକୁ ଗଠିତ ଫିଟ୍‌ମେଣ୍ଟ କମିଟି ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କୁ କେନ୍ଦ୍ର ଅନୁରୂପ ଚିକିତ୍ସା ସୁବିଧା ଦେବାକୁ ସୁପାରିଶ କରିଛନ୍ତି । ଅଥଚ ତାହା କାର୍ଯ୍ୟକାରୀ କରାଯାଉନାହିଁ । ଓଡ଼ିଶା ବ୍ୟତୀତ ସମସ୍ତ ରାଜ୍ୟ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାଗଣା ଚିକିତ୍ସା (କ୍ୟାସ୍‌ଲେସ୍ ଟ୍ରିଟ୍‌ମେ), ଚିକିତ୍ସା ଭତ୍ତା, ରିଇମ୍ବର୍ସମେଣ୍ଟ ଇତ୍ୟାଦି ଭିନ୍ନ ଭିନ୍ନ ସୁବିଧା ପ୍ରଦାନ କରୁଛନ୍ତି । ଆମ ରାଜ୍ୟର ଅବସରପ୍ରାପ୍ତ ଜୁଡିସିଆଲ୍ ଅଫିସରମାନେ ମାସିକ ୧୫୦୦ ଟଙ୍କା ଚିକିତ୍ସାଭତ୍ତା ପାଉଛନ୍ତି । ପୂର୍ବତନ ବିଧାୟକମାନଙ୍କୁ ମାସିକ ୨୦୦୦ ଟଙ୍କା ଚିକିତ୍ସା ଭତା ତଥା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଦିଆଯାଉଅଛି । କର୍ମଚାରୀଙ୍କ ପାଇଁ ରିଇମ୍ବର୍ସମେଣ୍ଟର ବ୍ୟବସ୍ଥା ଅଛି । ସରକାରୀ ଉଦ୍ୟୋଗ ଓ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ସ୍ୱାସ୍ଥ୍ୟବୀମାର ସୁଯୋଗ ପାଉଛନ୍ତି । ସରକାରଙ୍କ ଘୋଷଣା ଅନୁଯାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୦ ଭାଗ ଲୋକ ମାଗଣା ଚିକିତ୍ସା ସୁବିଧା ପାଇବେ । ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ଏକ ବଳକା ରାଜ୍ୟ । ଅଥଚ ଦୀର୍ଘ ୩୫ରୁ ୪୦ ବର୍ଷ ସର୍ବସାଧାରଣଙ୍କ ସେବା କରି, ଶିକ୍ଷାଦାନ ଦ୍ୱାରା ଦେଶର ଭବିଷ୍ୟତ ଗଢ଼ି ଅବସର ନେଇଥିବା ରାଜ୍ୟର କର୍ମଚାରୀ ଶିକ୍ଷକମାନେ ଅନୁରୂପ କୌଣସି ଚିକିତ୍ସା ସୁବିଧା ପାଉନାହାଁନ୍ତି । ସରକାରଙ୍କ ଉଦାରତା ପରିବର୍ତେ ଅଣଦେଖାଭାବ ଏହି ବରିଷ୍ଠ ନାଗରିକମାନଙ୍କୁ ଗଭୀର ଭାବରେ ମର୍ମାହତ କରିଛି । ଏତଦ୍‌ଭିନ୍ନ ପେନ୍‌ସନ୍ ସଂକ୍ରାନ୍ତୀୟ ଅସଂଗତି ଗୁଡ଼ିକ ପ୍ରତି ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ୱେ ସେଗୁଡ଼ିକ ଦୂର ହୋଇପାରିଲା ନାହିଁ । ସେହିଭଳି ଖାଉଟି ମୂଲ୍ୟସୂଚୀ ବୃଦ୍ଧି ହେତୁ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ, ଶିକ୍ଷକମାନଙ୍କୁ ଡି.ଏ. ଓ ଟି.ଆଇ. ଦେବା ନିଷ୍ପତି ଦୀର୍ଘ ୪୦ବର୍ଷ ରୁ ଊର୍ଦ୍ଧ୍ୱ କାର୍ଯ୍ୟକାରୀ ହୋଇଆସୁଥିବା ବେଳେ କୋଭିଡ୍ ଆଳରେ ୦୧.୦୧.୨୦୨୦ ରୁ ଆରମ୍ଭ କରି ତିନି କିସ୍ତି ଡି.ଏ. ଓ ଟି.ଆଇ. ସାମୟିକ ସ୍ଥଗିତ ରହିଥିବା କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଦିଆଗଲା ନାହିଁ । ବରିଷ୍ଠ ନାଗରିକମାନେ ରେଳ ଯାତ୍ରାରେ ପାଉଥିବା ରିହାତି ପୁନଃ ପ୍ରଚଳନ କରାଗଲା ନାହିଁ, ଏହା ସେମାନଙ୍କୁ ଗଭୀର ଭାବେ ଅସନ୍ତୋଷ କରିଛି ।

# କସ୍ତୁରୀ ପକ୍ଷରୁ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର, (ବ୍ୟୁରୋ):** ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ, ସାଂସ୍କୃତିକ ଓ ଶିକ୍ଷାଭିତ୍ତିକ ଅନୁଷ୍ଠାନ କସ୍ତୁରୀ ପକ୍ଷରୁ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ସଚେତନ ଉପଭୋକ୍ତା ଓ ସୁରକ୍ଷିତ ଉପଭୋକ୍ତା କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁର ସ୍ଥିତ ଏକ ଘରୋଇ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରକାଶ ଶ୍ରୀଚନ୍ଦନ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଗୀତାଳି ଗୌଡ, ସମ୍ମାନିତ ଅତିଥି ଭାବେ ଶଶିକାନ୍ତ ରାଉତ, ବୁଦ୍ଧଦେବ ସ୍ୱାଇଁ, ଡଃ ଅଙ୍କିତା ନାୟକ ଓ ସୁକାନ୍ତ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ସୁନା ରୁପା ଭଳି ଜିନିଷ କିଣିବା ସମୟରେ ଏହାର ଉପଯୁକ୍ତ ମାନ ପରଖିବା ଓ ବଜାର ଦର ବିଷୟରେ ଜାଣିବା, ଅନ୍ୟାନ୍ୟ ସାମଗ୍ରୀ କିଣିବା ସମୟରେ ଓଜନ ଠିକ ହେଉଛି ନା ନାହିଁ ଦେଖିବା ଓ ବଟକରା ସମ୍ବନ୍ଧରେ ଜାଣିବା, ବିଶେଷ କରି ମେଡିସିନ କିଣିବା ସମୟରେ ଶେଷ ତାରିଖ ଦେଖିବା ଓ ରିହାତି ବିଷୟରେ ଜାଣିବା ଉପଭୋକ୍ତାଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳାମାନେ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସଂସ୍ଥାମାନଙ୍କରେ ହେଉଥିବା ଦୁର୍ନୀତି ବିରୋଧରେ ଲଢେଇ ଜାରି ରଖିବ

**ଭୁବନେଶ୍ୱର, (ବ୍ୟୁରୋ):** ରାଜ୍ୟରେ ଥିବା ବିଭିନ୍ନ ସମବାୟ ସଂସ୍ଥାରେ ଚାଲିଆସିଥିବା ବିଭିନ୍ନ ଦୁର୍ନୀତି ଓ ବେନିୟମ କାର୍ଯ୍ୟ ବିରୁଦ୍ଧରେ ଓଡ଼ିଶା ସମବାୟ ସମିତି ଓ ଲ୍ୟାମ୍ପସ୍ କର୍ମଚାରୀ ମହାସଂଘ ତା'ର ଲଢେଇ ଜାରି ରଖିଛି ଓ ଆଗାମୀ ଦିନରେ ଜାରି ରଖିବ ବୋଲି ମହାମଞ୍ଚ ତରଫରୁ କୁହାଯାଇଛି । ଏହାର ଉଦାହରଣ ଦେଇ ମହାମଞ୍ଚର ସାଧାରଣ ସମ୍ପାଦକ ଦିଗମ୍ବର ନାୟକ କହିଛନ୍ତି ଯେ, ଗତ ୨୦୧୮ ମସିହାରେ କୋରାପୁଟ କ୍ରେଡିଟ୍ କୋଅପରେଟିଭ୍ ବ୍ୟାଙ୍କରେ ବ୍ୟାପକ ଭାବେ ଅର୍ଥ ତୋସାରପାତ, ପ୍ରିୟାପ୍ରୀତି ତୋଷଣ, ବେଆଇନ୍ ନିଯୁକ୍ତି ଓ ପଦୋନ୍ନତି ତଥା ମଣ୍ଡି ଶ୍ରମ ଅର୍ଥ ଚଳୁ ବିରୋଧରେ ବିଭାଗୀୟ କର୍ତୃପକ୍ଷ ବାରମ୍ବାର ଅବଗତ କରାଇବା ସତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାଧହୋଇ କ୍ଷତିଗ୍ରସ୍ତ ପ୍ରଜାମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହି ଦୁର୍ନୀତି ତତ୍କାଳୀନ ବ୍ୟାଙ୍କ ସଭାପତି, ସମ୍ପାଦକ ଏବଂ ଚାରୋଟି ଲ୍ୟାମ୍ପ ନିର୍ଦ୍ଦେଶକମାନଙ୍କ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ କ୍ଷତିଗ୍ରସ୍ତ ଲୋକମାନେ ଉପସ୍ଥାପନ କରିଥିଲେ । ବିଶେଷକରି ମାଲକାନାଗିରି ଜିଲ୍ଲା ଆଦିବାସୀ ସମାଜ ତରଫରୁ ହାଇକୋର୍ଟରେ ଯେଉଁ ରିଟ୍ ପିଟିସନ୍ ଦାଖଲ କରାଯାଇଥିଲା, ମାନ୍ୟବର ଉଚ୍ଚନ୍ୟାୟାଳୟ ଗତ ୪.୩.୨୦୨୩ ରେ ଶୁଣାଣି କରି ଏହାର ଗୁରୁତ୍ୱ ଉପଲବ୍ଧି କରିଥିଲେ ଏବଂ ଏହାକୁ ଲୋକାୟୁକ୍ତଙ୍କ ପାଖରେ ପିଟିସନ୍ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ମହାମଞ୍ଚ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା । ଯାହାଫଳରେ ମାଲକାନାଗିରି ଜିଲ୍ଲା ଆଦିବାସୀ ସଂଘ ତରଫରୁ ଆମକୁ କୃତଜ୍ଞତା ଜଣାଇଥିଲା ଏବଂ ମାନ୍ୟବର ଲୋକାୟୁକ୍ତ ଏହାର ବିଚାର ପାଇଁ ୧୧.୦୩.୨୦୨୪ ରେ ତାରିଖ ଧାର୍ଯ୍ୟ କରିଥିବାରୁ ଆମେ ମହାମଞ୍ଚ ତରଫରୁ ସନ୍ତୋଷ ପ୍ରକାଶ କରିଅଛୁ । ଏହିଭଳି ଲଢେଇ ଆଗାମୀ ଦିନରେ ରାଜ୍ୟର ଯେକୌଣସି ଜିଲ୍ଲାରୁ ସମବାୟ ସଂସ୍ଥା ଦୁର୍ନୀତି ବିରୋଧରେ ସ୍ୱର ଉତୋଳନ କରୁଥିବା ଲୋକମାନଙ୍କୁ ମହାମଞ୍ଚ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ନିଷ୍ପତି ନିଆଯାଇଛି ।

# ଅପଷ୍ଟକ୍ସ ପକ୍ଷରୁ 'କଟ୍ ଦି କିଟ୍ କିଟ୍' ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର, (ବ୍ୟୁରୋ):** ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଓ ଉଚ୍ଚ ମାନ୍ୟତାପ୍ରାପ୍ତ ଟ୍ରେଡିଂ ଓ ନିବେଶ ପ୍ଲାଟଫର୍ମ ଅପଷ୍ଟକ୍ସ ପକ୍ଷରୁ ଅଭିନବ ବ୍ରାଣ୍ଡ ଅଭିଯାନ 'କଟ୍ ଦି କିଟ୍ କିଟ୍, ଗେଟ୍ ଦି ମାର୍କେଟ୍'କୁ ଉନ୍ମୋଚନ କରାଯାଇଛି। ଏହି ଅଭିଯାନ ଜରିଆରେ ବଜାର କୋଳାହଳ ଓ ଅତ୍ୟଧିକ ସୂଚନାରୁ ଆଗକୁ ବଢ଼ି ସଠିକ୍ ନିବେଶ ଲାଗି ଖୁଚୁରା ନିବେଶକମାନଙ୍କୁ ସାହାଯ୍ୟ କରିବା ଲାଗି ଅପଷ୍ଟକ୍ସ ଲକ୍ଷ୍ୟ ରଖିଛି। ଏକ ଅନୁଧ୍ୟାନରୁ ଜଣାଯାଇଛି, ଯେ ମିସ୍ ସେଲିଂ, ବିଭ୍ରାନ୍ତିକର ପରାମର୍ଶ, ଅତ୍ୟଧିକ ସୂଚନା ଏବଂ ଜଟିଳ ଶବ୍ଦ ନିବେଶ ସଫଳତା ପଥରେ ଏକ କଂଟା ଭଳି। ସେଥିପାଇଁ ଅନେକ ସମୟରେ ଏଭଳି ନିଷ୍ପତି ନେବାକୁ ପଡ଼ିଥାଏ ଯାହା ଲୋକଙ୍କ ଆର୍ଥିକ ଲକ୍ଷ୍ୟ ସହ ସମନ୍ୱିତ ହୋଇପାରିନଥାଏ। ଗ୍ରାହକମାନେ ପ୍ରାୟତଃ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ସମୟରେ ଅତ୍ୟାବଶ୍ୟକ ବିପଦ ଏବଂ ଖର୍ଚ୍ଚ ଅପେକ୍ଷା ରିଟର୍ଣ୍ଣକୁ ପ୍ରାଥମିକତା ଦିଅନ୍ତି। ସେହିଭଳି ଉପଯୁକ୍ତ ମୂଲ୍ୟାୟନ ନକରି ସେମାନେ ୧ କୋଟି ଟଙ୍କାର ଟର୍ମ ଇନସ୍ୟୁରାନ୍ସ ପ୍ଲାନ୍ ବାଛନ୍ତି। ଏଭଳି ଅଭ୍ୟାସ ଯୋଗୁଁ ନିବେଶକମାନଙ୍କ ମଧ୍ୟରେ ଅସନ୍ତୁଷ୍ଟତା ଦେଖାଦେଇଥାଏ। ଏହି ଆହ୍ୱାନଗୁଡ଼ିକୁ ସ୍ୱୀକାର କରି ଅପଷ୍ଟକ୍ସ ଏହାର ଗ୍ରାହକମାନଙ୍କୁପଦକ୍ଷେପ ନେଇଛି। କମ୍ପାନି ବଜାରର କିଟ୍-କିଟ୍ (ଶବ୍ଦ) ହ୍ରାସ କରିବାକୁ ଚାହୁଁଛି ଏବଂ ଗ୍ରାହକଙ୍କ ପାଇଁ ଉପଯୁକ୍ତ ଉପକରଣରେ ନିବେଶ କରି ସମ୍ପତି ସୃଷ୍ଟି ପାଇଁ ଉତ୍ସାହିତ କରିବାକୁ ଚାହୁଁଛି। ନିବେଶକମାନଙ୍କ ପାଖରେ ଏହି ବାର୍ତା ପହଂଚାଇବା ପାଇଁ ଅପଷ୍ଟକ୍ସ ପକ୍ଷରୁ 'କଟ୍ ଦ କିଟ୍ କିଟ୍, ଗେଟ୍ ଇନ୍ ଦି ମାର୍କେଟ'କୁ ନେଇ ଏକ ଭିଡିଓ ଶୁଭାରମ୍ଭ କରାଯାଇଛି। ଏହି ଭିଡିଓରେ ଏକ ଥିଏଟର ସେଟିଂର ଜୀବନ୍ତ ବାତାବରଣ ମଧ୍ୟରେ ମ୍ୟୁଚୁଆଲ ଫଣ୍ଡରେ ନିବେଶ ବିଷୟରେ ଉଲ୍ଲେଖ କରିବା ଦ୍ୱାରା କଳାକାର ଏବଂ ଦର୍ଶକଙ୍କଠାରୁ 'କିଟ୍ କିଟ୍' ପ୍ରତିକ୍ରିୟା ପ୍ରକାଶ ପାଉଛି।ଆଗାମୀ କିଛି ସପ୍ତାହ ମଧ୍ୟରେ କମ୍ପାନି ଆଉ ଦୁଇଟି ଭିଡିଓ ଶୁଭାରମ୍ଭ କରିବା ଯୋଜନା କରୁଛି। ପୁିନିବେଶ କ୍ଷେତ୍ରରେ ଲୋକମାନେ କିପରି ସଠିକ୍ ସୂଚନା ସହିତ ସଂଘର୍ଷ କରନ୍ତି, କିନ୍ତୁ ଅପଷ୍ଟକ୍ସ ସହିତ କିପରି ସଂଘର୍ଷ କରନ୍ତି ତାହା ଏହି ଚଳଚ୍ଚିତ୍ରରେ ଦର୍ଶାଯିବ। ଏହି ଅଭିଯାନର ଶୁଭାରମ୍ଭ ଅବସରରେ ଅପଷ୍ଟୋକ୍ସର ସହ-ପ୍ରତିଷ୍ଠାତା କବିତା ସୁବ୍ରମଣ୍ୟମ କହିଛନ୍ତି ଯେ, 'ଭାରତ ପାରମ୍ପରିକ ଭାବେ ନିବେଶକଙ୍କ ପରିବର୍ତେ ସଂଚୟକାରୀଙ୍କ ଦେଶ। ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହେଉଛି ସ୍ପଷ୍ଟ, ଉପଲବ୍ଧ ସୂଚନାର ଅଭାବ। ତାହା ନିବେଶ ନିଷ୍ପତିକୁ ପ୍ରଭାବିତ କରିଥାଏ। ଅପଷ୍ଟକ୍ସର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ସଠିକ ଜ୍ଞାନ ଏବଂ ଉପକରଣ ସହିତ ସଶକ୍ତ କରିବା ଏବଂ ସାଧାରଣ କ୍ଷତିକୁ ଏଡ଼ାଇବା ଏବଂ ସମସ୍ତ ସମ୍ପତିବର୍ଗରେ ବୁଦ୍ଧିମତା ସହିତ ନିବେଶ କରିବା।'



ହୋଲି ଉପଲକ୍ଷେ ଚାନ୍ଦି ଭଣ୍ଡାରର 'କଲର୍‌ସ୍ପ୍ଲାସ' କଲେକ୍ସନ

# କର୍ମଚାରୀମାନଙ୍କ ବେତନରେ ୫୪%ରୁ ଅଧିକ ବୃଦ୍ଧି କରିପାରେ ଏଆଇ ଦକ୍ଷତା

**ଭୁବନେଶ୍ୱର, (ବ୍ୟୁରୋ):** ଏକ ଆମାଜନ ଡଟ୍ କମ୍ କମ୍ପାନୀ ଆମାଜନ ୱେବ୍ ସର୍ଭିସେସ (ଏଡବ୍ଲ୍ୟୁଏସ୍) ପକ୍ଷରୁ ଜାରି କରାଯାଇଥିବା ଏକ ନୂଆ ଅଧ୍ୟୟନର ଫଳାଫଳ ଦର୍ଶାଇଛି ଯେ, ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ)କୁ ସମ୍ପୂର୍ଣ୍ଣ ରୂପେ ଉପଯୋଗ କରାଗଲେ,ଭାରତରେ ଏଆଇ ଦକ୍ଷ କର୍ମଚାରୀ ଓ ବିଶେଷଜ୍ଞମାନେ ବେତନରେ ୫୪%ରୁ ଅଧିକ ବୃଦ୍ଧି ପରିଲକ୍ଷିତ କରିପାରିବେ ଏବଂ ଆଇଟି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ୬୫%ର ବେତନ ବୃଦ୍ଧି, ଅନୁସନ୍ଧାନ ଓ ବିକାଶ (ଆରଆଣ୍ଡଡି) କ୍ଷେତ୍ରର କର୍ମଚାରୀମାନେ ୬୨%ର ବେତନ ବୃଦ୍ଧି ଉପଭୋଗ କରିପାରିବେ। କାର୍ଯ୍ୟକ୍ଷେତ୍ରଗୁଡିକରେ ଉଦୀୟମାନ ଏଆଇ ବ୍ୟବହାର ଟ୍ରେଣ୍ଡ୍ ଓ ଦକ୍ଷତା ଆବଶ୍ୟକତାଗୁଡିକୁ ଭଲ ଭାବରେ ବୁଝିବା ପାଇଁ ଏଡବ୍ଲ୍ୟୁଏସ୍ ପକ୍ଷରୁ 'ଆକ୍ସିଲରେଟିଂ ଏଆଇ ସ୍କିଲ୍‌ସ: ପ୍ରିପେୟାରିଂ ଦ ଏସିଆ-ପାସିଫିକ୍ ୱର୍କଫୋର୍ସ ଫର୍ ଜବ୍‌ସ ଅଫ୍ ଦ ଫ୍ୟୁଚର ନାମକ ଏକ ଆଂଚଳିକ ଅଧ୍ୟୟନ ପରିଚାଳନା କରିବା ପାଇଁ ଆକ୍‌ସେସ ପାର୍ଟନରସିପ୍‌କୁ ନିର୍ଦ୍ଦେଶ ଦେଉଥିଲା। ଏହି ସର୍ଭେରେ ଭାରତରେ ୧୬୦୦ରୁ ଅଧିକ କର୍ମଚାରୀ ଓ ୫୦୦ ନିଯୁକ୍ତିଦାତାଙ୍କୁ ସର୍ବେକ୍ଷଣ କରାଯାଇଥିଲା। ଭାରତରେ ୯୫% କର୍ମଚାରୀ ସେମାନଙ୍କର କ୍ୟାରିୟରକୁ ତ୍ୱରାନ୍ୱିତ କରିବା ପାଇଁ ଏଆଇ ଦକ୍ଷତା ବିକଶିତ କରିବା କ୍ଷେତ୍ରରେ ପ୍ରବଳ ଆଗ୍ରହକୁ ଦର୍ଶାଇଛନ୍ତି ଏବଂ ଏହି ଆଗ୍ରହ ବିଭିନ୍ନ ପିଢିକୁ ଅତିକ୍ରମ କରିଛି। ୯୫% ଜେନ୍ ଜି, ୯୬% ମିଲେନିଆଲ ଓ ୯୩% ଜେନ୍ ଏକ୍ସ କର୍ମଚାରୀ ଏଆଇ ଦକ୍ଷତା ହାସଲ କରିବାକୁ ଚାହୁଁଥିବା ବେଳେ ୯୦% ବେବି ବୁମର୍ (ଏକ ଜନସଂଖ୍ୟା ସାଧାରଣତଃ ଅବସର ନେବାକୁ ଚିଂ। କରିଥାଁ) କହିଛନ୍ତି, ଯଦି ତାଙ୍କୁ ସୁଯୋଗ ଦିଆଯାଏ ତେବେ ସେମାନେ ଏକ ଏଆଇ ଅପ୍‌ସ୍କିଲିଂ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହିଁବେ। ଏହି ଅଧ୍ୟୟନରୁ ଏହା ମଧ୍ୟ ଜଣାଯାଇଛି ଯେ, ଏକ ଏଆଇ କ୍ଷେତ୍ରରେ ଦକ୍ଷ କର୍ମଚାରୀମାନଙ୍କ ଉତ୍ପାଦକତା ଭାରତ ପାଇଁ ବିପୁଳ ହୋଇପାରେ। ସର୍ଭେରେ ସାମିଲ ହୋଇଥିବା ନିଯୁକ୍ତିଦାତାମାନେ ସେମାନଙ୍କର ସଂଗଠନଗୁଡିକର ଉତ୍ପାଦକତା ୬୮% ବୃଦ୍ଧି ପାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି କାରଣ ଏଆଇ ଟେକ୍ନୋଲୋଜି ରିପିଟେଟିଭ ଟାସ୍କଗୁଡିକୁ (୭୧%) ଅଟୋମେଟ ବା ସ୍ୱୟଂଚାଳିତ କରିଛି, ନୂତନ କୌଶଳ (୬୮%) ଶିକ୍ଷାକୁ ପ୍ରୋତ୍ସାହିତ କରୁଛି ଏବଂ କାର୍ଯ୍ୟପ୍ରବାହ ଓ ଫଳାଫଳ (୬୪%)କୁ ଉନ୍ନତ କରୁଛି। କର୍ମଚାରୀମାନେ ବିଶ୍ୱାସ କରୁଛନ୍ତି ଯେ, ଏଆଇ ସେମାନଙ୍କର ଦକ୍ଷତାକୁ ସର୍ବାଧିକ ୬୬% ବୃଦ୍ଧି କରିପାରିବ। ଭାରତରେ ଘଟୁଥିବା ଏଆଇ ରୂପାନ୍ତରଣର ବେଗ ଉଲ୍ଲେଖନୀୟ ଅଟେ। ପ୍ରାୟ ସମସ୍ତ ନିଯୁକ୍ତିଦାତା (୯୯%) ସେମାନଙ୍କର କମ୍ପାନୀଗୁଡିକୁ ୨୦୨୮ ସୁଦ୍ଧା ଏଆଇ-ପରିଚାଳିତ ସଂସ୍ଥା ହେବ ବୋଲି ଆକଳନ କରିଛନ୍ତି। ଅଧିକାଂଶ ନିଯୁକ୍ତିଦାତା (୯୭%) ବିଶ୍ୱାସ କରୁଛନ୍ତି ଯେ, ସେମାନଙ୍କର ବିତୀୟ ବିଭାଗ ସବୁଠାରୁ ଅଧିକ ଉପକୃତ ହେବ, ସେମାନେ ମଧ୍ୟ ଆକଳନ କରିଛନ୍ତି ଯେ, ଆଇଟି କ୍ଷେତ୍ର (୯୬%), ଅନୁସନ୍ଧାନ ଓ ବିକାଶ କ୍ଷେତ୍ର (୯୬%), ସେଲ୍‌ସ ଓ ମାର୍କେଟିଂ କ୍ଷେତ୍ର (୯୬%), ବିଜ୍‌ନେଓ ଅପରେଶନ୍ସ (୯୫%), ମାନବ ସମ୍ବଳ (୯୪%) ଓ ଆଇନ (୯୨%) ବିଭାଗଗୁଡିକ ଏଆଇଠାରୁ ସର୍ବାଧିକ ମୂଲ୍ୟ ହାସଲ କରୁଛନ୍ତି। ଏସମ୍ପର୍କରେ ଆକ୍‌ସେସ ପାର୍ଟନରସିପ୍‌ର ନିର୍ଦ୍ଦେଶକ ଅଭିନିତ୍ କୌଲ କହିଛନ୍ତି, 'ଏଆଇର ତରଙ୍ଗ ସମଗ୍ର ଏସିଆ-ପାସିଫିକ୍ ଅଂଚଳକୁ ପ୍ରଭାବିତ କରିଛି, ଯେଉଁଥିରେ ଭାରତ ସାମିଲ ରହିଛି, ଏହା ବ୍ୟବସାୟଗୁଡିକର ପରିଚାଳନାର ମାଧ୍ୟମ ଏବଂ ଆମର କାର୍ଯ୍ୟ କରିବାର ଶୈଳୀକୁ ପରିବର୍ତନ କରିଛି। ଆମର ଅନୁସନ୍ଧାନ ଦର୍ଶାଇଛି ଯେ, ସମଗ୍ର ସମାଜ ଏକ ବର୍ଦ୍ଧିତ ଉତ୍ପାଦକତା ବୃଦ୍ଧିରୁ ଉପକୃତ ହେବ ଯାହା ଭାରତରେ ଦକ୍ଷ କର୍ମଚାରୀମାନଙ୍କ ପାଇଁ ଅଧିକ ବେତନରେ ପରିଣତ ହେବ। ଅଧିକ ସଂଖ୍ୟକ ସଂଗଠନଗୁଡିକ ସେମାନଙ୍କର ଏଆଇ ସଲ୍ୟୁଶନ୍ ଓ ଟୁଲ୍‌ଗୁଡିକର ବ୍ୟବହାରକୁ ବୃଦ୍ଧି କରିବେ ବୋଲି ଆଶା କରାଯାଉଥିବା ବେଳେ ନିଯୁକ୍ତିଦାତା ଓ ସରକାରଙ୍କ ପାଇଁ ବିଦ୍ୟମାନ ଓ ଭବିଷ୍ୟତରେ ଏଆଇ ଅଗ୍ରଗତିକୁ ପରିଚାଳନା କରିବା ପାଇଁ ସକ୍ଷମ ଦକ୍ଷ କର୍ମବଳକୁ ବିକଶିତ କରିବାର ଆବଶ୍ୟକତା ରହିଛି।

## ବିଜେପିରେ ମିଶିଲେ ପୂର୍ବତନ ବାୟୁସେନା ମୁଖ୍ୟ



**ନୂଆଦିଲ୍ଲୀ:** ଭାରତୀୟ ବାୟୁସେନାର ପୂର୍ବତନ ମୁଖ୍ୟ ରାକେଶ କୁମାର ସିଂହ ଭଦୌରିଆ ରବିବାର ବିଜେପିରେ ଯୋଗ ଦେଇଛନ୍ତି। ଦିଲ୍ଲୀରେ ବିଜେପି ସାଧାରଣ ସଂପାଦକ ବିନୋଦ ତାୱଡେ ଓ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁରଙ୍କ ଉପସ୍ଥିତିରେ ସେ ଦଳରେ ମିଶିଥିଲେ। ରାକେଶ କୁମାର ସିଂହ ଭଦୌରିଆ ୨୦୨୧ ସେପ୍ଟେମ୍ବର ମାସରେ ଚାକିରିରୁ ଅବସର ନେଇଥିଲେ। ତାଙ୍କ ପରେ ବିବେକ ରାମ ଚୌଧରୀ ବାୟୁସେନ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ।

## ପପୁଆ ନ୍ୟୁ ଗିନିରେ ଶକ୍ତିଶାଳୀ ଭୂମିକମ୍ପ

**ନୂଆଦିଲ୍ଲୀ:** ପପୁଆ ନ୍ୟୁ ଗିନିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୬.୯ ରେକର୍ଡ ହୋଇଛି। ଏହି ଅଞ୍ଚଳ ରିଙ୍ଗ ଅଫ୍ ଫାୟାର ଜୋନରେ ଆସୁଥିବାରୁ ସୁନାମୀ ଆଶଙ୍କା ରହିଛି। ଭୂପୃଷ୍ଠରୁ ୩୫ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳୀ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନାହିଁ। କିନ୍ତୁ ଭୂମିକମ୍ପ ପରେ ଲୋକ ଭୟଭୀତ ହୋଇପଡିଛନ୍ତି। ଗତବର୍ଷ ଏପ୍ରିଲ ମାସରେ ଏହି ଅଞ୍ଚଳରେ ଭୂମିକମ୍ପ ହୋଇଥିଲା। ରିକ୍ଟର ସ୍କେଲରେ ଯାହାର ତୀବ୍ରତା ୭.୦ ରହିଥିଲା।

## ଲୁଟେରା ସନ୍ଦେହରେ ୨ ଯୁବକଙ୍କୁ ନିର୍ମମ ହତ୍ୟା

**ନୂଆଦିଲ୍ଲୀ:** ଦିଲ୍ଲୀରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। କିଛି ଭୁଲ୍ ନ ଥାଇବି ଚାଲିଯାଇଛି ଦୁଇ ସାଙ୍ଗଙ୍କ ଜୀବନ। ଲୁଟେରା ସନ୍ଦେହରେ ଦୁଇ ବନ୍ଧୁଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମାମଲାରେ ଚାରି ଜଣଙ୍କୁ ଗିରଫ କରିଛି ପୁଲିସ। ପୁଲିସର କହିବା ଅନୁସାରେ, ଗତ ଶୁକ୍ରବାର ଦିଲ୍ଲୀର ରଣହୋଲା ଅଞ୍ଚଳରେ ରାଜେଶ ଯାଦବ ଏବଂ ମୁକେଶ ସିଂହଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଚାରି ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ଜେରା ବେଳେ ସେମାନେ ସତ ମାନିଛନ୍ତି। ଗିରଫ ଅଭିଯୁକ୍ତ ପୁଲିସକୁ କହିଛନ୍ତି ଯେ, ସେମାନେ ମାର୍ଚ୍ଚ ୧୫ରେ ଲୁଟର ଶିକାର ହୋଇଥିଲା। ଏହାପରେ ସେମାନେ ଲୁଟେରାଙ୍କୁ ଧରିବା ପାଇଁ ଖୋଜାଖୋଜି କରିଥିଲେ। ଦୁଇ ଦିନ ପରେ ସେମାନେ ଏକ ବାରରେ ମଦ ପିଉଥିବା ନେଇ ସୂଚନା ପାଇଥିଲେ। ତୁରନ୍ତ ବାରରେ ପହଞ୍ଚି ରାଜେଶ ଯାଦବ ଏବଂ ମୁକେଶ ସିଂହଙ୍କୁ ଲୁଟେରାଙ୍କ ସହଯୋଗୀ ବୋଲି ସନ୍ଦେହ କରି ଛୁରୀ ଏବଂ ବାଡ଼ିରେ ଆକ୍ରମଣ କରିଥିଲେ। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି। ପୁଲିସ ଏହି ମାମଲାରେ ଚାରି ଅଭିଯୁକ୍ତ ଗୌରବ କୁମାର, କେଶରୀ କୁମାର ପାଣ୍ଡେ, ସନ୍ଦେଶ କୁମାର ଏବଂ ଗୌରବ ସିଂହଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରୁଛି।

### କେଜ୍ରିୱାଲଙ୍କ ଗିରଫଦାରୀକୁ ନେଇ ବିରୋଧୀ ଏକଜୁଟ

# ୩୧ରେ ଇଣ୍ଡିଆ ମେଣ୍ଟର ମହାସମାବେଶ

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନ ୨୦୨୪ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀକୁ ନେଇ ବିରୋଧୀ ମେଣ୍ଟ ଇଣ୍ଡିଆ ଏକଜୁଟ ହୋଇଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଦିଲ୍ଲୀର ରାମଲିଲା ମଇଦାନରେ ଇଣ୍ଡିଆ ମେଣ୍ଟର ନେତାମାନେ ଏକ ମେଗା ରାଲିର ଆୟୋଜନ କରିବେ। ଏହି ବୃହତ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଭାରତୀୟ ଜନତା ପାର୍ଟି ଏବଂ ଏନଡିଏ ସରକାର ବିରୋଧରେ ବିରୋଧୀ ଦଳ ଶକ୍ତି ପ୍ରଦର୍ଶନ କରିବେ। ରବିବାର ମେଣ୍ଟ ଦଳ ସହଯୋଗୀ ଆପ୍ ଏବଂ କଂଗ୍ରେସ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀ ସମୟରେ ଆପ୍ ନେତା ଗୋପାଳ ରାୟ କହିଛନ୍ତି, ଗଣତନ୍ତ୍ର ଏବଂ ଦେଶ ବିପଦରେ। ସମସ୍ତ ଇଣ୍ଡିଆ ମେଣ୍ଟ ଦଳ ଦେଶର ସ୍ୱାର୍ଥ ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ ଏହି ମହାରାଲି କରିବେ। ଏକଛତ୍ରବାଦ ଶାସନ ଚଳାଇ ଦେଶରେ ଗଣତନ୍ତ୍ରକୁ ହତ୍ୟା କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି। ଯେଉଁମାନେ ସମ୍ବିଧାନ ଏବଂ ଗଣତନ୍ତ୍ରକୁ ଭଲ ପାଉଛନ୍ତି, ସମ୍ମାନ କରୁଛନ୍ତି ସେମାନଙ୍କ ଉପରେ ରାଗ ଅଛି। ଜଣେ ପରେ ଜଣେ ବିରୋଧୀ ଦଳ ନେତାଙ୍କ ବିରୁଦ୍ଧରେ ମିଛ ମାମଲା ଦାୟର କରିବାକୁ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର କରୁଥିବା ଆପ୍ ନେତା ଗୋପାଳ ରାୟ




ଅଭିଯୋଗ କରିଛନ୍ତି। କଂଗ୍ରେସ ଦିଲ୍ଲୀ ମୁଖ୍ୟ ଅରବିନ୍ଦର ସିଂହ ଲଭଲି କହିଛନ୍ତି, ମାର୍ଚ୍ଚ ୩୧ରେ ହେବାକୁ ଥିବା ମହା ରାଲି ରାଜନୈତିକ ନୁହେଁ ବରଂ ଦେଶର ଗଣତନ୍ତ୍ରକୁ ବଞ୍ଚାଇବା ଏବଂ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା।

## ୧୬ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ଜେଡିୟୁ

**ପାଟନା:** ୨୦୨୪ ଲୋକସଭା ନିର୍ବାଚନ ପାଇଁ ଏନଡିଏ ବିହାରରେ ଆସନ ବଣ୍ଟନ କରିସାରିଛି, ଯେଉଁଥିରେ ବିଜେପି ୧୭ଟି ଆସନରେ ନିର୍ବାଚନ ଲଢ଼ିବାକୁ ଥିବାବେଳେ ଜେଡିୟୁ ୧୬ଟି ଆସନରେ ପ୍ରତିଦ୍ୱନ୍ଦିତା କରିବ। ସେହିପରି ଚିରାଗ ପାସୱାନଙ୍କ ଲୋକ ଜନଶକ୍ତି ପାର୍ଟି ୫ଟି ଆସନରେ ନିର୍ବାଚନ ଲଢ଼ିବ। ତେବେ ଆଜି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଜନତା ଦଳ ୟୁନାଇଟେଡ୍ ଏହାର ୧୬ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ଅନେକ ପୁରୁଣା ନାମ ଅଛି ଏବଂ କିଛି ନୂତନ ଲୋକଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ଜେଡିୟୁର ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ମୁଙ୍ଗେରରୁ ଲଲନ୍ ସିଂ, ବାଙ୍କାରୁ ଗିରିଧାରୀ ଯାଦବ, ସୁପୋଲରୁ ଦିଲଶ୍ୱର କାମାତ ପ୍ରମୁଖଙ୍କୁ ଟିକେଟ ଦିଆଯାଇଛି।

## ମୋଦିଙ୍କୁ ୨୮ ପଇସା ପ୍ରଧାନମନ୍ତ୍ରୀ କହିଲେ ଜୁନିଅର ଷ୍ଟାଲିନ୍



**ନୂଆଦିଲ୍ଲୀ:** ବିଜେପି ନେତୃତ୍ୱାଧିନ କେନ୍ଦ୍ରରେ ପାଣ୍ଠି ଆବଣ୍ଟନ ଉପରେ ବର୍ଷିଛନ୍ତି ତାମିଲନାଡୁ ମନ୍ତ୍ରୀ ତଥା ଡିଏମକେ ନେତା ଉଦୟନିଧି ଷ୍ଟାଲିନ। ଆମେ ପ୍ରଧାନମନ୍ତ୍ରୀଙ୍କୁ '୨୮ ପଇସା ପ୍ରଧାନମନ୍ତ୍ରୀ' ବୋଲି କହିବା ଉଚିତ୍ ବୋଲି ଷ୍ଟାଲିନ କହିଛନ୍ତି। ସେ କହିଛନ୍ତି, ଟିକସ୍ ହିସାବରେ ପ୍ରଦାନ କରାଯାଇଥିବା ପ୍ରତ୍ୟେକ ଏକ ଟଙ୍କା ଉପରେ କେନ୍ଦ୍ର, ରାଜ୍ୟକୁ ମାତ୍ର ୨୮ ପଇସା ଆବଣ୍ଟନ କରୁଛି। ଆମେ ପ୍ରଧାନମନ୍ତ୍ରୀଙ୍କୁ '୨୮ ପଇସା ପ୍ରଧାନମନ୍ତ୍ରୀ' ବୋଲି କହିବା ଉଚିତ୍। ରାମନାଥପୁରମ୍ ଏବଂ ଥେନିରେ ପୃଥକ୍ ସମାବେଶକୁ ସମ୍ବୋଧିତ କରିବାବେଳେ ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ। ଏହା ବ୍ୟତୀତ କେନ୍ଦ୍ରର ଜାତୀୟ ଶିକ୍ଷା ନୀତି ଉପରେ ମଧ୍ୟ ବର୍ଷିଛନ୍ତି ଷ୍ଟାଲିନ। ଷ୍ଟାଲିନ୍ କହିଛନ୍ତି, ତାମିଲନାଡୁ ପିଲାମାନଙ୍କର ଭବିଷ୍ୟତକୁ ନଷ୍ଟ କରିବା ପାଇଁ ବିଜେପି ଜାତୀୟ ଶିକ୍ଷା ନୀତି (NEP) ଆଣିଛି। ସେ କହିଛନ୍ତି ଯେ, ତାମିଲନାଡୁକୁ ପାଣ୍ଠି ବିନିଯୋଗ, ବିକାଶମୂଳକ ପ୍ରକଳ୍ପ ଏବଂ ରାଜ୍ୟରେ NEET ଉପରେ ପ୍ରତିବନ୍ଧକ ଲଗାଇବା ପରିପ୍ରେକ୍ଷୀରେ କେନ୍ଦ୍ର ଭେଦଭାବ କରିଛି। କେବଳ ନିର୍ବାଚନ ଆସିଲେ ପ୍ରଧାନମନ୍ତ୍ରୀ ତାମିଲନାଡୁ ଆସନ୍ତି। ପ୍ରକାଶଥାଉକି, ୩୯ ଲୋକସଭା ଆସନ ବିଶିଷ୍ଟ ତାମିଲନାଡୁରେ ଏପ୍ରିଲ୍ ୧୯ରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ହେବ। ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ।

## ବିଏସପି ଜାରି କଲା ୧୬ ପ୍ରାର୍ଥୀଙ୍କ ତାଲିକା

**ଲକ୍ଷ୍ନୌ:** ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ବହୁଜନ ସମାଜବାଦୀ ପାର୍ଟି ରବିବାର ୧୬ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏହି ତାଲିକାରେ ବିଏସପି ୭ଜଣ ମୁସଲମାନ ପ୍ରାର୍ଥୀଙ୍କୁ ଟିକେଟ ଦେଇଛନ୍ତି। ଏଥିରେ ସାହରନପୁର ଆସନରେ ଏସପି-କଂଗ୍ରେସ ସହଯୋଗୀ ଦଳର ଇମ୍ରାନ ମାସୁଦଙ୍କ ବିରୋଧରେ ମଜିଦ ଅଲିଙ୍କୁ ପ୍ରାର୍ଥୀ କରାଯାଇଛି। ଶ୍ରୀପାଲ ସିଂ କୌରାନା ଲୋକ ସଭା ଆସନରୁ ଇକ୍ରା ହସନଙ୍କୁ ଭେଟିବେ। ଦାରା ସିଂ ପ୍ରଜାପତି ମୁଜାଫରନଗର ଆସନରୁ, ବିଜନୋରରୁ ବିଜେନ୍ଦ୍ର ସିଂଙ୍କ ମଇଦାନରେ ରହିବେ। ନାଗିନା (ଏସସି) ରୁ ବିଏସପିରୁ ସୁରେନ୍ଦ୍ର ପାଲ ସିଂ ଟିକେଟ ପାଇଛନ୍ତି। ମହମ୍ମଦ ଇରଫାନ ସୈଫିଙ୍କୁ ମୁରଦାବାଦରୁ ପ୍ରାର୍ଥୀ କରାଯାଇଛି। ଜିଶାନ ଖାନ ରାମପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସମ୍ଭଲ ଲୋକ ସଭା ଆସନରୁ ଶୌଲତ ଅଲିଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଶାଫିକୁର ରହମାନ ବୁର୍କର ଉତ୍ତରାଧିକାରୀ ଜିଆଉର ରହମାନଙ୍କ



ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଏସପି ଅମରୋହା ଲୋକ ସଭା ଆସନରୁ ମୁଜାହିଦ ହୁସେନଙ୍କୁ ପ୍ରାର୍ଥୀ କରିଛି। ସେ ଭାଜପାର କାନୱର ସିଂ ତଓ୍ୱାର ଏବଂ ଏସପି-କଂଗ୍ରେସ ସହଯୋଗୀ ଦଳର ଦାନିଶ ଅଲିଙ୍କୁ ଭେଟିବେ।

## ସିବିଆଇ ବିରୋଧରେ ନିର୍ବାଚନ ଆୟୋଗରେ ଫେରାଦ ହେଲେ ମହୁଆ

**ନୂଆଦିଲ୍ଲୀ:** କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ବିରୁଦ୍ଧରେ ନିର୍ବାଚନ ଆୟୋଗରେ ଫେରାଦ ହୋଇଛନ୍ତି ତୃଣମୂଳ କଂଗ୍ରେସ ସାଂସଦ ପ୍ରାର୍ଥୀ ମହୁଆ ମୈତ୍ର। ସିବିଆଇ ମତେ ହଇରାଣ କରୁଛି, ଏଥିପାଇଁ ମୋ ନିର୍ବାଚନ ପ୍ରଚାର-ପ୍ରସାରରେ ବାଧା ସୃଷ୍ଟି ହେଉଥିବା ସେ ଅଭିଯୋଗ କରିଛନ୍ତି। ଗତକାଲି ମହୁଆଙ୍କ ବାସଭବନ ସମେତ ତାଙ୍କ ନାମରେ ଥିବା ଏକାଧିକ ସ୍ଥାନରେ ଚଢାଉ କରିଥିଲା ସିବିଆଇ। ଆଜି ସେ ଏନେଇ ନିର୍ବାଚନ ଆୟୋଗରେ ଫେରାଦ ହୋଇଛନ୍ତି। ମହୁଆ କହିଛନ୍ତି ଯେ, ମୁଁ ପ୍ରାର୍ଥୀ ଥିବା ଜାଣି ମଧ୍ୟ ସିବିଆଇ କ୍ରମାଗତ ଭାବେ ଚାରିଟି ସ୍ଥାନରେ ଚଢାଉ କରିବାର କାର୍ଯ୍ୟକ୍ରମ ରଖିଛି। ମୋ ପ୍ରଚାର ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଏବଂ ମତଦାନ ପୂର୍ବରୁ ମୋ ଭାବମୂର୍ତ୍ତି ଉପରେ ଏକ ନକାରାତ୍ମକ ଧାରଣା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସିବିଆଇ ଏପରି କରୁଥିବା ମହୁଆ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି, ସଂସଦରେ ଅନୈତିକ ଆଚାରଣ ପାଇଁ ଗତ ବର୍ଷ ଡିସେମ୍ବରରେ ଲୋକସଭାରୁ ମହୁଆ ବହିଷ୍କାର ହୋଇଥିଲେ। ତାଙ୍କ ନାଁରେ ସଂସଦରେ ପ୍ରଶ୍ନ ପଚାରିବା ପାଇଁ ସେ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ଏହା ପରେ ତାଙ୍କୁ ବହିଷ୍କାର କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ଟିଏମସି ତାଙ୍କୁ ଟିକେଟ୍ ଦେଇଛି। ସେ କୃଷ୍ଣନଗର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି।



## ଲୋକସଭା ନିର୍ବାଚନ: ଆଉ ୪୫ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା କଂଗ୍ରେସ

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ୍‌କୁ ଆଉ ମାସେରୁ କମ୍ ସମୟ ଥିବା ବେଳେ କଂଗ୍ରେସ ପକ୍ଷରୁ ଏହାର ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୪୫ ଜଣଙ୍କ ନାଁ ରହିଛି। ଦଳର କେତେକ ବଡ଼ ନେତାଙ୍କ ନାଁ ଏହି ତାଲିକାରେ ରହିଛି।

ମଧ୍ୟ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ବରିଷ୍ଠ ନେତା ଦିଗବିଜୟ ସିଂହଙ୍କୁ ରାଜଗଡ଼ରୁ ପ୍ରାର୍ଥୀ କରାଯାଇଛି। ସେ ଏବେ ରାଜ୍ୟସଭା ସାଂସଦ ଅଛନ୍ତି। କାର୍ତ୍ତି ପି ଚିଦାମ୍ବରମଙ୍କୁ ତାମିଲନାଡୁର ଶିବଗଙ୍ଗା ଆସନରୁ ପ୍ରାର୍ଥୀ କରିଛି ଦଳ। ସେ ୨୦୧୯ରେ ଏହି ଆସନରୁ ବିଜୟୀ ହୋଇଥିଲେ। ଦାନିଶ ଅଲୀଙ୍କୁ ଉତ୍ତର ପ୍ରଦେଶର ଅମରୋହାରୁ ଟିକେଟ୍ ଦିଆଯାଇଛି। ସେହିପରି ଅଜୟ ରାୟଙ୍କୁ ଦଳ ପୁଣି ଥରେ ବାରାଣସୀ ଆସନରୁ ପ୍ରାର୍ଥୀ କରିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ କାନ୍ତିଲାଲ ଭୂରିଆଙ୍କୁ ମଧ୍ୟପ୍ରଦେଶର ରତଲାମ ଆସନରୁ ଟିକେଟ ଦିଆଯାଇଥିବା ବେଳେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତଙ୍କ ପୁଅ ବୀରେନ୍ଦ୍ର ରାୱତଙ୍କୁ ହରିଦ୍ୱାରରୁ ଟିକେଟ ଦିଆଯାଇଛି। କଂଗ୍ରେସ ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶର ୯ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ତେବେ ଦଳ ଏବେ ବି ଅମେଠି ଓ ରାଏ ବରେଲୀ ଆସନକୁ ନେଇ ସସପେନ୍ସ ଜାରି ରଖିଛି। ଏହି ଦୁଇଟି ଆସନ କଂଗ୍ରେସର ଗଡ଼। ତେବେ ୨୦୧୯ରେ ଅମେଠିରୁ ରାହୁଲ ଗାନ୍ଧି ହାରି ଯାଇଥିଲେ। ରାହୁଲ ଏଥର ପୁଣି ଏହି ଆସନରୁ ଲଢ଼ିପାରନ୍ତି। ତା'ସହିତ ସେ କେରଳ ୱାୟନାଡ଼ ଆସନରୁ ମଧ୍ୟ ଲଢ଼ିବେ। ଅନ୍ୟପକ୍ଷରେ ସମସ୍ତଙ୍କ ନଜର ଏବେ ରାଏ ବରେଲୀ ଆସନ ଉପରେ ରହିଛି। ଏହି ଆସନରୁ କଂଗ୍ରେସ ସାଧାରଣ ସଂପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି। ଉତ୍ତର ପ୍ରଦେଶରେ ୮୦ଟି ଲୋକସଭା ଆସନ ଥିବା ବେଳେ କଂଗ୍ରେସ ୧୭ଟିରେ ଲଢ଼ିବ। ସମାଜବାଦୀ ପାର୍ଟି ସହିତ ହୋଇଥିବା ଆସନ ଭାଗବଣ୍ଟାରେ କଂଗ୍ରେସ ୧୭ଟି ଆସନ ପାଇଛି। ଏହି ୧୭ଟିରୁ ଦଳ ଗତକାଲି ୯ଟି ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଚତୁର୍ଥ ପର୍ଯ୍ୟାୟରେ କଂଗ୍ରେସ ୪୬ଟି ଆସନ ପାଇଁ ଟିକେଟ ଘୋଷଣା କରିଥିବା ବେଳେ ଏଥିରେ ୪୫ ଜଣ ଦଳୀୟ ନେତାଙ୍କ ନାଁ ରହିଛି।

## ଆକାଶ ମାର୍ଗରେ ରୁଷର କ୍ଷେପଣାସ୍ତ୍ର ପ୍ରବେଶ କରିବା ପରେ ବିମାନକୁ ସକ୍ରିୟ କଲା ପୋଲାଣ୍ଡ

**ନୂଆଦିଲ୍ଲୀ:** ୟୁକ୍ରେନକୁ ଟାର୍ଗେଟ କରି ରୁଷିଆର କ୍ରୁଜ୍ କ୍ଷେପଣାସ୍ତ୍ର ନିଜ ଆକାଶ ମାର୍ଗରେ ପ୍ରବେଶ କରିବା ପରେ ପୋଲାଣ୍ଡ ରବିବାର ନିଜର ବିମାନକୁ ସକ୍ରିୟ କରିଛି ବୋଲି ସିଏନ୍‌ଏନ୍ ରିପୋର୍ଟ କରିଛି।

ପୋଲାଣ୍ଡ ସଶସ୍ତ୍ର ବାହିନୀର ଅପରେସନ୍ କମାଣ୍ଡ୍ କହିଛି, ମାର୍ଚ୍ଚ ୨୪ ତାରିଖ ଭୋର୍ ୪ଟା ୨୩ ମିନିଟ୍‌ରେ ରୁଷୀୟ ସଂଘର ଦୀର୍ଘ ଦୂରତା ବିଶିଷ୍ଟ ବିମାନ ଚଳାଚଳ ଦ୍ୱାରା ଆଜି ରାତିରେ ଉତ୍‌କ୍ଷେପଣ କରାଯାଇଥିବା କ୍ରୁଜ୍ କ୍ଷେପଣାସ୍ତ୍ର ଗୁଡ଼ିକ ମଧ୍ୟରୁ ଗୋଟିଏ ଦ୍ୱାରା ପୋଲିଶ ଆକାଶପଥର ଉଲ୍ଲଂଘନ ହୋଇଥିଲା। ଅପରେଶନାଲ କମାଣ୍ଡ୍ କହିଛି ଯେ, ଏହି ବସ୍ତୁଟି ଓସେର୍ଡୋ (ଲୁବଲିନ୍ ଭୋଇଭୋଡେସିପ୍) ଗ୍ରାମ ନିକଟରେ ଥିବା ପୋଲାଣ୍ଡ (ବାୟୁ) ମହାକାଶକୁ ଉଡ଼ିଥିଲା ଏବଂ ୩୯ ସେକେଣ୍ଡ ବିତାଇଥିଲା। ଏହାକୁ ସାମରିକ ରାଡାର ସିଷ୍ଟମ ଦ୍ୱାରା ଉଡ଼ାଣ ସମୟରେ ନିରୀକ୍ଷଣ କରାଯାଇଥିଲା। ପୋଲାଣ୍ଡ ସୀମା ନିକଟରେ ଥିବା ପଶ୍ଚିମ ୟୁକ୍ରେନର ଲଭିଭ୍ ଅଞ୍ଚଳକୁ ଟାର୍ଗେଟ କରି ରୁଷ୍ ପ୍ରାୟ ୨୦ଟି କ୍ଷେପଣାସ୍ତ୍ର ଏବଂ ୭ଟି ସାହିଦ ଆଟାକ୍ ଡ୍ରୋନ୍ ଉତ୍‌କ୍ଷେପଣ କରିଛି ବୋଲି ୟୁକ୍ରେନ୍ ଅଧିକାରୀମାନେ ସୂଚନା ଦେବା ପରେ ଏହା ଘଟିଛି। ୟୁକ୍ରେନର ରାଜଧାନୀ କିଭରେ ମଧ୍ୟ ଏକାଧିକ ବିସ୍ଫୋରଣ ହୋଇଥିବା ସିଏନ୍‌ଏନ୍ ରିପୋର୍ଟ କରିଛି। ଲଭିଭ୍ ମେୟର ଆନ୍ଦ୍ରି ସାଦୋଭି କହିଛନ୍ତି ଯେ ଏହି କ୍ଷେପଣାସ୍ତ୍ରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା, କିନ୍ତୁ ଲଭିଭ୍ ସହରରେ କୌଣସି ଆକ୍ରମଣ ହୋଇଥିବା ସୂଚନା ମିଳିନାହିଁ। ତେବେ, ଉଭୟ ପୋଲିଶ ଏବଂ ସହଯୋଗୀ ବିମାନକୁ ସକ୍ରିୟ କରାଯାଇଛି ବୋଲି ଅପରେସନ୍ କମାଣ୍ଡ୍ କହିଛି। ପୋଲାଣ୍ଡ ଆକାଶମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକ ପ୍ରକ୍ରିୟା ସକ୍ରିୟ କରାଯାଇଛି ବୋଲି କମାଣ୍ଡ କହିଛି। ପୋଲାଣ୍ଡ ସେନା ୟୁକ୍ରେନ ଅଞ୍ଚଳର ସ୍ଥିତି ଉପରେ ନିରନ୍ତର ନଜର ରଖିଛି ଏବଂ ପୋଲାଣ୍ଡର ଆକାଶମାର୍ଗର ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ନିରନ୍ତର ସତର୍କ ରହିଛି ବୋଲି ସିଏନ୍‌ଏନ୍ ରିପୋର୍ଟ କରିଛି। ଶେଷ ଥର ପାଇଁ ୨୦୨୩ ଡିସେମ୍ବର ୨୯ରେ ରୁଷିଆ ପୋଲାଣ୍ଡର ଆକାଶ ମାର୍ଗ ଉଲ୍ଲଂଘନ କରିଥିଲା। ପୋଲାଣ୍ଡ ସେନା ସେତେବେଳେ କହିଥିଲା ଯେ ସେହି ସମୟରେ ୟୁକ୍ରେନ ଅଞ୍ଚଳରୁ ଏକ ଅଚିହ୍ନା ବାୟୁବାହୀ ବସ୍ତୁ ତା'ର ଆକାଶମାର୍ଗରେ ପ୍ରବେଶ କରିଥିଲା ଏବଂ ପରେ ପୋଲାଣ୍ଡର ସବୁଠାରୁ ବରିଷ୍ଠ ସାମରିକ ଅଧିକାରୀ କହିଥିଲେ ଯେ 'ସମସ୍ତ ସଙ୍କେତ' ରୁ ଏହା ରୁଷିଆର କ୍ଷେପଣାସ୍ତ୍ର ବୋଲି ଜଣାପଡିଥିଲା।



## ଚନ୍ଦ୍ରଯାନ-୩ ଅବତରଣ ସ୍ଥଳକୁ 'ଶିବ ଶକ୍ତି' ନାମରେ ନାମିତ

**ନୂଆଦିଲ୍ଲୀ:** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଚନ୍ଦ୍ରଯାନ-୩ ଅଭିଯାନର ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରରେ ଅବତରଣ କରିଥିବା ସ୍ଥାନର ଆନ୍ତର୍ଜାତିକ ଜ୍ୟୋତିର୍ବିଜ୍ଞାନ ସଂଘ (ଆଇଏୟୁ)ର ଅନୁମୋଦନ ପରେ ଆନୁଷ୍ଠାନିକ ଭାବେ 'ଶିବ ଶକ୍ତି' ନାମରେ ନାମିତ କରାଯାଇଛି। ଅବତରଣ ସ୍ଥଳକୁ 'ଶିବ ଶକ୍ତି' ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବାର ପ୍ରାୟ ସାତ ମାସ ପରେ ଏହି ମଞ୍ଜୁରି ମିଳିଛି।

ଚନ୍ଦ୍ରଯାନ-୩ ଅବତରଣ ସ୍ଥଳ ପାଇଁ ଷ୍ଟାଟିଓ ଶିବ ଶକ୍ତି ନାମକୁ ପ୍ୟାରିସ୍ ସ୍ଥିତ ଆଇଏୟୁ ମାର୍ଚ୍ଚ ୧୯ରେ ଅନୁମୋଦନ କରିଥିଲା, ଯାହା ଗ୍ରହ ନିରୋଧକ ସଂଗଠନ ଦ୍ୱାରା ଅନୁମୋଦିତ ଗ୍ରହନାମ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥାଏ। ଏହି ନାମର ଉତ୍ପତ୍ତି ସମ୍ପର୍କରେ ଗେଜେଟିୟର କହିଛି, ଭାରତୀୟ ପୁରାଣର ଯୌଗିକ ଶବ୍ଦ ଯେଉଁଥିରେ ପ୍ରକୃତିର ପୁରୁଷ (ଶିବ) ଏବଂ ନାରୀ (ଶକ୍ତି) ଦ୍ୱୈତତାକୁ ଦର୍ଶାଯାଇଛି; ଯାହାକି ଚନ୍ଦ୍ରଯାନ-୩ର ବିକ୍ରମ ଲ୍ୟାଣ୍ଡରର ଅବତରଣ ସ୍ଥଳ।

ଅଗଷ୍ଟ ୨୬, ୨୦୨୩ରେ ବେଙ୍ଗାଲୁରୁ ସ୍ଥିତ ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱାର୍କ ମିଶନ କଣ୍ଟ୍ରୋଲ କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀ ତାଙ୍କ ଘୋଷଣାରେ ଏହା ମଧ୍ୟ କହିଛନ୍ତି ଯେ ଚନ୍ଦ୍ରଯାନ-୩ ଚନ୍ଦ୍ରରେ ଅବତରଣ କରିଥିବା ଦିନ ଅଗଷ୍ଟ ୨୩କୁ ଏବେ 'ଜାତୀୟ ମହାକାଶ ଦିବସ' ଭାବେ ପାଳନ କରାଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଚନ୍ଦ୍ରପୃଷ୍ଠରେ ଯେଉଁସ୍ଥାନରେ ଚନ୍ଦ୍ରଯାନ-୨ ନିଜର ପାଦଚିହ୍ନ ଛାଡିଥିଲା, ତାହା ଭାରତର ପ୍ରତ୍ୟେକ ପ୍ରୟାସ ପାଇଁ ପ୍ରେରଣା ଭାବରେ 'ତିରଙ୍ଗା' ନାମରେ ପରିଚିତ ହେବ। ଏହା ଆମକୁ ମନେ ପକାଇଦେବ ଯେ, କୌଣସି ବିଫଳତା ଚୂଡ଼ାନ୍ତ ନୁହେଁ। ଅଗଷ୍ଟ ୨୩, ୨୦୨୩ରେ ଚନ୍ଦ୍ରଯାନ-୩ ଅଭିଯାନ ଚନ୍ଦ୍ର ପୃଷ୍ଠରେ ସଫଳ ସଫ୍ଟ ଲ୍ୟାଣ୍ଡିଂ କରି ଇତିହାସ ରଚିଥିଲା। ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ଭାରତ ଏବେ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଅଜ୍ଞାତ ଦକ୍ଷିଣ ମେରୁ ନିକଟରେ ପହଞ୍ଚିଛି। ଗତ ସପ୍ତାହରେ ଚନ୍ଦ୍ରଯାନ-୩ ଅଭିଯାନରେ ସଫଳତା ପାଇଁ ଇସ୍ରୋକୁ ସମ୍ମାନଜନକ ଏଭିଏସନ୍ ୱିକ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।



## ରୁଷ ଆତଙ୍କୀ ହମଲା; ମୃତ୍ୟୁସଂଖ୍ୟା ୧୪୩କୁ ବୃଦ୍ଧି

**ନୂଆଦିଲ୍ଲୀ:** ରୁଷ ଆତଙ୍କୀ ହମଲାରେ ୧୪୩ରେ ପହଞ୍ଚିଛି ମୃତ୍ୟୁ ସଂଖ୍ୟା। ପ୍ରଥମେ ୬୦ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ପ୍ରାଥମିକ ସୂଚନା ମିଳିଥିଲା, ପରବର୍ତ୍ତୀ ଅପଡେଟ୍ ଅନୁସାରେ ଆଉ ୮୩ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ ମସ୍କୋ ସ୍ଥିତ କ୍ରକୋସ୍ ସିଟି ହଲ୍ ନିକଟରେ ରୁଷର ପ୍ରମୁଖ ରକ୍ ବ୍ୟାଣ୍ଡ ପିକନିକ୍ ପକ୍ଷରୁ ଏକ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ୬ ହଜାରରୁ ଅଧିକ ଦର୍ଶକ ସେଠାରେ ଉପସ୍ଥିତ ଥିଲେ। ହଠାତ୍ କିଛି ଦୁର୍ବୃତ୍ତ ଜନ ଗହଳି ସ୍ଥାନ ଉପରକୁ ଆଖି ବୁଜା ଗୁଳି ଚଳାନା କରିବା ସହ ବିସ୍ଫୋରଣ କରିଥିଲେ। ବିସ୍ଫୋରଣ ଯୋଗୁ କନସର୍ଟ ହଲରେ ନିଆଁ ଲାଗିଯାଇଥିଲା। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ହଜାର ହଜାର ଲୋକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହେବାର ଆଶଙ୍କା କରାଯାଉଛି। ପୁଲିସ ଗତକାଲି ୪ ଜଣ ଆତଙ୍କବାଦୀଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି। ଏହି ଆକ୍ରମଣ ପାଇଁ ଇସ୍‌ଲାମିକ ଷ୍ଟେଟ୍ ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଛି।

# ଖଣ୍ଡପଡାରେ ବଢୁଛି ଗୟାଧରଙ୍କ କ୍ରେଜ୍



**ଖଣ୍ଡପଡା (ଅମୃତ ମିଡ଼ିଆ) :** ସମଗ୍ର ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସ୍ଥାନରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଗୁଡ଼ିକରେ ନୟାଗଡ଼ ଜିଲ୍ଲା ବିଜେଡ଼ି ଉପସଭାପତି ଗୟାଧର ପରିଡ଼ାଙ୍କୁ ଜନ ସାଧାରଣଙ୍କ ପକ୍ଷରୁ ନିମନ୍ତ୍ରଣ ସହ ସମ୍ବର୍ଦ୍ଧନା ଓ ସମର୍ଥନର ଏକ ସୁଅ ଛୁଟିଥିବା ଦେଖାଯାଇଛି । ତନ୍ମଧ୍ୟରେ ଭାପୁର ବ୍ଲକ୍ ବାଉଁଶବାଟୀ ଗ୍ରାମପଂଚାୟତର ବାଘଡ଼ିଆଁ ନୂଆଗାଁ ଗ୍ରାମର ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ, କେନ୍ଦୁପଲ୍ଲୀ ପଂଚାୟତର ଆଦିବାସୀ ସବରସାହିର ତ୍ରିନାଥ ଦେବଙ୍କ ବାର୍ଷିକୋ ଉତ୍ସବ ସହିତ ପୂର୍ଣ୍ଣମାଷିଙ୍କ ନାମଯଜ୍ଞ ଅବସରରେ, ଗୋବର୍ଦ୍ଧନ ପ୍ରସାଦ ଓ ଚକ୍ରଧର ପ୍ରସାଦ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ, କରବର ଗ୍ରାମରେ ଅନୁଷ୍ଠିତ ରାମଚରିତ ମାନସ ନବାହ୍ନ ପାରାୟଣ ଅବସରରେ, ଗୋବର୍ଦ୍ଧନ ପ୍ରସାଦ ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ, ପରିଡ଼ାଙ୍କୁ ନିମନ୍ତ୍ରିତ ଅତିଥି ଭାବେ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ଆଗାମୀ ନିର୍ବାଚନରେ ତାଙ୍କର ନେତୃତ୍ୱ କାମନା କରି ସମୂହ ଗ୍ରାମବାସୀମାନେ ନିଜ ନିଜର ସମର୍ଥନ ପ୍ରଦାନ କରିଥିବା ଦେଖାଯାଇଥିଲା । ସେହିଭଳି ଖଣ୍ଡପଡ଼ା ବ୍ଲକ୍‌ର ଗୁଣ୍ଠୁଣୀ ଗ୍ରାମପଂଚାୟତ ଅନ୍ତର୍ଗତ ଚଣ୍ଡୀ ପ୍ରସାଦ ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ, କିଆଝର ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ, ବେଣାଗାଡ଼ିଆ ପଂଚାୟତ ଅନ୍ତର୍ଗତ ବରକୋଳି ଠାରେ ଯୁବ ସମାଜ ପକ୍ଷରୁ ଅନୁଷ୍ଠିତ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ସାମାଜିକ ନାଟକ ପରିବେଷଣ ଅବସରରେ ଗୟାଧରଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ସମୁହ ଗ୍ରାମବାସୀମାନେ ତାଙ୍କୁ ନିମନ୍ତ୍ରଣ କରିବା ସହିତ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ନିଜ ନିଜର ସମର୍ଥନ ଜଣାଇଥିବା ଦେଖାଯାଇଛି । ସୂଚନା ଯୋଗ୍ୟଯେ ଗତ ନିର୍ବାଚନ ଗୁଡ଼ିକରେ ଖଣ୍ଡପଡ଼ା ବିଜୁ ଜନତା ଦଳ ବିଜେତା ହେବାରେ ସାରା ରାଜ୍ୟରେ ରେକର୍ଡ଼ ସୃଷ୍ଟି କରିଥିଲା ବେଳେ ପ୍ରମୁଖ ନେତା ମାନଙ୍କ ଜନ ବିରୋଧି କାର୍ଯ୍ୟକୁ ନେଇ ସମ୍ପୁର୍ଣ୍ଣ ନିର୍ବାଚନ ମଣ୍ଡଳୀର ଭୋଟର ସମୁହ ଉତ୍କ୍ଷିପ୍ତ ହୋଇପଡ଼ିଛନ୍ତି । ଯା ଦ୍ୱାରା ଜଣେ ନୂତନ ନେତୃତ୍ୱର କାମନା କରି ଓ ବିଜୁ ଜନତା ଦଳକୁ ସମର୍ଥନ ଜଣାଇ ଗୟାଧର ପରିଡ଼ାଙ୍କ ନେତୃତ୍ୱ ପ୍ରତି ସମୁହ ଆଶା ଏବଂ ବିଶ୍ୱାସ ପ୍ରକଟ କରୁଥିବାର ଜଣାପଡ଼ିଛି ।

# ସାନ୍ତାଳୀ ସମ୍ପ୍ରଦାୟର ଦିସମ୍ ବାହାବଙ୍ଗା ପର୍ବ ପାଳିତ



**ବାରିପଦା (ଅମୃତ ମିଡିଆ) :** ଠାକୁରମୁଣ୍ଡା ବ୍ଲକ ଦିଗଧର ପଞ୍ଚାୟତ ନୁଆସାହି ଛକ ନିକଟରେ ସାନ୍ତାଳୀ ସମ୍ପ୍ରଦାୟ ର ଦୀସମ୍ ବାହାବଙ୍ଗା ପର୍ବ ବଡ ଆଡମ୍ବର ସହ ପାଳିତ ହୋଇଯାଇଛି କ୍ଷ ଏହି ବହାବଙ୍ଗା ତିନି ଦିନ ଧରି ପାଳନ କରାଯାଏ ପ୍ରଥମ ଦିନ ବଙ୍ଗା ଉମ ଦ୍ୱିତୀୟ ଦିନ ରେ ବାହା ବଙ୍ଗା ଓ ତୃତୀୟ ଦିନ ରେ ଆଗ ରାଳା ୍ ବିଧି ପାଳନ କରିଥାଏ ।ଠାକୁରମୁଣ୍ଡା ବ୍ଲକ ର ଶତାଧିକ ସାନ୍ତାଳୀ ସମ୍ପ୍ରଦାୟ ର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ କ୍ଷ ରବିବାର ସକାଳେ ନାଏକେ ମଧୁ ହାଁସଦା ପରମ୍ପରିକ ନୀତି ଅନୁସାରେ ୧୦ ଘଟିକା ପୂଜା ଅର୍ଚନା ଆରମ୍ଭ କରିଥିଲେ ଦ୍ୱିପହର ରେ ପ୍ରସାଦ ସେବନ କରି ଥିଲେ କ୍ଷ ଏଥିରେ ଠାକୁରମୁଣ୍ଡା ଅଞ୍ଚଳ ର ସମସ୍ତ ମାଝୀ ବାବା ଓ ଚନ୍ଦ୍ରମୋହନ ଟୁଡୁ, ଝତ୍ର ସିଙ୍ଘୁ ମାର୍ଣ୍ଡି ସମ୍ପୂର୍ଣ ସହଯୋଗ କରିଥିଲେ କ୍ଷ ଅପରାହ୍ନ ରେ ଦୂରଦୂରାନ୍ତ ରୁ ଆସିଥିବା ଶ୍ରଦ୍ଧାଳୁ ମାନେ ସମବେତ ଭାବରେ ବାହା ନୃତ୍ୟ କରିଥିଲେ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାର୍ଣ୍ଣକ୍ଷ ଧର୍ମର ପ୍ରଚାର ପ୍ରସାର ନିମନ୍ତେ ନାଏକ ଙ୍କ ଦ୍ୱାରା ସହଯୋଗ କାମନା କରାଯାଇଥିଲା । ସନ୍ଧ୍ୟା ରେ ନାଏକେ ବାବାଙ୍କୁ ନାଚଗୀତ ସହ ତାଙ୍କ ଘରକୁ ବିଦାୟ କରାଯାଇଥିଲା ।

# ଏପ୍ରିଲ ୧୪ରୁ ବାରିପଦାରେ ବଳାଙ୍ଗୀ ମହୋତ୍ସବ

## ଏପ୍ରିଲ ୭ରେ ପ୍ରତିଭା ଚୟନ ପାଇଁ ମେଗା ଅଡିସନ




**ବାରିପଦା (ଅମୃତ ମିଡ଼ିଆ) :** ମୟୁରଭଞ୍ଜ ଜିଲ୍ଲା ରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନ ର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣ ପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୨ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୪ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ । ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୭ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚେୟାରପର୍ସନ ଅରବିନ୍ଦ ଦାସ, ଉପଦେଷ୍ଟା ଡ଼. ବିଜୟ କୁମାର ଅଗ୍ରୱାଲ, କମଳେନ୍ଦୁ ଲାଲ ମହାନ୍ତ, ସରୋଜ କୁମାର ଖୁଣ୍ଟିଆ, ରଜତ କୁମାର ପଣ୍ଡା, ଦୀପକ ପାତ୍ର, ଅସୀମା ସାହୁ, ଦୀପକ ଦଣ୍ଡପାଟ, ଅଶୋକ କୁମାର ପଲେଇ, ବଳରାମ ବେହେରା, ଇନ୍ଦୁମତି ମହାନ୍ତି, ଡ଼. ଶଶୀ ଧର ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, କୋଷାଧକ୍ଷ ଲିଙ୍ଗରାଜ ମିଶ୍ର, ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଉଦୟ ନାଥ ଜେନା, ପିତାମ୍ବର ମଲ୍ଲିକ, ଗୋପାଳ ସାଓ, ମିଥୁନ ବାରିକ, ସନତ କୁମାର ବାରିକ, ଗୋଲୋକ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ନିକଟ ଅତୀତରେ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାବାସୀ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଚଳିତ ବର୍ଷ ମେଳା କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ ହେବ, ସେବାବଦରେ ମତାମତ ରଖିଥିଲେ । ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥାନିତ କରାଯିବା ସହ ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି. ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗଦେଇଥିଲେ ।

# ସମାଜସେବୀଙ୍କ ଏକାଦଶାହରେ ସ୍ମୃତିସଭା



**ବାରିପଦା (ଅମୃତ ମିଡିଆ) :** କରଞ୍ଜିଆ ବ୍ଲକ, ପାଟିବିଲ ପଂଚାୟତ ର ବରିଷ୍ଠ ସମାଜସେବୀ ଶତ୍ରୁଘ୍ନ ନାଏକ ଙ୍କ ୭୦ ବର୍ଷ ବୟସ ରେ ଅକାଳ ମୃତ୍ୟୁଘଟି ଥିବାବେଳେ ତାଙ୍କ ଏକାଦଶାହ ରେ ପାଟବିଲ ଗ୍ରାମ ରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କ ଜ୍ୱାଇଁ ତଥା ବରିଷ୍ଠ ପୋଲିସ ଅଧିକାରୀ ବ୍ରଜ ମୋହନ ନାଏକ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବିଶିଷ୍ଟ ଅତିଥି ଭାବେ ଖୋର୍ଦ୍ଧା ର ବାଟାଲିୟନ କାମଣ୍ଡେଣ୍ଟ ବସନ୍ତ କୁମାର ନାୟକ,ପୂର୍ବତନ ସରପଞ୍ଚ ଗଙ୍ଗାଧର ନାଏକ, ଇଞ୍ଜିନିଅର ଦୀପକ କୁମାର ମହାନ୍ତ,ସ୍ଥାନୀୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମିଶ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌର ହରି ମହାନ୍ତ,ଅବସର ପ୍ରାପ୍ତ ସମବାୟ ଅଧିକାରୀ ଶିରୀଶ ଚନ୍ଦ୍ର ମହାନ୍ତ ଝିଅ ପ୍ରମିଳା ନାଏକ, ଝରଣା ନାଏକ, ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଛାତିଶଚନ୍ଦ୍ର ନାଏକ, ପୁଅ ଉପେନ୍ଦ୍ର ନାଏକ, ପ୍ରଦୀପ ନାଏକ ଏବଂ ସ୍ଥାନୀୟ ଅଂଚଳ ର ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସ୍ୱର୍ଗତ ଶତ୍ରୁଘ୍ନଙ୍କର ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଶତ୍ରୁଘ୍ନ ଡାକ ବିଭାଗ ରେ ଚାକିରୀ କରି ଅବସର ଗ୍ରହଣ ପରେ ଅଂଚଳରେ ସମାଜ ସେବା କରି ଅଂଚଳ ବାସୀଙ୍କ ବେଶ ଶ୍ରଦ୍ଧା ଭାଜନ ହୋଇଥିଲେ ।

# ବୁବେଲରେ ଦୋଳ ମହୋତ୍ସବ



**ବଲାଙ୍ଗୀର (ଅମୃତ ମିଡିଆ) :** ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବୁବେଲ ଗ୍ରାରେ ୬୬ତମ ଦୋଳ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ରାଜକୀୟ ଅତିଥି ଭାବରେ ଯୋଗଦାନ କରି ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଥିଲେ ଯେ କଂସ ମହାରାଜ ଆପଣଙ୍କ ରାଜ୍ୟରେ ଛାତ୍ର, ଯୁବକ, କୃଷକ, ଶ୍ରମିକ ସମସ୍ତ ଅସୁରକ୍ଷିତ ଆଞ୍ଚଳିକ ବୈଷମ୍ୟ ବଢି ବଢି ଚାଲିଛି । ଯଦି ଏହା ଆଗକୁ ଏପରି ଜାରି ରହେ ଆପଣଙ୍କର ରାଜ୍ୟ ଦୁଇ ଭାଗ ହେବା ପାଇଁ କେ ଅଟକାଇ ପାରିବେନାହିଁ । ତେଣୁ ଆପଣ ଆପଣଙ୍କ ସରକାରକୁ କହି ତୁରନ୍ତ ରାଜ୍ୟର ବିକାଶ ପାଇଁ ପଦକ୍ଷେପ ନିଅନ୍ତୁ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ଜିଲ୍ଲା କିଶାନ ସେଲ ଅଧକ୍ଷ ସାନନ୍ଦ ମିଶ୍ର, ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ଉମାକାନ୍ତ ସାହୁ, ମନମୋହନ ପଟେଲ ପ୍ରମୁଖ ରାଜକୀୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମାଜସେବୀ ବଂଶୀଧର ନାଏକ, ଶୋଭାବନ ନାଏକ ମଂଚ ପରିଚାଳନା କରିଥିବା ବେଳେ ଗାଁ ର ଗୌନ୍ତିଆ ଟିକେଶ୍ୱର ସାଏ, ପ୍ରହଲ୍ଲାଦ ଡାଙ୍ଗ, ମହାଦେବ ଡୁମ୍‌ନିଆ, ନାରାୟଣ ନାଏକ, ତିର୍ଥ ନାଗ, ବଳଭଦ୍ର ବସ୍ତିଆ, ଗିରିଧାରୀ ମାଝି ଙ୍କ ସହ ବୁବେଲ ଦୋଳଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଙ୍କ ସହ ସମସ୍ତ ଗ୍ରାମବାସୀ ସାହାଯ୍ୟ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ କଂସ ମହାରାଜ ବୁବେଲ ପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଆନ୍ଧାରିବିଜେ କରି ସନ୍ଧ୍ୟାରେ ରଙ୍ଗ ମହଲ ରେ ବିଭିନ୍ନ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ମିନାବଜାର ସହ ବିଭିନ୍ନ ଜିନିଷ ର ଉପଭୋଗ କରିବା ପାଇଁ ଆଖପାଖ ଅଂଚଳରୁ ହଜାର ହଜାର ଦର୍ଶକ ଭିଡ ଜମାଉଁଛନ୍ତି ।

# ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ଶବ ଉଦ୍ଧାର

**ମାର୍ଶାଘାଇ (ଅମୃତ ମିଡିଆ) :** ମହାକାଳପଡା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନ ଅଧୀନ ସୁନୀତା ଗ୍ରାମର ଆଡକ ଛକରେ ନିଜେ ରହୁଥିବା ଦୋକାନ ଘର ଭିତରୁ ଯୁବକଙ୍କ ମୃତ ଦେହ ଝୁଲନ୍ତା ଉଦ୍ଧାର ହୋଇଛି । ଖବର ପାଇ ତନ୍ତି ଆପାଳ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ମୃତ ଦେହକୁ ଜବତ କରିବା ସହିତ ମାମଲା ରୁଜୁ କରିଛି । ମୃତ ଯୁବକଙ୍କ ନାମ ଗୌରାଙ୍ଗ ମାନ୍ନା (୩୬)କ୍ଷ ଗତକାଲି ନିକଟସ୍ଥ ବେଣାକନ୍ଧାର କିଛି ଲୋକ ତାଙ୍କୁ ଡକେଇ କଙ୍ଗାରୁ କୋର୍ଟ କରି ଦଣ୍ଡିତ କରି ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଥିଲେ ବୋଲି ତାଙ୍କ ପତ୍ନୀ ସରସ୍ୱତୀ ମାନା ଗଣମାଧ୍ୟମକୁ କହିଛନ୍ତି । ତେଣୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ନେଇ କହିଛନ୍ତି କି ଏହା ଆତ୍ମହତ୍ୟା ନୁହେଁ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି । ତେବେ ସରସ୍ୱତୀଙ୍କ ଲିଖିତ ଅଭିଯୋଗ ଆଧାରରେ ତନ୍ତିଆପାଳ ପୋଲିସ ମାମଲା ୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ କରିବାକୁ ପଠାଇ ତଦନ୍ତ ଜାରି ରଖିଛି ।

# ବଟବାବା ସାଂସ୍କୃତିକ ସଂଗଠନର ପୂଜ୍ୟପୂଜନ ଉତ୍ସବ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡାର ପ୍ରତିଷ୍ଠିତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ବଟବାବା ସାସ୍କୃତିକ ସଂଗଠନ, ତୁଣ୍ଡୁପୁରର ତ୍ରିଦିବସ ବ୍ୟାପି ୨୯ତମ ନାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି । ଉତ୍ସବର ପ୍ରଥମ ଦିବସରେ ବଗଡା ପଞ୍ଚାୟତର ୨୦ଜଣ ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଉପଲକ୍ଷେ ସଂଗଠନର ସଭାପତି ନିତ୍ୟାନନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ମୋହନ ଚରଣ ଜେନା ମୁଖ୍ୟଅତିଥି, ଆଶୁକବି ହେମନ୍ତ ଜେନା ମୁଖ୍ୟବକ୍ତା, ଗାୟକ ଭୂଷଣ ଗୋପବନ୍ଧୁ ନାଥ, ସରପଞ୍ଚ ସୁବନୀ ସାହୁ, ସମାଜସେବୀ ଆଦିକନ୍ଦ ରାଉଳ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଆମ ସମାଜକୁ ବରିଷ୍ଠ ନାଗରିକମାନଙ୍କ ତ୍ୟାଗ, ଅବଦାନକୁ ସ୍ୱୀକୃତି ଦେବାକୁ ଆୟୋଜିତ ଏପରି କାର୍ଯ୍ୟକ୍ରମ ଏତିକିରେ ସୀମିତ ନରହି ସେମାନଙ୍କର ବାସ୍ତବ ସମସ୍ୟାର ସମାଧାନ ଦିଗରେ ଏହି ସଂଗଠନର କର୍ମକର୍ତ୍ତାମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ସଂଗଠନର ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ନାୟକ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ପଣ୍ଡିତ ପ୍ରତାପ କୁମାର ପତି ଅତିଥି ପରିଚୟ ଓ ଦିଲ୍ଲିପ କୁମାର ବରାଳ ଉଦଘାଟନୀ ଓ ଗୋଲଖ ସେଠୀ ଉଦଯାପନୀ ସଂଗୀତ ଗାନ କରିଥିଲେ । ଆଶୁତୋଷ ପଣ୍ଡା ସଭାକାର୍ଯ୍ୟ ସଂଚାଳନ କରିଥିବା ବେଳେ ସ୍ମୃତିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୁବାସ ଚନ୍ଦ୍ର ମହାନ୍ତି, ପ୍ରମୋଦ କୁମାର ଜେନା, ରାଜକିଶୋର ସ୍ୱାଇଁ, ରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଚୋରା କାଠମାଫିଆକୁ ଖୋଜୁଛି ବନବିଭାଗ



**ଖଣ୍ଡପଡା (ଅମୃତ ମିଡ଼ିଆ) :** ଜଙ୍ଗଲ ବିଭାଗ ଆଖିରେ ଧୁଳି ଦେଇ ଦୀର୍ଘ ବର୍ଷ ବର୍ଷ ଧରି ଚୋରା କାଠ ଚାଲାଣରେ କିଙ୍ଗପିନ୍ ସାଜିଥିବା ଜଙ୍ଗଲ ଦସ୍ୟୁ ନରେନ୍ଦ୍ର କରକୁ ନୟାଗଡ଼ ଜିଲ୍ଲା ବନବିଭାଗ ଖୋଜୁଥିବା ବେଳେ ତାର ଧରାପଡ଼ିବାକୁ ନେଇ ସାଧାରଣରେ ସନ୍ଦେହ ଉଙ୍କି ମାରିଥିବା ଦେଖାଯାଇଛି । ରାଜ୍ୟ ବିଜେଡ଼ି ଦଳର ପ୍ରମୁଖ ନେତା ବୋଲାଇ ଖଣ୍ଡପଡ଼ାର ସମ୍ପୁର୍ଣ୍ଣ ପ୍ରାକୃତିକ ପରିବେଶକୁ ଧ୍ୱଂସ ବିଧ୍ୱଂସ୍ତ କରିବା ସହିତ ଭାପୁର ବ୍ଲକ୍ ଅଧିନସ୍ଥ ୨୦ ଗୋଟି ଗ୍ରାମପଚଂାୟତରେ ଦୁର୍ନୀତିର କାୟା ମେଲାଇ ରଖିଥିବା ଜନୈକ ବୃହତ୍ ଖଣି ମାଫିଆ ଓ ଗଞ୍ଜା ବେପାରୀର ଚରଣାଶ୍ରୀତ ନରେନ୍ଦ୍ରକୁ ବନବିଭାଗ ଧରିବାରେ କେତେଦୂର ସଫଳ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯେଉଁ ସ୍ଥାନରେ ଜଙ୍ଗଲ ବିଭାଗ ଦ୍ୱାରା ବେଆଇନ୍ ଘୋଷିତ ହୋଇ ଏକ ପାହାଡ଼କୁ ନେଇ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ୫୦ ଲକ୍ଷ ଜୋରିମନା କରାଯାଇଥିଲେ ହେଁ ପ୍ରଶାସନକୁ ଭୁଆଁ ବୁଲାଇ ଓ ଧରାଧରି କରି ଅବାଧରେ ସେହି ପାହାଡ଼କୁ ଫୁଟାଇ କ୍ରସର ମାଧ୍ୟମରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ହୋଇପାରିଛି, ଯେଉଁଠି ଖଣି ବିଭାଗକୁ ଭୁଆଁ ବୁଲାଇ ପ୍ରତେହ ଶହ ଶହ ସଂଖ୍ୟାରେ ହାଇୱା ଦ୍ୱାରା ମହାନଦୀ ବାଲିର ଚୋରା ଚାଲାଣ କରାଯାଉଛି, ଯେଉଁ ବ୍ୟକ୍ତି ନିଜର କଳା ସାମ୍ରାଜ୍ୟକୁ ନେଇ ରାଜ୍ୟ ପ୍ରଶାସନକୁ ନଚାଇ ପାରୁଥିବାର ବାହାଦୁରୀ ମାରୁଛି ସେହି ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିର ଅଦ୍ୟାବଧି କେଶସ୍ପର୍ଶ କରାଯାଇନଥିବା ବେଳେ ତାକୁ ସରକାରୀ ଦଳର ଜନୈକ ନେତା ଭାବେ ଅଧିଷ୍ଠିତ କରାଯାଇଛି । ଯାହାଫଳରେ ଖଣ୍ଡପଡ଼ା ବିଜୁ ଜନତା ଦଳ ସମ୍ପୁର୍ଣ୍ଣ ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅସହାୟ ହୋଇପଡ଼ିଥିବା ଦେଖାଯାଇଛି । ଏପରିକି ସମ୍ପୃକ୍ତ ମାଫିଆ ନେତା ସହ ଖଣ୍ଡପଡ଼ା ବିଜେଡ଼ିର ଜଣେ ପୂର୍ବତନ ବିଧାୟକ ଖୋଲାଖୋଲି ସମ୍ପର୍କ ରଖି ପ୍ରତିଟି ଜନ ବିରୋଧି କାର୍ଯ୍ୟକୁ ନେଇ ପ୍ରଶାସନକୁ ଭୁଆଁ ବୁଲାଇବାରେ ସଫଳ ହୋଇପାରିଥିବା ବେଳେ ଏବେ ସେ ପୁନଃ ବିଧାୟକ ହେବା ମୋହରେ ଦଳୀୟ ଟିକେଟ୍ ଲବିରେ ଥିବା ଜଣାପଡ଼ିଛି । ତେବେ ପ୍ରମୁଖ କାଠ ଚୋରା ଚାଲାଣକାରୀ ମାଫିଆ ନରେନ୍ଦ୍ର କର ବର୍ଷ ବର୍ଷ ଧରି ନିଜ ଚୋରା କାଠ ଚାଲାଣର ପସରା ମେଲାଇ ଆସିଥିବା ବେଳେ ବନବିଭାଗ ଥିଲା କେଉଁଠି ଓ କରୁଥିଲା କଣ ? ଏତେ ପରିମାଣରେ ଜବତ୍ କାଠ ସହିତ ବ୍ୟବହୃତ ସଂରଞ୍ଜାମ ଓ ଜଙ୍ଗଲ ମଧ୍ୟରେ ଲୁଚାଇ ରଖିଥିବା ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ କାଠକୁ ଧରିବାରେ ବର୍ତ୍ତମାନର ବନବିଭାଗ କର୍ମଚାରୀମାନେ ସଫଳ ହୋଇପାରିଥିବା ବେଳେ ପୂର୍ବରୁ କେଉଁ ବିଭାଗୀୟ କର୍ମଚାରୀମାନଙ୍କ ସାହାଯ୍ୟରେ ସେ ବେପାର ଚଳାଇ ଆସିଥିଲା ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବିମାନଙ୍କ ଠାରୁ ପ୍ରକାଶ ପାଇଛି । ଯେଉଁମାନଙ୍କ ଛତ୍ରଛାୟାରେ ଓ ଖୋଲା ସାହାଯ୍ୟ ସହଯୋଗରେ କାଠମାଫିଆ ନରେନ୍ଦ୍ର କର ଏବେ ଆତ୍ମ ଗୋପନ କରିବାରେ ସଫଳ ହୋଇଛି ସେମାନଙ୍କ ମୁଖା ମଧ୍ୟ ସାଧାରଣରେ ଖୋଲାଯିବା ଜରୁରୀ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଘଟଣାରୁ ପ୍ରକାଶ ଯେ ନୟାଗଡ଼ ଜିଲ୍ଲା ବନଖଣ୍ଡ ଅଧିକାରିଣୀ କ୍ଷମା ଷଡଙ୍ଗୀ ବିଶେଷ ସୂତ୍ରରୁ ଖବର ପାଇ ଖଣ୍ଡପଡ଼ା ବନାଂଚଳ ଅଧିକାରୀ ଉଦିତ୍ ପ୍ରଧାନଙ୍କ ସହିତ ସମସ୍ତ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଭାପୁର ବ୍ଲକ୍ ବଡ଼ସହରା ଗ୍ରାମପଂଚାୟତ ଅନ୍ତର୍ଗତ ବାଲିଆପଟ୍ଟା ଗ୍ରାମର ନରେନ୍ଦ୍ର କର ଘର ସହ ବିଭିନ୍ନ ସ୍ଥାନକୁ ଗତ ୨୧ ତାରିଖ ଠାରୁ ଚଢାଉ କରିବା ଆରମ୍ଭ କରିଥିଲେ । ଚଢାଉରେ ନରେନ୍ଦ୍ର କରର ଘର ଓ ତା ଦ୍ୱାରା ବିଭିନ୍ନ ସ୍ଥାନରେ ରଖାଯାଇଥିବା ମୂଲ୍ୟବାନ କାଠ, ପଟ୍ଟା, ସାଇଜ୍ ଲକ୍ ଓ ବଟନ୍ ଆକୃତିର ମେସିନ୍ ଚିରା ସାମଗ୍ରୀକୁ ଠାବ କରିବାରେ ସଫଳ ହୋଇଥିଲେ । ପ୍ରତ୍ୟେହ ବିଭିନ୍ନ ସ୍ଥାନରେ ନରେନ୍ଦ୍ର ଲୁଚାଇ ରଖିଥିବା ବହୁମୂଲ୍ୟବାନ କାଠ ଓ ସାମଗ୍ରୀକୁ ବିଭାଗ ପକ୍ଷରୁ ଧରା ଯାଇଥିବା ବେଳେ ଏହା ଅସରନ୍ତି ଓ ଏହିଭଳି ବହୁ ମୂଲ୍ୟବାନ ସାମଗ୍ରୀ ଏବେବି ଲୁକ୍କାୟିତ ଥିବା ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ସବୁକିଛି ଠାବ ଓ ଆକଳନ ହେବା ପରେ ସୂଚନା ଦିଆଯିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଢାଉରେ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ବନବିଭାଗ ଏସିଏଫ୍ ହିମାନୀ ନାୟକ, ଖଣ୍ଡପଡ଼ା ବନାଂଚଳ ଅଧିକାରୀ ଉଦିତ୍ ପ୍ରଧାନ, ଭାପୁର ବନପାଳ ବନମାଳୀ ରାଉତ, ଖଣ୍ଡପଡ଼ା ବନପାଳ ସନାତନ ସ୍ୱାଇଁ, ମୋବାଇଲ୍ ଷ୍ଟାଫ୍ ମଧ୍ୟରେ ମୂରଲିଧର ରାଉତ, ସୁରେଶ ଚନ୍ଦ୍ର ସାହୁ, ଅଶୋକ କୁମାର ଗୁରୁଙ୍କ ସହିତ ଅନ୍ୟାନ୍ୟ ବନକର୍ମଚାରୀମାନେ ସଦଳବଳେ ଅଂଶଗ୍ରହଣ କରିଥିଲେ । ତେବେ ଚଢାଉ ସମ୍ପର୍କେ ପୂର୍ବ ସୂଚନା ପାଇ ଚୋରା କାଠ ଚାଲାଣ ବ୍ୟବସାୟର ପ୍ରମୁଖ କାର୍ପଟଦାର ନରେନ୍ଦ୍ର କର ସପରିବାରେ ଫେରାର ହୋଇଯାଇଥିବା ବେଳେ ବିଭାଗ ପକ୍ଷରୁ ତାକୁ ଧରିବା ନେଇ ଏବେ ଜୋରସୋର ତଦନ୍ତ ଚାଲିଥିବା ର ଭାପୁର ବନପାଳ ବନମାଳି ରାଉତଙ୍କ ଠାରୁ ସୂଚନା ମିଳିଛି । ଏଠାରେ ପ୍ରକାଶ ଯୋଗ୍ୟଯେ ଗତ ପଂଚାୟତ ନିର୍ବାଚନରେ ନରେନ୍ଦ୍ର କର ସମିତିସଭ୍ୟ ଭାବେ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିଲା । ନିଜର ନାମରେ ରାସନ୍ କାର୍ଡ଼ ଖୋଲି ପ୍ରଶାସନକୁ ଗରୀବର ପରିଚୟ ଦେଇ ପର୍ଦ୍ଦା ଆଡୁଆଳରେ ଏହି ବୃହତ ଚୋରା କାଠ ଚାଲାଣ ବ୍ୟବସାୟ ଚଳାଇଥିଲା । ଏହା ପଛରେ ଥିବା କଳା ସାମ୍ରାଜ୍ୟର ବାଦ୍‌ଶାହ ପାଲଟିଥିବା ଜନୈକ ସ୍ଥାନୀୟ ରାଜନୈତିକ ନେତାର ପୂର୍ଣ୍ଣ ସହାୟତା ପାଇଥିବା ଓ ସେ ମଧ୍ୟ ନରେନ୍ଦ୍ର ବ୍ୟବସାୟର ମୁଖ୍ୟ ସହଯୋଗୀ ପାଲଟିଥିବା ନେଇ ଶୁଣାଯାଇଛି । ତେବେ ସମ୍ପୃକ୍ତ ବ୍ୟକ୍ତି ସହିତ ତା ସହଯୋଗୀମାନଙ୍କୁ ଠାବ କରିବା ନେଇ ଶେଷ ପର୍ଯ୍ୟନ୍ତ ବିଭାଗୀୟ ଉଦ୍ୟମ ଜାରି ରହିବ ବୋଲି ଖଣ୍ଡପଡ଼ା ବନାଂଚଳ ଅଧିକାରୀ ଉଦିତ୍ ପ୍ରଧାନ ଦୃଢତାର ସହିତ ପ୍ରକାଶ କରିଛନ୍ତି ।

# ଧାମରାରେ ମତ୍ସ୍ୟଜୀବି ସମାବେଶ ଓ ସଚେତନତା ଶିବିର

## ସୁରକ୍ଷା, ସମ୍ମାନ ଓ ଅଧିକାର ଦାବି



**ଚାନ୍ଦବାଲି (ଅମୃତ ମିଡ଼ିଆ) :** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ମତ୍ସଜୀବୀ ସଙ୍ଘ କାର୍ଯ୍ୟାଳୟରେ ସଭାପତି ଅଶୋକ ଜେନାଙ୍କ ସଭାପତିତ୍ୱରେ ରବିବାର ସୁରକ୍ଷା,ସମ୍ମାନ ଓ ଅଧିକାର ଦାବିରେ ମତ୍ସଜୀବୀ ସମାବେଶ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସଜୀବୀ ମହାସଙ୍ଘର ରାଜ୍ୟ ସଂଯୋଜକ ତଥା ବାଲେଶ୍ୱର ମତ୍ସଜୀବୀ ସଙ୍ଘର ସଭାପତି ବାଦଲ ଦାସ ଯୋଗଦେଇ ମତ୍ସ୍ୟଜୀବୀଙ୍କୁ ମାଫିଆ, ଜଳଦସ୍ୟୁ ଆଖ୍ୟା ଦିଆନଯାଉ ଓ ବନ ବିଭାଗର ଆଇନକୁ ସମ୍ମାନ ଜଣାଇ ମତ୍ସ୍ୟଜୀବୀ କର୍ଯ୍ୟକରିବେ ବୋଲି ସୂଚନା ଦେଇଥିଲେ। ମତ୍ସ୍ୟଜୀବୀ ମାନେ ଗଭୀର ସମୁଦ୍ରରେ ମାଛ ମାରିବା ସମୟରେ ନିଷିଦ୍ଧ ଅଞ୍ଚଳକୁ ନଯିବା ସହିତ ବନ ବିଭାଗର ସମସ୍ତ ନୀତି ନିୟମକୁ ଅନୁସରଣ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପାରାଦ୍ୱୀପ ମତ୍ସ୍ୟଜୀବୀ ସଙ୍ଘର ସଭାପତି ତଥା ରାଜ୍ୟ ମହାସଙ୍ଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପରିଡା ଯୋଗଦେଇ କହିଛନ୍ତି ମତ୍ସ୍ୟଜୀବୀ ଏମିତି ଏକ ସଂସ୍ଥା ପ୍ରାୟ ପନ୍ଦର ଲକ୍ଷ ଅଶିକ୍ଷିତ ପରିବାର ପ୍ରତିପୋଷଣ କରିବାରେ ସହାୟକ ହେଉଛି। ଗଭୀର ସମୁଦ୍ରରେ ଯେତେ ଅଘଟଣ ଘଟୁଛି ସବୁ ଦୋଷ ମତ୍ସ୍ୟଜୀବୀଙ୍କ ବୋଲି କହିବା ଆଦୌ ଗ୍ରହଣୀୟ ନୁହେଁ। ଓଡ଼ିଶାର ସମୁଦ୍ର କୂଳରେ ପ୍ରାୟ ପନ୍ଦରରୁ ଅଧିକ ଶିଳ୍ପ ଗଢି ଉଠିଲାଣି, ଜଳ ପଥରେ ଜାହାଜ ଚଳାଚଳ ବଢ଼ିଛି, ଅଲିଭ ରିଡ଼ଲେ କଇଁଛ ଅନେକ ଦୂରରୁ ଆସୁଛନ୍ତି, କେଉଁ କାରଣରୁ କଇଁଛ ମରୁଛନ୍ତି ବ୍ୟବଚ୍ଛେଦ ହେବା ଉଚିତ୍ ବୋଲି ଦାବି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସାମୁଦ୍ରିକ ସଙ୍ଘର ସଭାପତି ଓ ଧାମରା, ତାଳଚୁଆ, ଚନ୍ଦିନୀପାଳ ଅଞ୍ଚଳରେ ସବୁ ଟ୍ରଲର, ବୋଟ ମାଲିକ, କର୍ମଚାରୀ ମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଲେଙ୍କା, ସାଧାରଣ ସମ୍ପାଦକ ଧାମରା ଟ୍ରଲର ସଂଘ, ଅଭିମନ୍ୟୁ ରାଉତ, ଉପଦେଷ୍ଟା ଧାମରା ଟ୍ରଲର ସଂଘ, ବିକାସ ଦାସ, ସଭାପତି ବାହାବଳପୁର ମତ୍ସଜୀବୀ ସଂଘ, ଲକ୍ଷ୍ମୀଧର ସ୍ୱାଇଁ, ସହ- ସମ୍ପାଦକ ବଳରାମ ଗଡି, ଚାନ୍ଦିପୁର ମତ୍ସ୍ୟଜୀବୀ ସଂଘ, ପ୍ରବୀର୍ ସାହୁ , ସହ ସମ୍ପାଦକ, ରାଜ୍ୟ ମତ୍ସ୍ୟଜୀବୀ ସଂଘ, ମଦନ ଦେବ ନାଥ, ସଭାପତି ତଳଚୁଆ ମତ୍ସ୍ୟଜୀବୀ ସଂଘ, ଅମର ଜେନା, ସଭାପତି ଚାନ୍ଦିନୀପାଳ ମତ୍ସ୍ୟଜୀବୀ ସଂଘ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବ ସରପଞ୍ଚ ଙ୍କ ମହାନତା

# ଅସହାୟ ବ୍ୟକ୍ତିଙ୍କୁ ଘରେ ପହଞ୍ଚାଇ ସାଉଁଟିଲେ ପ୍ରଶଂସା



**ବାସୁଦେବପୁର (ଅମୃତ ମିଡିଆ) :** ଆଜିକାଲି ଅନେକ ସ୍ଥାନ ରେ ଦେଖିବାକୁ ମିଳେ ଅନେକ ମାନସିକ ବିକାର ଗସ୍ତ ଲୋକଙ୍କୁ। ପାଗଳ ହୋଇ ଅନେକ ସ୍ଥାନ ରେ ବୁଲାବୁଲି କରନ୍ତି, ଏଣୁ ତେଣୁ ଖାଆନ୍ତି। ଯୁଆଡେ ପାରେ ସିଆଡେ ଶୋଇରୁହନ୍ତି। ଅନେକ ସମୟ ରେ କେହି କିଛି ବୁଝି ନ ପାରି ସେମାନଙ୍କୁ କେହି କେହି ପିଲା ଚୋର, ଆଉ କେହି ଅନ୍ୟ କିଛି ଭାବି ଖରାପ ବ୍ୟବହାର କରନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘୋର ପୋଖରୀ ପଞ୍ଚାୟତରେ। ଜଣେ ଅଜଣା ବ୍ୟକ୍ତିଙ୍କୁ ପିଲା ଚୋର ଭାବି ଲୋକମାନେ ଖରାପ ବ୍ୟବହାର କରୁଥିବା ସମୟରେ ଖବର ପାଇ ଉପସ୍ଥିତ ରହି ଥିଲେ ଯୁବ ସରପଂଚ ଅରୁଣ କୁମାର ମହାନ୍ତି। କେହି କିଛି ଭାବିବା ପୂର୍ବରୁ ଲୋକ ଟିକୁ ନିଜ ଅକ୍ତିଆର କୁ ନେଇ ଅନୁସନ୍ଧାନ ଆରମ୍ଭ କରିଦେଇଥିଲେ। ପରେ ଖବର ସଂଗ୍ରହ କରି ଥିଲେ ଯେ ଲୋକ ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମାର୍ଶାଘାଇ ବ୍ଲକରେ। ଲୋକ ଟିର ନାମ କବିନ୍ଦ୍ର ମାଝୀ ଓ ସେ ଗୋଟେ କେସରେ କିଛି ଦିନ ଜେଲରେ ରହି ମାନସିକ ଭାବେ ଅସ୍ଥିର ହୋଇ ପଳାଇ ଆସିଛି। ଏଣୁ ଅରୁଣ ତୁରନ୍ତ ପରିବାର ଲୋକଙ୍କୁ ଖବର ପଠାଇଥିଲେ। ଖବରପାଇ ସକାଳ ସମୟରେ ତାଙ୍କ ପରିବାର ଲୋକେ ଉପସ୍ଥିତ ରହି ଲୋକ ଜଣଙ୍କୁ ଘରକୁ ନେଇ ଥିବାର ଜଣାଯାଇଛି। ଅରୁଣଙ୍କ ଏହି କାର୍ଯ୍ୟ ପାଇଁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।

# ମୃତ ହରିଣ ଉଦ୍ଧାର

**ସାହାରପଡା (ଅମୃତ ମିଡ଼ିଆ) :** ସାହାରପଡା ବନାଞ୍ଚଳ ସାହାରପଡା ପ୍ରଧାନ ସାହି ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ନିକଟରେ ଗୋଟିଏ ହରିଣ ମୃତ ଅବସ୍ଥାରେ ପଡିଥିବା ସମୟରେ ଗ୍ରାମବାସୀଙ୍କର ନଜରରେ ପଡିଥିଲା। ଗ୍ରାମବାସୀଙ୍କ ଠାରୁ ଖବର ପାଇବା ପରେ ସାହାରପଡା ବନପାଳ ଭୂପତି ସେଠୀ ତତକ୍ଷଣାତ ଘଟଣା ସ୍ଥଳରେ ଅନ୍ୟ ବନ କର୍ମଚାରୀଙ୍କୁ ସଙ୍ଗରେ ନେଇ ପହଞ୍ଚିଥିଲେ। ସେଠାରୁ ମୃତ ହରିଣକୁ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ପହଞ୍ଚିଥିଲେ। ସେଠାରେ ସହକାରୀ ପ୍ରାଣୀ ଚିକିତ୍ସକ ଅଜୟ କୁମାର ପାତ୍ର ମୃତ ହରିଣର ଶବ ବ୍ୟବଚ୍ଛେଦ କରିବା ପରେ ହରିଣଟିକୁ ବନପାଳ ଭୂପତି ସେଠୀଙ୍କୁ ହସ୍ତାନ୍ତର କରିଥିଲେ। ମୃତ ଅଣ୍ଡିରା ହରିଣ ଟିର ବୟସ ଆନୁମାନିକ ଚାରି ବର୍ଷ ହେବ ବୋଲି ଅଜୟ କୁମାର ପାତ୍ରଙ୍କ ଠାରୁ ଜଣାଯାଇଛି। ବନପାଳ ଭୂପତି ସେଠୀ ହରିଣ ଟିକୁ ନେଇ ସାହାରପଡା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିବାର କହିଛନ୍ତି। ତେବେ ଖାଦ୍ୟ ଅନ୍ୱେଷଣରେ ବଜାରର ଏତେ ନିକଟକୁ ଚାଲି ଆସିଥିବା ବେଳେ ସକାଳ ହୋଇଯିବାରୁ ଜଙ୍ଗଲକୁ ଫେରି ପାରିନଥିବା ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇଯିବ ବୋଲି ବନ ପାଳଙ୍କ ଠାରୁ ଜଣାଯାଇଛି।

# ବରିଷ୍ଠ ଆଦିବାସୀ ନେତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



**ବାରିପଦା (ଅମୃତ ମିଡିଆ) :** ଠାକୁରମୁଣ୍ଡା ଅଂଚଳର ବରିଷ୍ଠ ଆଦିବାସୀ ନେତା କିଷାନ ସୋରେନ ଗତ ୪ ତାରିଖ ଦିନ ହୃଦଘାତରେ ଆକ୍ରାନ୍ତ ହୋଇ କଟକ ଏସସିବି ହସ୍ପିଟାଲରେ ଭର୍ତି ହୋଇ ସେହିଦିନ ମୃତ୍ୟୁ ମୁଖରେ ପଡିଥିଲେ। ସେ ଭୁବନେଶ୍ୱର ଇପି ଏଫ ଅଫିସ ରେ ବଡ଼ ବାବୁ ଭାବେ କାମ କରି ଅବସର ଗ୍ରହଣ କରିଥିଲେ। ତାଙ୍କର ୪ ଝିଅ,ଜଣେ ପୁଅ ଥିବା ବେଳେ ତିନି ଜଣ ଝିଅ ସରକାରଙ୍କ ଭଲପଦ ପଦବୀରେ ଚାକିରୀ କରୁଛନ୍ତି ଏବଂ ସାନ ପୁଅ ଓ ଝିଅ ପାଠ ପଢୁଛନ୍ତି। ସେ ଆଦିବାସୀ ସମ୍ପ୍ରଦାୟର ଆଓ୍ୱାର ଯାରପା ର ସଭାପତି ଥିବା ସହିତ ଭୁବନେଶ୍ୱରରେ କଂଗ୍ରେସ ସରକାର ସମୟ ରେ ଜାହିଁରା ଉନ୍ନୟନ ଏବଂ ଅଲଚିକି ଭାଷା ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ୨୦୧୮ ମସିହାରେ ଅବସର ଗ୍ରହଣ କରିବା ପରେ କଂଗ୍ରେସ ଦଳରେ ସାଙ୍ଗଠନିକ କାର୍ଯ୍ୟ କରୁଥିଲେ। ଆଜି ରବିବାର ୨୪ ତାରିଖ ଦିନ ସ୍ୱର୍ଗତ କିଷାନ ସୋରେନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପଶ୍ଚିମ ମୟୁରଭଞ୍ଜର କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁ ପୌରହିତ୍ୟ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭା ରେ ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ମଧୁସୂଦନ ନନ୍ଦ, ସମାଜସେବୀ ଅର୍ଜୁନ ଚରଣ ବେହେରା, ରାଜ୍ୟ ମହିଳା କଂଗ୍ରେସ ଉପ ସଭାପତି ଜବାମଣି ଟୁଡୁ, ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ଧରଣୀଧର ମହାନ୍ତ, ଲକ୍ଷ୍ମୀଧର ସିଂ, ଶରତ ନାଏକ, ଦିଲ୍ଲୀପ କୁମାର ସିନ୍‌ହା, ହରେକୃଷ୍ଣ ମହାନ୍ତ, ଦେବାଶିଷ ସେଠୀ, ଗୋଲାପ ମଞ୍ଜରୀ ସୋରେନ, ବିଜୟ କୁମାର ରାମ ଓ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ମାନେ ଯୋଗ ଦେଇ ସ୍ୱର୍ଗତ ସୋରେନଙ୍କ ବହୁ ମୁଖି ପ୍ରତିଭାର ସ୍ମୃତିଚାରଣ କରିଥିଲେ ଏବଂ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମସିହ ମଉଦ ଦିବସ ପାଳିତ

## ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି



**ଖୋର୍ଦ୍ଧା/କଟକ :** ଇସଲାମ ଅହିଂସାର ଶିକ୍ଷା ଦେଇଥାଏ। ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି,ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଉଚିତ୍ ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ସମଗ୍ର ମାନବ ଜାତି ପାଇଁ କରୁଣାର ପାତ୍ର ହୋଇ ଆସିଥିଲେ। ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ ''ମୈତ୍ରୀ ସଂଦେଶ''ରେ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରାଯାଇଛି। ଭାରତ ବର୍ଷର ସବୁ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ପ୍ରତିଷ୍ଠା କରିବା ଏବଂ ଦେଶରେ ଏକତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହିଭଳି ଆଲୋଚନା କରାଯାଇଛି ୨୩ ମାର୍ଚ୍ଚ ଅଙ୍ଗୀକୃତ ଦିବସ ଉପଲକ୍ଷେ ପିଠାପୁର ସ୍ଥିତ ସଲାମତବାଗ ଅହମଦିୟା ମୁସଲିମ ମିଶନ ଠାରେ ଅନୁଷ୍ଠିତ ଏକ ଧର୍ମସଭାରେ। ଏହି ସଭାରେ ମୌଲାନା ଫଜଲ ହକ ଖାଁ ପୌରୋହିତ୍ୟ କରିଥିଲେ। ସର୍ବପ୍ରଥମେ ଧର୍ମ ସଭାରେ ସେକ ବାହାଦୁର ପବିତ୍ର କୋରାନ ପାଠ କରିଥିଲେ। ତୌସିଫ ଅହମଦ ଉର୍ଦ୍ଦୁ ସଂଗୀତ ଗାନ କରିଥିଲେ। ଅହମଦୀୟା ମୁସଲିମ ଜମାତ ଏକ ଆଧ୍ୟାତ୍ମିକ ଆନ୍ଦୋଳନ। ଯାହାର ସୂତ୍ରପାତ ୧୮୮୯ ମସିହା ମାର୍ଚ୍ଚ ୨୩ରେ ୪୦ ଜଣ ଭଦ୍ର ବ୍ୟକ୍ତିଙ୍କ ଦ୍ୱାରା ପଞ୍ଜାବ ପ୍ରଦେଶର ଲୁଧିଆନା ଠାରେ ହୋଇଥିଲା। ଯାହା ଏବେ ୨୧୪ଗୋଟି ରାଷ୍ଟ୍ରରେ କୋଟି କୋଟି ସଂଖ୍ୟାରେ ପରିବ୍ୟାପ୍ତ ବୋଲି ଅବରାର ଅହମଦ ଦର୍ଶାଇଛନ୍ତି । ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା ବୋଲି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ସୟଦ ଫଜଲେ ନଇମ ଅହମଦ କହିଥିଲେ । ପୌରୋହିତ୍ୟ ଭାଷଣରେ ମୌଲାନା ଫଜଲ ହକ ଖାଁ କହିଲେ; କଳି ଯୁଗରେ କଳକୀ ଅବତାରଙ୍କ ଆବିର୍ଭାବ ବିଷୟରେ ବେଦ, ପୁରାଣ, ମାଳିକା, ବାଇବେଲ ଓ ପବିତ୍ର କୋରାନ ଗ୍ରନ୍ଥରୁ ଭବିଷ୍ୟତବାଣୀ ଉଲ୍ଲେଖ କରିବା ସହ ଅହମଦୀୟା ମୁସଲିମ ସଂଗଠନର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ବାଣୀ କହିଲେ ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି। ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା' ଠାରୁ ମଧ ଅଧିକ। ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ। ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି। ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି। ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି, ମୈତ୍ରୀ, ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା। ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସଭା ଶେଷରେ ବିଶ୍ୱ ଶାନ୍ତି ଓ ବିଶ୍ୱ ଭାଇଚାରା ପ୍ରତିଷ୍ଠା ପାଇଁ ସଭାପତି ନିରବ ପ୍ରାର୍ଥନା କରାଇଥିଲେ।

# ଆହତ ବାଘକୁ ଚିକିତ୍ସା ପାଇଁ ନନ୍ଦନକାନନ ପଠାଗଲା



**ଦଶପଲ୍ଲା (ଅମୃତ ମିଡିଆ) :** ଆହତ କଲରାପତରୀୟା ବାଘ କୁ ଉଧାର କରି ଚିକିତ୍ସାନିମନ୍ତେ ପଠାଗଲା ନନ୍ଦନକାନନକୁ। ଶୁକ୍ରବାର ଦିନ ବାଣିଗୋଛା ବନାଞ୍ଚଳ ଅଧିକାରୀ ଖବର ପାଇଥିଲେ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଏକ ବାଘର ଘୋଷଡା ଚିହ୍ନ ପଡିଛି। ବନ ବିଭାଗ କର୍ମଚାରୀ ଖୋଜା ଖୋଜି କଲାପରେ ଏକ ଗୁମ୍ଫା ଭିତରେ ବାଘ ଥିବା ଜାଣିବାକୁ ପାଇଥିଲେ। ମହାନଦୀ ଓ୍ୱାଇଲାଇଫ ଡ଼ିଏଫୋ ପିସିସିଙ୍କୁ ଖବର ଦେଇଥିଲେ। ଚନ୍ଦକାରୁ ଏକ ଟିମ ଓ ନନ୍ଦନକାନନ ଏକ ଟିମ ଆସି ବାଘ କୁ ଟ୍ରାଂକୁଲାଇ କରିଥିଲେ। ବାଘର ଗୋଡ଼ଟି ଭାଙ୍ଗିଯିବାରୁ ସେ ଚାଲି ନପାରି ଘୁଷୁଡି ଘୁଷୁଡି ଯାଇ ଗୁମ୍ଫା ଭିତରେ ଥିଲା। ଅଧିକ ଚିକିତ୍ସା ପାଇଁ ଗତକାଲି ସନ୍ଧ୍ୟାରେ ବାଘକୁ ନନ୍ଦନକାନନ ପଠାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ବାଘଟି ଶିକାର କଲାବେଳେ ଅସାବଧାନତା ଯୋଁ ତାହାର ଗୋଡ଼ଟି ଭାଙ୍ଗିଯାଇଛି।

# ଡାକ ବିଭାଗୀୟ ସଂଘ ମଣ୍ଡଳସ୍ତରୀୟ ବୈଠକ



**ଜୟପୁର (ଅମୃତ ମିଡିଆ) :** ଆଜି ସ୍ଥାନୀୟ ଯାଦବ ଭବନଠାରେ ଅଖିଳ ଭାରତ ଡାକ ବିଭାଗୀୟ ତୃତୀୟ ଶ୍ରେଣୀ ଓ ପୋଷ୍ଟମ୍ୟାନ୍ ଓ ଏମ୍‌ଟିଏସ୍ ସଂଘର ସଂଯୁକ୍ତ ମଣ୍ଡଳ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ମଣ୍ଡଳର କାର୍ଯ୍ୟକାରିଣୀ ସଦସ୍ୟ ଓ ସାଧାରଣ ସଦସ୍ୟ ମାନେ ଯୋଗ ଦେଇ ଆସନ୍ତା ସର୍କଲ ସ୍ତରୀୟ ଦ୍ୱିବାର୍ଷିକ ସମ୍ମିଳନୀ ଓ ମଣ୍ଡଳସ୍ତରୀୟ ଦ୍ୱିବାର୍ଷିକ ସମ୍ମିଳନୀ କୁ ୨୦ ଓ ୨୧ଏପ୍ରିଲ ୨୦୨୪ ରେ ସମ୍ପୁର୍ଣ୍ଣ ସଫଳ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସଭାପତି ଭାବେ ଶ୍ରୀ ଭାସ୍କର ପଟନାୟକ ଙ୍କ ସହିତ ବିଦ୍ୟା ଭୂଷଣ ଭତ୍ରା, ପୂର୍ଣ୍ଣ ଚନ୍ଦ୍ର ମହାରଣା, ନୀଳାମ୍ବର ନାୟକ, ଭୁବନ ଗୌଡ, ପଦମ ସିଂହ ନାୟକ, ସାନୁଜ ନାୟକ, ଜିତେନ୍ଦ୍ର ବିଶୋଇ, ସଦାଶିବ ଜେନା, ନୀଳମାଧବ ନାୟକ, ହଳଧର ଗୌଡ ସ୍ମିତା ଦାସ ଡମ୍ବରୁ ମାଳୀ, ପ୍ରଦୀପ ସାହୁ ଆଲୋକ ଶତପଥୀ, ଭବେନ୍ଦ୍ର ରାଉତ, ଦଶମନ୍ତ ଗଣ୍ଡ ତଥା ଅମୀୟ ରଂଜନ ମହାରଣା ଏବଂ ଅତିଥି ଭାବେ ଯୁଧିଷ୍ଠିର ରାଉଳ ଓ ପ୍ରମୋଦ ମହାନ୍ତି ଯୋଗଦାନ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ



**ବାରିପଦା /ଉଦଳା (ଅମୃତ ମିଡିଆ) :** କପ୍ତିପଦା ଉପଖଣ୍ଡ ବ୍ରାହ୍ମଣ ମହାସଭା ତରଫରୁ ଚଳିତ ମୀନ ମାସ ୧୧ ଦିନ ଫାଲ୍ଗୁନ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ, ଇଂରାଜୀ ମାର୍ଚ୍ଚ ୨୪ ତାରିଖ ରବିବାର ଦିନ ସ୍ଥାନୀୟ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଏକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ପୃଥିବୀ ବର୍ତମାନ ତୃତୀୟ ବିଶ୍ୱଯୁଦ୍ଧକୁ ସାମନା କରିବାକୁ ଯାଉଥିବା ବେଳେ, ବିଶ୍ୱବାସୀ ଖୁବ୍ ଭୟଭିତ ଅବସ୍ଥାରେ ଅଛନ୍ତି। ବିଶ୍ୱଯୁଦ୍ଧର ଭୟକୁ ଦୂର କରିବା ସହ ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଜିର ଏହି ଯଜ୍ଞ ଅନୁଷ୍ଠିତ ହେଉଥିବାର ଜଣାଯାଇଛି। ତେବେ ଏହି ଯଜ୍ଞ ପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା। ପ୍ରାତଃ ୭ ଘଟିକାରେ ଘଟୋତଳନ ଓ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦିବସ ବ୍ୟାପି ଚାଲିଥିବା ଏହି ଯଜ୍ଞରେ ବେଦପାଠ ସହିତ ଘୃତ ଆହୁତି ଦିଆଯାଇଥିଲା। ଦିବା ୧ ଘଟିକାରେ ପ୍ରସାଦ ସେବନ ଓ ଅପରାହ୍ନ ୫ ଘଟିକାରେ ପୂର୍ଣ୍ଣାହୁତୀର ପର୍ବ ଅନୁଷ୍ଠିତ ହୋଇଥିଲା। ମହାସଭାର ସଭାପତି ସତ୍ୟବ୍ରତ ମିଶ୍ର, ସଂପାଦକ ରଂଜନ ପ୍ରହରାଜ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉକ୍ତ ଯଜ୍ଞ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ତ୍ରୀଲୋଚନ ରଥ, ମନୋରଂଜନ ପାଢ଼ୀ, ବନମାଳି ପଣ୍ଡା, ଶାନ୍ତନୁ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ସୁରେନ୍ଦ୍ର ଶତପଥୀ, ତାରାକାନ୍ତ ରାୟ ପ୍ରମୁଖ ଯଜ୍ଞ ପରିଚାଳନାର ଦାୟିତ୍ୱ ତୁଲାଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଐତିହାସିକ କୀର୍ତ୍ତିରାଜି ରଘୁନାଥ ମଠ

## ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ରିଷିଡ଼ାଠାରୁ ୩କିମି ଦୂର ତେରେସିଙ୍ଗା ନିକଟସ୍ଥ ବାବା ଡୁଙ୍ଗୁରି ଲୋକ ଲୋଚନରୁ ଦୂରରେ ରହି ଯାଇଥିବା ବେଳେ ଆନୁସଙ୍ଗିକ ତଥା ପାରିପାର୍ଶ୍ୱିକ ଉନ୍ନତି ହୋଇପାରିନାହିଁ। ଐତିହାସିକ ପୃଷ୍ଠଭୂମି ଥିବା ତେରେସିହା ନିକଟସ୍ଥ ବାବା ଡୁଙ୍ଗୁରି ମଠରେ ୩ଟି ମନ୍ଦିର, ରାଜୁଡ଼ା ସମୟର ଭଗ୍ନାବଶେଷ ରହିଛି। ଐତିହାସିକଙ୍କ ମତରେ ଏଠାରେ ରାଜା ତୁଷ୍ଟୀକରଙ୍କ ଶାସନ ଥିଲା । ରାଜା ତମ୍ଭେଶ୍ୱରୀ ଦେବୀଙ୍କ ଉପାସକ ଥିଲେ। ଏଠାରେ ତାମ୍ର ମୁଦ୍ରା, ତାମ୍ର ଫଳକଗୁଡ଼ିକ ମିଳିଥିଲା। ଯାହାକି ବର୍ତ୍ତମାନ କଳାହାଣ୍ଡି ମ୍ୟୁଜିୟମ ମାଣିକେଶ୍ୱରୀରେ ରହିଛି। ତେଲନଦୀ ଅବବାହିକାରେ ରାଜାଙ୍କର କୀର୍ତିରାଜି ବିକ୍ଷିପ୍ତ ଅବସ୍ଥାରେ ପଡ଼ିରହିଛି। ଏହି ବାବା ଡୁଙ୍ଗୁରୀଠାରେ ଅତୀତରେ ଜଣେ ସାଧୁ ନିଜର ମଠ ନିର୍ମାଣ କରିଥିଲେ।ଜିରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଐତିହାସିକ ତେରେସିହାର ରାଣୀ ଡୁଗୁରି ବା ବାବାଡୁଗୁରି ବା ରଘୁନାଥ ମଠ ଐତିହାସିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ପୀଠସ୍ଥଳି। ତେଲ ନଦୀ କୂଳରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରନ୍‌ତାତ୍ତ୍ୱିକ ଅବଶେଷ ପଡ଼ିରହିଥିଲା। ଏଠାରୁ ପୂର୍ବରୁ ଦ୍ୱାରକ ରାଜ ବଂଶର ରାଜା ତୁଷ୍ଟିକରଙ୍କ ବ୍ୟତୀତ ରାଷ୍ଟ୍ରକୁଟ ଶାସକ ଭାନୁଦେବ, ଢାକରିଶ୍ୱର ଦେବଙ୍କ କୀର୍ତିରାଜି। ପ୍ରଦତ୍ତ ତାମ୍ରଫଳ ମଧ୍ୟ ପ୍ରାପ୍ତ ହୋଇଛି। ଯେଉଁ ସମୟରେ ତେରେସିଂହାର ନାମ ତାର ଭ୍ରମରକ ଗଡ଼ଥିଲା ସେହି ସମୟରୁ ସିଂହ ବଂଶର ରାଜାମାନେ ଶାସନ କରୁଥିଲେ। ସେହି ସମୟରେ ଗଡ଼ର ପ୍ରଜାମାନେ ବିଦ୍ରୋହ କରିବାରୁ ରାଜା ଅନ୍ୟତ୍ର ପଳାୟନ କରୁଥିବା ସମୟରେ ରାଣୀ ଏହି ଡୁଙ୍ଗୁରିରେ ଆତ୍ମଗୋପନ କରିଥିଲେ। ତେଣୁ ଏହି ଡୁଙ୍ଗୁରିକୁ ରାଣୀଡୁଙ୍ଗୁରି କୁହାଯାଏ। ପରବର୍ତ୍ତୀ ସମୟରେ ପ୍ରାୟ ୧୫୦୦ ମସିହା ବେଳକୁ ଏହି ଡୁଙ୍ଗୁରିରେ ଜେମାମଣୀ ବାବା ତପସ୍ୟା କରି ସିଦ୍ଧି ଲାଭ କରି ତ୍ରିକାଳଦର୍ଶୀ ସାଧୁ ସନ୍ଥ ଥିଲେ। ଯିଏକି ଇନ୍ଦ୍ରଜାଲ ସରୀମନ୍ତ୍ରକୁ ସାଧନ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ, ୧୭୭୬ମସିହା ଏହି ଡୁଙ୍ଗୁରିକୁ ବାବା ଡୁଙ୍ଗୁରି କୁହାଗଲା । ୧୭୭୬ ମସିହାରେ କୁଳମଣି ବାବା ଏହି ଡୁଙ୍ଗୁରିରେ ପ୍ରଭୁ ଶ୍ରୀରାମଙ୍କ ଏକ ମନ୍ଦିର ନିର୍ମାଣ କଲେ ଏବଂ ପ୍ରତିଷ୍ଠା କରିଥିଲେ। ସେହି ଡୁଙ୍ଗୁରିକୁ ରଘୁନାଥ ମଠ କୁହାଗଲା। ସମୟର ବର୍ତ୍ତମାନ ଧାରାରେ ତାହା ଗାରିମା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏହି କୀର୍ତ୍ତିରାଜିକୁ ଉଦ୍ଧାର କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ଯୋର ଧରିଛି ।

## ରଣପୁରର ଅବଦାନ ପୁସ୍ତକ ଲୋକାର୍ପିତ

# ସତ୍ୟବାଦୀ ବଳିଆରସିଂହଙ୍କ ୭୬ତମ ଜନ୍ମୋତ୍ସବ

**ଖୋର୍ଦ୍ଧା (ଅମୃତ ମିଡିଆ) :** ପ୍ରାଚୀନ ଗଡ଼ଜାତ ରାଜ୍ୟ ରଣପୁରର ସୃଷ୍ଟି ଖ୍ରୀଷ୍ଟପୂର୍ବ ୧୭୨୭ରେ ହୋଇଥିଲା। ଏହି ବୀରମାଟି ଇତିହାସ ତଥା କିମ୍ବଦନ୍ତୀ ଦୃଷ୍ଟିରୁ ଗୁରୁତ୍ୱ ଲାଭ କରିଥିବାବେଳେ ଏହାର ସାହିତ୍ୟିକ ପରମ୍ପରା ଅତ୍ୟନ୍ତ ସମୃଦ୍ଧ। ସେ ସମ୍ବନ୍ଧରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ସତ୍ୟବାଦୀ ବଳିଆରସିଂହଙ୍କ ରଚିତ ପୁସ୍ତକ 'ଓଡ଼ିଆ ଭାଷା ସାହିତ୍ୟକୁ ରଣପୁରର ଅବଦାନ' ଲୋକାର୍ପିତ ହୋଇଯାଇଛି। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ବିଡିଏ କଲୋନୀ ସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା ଶ୍ରୀ ବଳିଆରସିଂହଙ୍କ ୭୬ତମ ଜନ୍ମ ଦିବସ ଏବଂ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ। ମା' ଗାୟତ୍ରୀଙ୍କ ପୂଜାର୍ଚ୍ଚନା ପରେ ବିଭିନ୍ନ ସଂଗଠନ ପକ୍ଷରୁ ଜନ୍ମଦିନର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇ ଶ୍ରୀ ବଳିଆରସିଂହଙ୍କୁ ଥକିପଡୁନଥିବା ଜଣେ ବହୁବିଧ ପ୍ରତିଭାସମ୍ପନ୍ନ



ବ୍ୟକ୍ତି ଭାବେ ବିବେଚନା କରିଥିଲେ। ଜନ୍ମମାଟି ରଣପୁର ଓ କର୍ମଭୂମି ଖୋର୍ଦ୍ଧା ପାଇଁ ସେ ନିଜର କର୍ତ୍ତବ୍ୟ କରିଛନ୍ତି ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ରଣପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପତିତପାବନ ଦଳେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ସତ୍ୟବାଦୀ ସାହିତ୍ୟର ଜଣେ ବଡ଼ ପ୍ରବକ୍ତା। ସେ ଇତିହାସର ତଥ୍ୟ ଓ ସତ୍ୟକୁ ଖୋଜିବା ସହ ନିଜ ଲେଖାରେ ଅନ୍ୟାୟ, ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥାନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଯୁକ୍ତ ଦୁଇ କାଉନସିଲର ପୂର୍ବତନ ସଚିବ ବାଇଧର ପ୍ରଧାନ, ମନ୍ଦାକିନୀ ସାହିତ୍ୟ ସଂସଦର ସଭାପତି ଡ. ବିଜୟ କୁମାର ଜେନା, ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ, ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରଚ୍ଚନ୍ଦ୍ର ମହାପାତ୍ର, ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ବଳିଆରସିଂହଙ୍କ ରଚିତ ବିଭିନ୍ନ ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ 'ଓଡ଼ିଆ ଭାଷା ସାହିତ୍ୟକୁ ରଣପୁରର ଅବଦାନ' ପୁସ୍ତକର ପ୍ରକାଶକ ତଥା କଳିଙ୍ଗ ପାଇକ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ଛୋଟରାୟ ଦଳବେହେରା, ଜଣାଶୁଣା ଗାଳ୍ପିକ ସୁନୀଲ କୁମାର ବୋଷ, ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ନାଟ୍ୟକାର ତଥା ସମାଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧ୍ରୁବ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିକାଶ ପରିଷଦର ମହସଚିବ ଋଷି ଗୁମାନସିଂହ, ଗୋଧୂଳିର ସମ୍ପାଦିକା ବିମଳା ସିଂହ, ଡ. ବୃନ୍ଦାବନ ପଣ୍ଡା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, କବି ଗୌରଚରଣ ସାମନ୍ତସିଂହାର, କୋଣାର୍କ ସାହିତ୍ୟ ସଂସଦର ସଭାପତି ନାରାୟଣ ଦାସ, ରଣପୁର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୁପ୍ରସାଦ ମଲ୍ଲିକ, ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ସଂଚାଳକ ପ୍ରମୋଦ ପୃଷ୍ଟି, ଡ. ଚପଳା ପଣ୍ଡା, ଶାନ୍ତିଲତା ଦେବୀ, ବାସନ୍ତୀ ଦେଈ, କୈଳାସ ଚନ୍ଦ୍ର ପୃଷ୍ଟି, ଜ୍ୟୋତିପ୍ରଭା ପଟ୍ଟନାୟକ, ଦିବ୍ୟଲୋଚନ ଭାରିମଲ୍ଲ, ଜ୍ୟୋତ୍ସ୍ନାରାଣୀ ମହାରଣା, ପ୍ରିୟଦର୍ଶିନୀ ମହାରଣା, ଗୀତାଂଜଳି ମହାପାତ୍ର, ପ୍ରଜ୍ଞା କୁମାର ଜୟସିଂହ, ପ୍ରହ୍ଲାଦ ବାରିକ, ନଳିନୀ ଦାଶ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଶ୍ରୀ ବଳିଆରସିଂହ ଏକାଧାରରେ ଜଣେ ଶିକ୍ଷାବିତ୍, ସାହିତ୍ୟିକ, ସମାଜସେବୀ ତଥା ଜଣେ ଭଲ ମଣିଷ ଭାବେ ସମାଜ ପାଇଁ ଆଦର୍ଶ। ଐତିହାସିକ ସତ୍ୟବାଦୀ ବଳିଆରସିଂହ ନିଜ ଅଭିଭାଷଣରେ କହିଥିଲେ ଯେ, ତାଙ୍କ ସାହିତ୍ୟ ସାମୂହିକ ହିତ ପାଇଁ ଉଦ୍ଦିଷ୍ଟ। ସମାଜ ପାଇଁ ସତ୍ୟତା ସମ୍ବଳିତ ଇତିହାସ ଆବଶ୍ୟକ, ଯେଉଁ କାର୍ଯ୍ୟରେ ସେ ପିଲାଟି ବେଳୁ ବ୍ରତୀ ଅଛନ୍ତି। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅଭିନନ୍ଦନିକା ସଂଗୀତ 'ପୂଜ୍ୟ ଜେଜେ' ଆବୃତି କରିଥିଲେ ସଂଭବ ବଳିଆରସିଂହ। ଗାୟତ୍ରୀ ଶକ୍ତିପୀଠର ସାଧିକା ଉଲ୍ଲାସ ପୃଷ୍ଟି, ବିଳାସିନୀ ଦାଶ, ବିଦ୍ୟାଧର ଲେଙ୍କା, ସମରେନ୍ଦ୍ର ବଳିଆସିଂହ, ଶିଳାଦିତ୍ୟ ବଳିଆରସିଂହ, ଯଶସ୍ୱିନୀ ସାହୁ, ଜ୍ୟୋତିରଂଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ଙ୍କ ଜନ୍ମଦିନକୁ ନିଆରା ରୂପେ ପାଳନ କଲେ ଲେଖକ



**ଭୁବନେଶ୍ୱର (ବ୍ୟୁରୋ) :** ରାଜଧାନୀ ଡାକ୍ତରଖାନା ରକ୍ତ ଭଣ୍ଡାର ପରିସରରେ ମିଶନ ରକ୍ତଦାନ ତରଫରୁ ଲେଖକ ତଥା ଯୁବ ସମାଜସେବୀ ରବି ନାରାୟଣ ପଟ୍ଟନାୟକ ନିଜ ମା ବାସନ୍ତି ପଟ୍ଟନାୟକଙ୍କ ଜନ୍ମ ଦିବସ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ରକ୍ତଭଣ୍ଡାର ନିର୍ଦ୍ଦେଶକ ଡ.ଦେବାଶିଷ ମିଶ୍ର ଉଦ୍ଘାଟନ କରିଥିଲେ। ମିଶନ ରକ୍ତଦାନ ପକ୍ଷରୁ ଆୟୋଜିତ କରାଯାଇଥିଲା ଶିବିରରେ ମିଶନ ରକ୍ତଦାନର ସଭାପତି ହରପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁନୁ ଆଚାର୍ଯ୍ୟ, ନିରଞ୍ଜନ ପଟ୍ଟନାୟକ, ବିଭୂତି ଭୂଷଣ ସାହୁ, ବାଲାଜୀ ପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରୁ ୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବର୍ତ୍ତମାନ ପରିସ୍ଥିତିରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହିଛି ସେଇ ଦୃଷ୍ଟିରୁ ରକ୍ତଦାନ ଶିବିର କରିକି ମାଙ୍କ ଜନ୍ମଦିନ ପାଳନକୁ ସବୁ ମହଲରୁ ପ୍ରଶଂସା କରାଯାଇଥିଲା। ସେହିପରି ଉତ୍ସର୍ଗ କଲ୍ୟାଣ ସେବା ପକ୍ଷରୁ ବୃକ୍ଷରୋପଣ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସଭାପତି ସରୋଜ କୁମାର ସାହୁ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ହୋଲିକା ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ

**ବାରିପଦା (ଅମୃତ ମିଡିଆ) :** ଆଜି ଠାକୁରମୁଣ୍ଡା ବ୍ଲକ ର ଶ୍ରୀ ସର୍ବେଶ୍ୱର ମହାଦେବ ଙ୍କ ପରିସରରେ ହୋଲିକା ଦହନ ଉତ୍ସବ ବେଶ ଉତ୍ସାହ ଓ ଉଦିପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାହୁରି ସମ୍ପ୍ରଦାୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ବରିଷ୍ଠ ସମାଜସେବୀ ଅଜୟ ରାମ, ଦିଲ୍ଲୀପ ରାମ, ଲଳିତ ରାମ, ବିରୁଆ ରାମ, ଶିବୁଆ ରାମ, ମୋତି ରାମ, ତୁଳସୀ ଦାସ ରାମ, ବୈଜ୍ୟୁ ନନ୍ଦନ ରାମ, ଅଂଶୁରାମ ରାମ, କେତନ ରାମ, ଆଲୋକ ରାମ ପ୍ରମୁଖ ପରିଚାଳନା କରିଥିବା ବେଳେ କୁନି କୁନି ଛୁଆ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖ ପାଖ ଅଞ୍ଚଳ ରୁ ପ୍ରବଳ ଜନ ସମାଗମ ହୋଇଥିଲା।

## 'ଡବଲ ଇଞ୍ଜିନ ସରକାର' ଗଠନ ପାଇଁ ସଂକଳ୍ପ ନେଲେ ପ୍ରବାସୀ ଯୁବ ଓଡ଼ିଆ: ବିଜେପି



**ଭୁବନେଶ୍ୱର (ବ୍ୟୁରୋ) :** ବିଜୁ ଜନତା ଦଳ ସରକାର ଓଡ଼ିଶାରେ ୨୪ବର୍ଷ ଶାସନରେ ରହି ମଧ ଓଡ଼ିଶାର ଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି। ମୋଦି ସରକାରଙ୍କ ଗ୍ୟାରେଂଟି ମାଧ୍ୟମରେ ଅନ୍ୟ ରାଜ୍ୟର ଯୁବକ, ଯୁବତୀମାନେ ବିକାଶର ସୁସ୍ୱାଦୁ ଚାଖୁଥିବାବେଳେ ଓଡ଼ିଆ ଏଥିରୁ ବଂଚିତ ହେଉଛି। ଓଡ଼ିଶାରେ ଆଇଟି ତଥା ପ୍ରଯୁକ୍ତି ବିଜ୍ଞାନ ପାଇଁ ଅପାର ସମ୍ଭାବନା ଓ ସୁଯୋଗ ଥିବାବେଳେ ନବୀନ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଏବଂ ଅଣଓଡ଼ିଆ ପ୍ରୀତି ଯୋଗୁଁ ସାଧାରଣ ଓଡ଼ିଆ ଯୁବକଙ୍କ ନିଯୁକ୍ତି ସୁଯୋଗରୁ ବଂଚିତ ହେଉଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ଆଇଟି ତଥା ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଭାରତବର୍ଷରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି। ମୋଦିଜୀ ଆଣିଥିବା 'ଡିଜିଟାଲ କ୍ରାନ୍ତି' ଜରିଆରେ ଦେଶବାସୀ ଏବଂ ବିଶେଷ ଭାବେ ଯୁବବର୍ଗଙ୍କ ମଧ୍ୟରେ ଶାନ୍ତି ଆଣିଦେଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସ୍ୱାକ୍ଷରତା ଅଭିଯାନ, ଡିଜିଟାଲ ଇଣ୍ଡିଆ ପାଇଁ ଦକ୍ଷତା ବିକାଶ ଯୋଜନା ଜରିଆରେ ଛାତ୍ରଛାତ୍ରୀ ତଥା ଯୁବବର୍ଗ ଲାଭାନ୍ୱିତ ହେଉଛନ୍ତି। ଓଡ଼ିଶାରେ "ଡବଲ ଇଞ୍ଜିନ ସରକାର" ଗଠନ ହେଲେ ଓଡ଼ିଆ ଯୁବକଙ୍କୁ ନିଯୁକ୍ତି ଅଗ୍ରାଧିକାର ଦିଆଯିବ। ଏଣୁ ଆଗାମୀ ଦିନରେ ଓଡ଼ିଆଯୁବ ନିଜ ବୃଦ୍ଧ ମାତା ପିତା ତଥା ନିଜ ପରିବାର ଜନଙ୍କୁ ଛାଡି ଅନ୍ୟ ରାଜ୍ୟକୁ ନିଯୁକ୍ତି ପାଇଁ ଯିବେ ନାହିଁ ଏହାହିଁ "ମୋଦି ଗ୍ୟାରେଂଟି"। ଅଦ୍ୟାବଧି ମୋଦିଜୀଙ୍କ ନେତୃତ୍ୱରେ ଓଡ଼ିଶାକୁ ଯେତିକି ଆଇଟି କମ୍ପାନୀ ଆସିଛନ୍ତି ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ହେଲେ ଏହା ଦିଗୁଣିତ ହେବ। ଆଜି ରାଜ୍ୟ କାର୍ଯ୍ୟାଳୟରେ ପ୍ରବାସୀ ଯୁବ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପ୍ରବାସୀ ଯୁବ ଓଡ଼ିଆ ଓଡିଶାରେ "ଡବଲ ଇଞ୍ଜିନ ସରକାର" ଗଠନ ପାଇଁ ସଂକଳ୍ପ ନେଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ପ୍ରବାସୀ ଓଡ଼ିଆ ସଂଯୋଜକ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବୃକ୍ଷରୋପଣ କରି ଜନ୍ମଦିନ ପାଳନ



**ଭୁବନେଶ୍ୱର (ବ୍ୟୁରୋ) :** ଉତ୍ସର୍ଗ କଲ୍ୟାଣ ସେବା ପକ୍ଷରୁ ଲେଖକ ରବିନାରାୟଣ ପଟ୍ଟନାୟକଙ୍କ ମା' ବାସନ୍ତୀ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବୃକ୍ଷ ରୋପଣ କରାଯାଇଛି। ତାଳଚେର ସ୍ଥିତ ନାତିଦିଠାରେ ବୃକ୍ଷ ରୋପଣ କରାଯାଇଥିଲା। ଉତ୍ସର୍ଗ କଲ୍ୟାଣ ସେବା ସଭାପତି ସରୋଜ କୁମାର ସାହୁ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଶିବିରରେ ଜଳ ସଂରକ୍ଷଣ ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି ଦର୍ଶାଯାଇ ବୃକ୍ଷରୋପଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏମିତି ନିଆରା ଜନ୍ମଦିନକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି

## ଜୟପୁର ବନାଞ୍ଚଳ ଅଧିନରେ ୩ଟି ସ୍ଥାନରେ ନିଆଁ

**ଜୟପୁର (ଅମୃତ ମିଡିଆ) :** ଜୟପୁର ବନାଞ୍ଚଳ ଅଧିନରେ ୩ଟି ସ୍ଥାନରେ ନିଆଁ ଲାଗିଛି। ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ପାହାଡରେ ନିଆଁ, ପେନାଙ୍ଗି ଜଙ୍ଗଲ କେଣ୍ଡାମାଳି ଜଙ୍ଗଲରେ ନିଆ ଲାଗିଛି। ହୁହୁ ହୋଇ ନିଆଁ ଲାଗିଥିବା ବେଳେ ପାହାଡ ଓ ଜଙ୍ଗଲରେ ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରଜାତିର ଗଛ ନିଆରେ ପଡୁଥିବା ବେଳେ ଜୟପୁର ବନ ବିଭାଗ ସୁଚନା ପାଇ ଥିଲା। ଜୟପୁର ବନାଞ୍ଚଳ ଅଧିକାରି ସଚିଦା ନନ୍ଦ ପରିଡା ଙ୍କ ନେତୃତ୍ୱରେ କର୍ମଚାରି ମାନେ ପହଞ୍ଚି ନିଆକୁ ଆୟତ୍ତ କରିବାକୁ ଉଦ୍ୟମ କରୁଥିବା ଜଣାଯାଇଛି।

## ଜୁଆ ଆଡ୍ଡା ଉପରେ ଚଢଉ

**ଜୟପୁର (ଅମୃତ ମିଡିଆ) :** ଜୁଆ ଆଡ୍ଡା ଉପରେ ଜୟପୁର ସଦର ପୋଲିସ ଚଢାଉ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ ପଣସପୁଟ ବାଗ୍ରାରେ ଜୁଆ ଖେଳ ଚାଲୁଥିବା ସୁଚନା ପାଇ ଚଢାଉ କରିଛି। ପୋଲିସକୁ ଦେଖି ଜୁଆଡ଼ି ମାନେ ଚମ୍ପଟ ମାରିଥିବା ବେଳେ ୩ଜଣ କାବୁ କରୁଥିଲା। ୩ ଜଣ ଜୁଆଡ଼ି ଠାରୁ ୧୦ ହଜାର ୧୩୦ ଟଙ୍କା ଜବତ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ସମାଜସେବୀ ସତ୍ୟନାରାୟଣ ମିଶ୍ରଙ୍କର ପରଲୋକ

**ପୁରୀ (ବ୍ୟୁରୋ) :** ଦୀର୍ଘଜୀବନ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଜଣେ ଅଧିକାରୀ ଭାବରେ କାର୍ଯ୍ୟ କରି ବ୍ୟାଙ୍କର ଆର୍ଥିକ ମାନଦଣ୍ଡ ବିକାଶ କ୍ଷେତ୍ରରେ କାମ କରି ଅନେକ ପ୍ରଶଂସା ସାଉଁଟିଥିବା ସତ୍ୟନାରାୟଣ, ଓଡ଼ିଶା ର ବିଭିନ୍ନ ସାମାଜିକ ଅନୁଷ୍ଠାନର ଜଣେ ସକ୍ରିୟ କର୍ମବୀର ଭାବରେ ସମାଜସେବା କାର୍ଯ୍ୟ କରି ଏକ ସ୍ୱତନ୍ତ ପରିଚୟ ସୃଷ୍ଟି କରିଥିଲେ। ସେ ଜଣେ କର୍ମଯୋଗୀ ଓ ଧର୍ମଯୋଗୀ ଥିଲେ। କର୍ମକ୍ଷେତ୍ରରେ ଯେଉଁ ଭଳି ଭାବରେ କାର୍ଯ୍ୟ କରୁଥିଲେ ସେହିଭଳି ଭାବରେ ଅନ୍ୟର କାମରେ ଉପସ୍ଥିତ ରହି ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେଇଥିଲେ। ହଠାତ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ବାଙ୍ଗାଲୋର ଯାଇଥିବା ବେଳେ, ଶେଷରେ ଜୀବନ ଯୁଦ୍ଧ ରେ ହାରିଗଲେ ସତ୍ୟନାରାୟଣ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ କରାଯାଇଛି। ସାନ ଝିଅ ଆୟଶା ମିଶ୍ର ମୁଖାଗ୍ନି ଦେଇଥିବାବେଳେ ବଡ ଝିଅ ମନୀଶା ମିଶ୍ର, ଜ୍ୱାଇଁ ଏ ଆର୍ ପ୍ରଜେଶ, ସୁବାଶିଷ କୁମାର, ବିଭୁଦତ୍ତ ଦାଶ ବିଷ୍ଣୁଦତ୍ତ ଦାଶ, ପ୍ରେମାନନ୍ଦ ମହାପାତ୍ର, ଭଣଜା ଜ୍ୟୋତି ପ୍ରକାଶ ମିଶ୍ର, ଦୀପଙ୍କର ମିଶ୍ର, ବଡଭାଇ ରାମନାରାୟଣ ମିଶ୍ର, ଉଷାରାଣୀ ମିଶ୍ର, ବଦ୍ରି ମିଶ୍ର, ମନୋଜ ମିଶ୍ର, ବେନୁନାଥ ମିଶ୍ର, ମଧୁସୂଦନ ମିଶ୍ର, କେଦାର ମହାପାତ୍ର, ଦୀପକ ପାତ୍ର, ସୌମ୍ୟ ରଞ୍ଜନ ପାତ୍ର, ସତ୍ୟନାରାୟଣ ପାତ୍ର, ରଶ୍ମିରଞ୍ଜନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଶଙ୍କର ମିଶ୍ର, କୀର୍ତ୍ତି ରଞ୍ଜନ ମିଶ୍ର, କୌସ୍ତୁଭ ମିଶ୍ର, ଅଂଶୁମାନ ନାୟକ, ମଧୁଛନ୍ଦା ମିଶ୍ର, ଅପୁ କୁମାର, ସ୍ୱାତୀ ମିଶ୍ରଙ୍କ ସମେତ ଅନେକ ବୁଦ୍ଧିଜୀବୀ ଶବସଂସ୍କାର ସମୟରେ ଉପସ୍ଥିତ ରହି ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ

**କଟକ (ବ୍ୟୁରୋ) :** ଜାତିର ପିତା ମହାତ୍ମାଗାନ୍ଧି ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ପ୍ରଥମ ଥର କଟକକୁ ଆସିଥିଲେ। ଐତିହାସିକ କଦମ୍ ରସୁଲ ପଡ଼ିଆରେ ବ୍ରିଟିଶ ସରକାରଙ୍କୁ ଅସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ପରେ ବିନୋଦ ବିହାରୀଠାରେ ମହିଳାମାନଙ୍କୁ ସମ୍ବୋଧିତ କରିଥିଲେ। କାଠଯୋଡ଼ି ନଦୀପଠାରେ ଆୟୋଜିତ ସାଧାରଣ ସଭାରେ ଗାନ୍ଧିଜୀଙ୍କୁ ଶୁଣିବା ଲାଗି ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହି ସ୍ମୃତି ବହନ କରୁଥିବା ଦିବସରେ ପୁରୀଘାଟସ୍ଥ ଗାନ୍ଧିଜୀଙ୍କ ସ୍ମୃତିପୀଠରେ ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକର ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କର୍ପୋରେଟର ବନଲତା ପ୍ରଧାନ, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂରତି ସ୍ଥାପନ ଉତ୍ସବ ଶନିବାର ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଶ୍ରୀକ୍ଷେତ୍ର ପୁରୀର ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା, ପଣ୍ଡିତ ଭୁବନେଶ୍ୱର ତ୍ରିପାଠୀଶର୍ମା, ମୁକ୍ତିମଣ୍ଡପର ପଣ୍ଡିତ ମହେନ୍ଦ୍ରନାଥ ଷଡଙ୍ଗୀ ଓ ପଣ୍ଡିତ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଶନିବାର ଯଜ୍ଞାଧିବାସ, ମଣ୍ଡଳକରଣ, ଅଙ୍କୁରାରୋପଣ, ଦେବତା ଗର୍ଭାଧାନ କାର୍ଯ୍ୟକ୍ରମ ଶେଷ କରିଥିବା ବେଳେ ଆଜି ପ୍ରାତଃ ୮ଟାରେ ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପ୍ରବେଶ, ଦେବତା ଆବାହନ, ଅଗ୍ନିସ୍ଥାପନ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଛି। ସୋମବାର ଦେବତା ମହାସ୍ନାନ ଓ ଅଷ୍ଟପ୍ରହର ଅଧିବାସ, ଶୟନ, ହବନ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ପରେ ମଙ୍ଗଳବାର ନାମଯଜ୍ଞ, ଦେବତା ମହାନ୍ୟାସ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯିବ। ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଶାଲାସର୍ବଦେବତା ପୂଜା, ସର୍ବଦେବତା ହବନ, ବିଜେ ବିଗ୍ରହଙ୍କ ନଗର ପରିକ୍ରମା, ଅପରାହ୍ନ ୩ଟା ୪୫ମିନିଟରେ ଦେବତା ମନ୍ଦିର ପ୍ରବେଶ, ସନ୍ଧ୍ୟାରେ ପୂର୍ଣ୍ଣାହୁତି, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ କରାଯିବ ବୋଲି ସାନମାଣିତିଆ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ନିଖିଳ ଉତ୍କଳ ପଟରା ସମିତି ପକ୍ଷରୁ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ

**ପୁରୀ (ବ୍ୟୁରୋ) :** ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହ ର ଛଅ ଓ ସାତ ତାରିଖ ଦୁଇ ଦିନ ବ୍ୟାପି ପାରମ୍ପରିକ ପଦାଧିକାରୀ ସମାବେଶ ଏବଂ ଥାନପତି,ବଡଥାନପତି ମାନଙ୍କ ପ୍ରଶିକ୍ଷଣ ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ପାଟରା ମଠ କୁଣ୍ଡେଇ ବେଣ୍ଟ ସାହି ଠାରେ ଅନୁଷ୍ଠିତ ହେବ ।ଏହି ଉପଲକ୍ଷେ ସଭାପତି ଡ଼ ରୁଦ୍ରନାରାୟଣ ପୃଷ୍ଟି ଅଧକ୍ଷତା ରେ ପ୍ରଶିକ୍ଷକ ଙ୍କ ପ୍ରଶିକ୍ଷଣ ହୋଇଯାଇଛି ।ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଉପସଭାପତି ମନୋଜ କୁମାର ସାହୁ,କୃଷ୍ଣଚନ୍ଦ୍ର ପାତ୍ର,ରବିନ୍ଦ୍ରନାଥ ସେନାପତି ,ଆଲୋକ କୁମାର ସାହୁ ଓ ଉପଦେଷ୍ଟା ନାରାୟଣ ପାତ୍ର ଅଂଶ ଗ୍ରହଣ କରିଥିଲେ ।ଆଗାମୀ ଦୁଇ ଦିନିଆ ସମାବେଶ ସହ ପ୍ରଶିକ୍ଷଣ କୁ ସଫଳ କରିବା ପାଇଁ ବିବିଧ ପ୍ରସ୍ତାବ ଗ୍ରହଣ କରାଯାଇଛି।

## ରାଜ୍ୟରେ ୧୦୦ ଦିନରେ ପେଷା ଆଇନ୍ ଲାଗୁ କରାଯିବ : କଂଗ୍ରେସ ଅନୁସୂଚିତ ଜାତି ବିଭାଗ




ଭୁବନେଶ୍ୱର (ବ୍ୟୁରୋ) : କଂଗ୍ରେସ ରାଜ୍ୟରେ ସରକାର ଗଢ଼ିଲେ, ରାଜ୍ୟରେ ଥିବା ସମସ୍ତ ଭୂମିହୀନ ଦଳିତ ଓ ଆଦିବାସୀମାନଙ୍କୁ ଜମି ଯୋଗାଇଦେବା ସହିତ ବାସଗୃହ ମଧ୍ୟ ଯୋଗାଇଦିଆଯିବ । ଆବଶ୍ୟକସ୍ଥଳେ ସରକାର ଆର୍ଥିକ ଅନଗ୍ରସର ପରିବାର ପାଇଁ ଜମି କିଣି ଯୋଗାଇଦେବେ । ଅନୁସୂଚିତ ଜାତି ବର୍ଗର ଲୋକମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନର କମିଶନ ଗଠନ କରାଯିବ । ଆର୍ଥିକ ବିକାଶ ପାଇଁ ଅନୁସୂଚିତ ଜାତି ଅର୍ଥ ନିଗମକୁ କ୍ରିୟାଶିଳ କରାଯାଇ, ଋଣ ପ୍ରଦାନ ସୁବିଧା କରାଯିବ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରା ସୂଚନା ଦେଇଛନ୍ତି । ସରକାର ଗଢ଼ିବାର ୧୦୦ ଦିନ ମଧ୍ୟରେ ପେସା ଆଇନ୍‌ର ନିୟମ ପ୍ରଣୟନ କରାଯାଇ ଲାଗୁ କରାଯିବ । ୧୦୦ଦିନ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କନାମରେ ୫ବର୍ଷରୁ ଉର୍ଦ୍ଧ୍ୱ ପଡ଼ି ରହିଥିବା ସମସ୍ତ ଫୌଜଦାରୀ ମକଦ୍ଦମା ଓ ଜମିଜମା ମକଦ୍ଦମାକୁ ପ୍ରତ୍ୟାହାର କରିନିଆଯିବ । ସମସ୍ତ ଆଦିବାସି ଗୋଷ୍ଠି ଓ ପରିବାରକୁ ଜଙ୍ଗଲ, ଜମି ଅଧିକାର ପ୍ରଦାନ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି । ପ୍ରତ୍ୟେକ ଗ୍ରାମକୁ ନିଶାମୁକ୍ତ ହେବାର ପ୍ରମାଣ ମିଳିଲେ ସେହି ଗାଁଟି ପୁରସ୍କୃତ ହେବା ସହିତ ଗ୍ରାମ୍ୟ କମିଟିର ଇଚ୍ଛା ମୁତାବକ ସେହି ଗାଁରେ ବର୍ଷକୁ ୧୦ଲକ୍ଷ ଟଙ୍କା ଗ୍ରାମର ବିକାଶ ପାଇଁ ଖର୍ଚ୍ଚ ହେବ । ପ୍ରତି ମହିଳାମାନଙ୍କୁ ବର୍ଷକୁ ୧ଲକ୍ଷ ଟଙ୍କା ଦିଆଯିବ । ବେକାର ଦଳିତ ଆଦିବାସୀ ଯୁବକ ଯୁବତୀଙ୍କୁ ମାସିକ ୩୦୦୦ ହଜାର ଟଙ୍କା ଭତା ପ୍ରଦାନ କରାଯିବ । ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଦଳିତ ଓ ଆଦିବାସୀ ଘରର ମୁଖ୍ୟ ମହିଳାଙ୍କୁ ମାସିକ ଭତା ୩୦୦୦ ଟଙ୍କା ପ୍ରଦାନ କରାଯିବ । ଅନୁସୂଚିତ ଜାତି ଜନଜାତି ପାଇଁ ଉଦ୍ଦିଷ୍ଟ ଖାଲି ପଡ଼ିଥିବା ସରକାରୀ ଚାକିରୀ ପଦବୀ ଗୁଡିକୁ ସ୍ୱତନ୍ତ୍ର ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ପୂରଣ କରାଯିବ । ଦଳିତ ଆଦିବାସୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ସହିତ ଶିକ୍ଷା କ୍ଷେତ୍ରରେ ଓ ଚାକିରୀ କ୍ଷେତ୍ରରେ ଆର୍ଥିକ ବିକାଶ ଦିଗରେ କଂଗ୍ରେସ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବ ବୋଲି ଆଜି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରା, ପୂର୍ବତନ ସାଂସଦ ନକୂଳ ନାଏକ, ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି । କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ଶାସନ ସମୟରେ ଅନୁସୂଚିତ ଜାତି ବର୍ଗର ଲୋକମାନଙ୍କୁ ମୌଳିକ ସୁବିଧା ଦେବାକୁ ଅସମର୍ଥ ହୋଇଥିବାବେଳେ ସାମ୍ବିଧାନିକ ଅଧିକାରକୁ ମଧ୍ୟ କ୍ଷୁର୍ଣ୍ଣ କରିଛନ୍ତି । ସାମାଜିକ ସୁରକ୍ଷା ଦେବାରେ ବିଫଳ, ନାରି ନିର୍ଯ୍ୟାତନା, ଧର୍ଷଣ ଓ ହତ୍ୟା କ୍ଷେତ୍ରରେ ଓଡ଼ିଶା ସର୍ବାଗ୍ରେ ରହିଛି । ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁଭିତିକ ସଂରକ୍ଷଣ ନଦେବା, ପେଷା ଆଇନ୍ ଲାଗୁ ନରକିବା, ରାଜ୍ୟ ଡି.ଏମ୍.ଏଫ୍. ପାଣ୍ଠିରୁ ଆବଶ୍ୟକୀୟ ଅର୍ଥ ଅନୁସୂଚିତ ଜାତି ଜନଜାତିଙ୍କ ବିକାଶ ପାଇଁ ଖର୍ଚ୍ଚ କରାନଯିବା, ବେକାର ଦଳିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଯୋଗାଇ ନଦେଇ ବେକାରୀ ସମସ୍ୟାକୁ ବୃଦ୍ଧି କରିବା ସହିତ ସେମାନଙ୍କୁ ଆର୍ଥିକ ଦୁରବସ୍ଥାକୁ ଠେଲି ଦେଇଛନ୍ତି ଓ ସେମାନଙ୍କୁ ସାମ୍ବିଧାନିକ ଅଧିକାରରୁ ସରକାର ବଂଚିତ କରୁଛନ୍ତି ବୋଲି ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ଅଭିଯୋଗ କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ ଓ ପିସିସି ସାମାଜିକ ଗଣମାଧ୍ୟମ ବିଭାଗର ଅଧକ୍ଷ ଅମୀୟ ପାଣ୍ଡବ ଉପସ୍ଥିତ ଥିଲେ।



ହୋଲି ପାଇଁ ପୁରୀ ସହରରେ ରଙ୍ଗର ପସରା

# ଆଇପିଏଲ୍-୨୦୨୪: ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସକୁ ୨୦ ରନ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ



**ଜୟପୁର:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୪ର ଚତୁର୍ଥ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଉଭୟ ବ୍ୟାଟିଂ ଓ ବୋଲିଂ କ୍ଷେତ୍ରରେ ରବିବାର ଭଲ ପ୍ରଦର୍ଶନ କରି ବିଜୟୀ ହୋଇଛି। ଲକ୍ଷ୍ନୌ ସୁପର ଜ୍ୟାଣ୍ଟସକୁ ୨୦ ରନ୍‌ରେ ପରାସ୍ତ କରିଛି। ୧୯୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଛି। ଲକ୍ଷ୍ନୌ ପାଇଁ ନିକୋଲାସ୍ ପୁରନ୍ ସର୍ବାଧିକ ଓ ଅପରାଜିତ ୬୪ ରନ୍ ସଂଗ୍ରହ କରିଥିଲେ। ସେ ୪୧ଟି ବଲ୍ ଖେଳି ୪ଟି ଚୌକା ଓ ୪ଟି ଛକା ମାରିଥିଲେ। ଅଧିନାୟକ କେଏଲ୍ ରାହୁଲ ୪୪ଟି ବଲ୍ ଖେଳି ୪ଟି ଚୌକା ଓ ୨ଟି ଛକା ବଳରେ ୫୮ ରନ୍ ସଂଗ୍ରହ କରିଥିଲେ। ସେହିପରି ଦୀପକ ଚାହର ୧୩ଟି ବଲ୍ ଖେଳି ୨ଟି ଚୌକା ଓ ୨ଟି ଛକା ସହାୟତାରେ ୨୬ ରନ୍ କରିଥିଲେ। ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ରାଜସ୍ଥାନ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୨ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ନନ୍ଦ୍ରେ ବୁରଗେଲ, ରବିଚନ୍ଦ୍ରନ ଅଶ୍ୱିନ, ଯୁଜବେନ୍ଦ୍ର ଚହଲ ଓ ସନ୍ଦୀପ ଶର୍ମା ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ୍ କରିଥିଲେ। ସ୍ଥାନୀୟ ସୱାଇ ମାନସିଂହ ଷ୍ଟାଡିୟମରେ ରବିବାର ସଞ୍ଜୁ ସାମସନ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭର ରେ ୪ଟି ୱିକେଟ୍ ହରାଇ ୧୯୩ ରନ୍ ସଂଗ୍ରହ କରିଥିଲା। ଫଳରେ ଲକ୍ଷ୍ନୌକୁ ୧୯୪ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଟସ୍ ଜିଣି ଘରୋଇ ରାଜସ୍ଥାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଯୁବବ୍ୟାଟର ଯଶସ୍ୱୀ ଜୟସ୍ୱାଲ (୨୪ ରନ୍) ଓ ଜୋସ୍ ବଟଲର (୧୧ରନ୍) ପାଳି ଆରମ୍ଭ କରିଥିଲେ। ଉଭୟ ଖେଳାଳି ଆଉଟ୍ ହୋଇ କ୍ରିଜ୍ ଛାଡ଼ିବା ପୂର୍ବରୁ ରାଜସ୍ଥାନ ୪୯ ରନ୍ ସଂଗ୍ରହ କରିଥିଲା। ଦଳ ୧୩ ରନ୍‌ରେ ପ୍ରଥମ ୱିକେଟ୍ ଭାବେ ବଟଲରଙ୍କୁ ହରାଇଥିଲା। ରାଜସ୍ଥାନ ପାଇଁ ସଂଜୁ ସାମସନ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୫୨ଟି ବଲ୍ ଖେଳି ୩ଟି ଚୌକା ଓ ୬ଟି ଛକା ବଳରେ ଅପରାଜିତ ରହି ୮୨ ରନ୍ ସଂଗ୍ରହ କରିଥିଲେ। ସେହିପରି ରିୟାନ ପରାଗ ୨୯ଟି ବଲ୍ ଖେଳି ଗୋଟିଏ ଚୌକା ଓ ୩ଟି ଛକା ବଳରେ ୪୩ ରନ୍ ଯୋଡ଼ିଥିଲେ। ସିମରନ୍ ହେଟ୍‌ମେୟର ୭ଟି ବଲ୍‌ରୁ ୫ ରନ୍ ସଂଗ୍ରହ କରିଥିଲେ। ଧ୍ରୁବ ଜୁରେଲଙ୍କ ବ୍ୟାଟ୍‌ରୁ ୨୦ ରନ୍ ସଂଗୃହୀତ ହୋଇଥିଲା। ଏଥିରେ ଗୋଟିଏ ଚୌକା ଓ ଗୋଟିଏ ଛକା ସାମିଲ ଥିଲା।

# ମୁମ୍ବାଇ ଇଣ୍ଡିଆନ୍ସ ଆଗରେ ୧୬୯ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଗୁଜରାଟ ଟାଇଟନ୍ସ



**ଅହମଦାବାଦ୍:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୪ର ପଞ୍ଚମ ମ୍ୟାଚରେ ଗୁଜରାଟ୍ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମୁହାଁମୁହିଁ ହୋଇଛନ୍ତି। ଗୁଜରାଟ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୮ ରନ୍ ସଂଗ୍ରହ କରିଛି। ଫଳରେ ମୁମ୍ବାଇକୁ ଏହି ମ୍ୟାଚ୍ ବିଜୟ ପାଇଁ ୧୬୯ ରନ୍ ଟାର୍ଗେଟ୍ ମିଳିଛି। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ମୁମ୍ବାଇ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଘରୋଇ ଟିମ୍ ବ୍ୟାଟିଂ କରିଥିଲା। ଗୁଜରାଟ ପାଇଁ ସାଇ ସୁଦର୍ଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଯଶପ୍ରୀତ ବୁମରାଙ୍କ ହାତରେ ଆଉଟ୍ ହୋଇ ପାଭିଲିଅନ୍‌କୁ ଫେରିଯିବା ପୂର୍ବରୁ ୪୫ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୩୯ଟି ବଲ୍ ଖେଳି ୩ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଗୁଜରାଟ୍ ପାଇଁ ଋଦ୍ଧିମାନ ଶାହ ଓ ଯୁବ ବ୍ୟାଟ୍‌ର ଶୁବମନ ଗିଲ୍ ପାଳି ଆରମ୍ଭ କରିଥିଲେ। ଦଳର ସ୍କୋର ୩୧ ରନ୍‌ରେ ମୁମ୍ବାଇର ପ୍ରଥମ ଶିକାର ହୋଇଥିଲେ ଋଦ୍ଧିମାନ। ସେ ୧୫ଟି ବଲ୍ ଖେଳି ବ୍ୟକ୍ତିଗତ ଭାବେ ୧୯ ରନ୍ କରିଥିଲେ। ଗିଲ୍ ୨୨ଟି ବଲ୍ ଖେଳି ୩ଟି ଚୌକା ଓ ଗୋଟିଏ ଛକା ବଳରେ ୩୧ ରନ୍ ସଂଗ୍ରହ କରିଥିଲେ। ଆଜମାତୁଲ୍ଲା ଓମାରଜଇ ଗୋଟିଏ ଛକା ଓ ଗୋଟିଏ ଚୌକା ବଳରେ ୧୭ ରନ୍ କରିଥିବା ବେଳେ ଡେଭିଡ ମିଲରଙ୍କ ବ୍ୟାଟ୍‌ରୁ ୧୨ ରନ୍ ମିଳିଥିଲା। ବିଜୟ ଶଙ୍କର ଅପରାଜିତ ୬ ରନ୍‌ଏ ରାହୁଲ ତେୱାତିଆ ୨୨ ରନ୍ ଓ ରସିଦ୍ ଖାନ୍‌ଅପରାଜିତ ୪ ରନ୍ କରିଛନ୍ତି।

## ଗୌରହରି ସାହୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆଳି(ଅମୃତ ମିଡିଆ) :** ଆଳି ବ୍ଲକ ନିଆଳ ପଞ୍ଚାୟତ ତେଲିପାଟଣା ଖେଳପଡିଆ ଠାରେ ଚାଲିଥିବା ଚତୁର୍ଥ ଗୌରହରି ସାହୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନ ଦିବସରେ ଦେମାଳ ସହିତ ମା ଖରାଖାଇ କ୍ରିକେଟ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲାକ୍ଷ ମା ଖରାଖାଇ ଟିମ ୧୦ ଓଭରରେ ୩ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ଦେମାଳ ଟିମ ୭.୫ ଓଭରରେ ୨ ଉଇକେଟରେ ୧୯୯ ରନ ସଂଗ୍ରହ କରି ଚମ୍ପିୟାନ ହୋଇଥିଲା। ଏହି ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ,ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ବନମାଳୀ ସେନାପତି, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଭୀଷ୍ମ ମହାନ୍ତି,ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ନିଆଳ ସରପଞ୍ଚ ଅଶୋକ ମଲିକ, ସମିତିସଭ୍ୟ ସନ୍ତୋଷ ପଢିହାରୀ ପ୍ରମୁଖ ଯୋଗ ଦେଇଥିଲେ । ଚମ୍ପିୟାନ ଟିମ ଦେମାଳକୁ ଚମ୍ପିୟାନ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯିବା ସହିତ ମା ଖରାଖାଇକୁ ରନର୍ସଅପ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରା ଯାଇଥିଲା।



## ବଲ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା



**କଟକ :** ସ୍ଥାନୀୟ ସୁଭଦ୍ରାପୁର ନିକଟସ୍ଥ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଫ୍ରେଣ୍ଡସ ଇଲେଭେନ ଅର୍ଗାନାଇଜେସନ୍ ଆନୁକୁଲ୍ୟରେ ୨ୟ ବସନ୍ତ ବିଶ୍ୱାଳ ସ୍ମାରକୀ ଦିବାରାତ୍ର ବଲ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଏବଂ ଓଡିଶା ବାହାରର ୧୦ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଫ୍ରେଣ୍ଡସ୍ ଇଲେଭେନର ସମ୍ପାଦକ କାହ୍ନୁ ଚରଣ ବିଶ୍ୱାଳ,କୋଷାଧକ୍ଷ ଅନିଲ କୁମାର ନାୟକ, ସାରା ଆକାଶ କ୍ଲବର ସଭାପତି ଗଜାନନ ବିଶ୍ୱାଳ ଏବଂ କୋଷାଧକ୍ଷ ଅଭିଜିତ୍ ବିଶୋଇ ଖେଳର ଉଦଘାଟନ କରିଥିଲେ। ଅତିଥି ଭାବେ ୫୬ୱାର୍ଡ କର୍ପୋରେଟର ଲିପ୍ସା ନାୟକ, ପୂର୍ବତନ କର୍ପୋରେଟର ତଥା ଆମ ପ୍ରିୟ ବଡଭାଇ ସଂଜୟ କୁମାର ବରାଳ,ବିଶିଷ୍ଟ ସମାଜସେବୀ ବିଶ୍ୱରଞ୍ଜନ ବିଶ୍ୱାଳ, କମଳାକାନ୍ତ ବରାଳ,ଶକ୍ତିରଞ୍ଜନ ଦାସ,ଚିତ୍ତରଞ୍ଜନ ବିଶ୍ୱାଳ ଯୋଗଦାନ କରିଥିଲେ। କଟକ ଜିଲ୍ଲା ବଲ୍ ବ୍ୟାଡମିଣ୍ଟନ ସମ୍ପାଦକ ଅଜୟ କୁମାର ସାହୁ ଏବଂ ସଭାପତି ପାର୍ଥ ସାରଥି ସାମନ୍ତରାୟ ମଧ୍ୟ ଉପସ୍ଥିତ ଥିଲେ। ଲିଙ୍ଗରାଜ ପୃଷ୍ଟି, ମୀନକେତନ ପଣ୍ଡା,ଏମ୍ ଡି ରେହେମାନ୍ ଏବଂ ମହେଶ୍ୱତା ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଭୁବନେଶ୍ୱର ଦଳ ୨-୦ ସେଟରେ ରାୟଗଡାକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଚାମ୍ପିୟନ ଦଳକୁ ନଗଦ ୫୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବା ସହିତ ରନର୍ସ ଅପ୍ ଦଳକୁ ନଗଦ ୩୦୦୦ ଟଙ୍କା ସହିତସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାଟିକୁ ସାଫଲ୍ୟ ମଣ୍ଡିତ କରିବା ରେ ମା ଚର୍ଚ୍ଚିକା ଯୁଥ ଆସୋସିଏସନ,ବାଙ୍କୀ ଏବଂ ସାରା ଆକାଶ କ୍ଲବ,ସୁଭଦ୍ରାପୁରର ଯୋଗଦାନ ଅବର୍ଣ୍ଣନୀୟ ପରିଶେଷରେ ଗଜାନନ ବିଶ୍ୱାଳ,ଫ୍ରେଣ୍ଡସ୍ ଇଲେଭେନ ପରିବାର ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହଣ୍ଡ୍ରେଡ୍-୨୦୨୪
## ଖେଳିବେ ଓପ୍‌ନର ସ୍ମୃତି ମାନ୍ଧାନା ଓ ୱିକେଟକିପର ରିଚା ଘୋଷ



**ନୂଆଦିଲ୍ଲୀ :** ଇଂଲଣ୍ଡରେ ଆୟୋଜନ ହେବ ୧୦୦ ବଲ୍ ବିଶିଷ୍ଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହଣ୍ଡ୍ରେଡ୍। ଏଥିରେ ମହିଳା ବର୍ଗରେ ୨ ଭାରତୀୟ ଓପ୍‌ନର ସ୍ମୃତି ମାନ୍ଧାନା ଓ ୱିକେଟ ରକ୍ଷକ ବ୍ୟାଟର ରିଚା ଘୋଷ ସ୍ଥାନ ପାଇଛନ୍ତି। ମାନ୍ଧାନା ସଦର୍ଣ୍ଣ ବ୍ରେଭ୍ ଦଳ ପାଇଁ ଏବଂ ରିଚା ବର୍ମିଂହାମ୍ ଫିନିକ୍ସ ଦଳ ପାଇଁ ଖେଳିବେ। ଡବ୍ଲ୍ୟୁପିଏଲ୍ ପରି ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଦେଶର ମହିଳା ଖେଳାଳି ଭାଗନେବେ। ଗତ ଡବ୍ଲ୍ୟୁପିଏଲ୍‌ରେ ମାନ୍ଧାନା ଓ ରିଚା ଭଲ ପ୍ରଦର୍ଶନ କରିବାରୁ ସେମାନଙ୍କ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆ ?ସିବି) ଡବ୍ଲ୍ୟୁପିଏଲ୍ ଚମ୍ପିଆନ୍ ହୋଇଥିଲା। ମହିଳା ହଣ୍ଡ୍ରେଡ୍‌ରେ ଭାରତୀୟଙ୍କୁ ଖେଳିବା ପାଇଁ ବିସିସିଆଇ ଅନୁମତି ଦେଇଥିବା ବେଳେ ପୁରୁଷ ଖେଳାଳିଙ୍କୁ ଏଥିରେ ଖେଳିବାର ଅନୁମତି ନାହିଁ। ମହିଳାଙ୍କ ପରି ପୁରୁଷ ହଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ତାଲିକା ମଧ୍ୟ ବିଭିନ୍ନ ଦଳ ଘୋଷଣା କରିଛନ୍ତି।

## ଆଲେ ୱାନ୍ ପକ୍ଷରୁ ଆଇପିଏଲ୍ ସହିତ ଅଫିସିଆଲ୍ ସହଯୋଗିତା

**ଭୁବନେଶ୍ୱର :** ଅଗ୍ରଣୀ ପ୍ରଯୁକ୍ତିଭିତିକ ଆର୍ଥିକ ସେବା ପ୍ରଦାନକାରୀ ଆଲେ ୱାନ୍ ଲିମିଟେଡ୍ ପକ୍ଷରୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ସହ ସହଯୋଗିତା ସ୍ଥାପନ କରାଯାଇଛି। ୨୦୨୪ରୁ ୨୦୨୮ ପର୍ଯ୍ୟନ୍ତ କମ୍ପାନି ଆଇପିଏଲ୍ ସହ ଯୋଡ଼ି ହୋଇ ରହିବ ଏବଂ ଆର୍ଥିକ ସେବା ବର୍ଗରେ ଆଇପିଏଲ୍‌ର ସହକାରୀ ସହଯୋଗୀ ହେବ। ଭାରତର ଯୁବବର୍ଗ ମଧ୍ୟରେ ଆର୍ଥିକ ସଚେତନତାର ପ୍ରସାର ଓ ସଶକ୍ତିକରଣ ପାଇଁ ଆଇପିଏଲ୍ ଜରିଆରେ ବିବିଧ ବର୍ଗର ଲୋକଙ୍କ ପାଖରେ ପହଂଚିବାକୁ କମ୍ପାନି ଲକ୍ଷ୍ୟ ରଖିଛି। ଆଇପିଏଲ୍ ସହ ଯୋଡ଼ି ହୋଇଟେଲିଭିଜନ ଏବଂ ଡିଜିଟାଲ ପ୍ଲାଟଫର୍ମରେ ୮୦୦ ନିୟୁତରୁ ଅଧିକ ଦର୍ଶକଙ୍କ ପାଖରେ ପହଂଚି ବ୍ରାଣ୍ଡକୁ ବିଶାଳ ସ୍ତରରେ ପ୍ରଦର୍ଶନ କରିବା ପାଇଁଆଲେ ୱାନ୍‌କୁଏକ ଆକର୍ଷଣୀୟ ସୁଯୋଗ ପ୍ରଦାନ କରିବ। ବିସିସିଆଇ ସହିତ ଏହି ସହଯୋଗିତା ଅଭିବୃଦ୍ଧି ଏବଂ ସମ୍ପ୍ରସାରଣ ପାଇଁ ନୂତନ ମାର୍ଗ ଖୋଲିବା ପାଇଁ ଆଲେ ୱାନ୍‌ର ଦୀର୍ଘମିଆଦୀ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତାକୁ ଦର୍ଶାଉଛି। ଯଦିଓ ଆମେ ଯୁବବର୍ଗଙ୍କ ଉପରେ ଧ୍ୟାନ ଦେବାକୁ ଚାହୁଁଛୁ, ତେବେ ଏହି ସହଯୋଗିତା ଆମ ଗ୍ରାହକଙ୍କ ସହ ଯୋଡ଼ିହେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଆଲେ ୱାନ୍‌ର ଲକ୍ଷ୍ୟ ହେଉଛି ଆଇପିଏଲ୍‌ର ବ୍ୟାପକ ଉପସ୍ଥିତିକୁ ଉପଯୋଗ କରି ବ୍ରାଣ୍ଡ୍ ଆକର୍ଷଣ, ସଂପୃକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ମଧ୍ୟରେ ନିଜ ଉପସ୍ଥିତିକୁ ସୁଦୃଢ଼ କରିବା। ଆଲେ ୱାନ୍ ଲିମିଟେଡ୍‌ର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ପ୍ରଭାକର ତିୱାରୀ କହିଛନ୍ତି ଯେ, ନ୍ତଆଇପିଏଲ୍ ୨୦୨୪ ପାଇଁ ବିସିସିଆଇ ସହ ସହଯୋଗିତା ସ୍ଥାପନ କରି ଆମେ ଅତ୍ୟନ୍ତ ଉତ୍ସାହିତ। କେବଳ ଏକ କ୍ରୀଡ଼ା ନୁହେଁ, ତାଠାରୁ ଆଗକୁ ବଢ଼ି ଭାରତରେ କ୍ରିକେଟ୍‌ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିପୁଳ ଲୋକଙ୍କ ପାଖରେ ଆଇପିଏଲ୍ ପହଂଚୁଥିବାରୁ ଆମକୁ ଲକ୍ଷ ଲକ୍ଷ କ୍ରିକେଟ ପ୍ରେମୀଙ୍କୁ ସଚେତନ ଆର୍ଥିକ ନିଷ୍ପତି ନେବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ସହିତ ସଶକ୍ତ କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। କ୍ରୀଡ଼ା ଓ ଫିନଟେକ୍‌ର ଏହି ନିରବଚ୍ଛିନ୍ନ ସମନ୍ୱୟ ମାଧ୍ୟମରେ ଭାରତରେ ଆର୍ଥିକ ସଚେତନତାକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ।

## ପଡ଼ିଆ ମଝିରେ ଚୁମ୍ବନ ଦେଇ ଫସିଲେ ହର୍ଷିତ



**କୋଲକତା :** କୋଲକାତା ନାଇଟ ରାଇଡର୍ସ ଆଇପିଏଲ ୨୦୨୪ର ତୃତୀୟ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ୪ ଉଇକେଟରେ ପରାସ୍ତ କରିଛି। ଏହି ମ୍ୟାଚ ସମୟରେ କେକେଆର ବୋଲର ହର୍ଷିତ ରାଣା ମୟଙ୍କ ଅଗ୍ରୱାଲଙ୍କୁ ବରଖାସ୍ତ କରିବା ପରେ ଫ୍ଲାଇଙ୍ଗ କିସ୍ ଦେଇଥିଲେ। ଏହି କାର୍ଯ୍ୟ ତାଙ୍କ ପାଇଁ ମହଙ୍ଗା ପଡିଥିଲା। ହର୍ଷଙ୍କୁ ମ୍ୟାଚ ଫି କଟାଯାଇଛି। ମୟଙ୍କ ଏବଂ ଅଭିଷେକ ହାଇଦ୍ରାବାଦ ପାଇଁ ଇନିଂସ ଓପନ କରିବାକୁ ଆସିଥିଲେ। ଏହି ସମୟରେ ଦୁହେଁ ଜୋରଦାର ବ୍ୟାଟିଂ ଆରମ୍ଭ କରିଥିଲେ। କେକେଆର ବୋଲରମାନେ ବହୁତ ଚାପରେ ଥିବା ପରି ମନେ ହେଉଥିଲା। ଏହି ସମୟରେ ହର୍ଷିତ ରାଣା କେକେଆର ପାଇଁ ଷଷ୍ଠ ଓଭରରେ ବୋଲିଂ କରିଥିଲେ। ସେ ଓଭରର ତୃତୀୟ ବଲରେ ମୟକଙ୍କୁ ଆଉଟ୍ କରିଥିଲେ। ୨୧ ବଲରେ ୩୨ ରନ ସ୍କୋର କରିବା ପରେ ମୟକ ଆଉଟ ହୋଇଥିଲେ। ମୟକ ଆଉଟ ହେବା ପରେ ହର୍ଷିତ ତାଙ୍କୁ ଏକ ଫ୍ଲାଇଙ୍ଗ କିସ୍ ଦେଇଥିଲେ। ଏହି କାର୍ଯ୍ୟ ହର୍ଷିତଙ୍କ ପାଇଁ ମହଙ୍ଗା ପ୍ରମାଣିତ ହୋଇଥିଲା। ଆଇପିଏଲ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ କୋଲକାତା ନାଇଟ ରାଇଡର୍ସ ବୋଲର ହର୍ଷିତଙ୍କୁ ତାଙ୍କ ମ୍ୟାଚ ଫି'ର ୬୦ ପ୍ରତିଶତ ଜୋରିମନା କରାଯାଇଛି।







## IPL ୨୦୨୪: ଛକା ମାରିବାରେ ରେକର୍ଡ କଲେ ରସେଲ



**ନୂଆଦିଲ୍ଲୀ :** ଶନିବାର କୋଲକାତାର ଇଡେନ୍ ଗାର୍ଡେନ୍‌ସରେ ଚଳିତ ଆଇପିଏଲ୍‌ର ତୃତୀୟ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ (KKR) ଓ ସନ୍‌ରାଇଜର୍ସ ହାଇଦ୍ରାବାଦ (SRH) ମଧ୍ୟରେ ଖେଳା ଯାଇଥିଲା। ଏଥିରେ କକଜ ୪ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ କକଜର ଆନ୍ଦ୍ରେ ରସେଲ ଏକ ସୁନ୍ଦର ପାଳି ଖେଳିବା ସହିତ ନିଜ ନାଁରେ ଏକ ରେକର୍ଡ ଯୋଡ଼ିଥିଲେ। ଆଇପିଏଲ୍‌ରେ ୨୦୦ଟି ଛକା ମାରିବାରେ ରସେଲ ପାଲଟି ଯାଇଛନ୍ତି ଦ୍ରୁତତମ ବ୍ୟାଟର। ୩୫ ବର୍ଷୀୟ ରସେଲ ଆଇପିଏଲ୍‌ରେ ୧୩୨୨ଟି ବଲ୍ ଖେଳି ୨୦୦ଟି ଛକା ମାରିଛନ୍ତି। ପୂର୍ବରୁ ଏହି ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାଁରେ ଥିଲା। ସେ ୧୮୧୧ଟି ବଲ୍ ଖେଳି ୨୦୦ଟି ଛକା ମାରିଥିଲେ। ଗତକାଲି କକଜର ଇନିଂସର ୧୯ତମ ଓଭରରେ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ଏକ ଛକା ମାରି ରସେଲ ଏହି ରେକର୍ଡ ହାସଲ କରିଥିଲେ। ସେ ଅପରାଜିତ ରହି ୨୫ଟି ବଲ୍‌ରୁ ୬୪ ରନ୍ କରିଥିଲେ। ତା' ମଧ୍ୟରେ ଥିଲା ୭ଟି ଛକା ଓ ୩ଟି ଚୌକା। ଆଇପିଏଲ୍‌ରେ ୨୦୦ ଛକା ମାରିଥିବା ତାଲିକାରେ ଆହୁରି ବହୁତ ଖେଳାଳି ଅଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ରସେଲଙ୍କ ଭଳି ଏତେ କମ୍ ବଲରୁ ୨୦୦ ଛକା ମାରି ନାହାନ୍ତି। କିରଣ ପୋଲାର୍ଡ ୨୦୫୫ ବଲ୍ ଖେଳି ୨୦୦ ଛକା ମାରିଥିବା ବେଳେ ଏବିଡ଼ି ଭିଲିୟର୍ସ ୨୭୯୦, ମହେନ୍ଦ୍ର ସିଂହ ଧୋନି ୩୧୨୬ ଓ ରୋହିତ ଶର୍ମା ୩୭୯୮ ବଲ୍‌ରୁ ୨୦୦ ଛକା ମାରିଛନ୍ତି। ସେହିଭଳି ବିରାଟ କୋହଲି, ଡାଭିଡ ୱାର୍ଣ୍ଣର ଓ ସୁରେଶ ରାଇନା ଆଇପିଏଲ୍‌ରେ ୨୦୦ ଛକା ମାରିଛନ୍ତି। ଗତକାଲି ସନ୍‌ରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। କକଜ ପ୍ରଥମେ ବ୍ୟାଟିଂ କରି ଫିଲ୍ ସଲ୍‌ଟଙ୍କ ୫୪ ରନ୍ (୪୦ ବଲ୍), ରମଣଦୀପ ସିଂହଙ୍କ ୩୫ (୧୭ ବଲ୍), ରିଙ୍କୁ ସିଂହଙ୍କ ୨୩ (୧୫ ବଲ୍) ଓ ଆନ୍ଦ୍ରେ ରସେଲଙ୍କ ଧୂଆଁଧାର ୬୪ ରନ୍ (୨୫ ବଲ୍) ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୨୦୮ ରନ୍ କରିଥିଲା। ଦଳ ୭ଟି ୱିକେଟ୍ ହରାଇଥିଲା। ଅଧିନାୟକ ଶ୍ରେୟସ ଆୟର ଖାତା ଖୋଲି ପାରି ନଥିଲେ। ଟି. ନଟରାଜନଙ୍କ ବଲ୍‌ରେ ସେ ପ୍ୟାଟ୍ କମିନ୍‌ସଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ୨୦୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ (SRH) ମଧ୍ୟ ଭଲ ଖେଳିଥିଲା। ହେଲେ ଶେଷ ମୁହୂର୍ତ୍ତରେ ମ୍ୟାଚ୍‌କୁ ହାତଛଡ଼ା କରିଥିଲା। ଦଳ ୨୦ ଓଭରରେ ୭ ୱିକେଟ୍ ହରାଇ ୧୦୪ ରନ୍‌ରେ ଅଟକି ଯାଇଥିଲା। ଦଳ ପକ୍ଷରୁ ମୟଙ୍କ ଅଗ୍ରୱାଲ ୩୨, ଅଭିଷେକ ଶର୍ମା ୩୨, ରାହୁଲ ତ୍ରିପାଠୀ ୨୦, ହେନ୍‌ରିକ୍ କ୍ଲାସେନ୍ ୬୩ (୨୯ ବଲ୍, ୮ ଛକା), ଅବଦୁଲ ସମଦ ୧୫, ଶାହବାଜ ଅହମଦ ୧୬ ଓ ଏଡେନ୍ ମାର୍କରମ ୧୮ ରନ୍ କରିଥିଲେ।


କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra



# ବଳଦେବ ଜୀଉ ଶିଶୁ ମନ୍ଦିରରେ ବାର୍ଷିକୋତ୍ସବ



**ବାରିପଦା(ଅମୃତ ମିଡିଆ):** ମଧୁବନ ଠାରେ ଅବସ୍ଥିତ ହରିବଳ ଦେବ ଜୀଉ ଶିଶୁ ମନ୍ଦିରରେ ବାର୍ଷିକୋତ୍ସବ ପରିଚାଳନା କମିଟିର ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସର ରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ କାନ୍ତ ପ୍ରଧାନ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସ୍ନେହଲତା ବେହେରା ମୁଖ୍ୟବକ୍ତା, ବାରିପଦା ଉପନଗରପାଳ ସୀମା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଭଲ ପାଠ ପଢି ଭଲ ମଣିଷ ହେବାକୁ ଉଦବୋଧନ ଦେଇଥିଲେ । ବରିଷ୍ଠ ଗୁରୁଜୀ ରାମଚନ୍ଦ୍ର ନାଥ ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ପରିଚାଳନା କମିଟିର ସାଧାରଣ ସଂପାଦକ ଡ଼ା. ଆଦିତ୍ୟ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ବରିଷ୍ଠ ଗୁରୁଜୀ କରୁଣାମୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର ରେ ବିଦ୍ୟାଳୟର ଛାତ୍ରୀ ମୋନାଲିସା ପୃଷ୍ଟି ୨୦୨୩ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ରାଜ୍ୟର ଟପ୍ପର ତାଲିକାରେ ୧୩ ତମ ସ୍ଥାନ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସରକାରୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶାଶ୍ୱତୀ ଜେନା , ଫାଲଗୁନି ପ୍ରସାଦ ନାୟକ , ଉମେଶ କୁମାର ସାହୁ ଓ ଜୟ ପ୍ରକାଶ ମହଭୋଇଙ୍କୁ ସମ୍ମାନିତ କରାଯାଇଥିଲା । ସର୍ବଗୁଣ ସମ୍ପନ୍ନ ସମ୍ମାନରେ ରାଜା ସାହା ଓ ପ୍ରାଚୀ ବେହେରାଙ୍କୁ, ସର୍ବାଧିକ ଉପସ୍ଥାନ ପାଇଁ ବିରାଜ ସାସ୍ମଲଙ୍କୁ, ଚମ୍ପିୟାନ ଭାବେ ରାହୁଲ ନାୟକ ଓ ମାମଲି ସିଂ ଙ୍କୁ ସମ୍ମାନିତ କରାଯାଇଥିଲା । ପରିଚାଳନା କମିଟିର ସଦସ୍ୟ ବିଚିତ୍ରା ପାଲ , ପ୍ରମୋଦ କୁମାର ପାଣିଗ୍ରାହୀ ଓ ଏକାଦଶୀ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଗୁରୁଜୀ ବିମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସୁନୀଲ ମହାନ୍ତି , ଉଜ୍ଜଳ କର , ଦେବବ୍ରତ ପାତ୍ର , ମନ୍ମଥ ଜେନା , ମହେଶ ଦାସ ଓ ଗୁରୁମା ତନୁଶ୍ରି ପତି , ବବିତା ଗୌଡ଼, ଦୀପାଞ୍ଜଳି ଦାସ , କଳ୍ପନା ଲକ୍ଷ୍ମୀ ପଣ୍ଡା , ପଙ୍କଜିନି ଦାସ , ବନ୍ଦନା ବେହେରା , ଅନିମା ସ୍ୱାଇଁ , ସ୍ୱାତୀ ସାହୁ , ତନୁଜା ମହାନ୍ତଙ୍କ ନିର୍ଦ୍ଦେଶନାରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁନିତି ପାଲ , କୀର୍ତ୍ତି ପାତ୍ର , ଶ୍ରୀମତୀ ନାୟକ , ନିଳୁମଣି ଦେଇ ଓ ଧିରେନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ପଥର ମାଫିଆ ସକ୍ରିୟ ,କାର୍ଯ୍ୟାନୁଷ୍ଠାନ ଦାବି

**ମାହାଙ୍ଗା (ଅମୃତ ମିଡ଼ିଆ):** ମାହାଙ୍ଗା ବ୍ଲକ ଅଞ୍ଚଳରେ ଚୋରା ମାଙ୍କଡ଼ା ପଥର ମାଫିଆ ସକ୍ରିୟ ହୋଇ ପଡ଼ିଥିବା ଜଣା ଯାଇଛି ।ପଡୋଶୀ ବଡ଼ଚଣାର ଖଣି ଖାଦାନରୁ ମାଫିଆ ମାନେ ବେଆଇନ ମାଙ୍କଡ଼ା ପଥର ,ମୋରମ, କଳାପଥାର ବୋଲଡର୍ ଆଦି ଖୋଲ୍ଲି ପରେ ଟ୍ରକ୍ ଯୋଗେ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି ।ବିଶେଷ କରି ଛତିଆ କୁଆଁପାଳ ପୂର୍ତ୍ତ ରାସ୍ତା ,ଟାଙ୍ଗୀ କୁଆଁପାଳ ଭାୟା ଗୋପୀନାଥ ପୁର ରାସ୍ତା,ବଡ଼ଚଣା ବାଇଶି ମୌଜା ସିପୁରା ପୂର୍ତ୍ତ ରାସ୍ତା ,ବାଲିଚନ୍ଦ୍ରପୁର କୁଆଁ ପାଳ ରାସ୍ତା ,ପଞ୍ଚୁ ପାଣ୍ଡବ ନିଶ୍ଚନ୍ତ କୋଇଲି ରାସ୍ତା ରେ ଏହି ବେଆଇନ କାରବାର ଚାଲୁ ରହି ଥିବା ଦେଖିବାକୁ ମିଳୁଛି ।ଏଥି ଯୋଗୁ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉ ଥିବା ବେଳେ ଚୋରା ବେପାରୀ ମନେ ମାଲାମାଲ ହେଉଛନ୍ତି ।ସେହିପରି ଟ୍ରକ୍‌ର ପରିଚାଳକ



କ୍ଷମତା ଠାରୁ ଢେର ଅଧିକ ପଥର ବୋଝେଇ କରି ନେଉ ଥିବାରୁ ଗ୍ରାମାଞ୍ଚଳର ରାସ୍ତା ଘାଟ ଭାଙ୍ଗି ଯାଇଥିବା ଅଭିଯୋଗ ହେଉଛି ।ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃ ପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।

# ସୋଫିଆ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ




**ଚାନ୍ଦବାଲି (ଅମୃତ ମିଡ଼ିଆ) :** ଚାନ୍ଦବାଲି ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୋଫିଆ ଇଂ ମିଡ଼ିୟମ ସ୍କୁଲ ବାର୍ଷିକ ଉତ୍ସବ ଚାନ୍ଦବାଲିରେ ମା କାଳୀଙ୍କ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ସ୍କୁଲର ଅଧକ୍ଷ ବିରଞ୍ଚି ନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ତହସିଲଦାର ଅଶ୍ୱିନୀ କୁମାର ଭୁୟାଁ, ମୁଖ୍ୟ ବକ୍ତା ଭାବେ ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ବିଶେଷ ଅତିଥି ଭାବେ ସମାଜସେବୀ ତଥା ରାଜନେତା ସତ୍ୟାନନ୍ଦ ରାଉତ ଓ ଚାନ୍ଦବାଲି ବିଧାୟକ ଡ଼ ବ୍ୟୋମକେଶ ରାୟ ଏବଂ ସ୍କୁଲର ଡ଼ାଇରେକ୍ଟର ରଂଜନ ଦାସ ପ୍ରମୁଖ ଯୋଗ ଦେଇ ଶିକ୍ଷା ଅନୁଷ୍ଠାନ ଉତ୍ତରୋତ୍ତର କାମନା କରିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ବାର୍ଷିକ ଉତ୍ସବରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଥାନା ଅଧିକାରୀ ପଞ୍ଚାନନ ମହାନ୍ତିଙ୍କ ଅଭିଭାଷଣ ମନ୍ତ୍ରମୁଗ୍ଧ କରିଥିଲେ ଦର୍ଶକ। କାର୍ଯକ୍ରମ ଆରମ୍ଭରୁ ଶେଷ ଯାଏ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହିକ କାର୍ଯକ୍ରମକୁ ସ୍କୁଲର ସମ୍ପାଦକ ଭାଗ୍ୟରଥ ସେଠୀ ଓ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନ କରିଥିଲେ।

# ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ଟ୍ୟାଲେଂଟ ସର୍ଚ୍ଚ ପରୀକ୍ଷା ଅନୁଷ୍ଠିତ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡ଼ାର ଅଗ୍ରଣୀ ଅନୁଷ୍ଠାନ ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟ ତରଫରୁ କେନ୍ଦ୍ରାପଡ଼ା ଟେଲେଣଟ ସର୍ଚ ପରୀକ୍ଷା (କେ.ଟି.ଏସ୍)-୨୦୨୪ ଗୋପସ୍ଥିତ ଜାଭିୟର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟ ବିଭିନ୍ନ ସମୟରେ ଶିକ୍ଷାର ମାନ ବୃଦ୍ଧି ଓ ଶିକ୍ଷା ପ୍ରଚାର ପ୍ରସାର ନିମନ୍ତେ ସଦା ସର୍ବଦା ଚେଷ୍ଟିତ । ଏହି ଟ୍ରଷ୍ଟ ତରଫରୁ ବିଗତ ଦିନରେ ଶିକ୍ଷା ସଚେତନତା, ଶିକ୍ଷକ ପୁରସ୍କାର, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହ କ୍ୟାରିୟର କାଉନସେଲିଂ ମାନ କାର୍ଯ୍ୟକ୍ରମ କରିଆସୁଅଛି । କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆବେଦନ କରିଥିବା ମୋଟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ କେନ୍ଦ୍ରାପଡ଼ା ଟେଲେଣଟ ସର୍ଚ ପରୀକ୍ଷା (କେ.ଟି.ଏସ୍)-୨୦୨୪ ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ୫ଟି ବିଷୟ ଯଥା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ଓ ସାଧାରଣ ଜ୍ଞାନର ମୋଟ ୫୦ନମ୍ବର ପରୀକ୍ଷା ହୋଇଥିଲା । ଏହି ପରୀକ୍ଷାରେ ଜାଭିୟର ହାଇସ୍କୁଲର ଅଧକ୍ଷ ନିରଞ୍ଜନ ବେହେରା ସେନଟର୍ ସୁପରିଟେଣ୍ଡେଣଟ ଭାବେ ପରୀକ୍ଷା ପରିଚାଳାନା କରିଥିଲେ । ସେହି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ପରୀକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ । ଏହି ପରୀକ୍ଷାରେ ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟର ସଦସ୍ୟ ଶୁଭେନ୍ଦୁ କୁମାର କର, ତ୍ରୈଲୋଚନ ସାମଲ, ସାହିସ୍ତା ପରୱିନ୍, କିଶୋର ଚନ୍ଦ୍ର ଜେନା, ମିର ଅକ୍ତର ଅଲ୍ଲୀ, ଅଚ୍ୟୁତାନନ୍ଦ ସାମଲ, ସେକ୍ ମହମ୍ମଦ ଗୟାସଉଦ୍ଦିନ, ସୟଦ ଜାକିର ଅଲ୍ଲୀ, ରକିବୁର ରହେମାନ, ସେକ୍ ମହମ୍ମଦ ଫୟାଜଉଦ୍ଦିନ, ଦେବେନ୍ଦ୍ର କୁମାର ନାୟକ, ଅନନ୍ତ କୁମାର ପରିଡ଼ା, ମହମ୍ମଦ ଅସଗର ଅଲ୍ଲୀ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଏହି ପରୀକ୍ଷାକୁ ନିରପେକ୍ଷ ଭାବେ ସମ୍ପାଦନା କରିଥିଲେ । ସର୍ବଶେଷରେ ଟ୍ରଷ୍ଟର ଅଧକ୍ଷା ରଜିଆ ସୁଲତାନା ଓ ଟ୍ରଷ୍ଟି ସ୍ୱାଲେହା ସୁଲତାନା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ସମସ୍ତ ସଦସ୍ୟବୃନ୍ଦ, ଜାଭିୟର ହାଇସ୍କୁଲର ଅଧକ୍ଷ ଓ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଆହୁରି ସୁଦୃଢ଼ କରିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷାର ମାନଦଣ୍ଡକୁ ମଜବୁତ କରାଯିବା ପାଇଁ ମିଳିମିଶି ସମସ୍ତେ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ ।

# ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବେତନଟୀ(ଅମୃତ ମଡିଆ):** ୨୦୨୧ ମସିହା ମାର୍ଚ୍ଚ ୧୧ ତାରିଖଦିନ ଭୀମଦା ଉପକଣ୍ଠ ଟିକାୟତପୁର ଗ୍ରାମରେ ଘଟିଯାଇଥିବା ଏକ ମାରପିଟ,ଗଣ୍ଡଗୋଳ ଘଟଣାର ବିଚାରକରି ବେତନଟୀ ଜେଏମଏଫସି କୋର୍ଟରେ ମାନ୍ୟବର ବିଚାରପତି ଏ. ଅବିନାଶ ନାଇଡୁ ରାୟ ପ୍ରକାଶ କରିବା ସହିତ ଅଭିଯୁକ୍ତ ହୃଷିକେଶ ମହାଲିକକୁ ନିର୍ଦ୍ଦେଷରେ ଖଲାସ କରିଛନ୍ତି। ଏତଲାକାରୀ ଗୌରୀଶଙ୍କର ମହାଲିକଙ୍କ ଅଭିଯୋଗ ମୁତାବକ ପଞ୍ଚାୟତରେ ହେବାକୁଥ?ିବା ସରକାରୀ ଆବାସଗୃହ ବାବଦରେ ଆଲୋଚନା ପାଇଁ ତତ୍କାଳୀନ ସରପଞ୍ଚ ମଞ୍ଜୁ ସିଂଙ୍କ ଟିକାୟତପୁରସ୍ଥିତ ବାସଭବନକୁ ଯାଇ ଆଲୋଚନା କରୁଥିଲେ । ସେହି ସମୟରେ ମୁଦାଲା ହୃଷିକେଶ ମହାଲିକ ବାକଯୋଗେ ଆସି ଅଶ୍ଳୀଳଭାଷାରେ ଗାଳିଗୁଲଜ କରି ସରପଞ୍ଚଙ୍କୁ ଆକ୍ରମଣ କରିଥିଲା। ସେଠାରେ ଉପସ୍ଥିତ ସରପଞ୍ଚଙ୍କ ସ୍ୱାମୀ ଶୁକଦେବ ସିଂ ଏହାର ବିରୋଧ କରିବାରୁ ସେ ମଧ୍ୟ ଆକ୍ରମଣର ଶୀକାର ହୋଇଥିବା ନେଇ ଏତଲାରେ ଦର୍ଶାଇଛନ୍ତି। ଏନେଇ ସେତେବେଳେ ବଡସାହି ପୁଲି ବିଭିନ୍ନ ଦଫାରେ ୫୫ ନମ୍ବରରେ ମାମଲା ରୁଜୁକରିଥିବା ବେଳେ ଏହା ମାନ୍ୟବରଙ୍କ ଅଦାଲତରେ ବିଚାରାଧୀନ ରହିଥିଲା। ମାମଲା ସହିତ ଜଡିତ ୮ଜଣ ସାକ୍ଷୀଙ୍କ ବୟାନ ଏବଂ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ମାନ୍ୟବର ବିଚାରପତି ଏ. ଅବିନାଶ ନାଇଡୁ ମୁଦାଲା ହୃଷିକେଶ ମହାଲିକକୁ ନିର୍ଦ୍ଦେଷରେ ଖଲ୍ଲାସ କରିଛନ୍ତି। ମୁଦାଲା ପକ୍ଷରୁ ଆଇନଜୀବୀ ଦେବବ୍ରତ ପରିଡା ଏବଂ ରଣଜିତ ଗନ୍ତାୟତ ମାମଲା ପରିଚାଳନା କରୁଥିଲେ।

# ପେନ୍‌ସନ୍ ଉତ୍ପାଦରେ ନିବେଶ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ

**ଭୁବନେଶ୍ୱର(ବ୍ୟୁରୋ):** ବିଭିନ୍ନ ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ, ଭାରତରେ ସୁଧ ହାରଗୁଡିକ ଆସନ୍ତା କିଛି ମାସରେ ବର୍ତମାନର ହାରାହାରି ସ୍ତରରୁ ହ୍ରାସ ପାଇବ । ୭%ର ସୁଧହାର ବର୍ତମାନ ଗ୍ରାହକମାନଙ୍କୁ ବିଦ୍ୟମାନ ସୁଧହାରରେ ଏକ ଆନ୍ୟୁଟି ପ୍ରଡକ୍ଟରେ ସେମାନଙ୍କର ନିବେଶକୁ ଲକ୍-ଇନ୍ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି । କେବଳ ଜୀବନ ବୀମା କମ୍ପାନୀଗୁଡିକ ପ୍ରଦାନ କରୁଥିବା ପେନ୍ ?ସନ କିମ୍ବା ଆନ୍ୟୁଟି ପ୍ରଡକ୍ଟଗୁଡିକ ଜୀବନକାଳ ପାଇଁ ଏକ ନିଶ୍ଚିତ ନିୟମିତ ଆୟ ଦେଇଥାନ୍ତି । ଏଥିରେ କ୍ରୟ ସମୟର ସୁଧ ହାରକୁ ଲକ୍-ଇନ୍ କରାଯାଇଥାଏ । ଅବସରପ୍ରାପ୍ତ ଲୋକମାନେ ସୁଧହାରର ଅସ୍ଥିରତା ଦ୍ୱାରା ପ୍ରଭାବିତ ହେଉନଥିବା ଏକ ସ୍ଥିର ଆୟକୁ ପସନ୍ଦ କରିଥାନ୍ତି, ତେଣୁ ଏଥିପାଇଁ ଆନ୍ୟୁଟି କିମ୍ବା ପେନ୍‌ସନ ପ୍ରଡକ୍ଟଗୁଡିକ ସର୍ବୋତମ ବିକଳ୍ପ ଅଟେ ଯାହା ସେମାନଙ୍କୁ ଆର୍ଥିକ ରୂପେ ସ୍ୱାଧୀନ କରିବା ପାଇଁ ସକ୍ଷମ କରି ନିୟମିତ ଆୟ ପ୍ରଦାନ କରିଥାଏ । ଯେହେତୁ ସୁଧ ହାର ଆଗକୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି, ତେଣୁ ଏକ ଆନ୍ୟୁଟି ପ୍ରଡକ୍ଟ କ୍ରୟ କରୁଥିବା ଗ୍ରାହକମାନେ ନିଜର ନିବେଶକୁ ବର୍ତମାନର ସୁଧ ହାରରେ ଲକ୍-ଇନ୍ କରିବାକୁ ସକ୍ଷମ ହେବେ । ବିଭିନ୍ନ ଆନ୍ୟୁଟି ପ୍ରଡକ୍ଟଗୁଡିକ ମଧ୍ୟରେ ଆଇସିଆଇସିଆଇ ପ୍ରୁ ଗ୍ୟାରେଂଟିଡ ପେନ୍ ?ସନ ପ୍ଲାନ୍ ଫ୍ଲେକ୍ସି ସ୍ୱତନ୍ତ୍ର ଭାବେ ଉଭା ହୋଇଛି କାରଣ ଏହା ଗ୍ରାହକଙ୍କୁ ସିଷ୍ଟମାଟିକ ବା ବ୍ୟବସ୍ଥିତ ଭାବେ ନିବେଶ କରି ଏକ ଅବସରକାଳିନ ପାଣ୍ଠି ନିର୍ମାଣ କରିବା ପାଇଁ ସାହାଯ୍ୟ କରୁଛି । ଏହା ଅବସର ପରେ ଏକ ନିଶ୍ଚିତ ଓ ସ୍ଥିର ଆୟ ସୁନିଶ୍ଚିତ କରୁଛି, ଯାହା ବିଶେଷ କରି ଭାରତ ଭଳି ବଜାରଗୁଡିକରେ ଲାଭଦାୟକ ଅଟେ ଯେଉଁଠାରେ ସୁଧ ହାର ହ୍ରାସ ପାଇବ ବୋଲି ଆକଳନ କରାଯାଇଛି । ଏହାବ୍ୟତୀତ ଏହି ପ୍ଲାନ୍ ?ର ଏକ ଭାରିଆଂଟ୍ ଏକ ସ୍ୱତନ୍ତ୍ର ଫିଚର ପ୍ରଦାନ କରୁଛି ଯାହା ପଇଠ କରାଯାଇଥିବା ସମସ୍ତ ପ୍ରିମିୟମର ୧୦୦% ରିଫଣ୍ଡ ପ୍ରଦାନ କରୁଛି, ଯାହା ଏହାକୁ ଜୀବନ ବୀମା ଶିଳ୍ପର ଏଭଳି ପ୍ରଥମ ଉତ୍ପାଦରେ ପରିଣତ କରୁଛି ।

# ବେକରେ ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବେତନଟୀ(ଅମୃତ ମିଡିଆ):** ତାରାକୋଟୀ ଗ୍ରାମର ଜନୈକ ଯୁବକ ଘରଭିତରେ ଫାଶୀଦେଇ ଆତ୍ମହତ୍ୟା କରିବା ଘଟଣାରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବେତନଟୀ ପୁଲିସ । ମୃତ ଯୁବକ ଜଣକ ହେଉଛନ୍ତି ଗ୍ରାମର ସ୍ୱର୍ଗତ ଲାଲମୋହନ ସିଂର ପୁଅ ମକରା(୩୦)। ହସ୍ତଗତ ସୂଚନା ମୁତାବକ ପେଶାରେ ଗାଡିଚାଳକ ମକରା କୌଣସି କାରଣରୁ ଶୁକ୍ରବାର ଘରଭିତରେ ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ।ଖବରପାଇ ସଙ୍ଗେସଙ୍ଗେ ପାଖପଡୋଶୀ ମକରାକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ମକରାକୁ ମୃତ ଘୋଷଣା କରିବା ସହିତ ବେତନଟୀ ପୁଲିସକୁ ଖବର ଦେଇଥିଲେ। ଖବରପାଇ ବେତନଟୀଥାନା ଏଏସ ଆଇ ସାନନ୍ଦ ନାଏକ ୮/୨୪ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି। ଶୁକ୍ରବାର ବିଳମ୍ବ ହେବାରୁ ଶନିବାର ଶବବ୍ୟବଚ୍ଛେଦ ହେବାନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ସାନନ୍ଦ ନାଏକସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକଙ୍କୁ ସରକାରଙ୍କ ଉପେକ୍ଷା:ତୀବ୍ର ଅସନ୍ତୋଷ

**ଭୁବନେଶ୍ୱର (ବ୍ୟୁରୋ) :** ପେନ୍‌ସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ୍ କରାଯିବା ନୀତିଗତ ନିଷ୍ପତ୍ତି ଆମ ରାଜ୍ୟ ସରକାର ନେଇଛନ୍ତି । ଅଥଚ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଏବଂ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏ ସମ୍ପର୍କିତ ସରକାରୀ ଆଦେଶନାମା ପ୍ରକାଶ ପାଇଲା ନାହିଁ । ଫଳରେ ସାଢେ ୩ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ପଞ୍ଚମ ବେତନ କମିଶନଙ୍କ ସୁପାରିଶକ୍ରମେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସରଙ୍କ ଠାରୁ ଆରମ୍ଭ କରି ଗ୍ରୁପ୍ 'ଡି' ଚାକିରିଆ ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ୧୯୯୮ ମସିହାରୁ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ (ସି.ଜି.ଏଚ୍.ଏସ୍.) ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଅଥବା ମାସିକ ଚିକିତ୍ସା ଭତ୍ତା ପାଉଛନ୍ତି । ରାଜ୍ୟରେ ସ୍ୱତନ୍ତ୍ର ବେତନ କମିଶନ ଗଠନ ବନ୍ଦ କରି କେନ୍ଦ୍ର ବେତନ କମିଶନଙ୍କ ସୁପାରିଶ ଭିତ୍ତିରେ ବେତନ, ପେନ୍‌ସନ୍ ଓ ବିଭିନ୍ନ ପ୍ରକାର ଭତ୍ତା ସଂଶୋଧନ କରିବାକୁ ଆମ ରାଜ୍ୟ ସରକାର ୧୯୯୮ ମସିହାରେ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ସେ ଦୃଷ୍ଟିରୁ ଏହିସବୁ ପ୍ରାପ୍ୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଅସମତା କ୍ରମଶଃ ଦୂରୀଭୂତ ହେବା ଆଶା ରଖାଯାଏ । ରାଜ୍ୟରେ ୭ମ ବେତନ କମିଶନ କାର୍ଯ୍ୟକାରି କରିବାକୁ ଗଠିତ ଫିଟ୍‌ମେଣ୍ଟ କମିଟି ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କୁ କେନ୍ଦ୍ର ଅନୁରୂପ ଚିକିତ୍ସା ସୁବିଧା ଦେବାକୁ ସୁପାରିଶ କରିଛନ୍ତି । ଅଥଚ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଓଡ଼ିଶା ବ୍ୟତୀତ ସମସ୍ତ ରାଜ୍ୟ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାଗଣା ଚିକିତ୍ସା (କ୍ୟାସ୍‌ଲେସ୍ ଟ୍ରିଟ୍‌ମେଣ୍ଟ), ଚିକିତ୍ସା ଭତ୍ତା, ରିଇମ୍ବର୍ସମେଣ୍ଟ ଇତ୍ୟାଦି ଭିନ୍ନ ଭିନ୍ନ ସୁବିଧା ପ୍ରଦାନ କରୁଛନ୍ତି । ଆମ ରାଜ୍ୟର ଅବସରପ୍ରାପ୍ତ ଜୁଡିସିଆଲ୍ ଅଫିସରମାନେ ମାସିକ ୧୫୦୦ ଟଙ୍କା ଚିକିତ୍ସାଭତ୍ତା ପାଉଛନ୍ତି। ପୂର୍ବତନ ବିଧାୟକମାନଙ୍କୁ ମାସିକ ୨୦୦୦ ଟଙ୍କା ଚିକିତ୍ସା ଭତ୍ତା ତଥା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଦିଆଯାଉଅଛି । କର୍ମଚାରୀଙ୍କ ପାଇଁ ରିଇମ୍ବର୍ସମେଣ୍ଟର ବ୍ୟବସ୍ଥା ଅଛି। ସରକାରୀ ଉଦ୍ୟୋଗ ଓ ପ୍ରତଷ୍ଠିତ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ସ୍ୱାସ୍ଥ୍ୟବୀମାର ସୁଯୋଗ ପାଉଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୦ ଭାଗ ଲୋକ ମାଗଣା ଚିକିତ୍ସା ସୁବିଧା ପାଇବେ। ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ଏକ ବଳକା ରାଜ୍ୟ । ଅଥଚ ଦୀର୍ଘ ୩୫ରୁ ୪୦ ବର୍ଷ ସର୍ବସାଧାରଣଙ୍କ ସେବା କରି, ଶିକ୍ଷାଦାନ ଦ୍ୱାରା ଦେଶର ଭବିଷ୍ୟତ ଗଢ଼ି ଅବସର ନେଇଥିବା ରାଜ୍ୟର କର୍ମଚାରୀ ଶିକ୍ଷକମାନେ ଅନୁରୂପ କୌଣସି ଚିକିତ୍ସା ସୁବିଧା ପାଉନାହାଁନ୍ତି। ସରକାରଙ୍କ ଉଦାରତା ପରିବର୍ତ୍ତେ ଅଣଦେଖାଭାବ ଏହି ବରିଷ୍ଠ ନାଗରିକମାନଙ୍କୁ ଗଭୀର ଭାବରେ ମର୍ମାହତ କରିଛି। ଏତଦ୍‌ଭିନ୍ନ ପେନ୍‌ସନ୍ ସଂକ୍ରାନ୍ତୀୟ ଅସଂଗତି ଗୁଡ଼ିକ ପ୍ରତି ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ସେଗୁଡ଼ିକ ଦୂର ହୋଇପାରିଲା ନାହିଁ । ସେହିଭଳି ଖାଉଟି ମୂଲ୍ୟସୂଚୀ ବୃଦ୍ଧି ହେତୁ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ, ଶିକ୍ଷକମାନଙ୍କୁ ଡି.ଏ. ଓ ଟି.ଆଇ. ଦେବା ନିଷ୍ପତ୍ତି ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକାରୀ ହୋଇଆସୁଥିବା ବେଳେ କୋଭିଡ୍ ଆଳରେ ୦୧.୦୧.୨୦୨୦ ରୁ ଆରମ୍ଭ କରି ତିନି କିସ୍ତି ଡିଏ ଓ ଟିଆଇ. ସାମୟିକ ସ୍ଥଗିତ ରହିଥିବା କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଦିଆଗଲା ନାହିଁ । ବରିଷ୍ଠ ନାଗରିକମାନେ ରେଳ ଯାତ୍ରାରେ ପାଉଥିବା ରିହାତି ପୁନଃ ପ୍ରଚଳନ କରାଗଲା ନାହିଁ, ଏହା ସେମାନଙ୍କୁ ଗଭୀର ଭାବେ ଅସନ୍ତୋଷ କରିଛି। ଉକ୍ତ ସମସ୍ୟାଗୁଡ଼ିକ ସମାଧାନ ସହିତ ସରକାରଙ୍କ ନୀତିଗତ ନିଷ୍ପତ୍ତି ଅନୁଯାୟୀ ପେନ୍‌ସନ୍‌ଭୋଗୀଙ୍କୁ ଚିକିତ୍ସା ସୁବିଧା ଦେବା ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ୍ କରିବା ସରକାରୀ ଆଦେଶନାମା ଯଥାଶୀଘ୍ର ଜାରି କରିବାକୁ ଅନୁରୋଧ କରାଯାଇଛି।

# ଅବକାରୀ ବିଭାଗର ସାଟେଲାଇଟ ଟିମ୍‌ର ଚଢାଉ, ୨ଜଣ ଗିରଫ

**ବେତନଟୀ(ଅମୃତ ମିଡିଆ):** ଅବକାରୀ ବିଭାଗର ସାଟେଲାଇଟ ଟିମ ପକ୍ଷରୁ ଶୁକ୍ରବାର ପୃଥକସ୍ଥାନରେ ଚଢାଉ କରାଯାଇ ଚୋରା ଦେଶିମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି କଳମା ଉପକଣ୍ଠ ମେଲାଡାଙ୍ଗର ଗ୍ରାମର ଶ୍ୟାମ ହାଁସଦା ଏବଂ ମୁକ୍ତାପୁର ପଞ୍ଚାୟତ ଅଧୀନ ଛୋଟରାୟପୁର ଗ୍ରାମର ଗଣେଶ କିନ୍ତୁର ପୁଅ ମାନସ କିନ୍ତୁ (୩୦)। ସାଟେଲାଇଟ ଟିମ ଇନସ୍ପେକ୍ଟର ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଶ୍ୟାମ ହାଁସଦା ନିକଟରୁ ୫ଲିଟର ଏବଂ ମାନସ କିନ୍ତୁ ନିକଟରୁ ୩୫ଲିଟର ଚୋରା ଦେଶମଦ ଜବତ କରାଯାଇଥିଲା। ଏନେଇ ଦୁଇଟି ପୃଥକ ମାମଲା ରୁଜୁକରି ଗିରଫ ଉଭୟ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷାପରେ ବେତନଟୀ ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା। ଶ୍ୟାମକୁ ଜାମିନ ମିଳିଥିବା ବେଳେ ମାନସର ଜାମିନ ନାମଞ୍ଜୁର ହେବାରୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଚଢାଉରେ ସାଟେଲାଇଟ ଟିମ ଏଏସଆଇ ସାହାଇ ହେମ୍ବ୍ରମ, ଏଏସଆଇ ସଞ୍ଜୀବ ମୁଣ୍ଡାଙ୍କ ସମେତବରୁଣ ନାୟକ, ରାଜେଶ ସୂତାର,ଜଗବନ୍ଧୁ ବାରିକ, ମଧୁସ୍ମିତା ମହାନ୍ତ ପ୍ରମୁଖ ସାମିଲ ଥିଲେ।



# କେନ୍ଦ୍ରାପଡା ଆମ୍ ଆଦମି ପାର୍ଟିର ସାମ୍ବାଦିକ ସମ୍ମିଳନୀ




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ଆମ୍ ଆଦମି ପାର୍ଟି ପକ୍ଷରୁ ଶ୍ୟାମସୁନ୍ଦରପୁର ଗଡାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ପାର୍ଟିର ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସଭାପତି ଶ୍ରୀ ଦାସ ସାମ୍ବାଦିକମାନଙ୍କୁ କହିଥିଲେ ଯେ ଆମ୍ ଆଦମି ପାର୍ଟିର ରାଷ୍ଟ୍ରୀୟ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯିବା ସମ୍ବନ୍ଧରେ ସାଂଘାତିକ ତଥ୍ୟ ପଦାକୁ ଆସିଛି । ଏହି ତଥ୍ୟରୁ ଭାରତୀୟ ଜନତା ପାର୍ଟି ହିଁ ପ୍ରକୃତ ଅପରାଧୀ ଏବଂ ଚକ୍ରାନ୍ତ କରି ଶ୍ରୀ କେଜ୍ରିୱାଲଙ୍କୁ ଜେଲ୍ ପଠାଇଥିବା ପ୍ରମାଣିତ ହେଉଚି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡିର ଅଭିଯୋଗ ହେଉଛି ପି. ଶରଥଚନ୍ଦ୍ର ରେଡ୍ଡୀ ନାମକ ମଦ ବେପାରୀ ଶ୍ରୀ କେଜ୍ରିୱାଲଙ୍କୁ ଦିଲ୍ଲୀରେ ମଦଠିକା ପାଇବା ପାଇଁ ୧୦୦କୋଟି ଟଙ୍କା ଲା ଦେଇଛନ୍ତି । କେବଳ ତାଙ୍କର ବକ୍ତବ୍ୟ ଆଧାରରେ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି । ମାତ୍ର ସୁପ୍ରିମ କୋର୍ଟର ନିର୍ଦ୍ଦେଶ ପରେ ସାର୍ବଜନୀନ ହୋଇଥିବା ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଅତି ସାଂଘାତିକ କଥା ଜଣାପଡିଛି । ପି. ଶରଥଚନ୍ଦ୍ର ରେଡ୍ଡୀ କେବଳ ଜଣେ ମଦ ବେପାରୀ ନୁହଁନ୍ତି । ସେ ଅରବିନ୍ଦୋ ଫାର୍ମା ନାମକ ଏକ ବଡ ଔଷଧ କମ୍ପାନୀର ମାଲିକ ଅଟନ୍ତି । ତାଙ୍କର ଅନ୍ୟକିଛି କମ୍ପାନୀ ମଧ୍ୟ ଅଚି । ଶ୍ରୀ ରେଡ୍ଡୀଙ୍କୁ ଇଡି ମଦ ଘୋଟାଲାର ମୁଖ୍ୟ ପୁରୋଧା କହି ଗିରଫ କଲା । ତାଙ୍କୁ ଜେରା କଲାବେଳେ ସେ ଅରବିନ୍ଦ କେଜ୍ରିୱାଲଙ୍କୁ ଚିହ୍ନି ନାହାଁନ୍ତି ଓ କୌଣସି ଟଙ୍କା ଦେଇ ନାହାଁନ୍ତି ବୋଲି କହିଲେ । ତେଣୁ ଇଡି ତାଙ୍କ ବେଲ୍‌ର ବିରୋଦ କଲା ଏବଂ ଲମ୍ୱା ସମୟ ତାଙ୍କୁ ଜେଲ୍‌ରେ ରଖିଲା । ମାତ୍ର ବ ମାନ ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଜଣାପଡିଛି ଯେ ଶ୍ରୀ ରେଡ୍ଡୀଙ୍କୁ ଇଡି ମାଧ୍ୟମରେ ଭୟଭୀତ କରି ଭାରତୀୟ ଜନତା ପାର୍ଟି ତାଙ୍କର ବିଭିନ୍ନ କମ୍ପାନୀରୁ ପ୍ରାୟ ୫୯.୫ କୋଟି ଟଙ୍କା ଚାନ୍ଦା ନେଇଛି । ସେ ଜେଲ୍‌ରେ ଥିବାବେଳେ କିଛି ଚାନ୍ଦା ଦେଇଛନ୍ତି । ପରବ ୀ ସମୟରେ ଶ୍ରୀ କେଜ୍ରିୱାଲଙ୍କ ବିରୋଧରେ ଅଭିଯୋଗ କରିବାକୁ ରାଜି ହେବାରୁ ଇଡି ତାଙ୍କ ବେଲ୍‌କୁ ବିରୋଧ କରିନଥିଲା ଏବଂ ତାଙ୍କୁ ରାଜସାକ୍ଷୀ କରି ମାମଲାରୁ ମୁକ୍ତି ଦେଇଥିଲା । ଜେଲ୍‌ରୁ ବାହାରିବା ପରେ ସେ ପୁଣି ଭାରତୀୟ ଜନତା ପାର୍ଟିକୁ ୫୦କୋଟି ଟଙ୍କା ଚାନ୍ଦା ଦେଇଛନ୍ତି । ଏଥିରୁ ଜଣାପଡୁଛି ଯେ ଚାପ ପକାଇ, ଡରେଇ, ଧମକାଇ ଇଡି ମାଧ୍ୟମରେ ବିଜେପି କେବଳ ଚାନ୍ଦା ଆଦାୟ କରିନାହିଁ ବରଂ ଶ୍ରୀ କେଜ୍ରିୱାଲଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ବକ୍ତବ୍ୟ ମଧ୍ୟ ଆଦାୟ କରିଛି । ତେଣୁ ଆମ୍ ଆଦମି ପାର୍ଟି ବିଜେପି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି ବୋଲି ସଭାପତି ଶ୍ରୀ ଦାସ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ଉପସଭାପତି ଅପୂର୍ବ ରଞ୍ଜନ ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ପାଟକୁରା ପ୍ରଭାରୀ କୁମୁଦ ରାଉତ, ରୁଦ୍ର ବେହେରା, ସେକ୍ ସାହିଲ, ସେକ୍ ଇସ୍ମାଇଲ, ସତ୍ୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବଳଦକୁ ଧକ୍କା ଦେଇ ମଟର ସାଇକେଲ ଚୁରମାର, ଚାଳକ ଆହତ

**ବେତନଟୀ(ଅମୃତ ମିଡିଆ):** ୧୮ନଂ ଜାତୀୟରାଜପଥ ଛୁରୁଣୀଛକ ନିକଟରେ ଶୁକ୍ରବାର ଅପରାହ୍ନରେ ବଦଳଦକୁ ଧକ୍କାଦେଇ ଦୃତଗାମୀମୋଟରସାଇକେଲ ଚୁରମାର ହେବା ଘଟଣାରେ ଚାଳକ ଗୁରୁତର ଆହତ ହୋଇଛନ୍ତି ।ଗୁରୁତର ଆହତ ବାଇକଚାଳକ ଜଣକ ହେଉଛନ୍ତି ହାତୀଙ୍କୁରି ଉପକଣ୍ଠ ବଗଲପୁର-ଶାଳବଣି ଗ୍ରାମର କରାନ ମୁର୍ମୁର ପୁଅ ବିକ୍ରମ ମୁର୍ମୁ(୨୪)। ହସ୍ତଗତ ସୂଚନା ମୁତାବକ ନିଜନାମରେ ପଞ୍ଜୀକୃତ ଓଡି-୧୧ଏବି-୮୪୩୦ ନମ୍ବର ବିଶିଷ୍ଟ ମୋଟରସାଇକେଲ ନେଇ ଅତ୍ୟନ୍ତ ଦୃତଗତିରେ ବେତନଟୀ ଅଭିମୁଖେ ଆସୁଥିବା ବିକ୍ରମ ରାସ୍ତା ଅତିକ୍ରମ କରୁଥିବା ବଳଦକୁ ଧକ୍କା ଦେଇଥିଲେ । ଦୁର୍ଘଟଣାରେ ବାଇକର ସମ୍ମୁଖଭାଗ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ବିକ୍ରମ ପକ୍କାରସ୍ତାରେ କଚାଡିହୋଇ ଗୁରୁତର ଆହତ ହୋଇଥିଲେ। ଗୁରୁତର ବିକ୍ରମଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନା ନିଆଯାଇଥିବା ବେଳେ ଖବରପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମୋଟରସାଇକେଲକୁ ନିଜ ହେପାଜତକୁ ନେଇଛି। ବେତନଟୀ ଡାକ୍ତରଖାନାରେ ଗୁରୁତର ବିକ୍ରମଙ୍କ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ କାର୍ଯ୍ୟରତ ଡାକ୍ତର ନିର୍ଦ୍ଦେଶ ଦେଇଛନ୍ତି ।

# ପାରାଦୀପରେ ବ୍ୟାଟେରୀ ଚୋରି ର୍ୟାକେଟ୍ ସକ୍ରିୟ

**ପାରାଦୀପ(ଅମୃତ ମିଡିଆ):** ପାରାଦୀପ ଅଞ୍ଚଳରେ ଟ୍ରକ ରୁ ବେଟ୍ରି ଚୋରି ଘଟଣା ନିତିଦିନିଆ ହୋଇଗଲାଣି ।ଏହି ରିଆକେଟ ଏବେ ବନ୍ଦର ସହର ବ୍ୟତୀତ ନିକଟ ଅଞ୍ଚଳ ରେ ମଧ୍ୟ ଜୋର ଧରିଛି ।ଅଭିଯୋଗ କାରୀ ଥାନାରେ ଏ ସମ୍ପର୍କରେ ଅଭିଯୋଗ କରୁଥିଲେ ମଧ୍ୟ ଚୋର ର ଟେର ପାଉନି ପୋଲିସ ।ଫଳରେ କେବଳ ମନ ବୁଝାଇବାକୁ ଥାନାରେ ହେଉଛି ଅଭିଯୋଗ। ବେଟ୍ରି ଚୋର ଗ୍ୟାଙ୍ଗ ଟ୍ରକ ରୁ ବେଟ୍ରି ଚୋରି କରି ଅଧା ଦାମରେ ଏହି ପାରାଦୀପ ଅଞ୍ଚଳରେ ଥିବା ବେଟ୍ରି ଦୋକାନ ଗୁଡିକରେ ବିକ୍ରି କରିଦେଉଛନ୍ତି ।ଏଭଳି ଏକ ବେଟ୍ରି ଚୋରି ଘଟଣା ଗତକାଲି ବିଳମ୍ବିତ ରାତିରେ ହୋଇଥିବା ନେଇ ଆଜି ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ହାଇୱା ମାଲିକ ବାବୁଲି ଦାସ ।ସୂଚନା ଅନୁଯାୟୀ ଗତକାଲି ରାତିରେ ଇଫକୋ ଗେଟ ନିକଟରେ ଥୁଆ ହୋଇଥିବା ତାଙ୍କ ଗାଡିରୁ ଦୁଇ ଦୁର୍ବୃର୍ତ୍ତ ବାଇକ ରେ ଆସି ଦୁଇ ବେଟ୍ରି ଚୋରି କରି ନେଇଥିବା ସିସିଟିଭି ଫୁଟରେଜ ରେ କଏଦ ହୋଇ ରହିଥିବା ସେ ଦେଖିବାକୁ ପାଇଥିଲେ ।ଏ ସମ୍ପର୍କରେ ଅଭିଯୋଗ କରିବା ପରେ ପାରାଦୀପ ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବାପୁଜୀ ଯୁବକ ସଂଘର ବାର୍ଷିକ ଉତ୍ସବ ଓ ଦୋଳ ମହୋତ୍ସବ



**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ରାମକୃଷ୍ଣପୁର ମେଲଣ ପଡ଼ିଆ ଠାରେ ବାପୁଜୀ ଯୁବକ ସଂଘ ଓ ଏଭରଗ୍ରୀନ ପାଠାଗାରର ୪୨ତମ ବାର୍ଷିକ ଉତ୍ସବ ଏବଂ ୧୦୮ ବର୍ଷର ଦୋଳ ମେଲଣ ଧୁମଧାମରେ ଅନୁଷ୍ଠିତ ହୋଇଛି। ଯୁବକ ସଂଘ ପକ୍ଷରୁ ଏ ଅ ଳର ଶିକ୍ଷା,ସଂସ୍କୃତି ,ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧାରୀ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସନ୍ଦୀପ କୁମାର ମଲିଙ୍କ ପୌରହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ସମ୍ମାନୀତି ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧକ୍ଷା ସବିତା ଓଝା,। ସରପ ଭାରତୀ ସ୍ୱାଇଁ, ସମିତିସଭ୍ୟ ନର୍ମଦା ରାଉତ , ପୂର୍ବତନ ସରପ ମନୋରଂଜନ ସ୍ୱାଇଁ, ଶିକ୍ଷାବିତ୍ ଆଲୋକ ପ୍ରଧାନ ପ୍ରମୁଖ ଯୋଗ ଦେଇ ଦୋଳ ପର୍ବର ସଂସ୍କୃତି ଓ ପରମ୍ପରାରେ ଭାଇଚାରା ଭାବ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ । ସଂଘର ସମ୍ପାଦକ ଆଶୁତୋଷ ଓଝା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲାବେଳେ ଉଲ୍ଲାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ଥାନରୁ ୨୦ଗୋଟି ବିମାନ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ମେଲଣ ପଡ଼ିଆରେ ପହ ିଥିଲେ । ସୁନାମଧନ୍ୟ କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍ଦାର ଓ ତାଙ୍କ ଦଳ ମେଲୋଡ଼ୀ ପରିବେଷଣ କରିଥିଲେ । ମନୋଜ ପ୍ରଧାନଙ୍କ ସମେତ ସଂଘର ସମସ୍ତ କର୍ମକ ୀ ଓ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଦୋଳ ପର୍ବରେ ଲଉଡ଼ି ଖେଳ ଦ୍ୱାରା ପ୍ରତ୍ୟେକ ଗୋପାଳ ପରିବାର ଉତ୍ସବମୁଖର



**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ପବିତ୍ର ଦୋଳ ପର୍ବରେ ପ୍ରତ୍ୟେକ ଗୋପାଳ ପରିବାର ଉତ୍ସବମୁଖର ହୋଇ ଉଠେ । ଏହି ପର୍ବରେ ଗୋପାଳମାନେ ଆଧ୍ୟାତ୍ମିକ ଭାବନାରେ ଶ୍ରୀ ରାଧାଗୋବିନ୍ଦଙ୍କ ପାଦପଦ୍ମରେ ନିଜ ନିଜକୁ ସମର୍ପି ଦେଇଥାନ୍ତି । ପୌରାଣିକ ମତରେ ଦ୍ୱାପର ଯୁଗରେ ରାଧାକୃଷ୍ଣଙ୍କର ନୀଳାଖେଳାକୁ ପାଥେୟ କରି ଏହି ସମ୍ପ୍ରଦାୟର ଲୋକମାନେ ଓଗାଳ ଗାନ କରି ଲଉଡ଼ି ନୃତ୍ୟ ପ୍ରତି ଗୁରୁତ୍ୱ ଦେଇଥାନ୍ତି । ଯେଉଁ ଓଗାଳ ଓ ଲଉଡ଼ି ସଂଗୀତକୁ ପ ସଖାର ଶ୍ରେଷ୍ଠ ସାଧକ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ ରଚନା କରିଥିଲେ । ତାହାକୁ ସମଗ୍ର ଓଡ଼ିଶାର ଗୋପାଳ ସମାଜ ଦୋଳ ପର୍ବରେ ଗାନ କରିଥାନ୍ତି । ଏହି ଓଗାଳ ଗାନ କରି ବାଡ଼ିରେ ବାଡ଼ିକୁ ବାଡ଼େଇ ଯେଉଁ ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଏ ତାହା ଲଉଡ଼ି ନୃତ୍ୟ ଭାବେ ପରିଚିତ । ଲଉଡ଼ି ନୃତ୍ୟ ପରିବେଷଣ କରୁଥିବା କଳାକାର ମାନଙ୍କର ସଂଗୀତ ଗାନ ଓ ବାଡ଼ିରେ ବାଡ଼ି ବାଡ଼େଇ ନୃତ୍ୟ କରିବା ଶୈଳୀ ସ୍ୱତନ୍ତ୍ର ନିଆରା । ସାଧାରଣତଃ ଏହି କଳାକାରମାନେ ପି ବସ୍ତ୍ର ପରିଧାନ କରିବା ସହ ଅ ।ରେ ଘାଗୁଡ଼ି, ପାଦରେ ନୁକୁର,ବାହୁ ମଣିବନ୍ଧ ଓ ଗ୍ରୀବାରେ ଅଳଙ୍କାର ପ୍ରତୀକ ବାଜୁ ଧାରଣ କରିଥାନ୍ତି । କପାଳରେ ଚିତା ଓ ମୁଣ୍ଡରେ ପଗଡ଼ି ଧାରଣ କରି ସେଥିରେ ମୟୁର ଚନ୍ଦ୍ରିକା ଲଗାଇଥାନ୍ତି । ଲଉଡ଼ି ନୃତ୍ୟ ସମୟରେ ମୁଖ୍ୟତଃ ରାଧାକୃଷ୍ଣଙ୍କ ବିବିଧ ଲୀଳା ସମେତ ବହୁ ପୌରାଣିକ ତ ୍ୱମୂଳକ ଓ ସାମାଜିକ ବିଭବରେ ପରିପୂର୍ଣ୍ଣ ଲଉଡ଼ି ଗୀତ ବୋଲାଯାଏ । ପରିବେଷଣ ଦୃଷ୍ଟିରୁ ଲଉଡ଼ି ନୃତ୍ୟକୁ ଭିନ୍ନ ଭିନ୍ନ ଭାବରେ ନାମିତ କରାଯାଇଥାଏ । ଯଥା କାଠି ଲଉଡ଼ି, ଠେଲାପେଲା ଲଉଡ଼ି, ମଣ୍ଡଳାକୂ ୀ ଲଉଡ଼ି, ଜାତୁଆ ଲଉଡ଼ି, ପଥପ୍ରାନ୍ତ ଲଉଡ଼ି, ଢୋଲ ଲଉଡ଼ି ଓ ବନଟି ଲଉଡ଼ି ପ୍ରଭୃତିକୁ କଳାକାର ମାନେ ବିଭିନ୍ନ ଢଙ୍ଗରେ ପରିବେଷଣ କରିଥାନ୍ତି । ଏହି ଦୋଳ ପର୍ବରେ ବିଭିନ୍ନ ସ୍ଥାନରେ ଲଉଡ଼ି ନୃତ୍ୟ ସଂଗୀତର ପ୍ରତିଯୋଗିତା ମଧ୍ୟ ହୋଇଥାଏ । ଗୋଟିଏ ଦଳ ଓଗାଳ ଗାନ ସମୟରେ ଅନ୍ୟ ଦଳକୁ ଆଧ୍ୟାତ୍ମିକ ତ ୍ୱଧର୍ମୀ ପ୍ରଶ୍ନ କରିଥାଏ । ଏବଂ ଅନ୍ୟ ଦଳ ତା'ର ଉ ର ରଖିଥାନ୍ତି । ସଂପ୍ରତି ଲଉଡ଼ି ନୃତ୍ୟର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରା ଓ ଆଧ୍ୟାତ୍ମିକ ପରିବେଶରେ ଲଉଡ଼ି ନୃତ୍ୟ ପରିବେଷଣ କରାଯାଉଛି । ରାଜ୍ୟର କୋଣ ଅନୁକୋଣରେ ବସବାସ କରୁଥିବା ଗୋପାଳ ସମାଜର ଲୋକମାନେ ଲଉଡ଼ି ନୃତ୍ୟ ପରିବେଷଣ ପାଇଁ ଗୋଟିଏ ଲେଖାଏଁ ଦଳ ଗଠନ କରିଛନ୍ତି । ଏବେ ଲଉଡ଼ି ନୃତ୍ୟକୁ ଲୋକନୃତ୍ୟ ଭାବେ ପରିଗଣିତ କରାଯାଉଛି । ଲଉଡ଼ି ନୃତ୍ୟର ଇତିହାସରେ ଅତ୍ୟନ୍ତ ଚମ୍‌କାରିତା ରହିଛି । ଯେତେବେଳେ ଜନଜଗତରେ କୌଣସି ବାଦ୍ୟ ଯନ୍ତ୍ର ନଥିଲା । ସେହି ସମୟରେ ଗୋପାଳମାନେ ଗୋଚାରଣ କାଳରେ ସେମାନଙ୍କୁ ଆକଟ କରିବା ପାଇଁ କିମ୍ବା ହିଂସ୍ର ବନ୍ୟ ଜନ୍ତୁର ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସାଙ୍ଗରେ ନେଇଥିବା ବାଡ଼ିକୁ ଅନ୍ୟ ଜଣକ ବାଡ଼ିରେ ବାଡ଼େଇବା ଫଳରେ ଯେଉଁ ନାଦ ବ୍ରହ୍ମ ସୃଷ୍ଟି ହେଉଥିଲା ତହିଁରୁ ସେମାନେ ତାଳ ବା ଲୟର ପରିକଳ୍ପନା କରିଥିଲେ । ପରବ ୀ ସମୟରେ ତାହାକୁ ଏକ ନିର୍ଦ୍ଦିଷ୍ଟ ତାଳ ଓ ଛନ୍ଦ ରୂପେ ଗ୍ରହଣ କରାଯାଇ ଲଉଡ଼ି ନୃତ୍ୟର ଆର୍ବିଭାବ କରାଯାଇଥିଲା । ପ୍ରାଚୀନତା ଯାହା ହେଉନା କାହିଁକି ଏହି ଲଉଡ଼ି ନୃତ୍ୟ ଅତ୍ୟନ୍ତ ମନ ମୁଗ୍ଧକର ହୋଇପାରିଛି । ଏହାକୁ ଅଧିକ ଲୋକାଭିମୁଖୀ ଓ ମନୋରଂଜନ ଧର୍ମୀ କରିବା ପାଇଁ ସ୍ଥଳ ବିଶେଷରେ ଏଥିରେ ଆଧୁନିକ ବାଦ୍ୟ ଯନ୍ତ୍ରର ମଧ୍ୟ ବ୍ୟବହାର କରାଯାଉଥିବା ପରିଲକ୍ଷିତ ହେଉଛି । ଗୋପାଳ ପରିବାର କେବଳ ଓଗାଳ ଓ ଲଉଡ଼ି ନୃତ୍ୟ ପ୍ରତି ଏହି ପର୍ବରେ ଅଧିକ ଗୁରୁତ୍ୱ ଦେଇଥାନ୍ତି ତାହା ନୁହେଁ ଏହି ଦୋଳ ପୂର୍ଣ୍ଣିମା ପୂର୍ବ ଦିନଟିକୁ ଗାଈ ଗାଧୁଆ ଭାବେ ଗ୍ରହଣ କରି ଗୃହପାଳିତ ଗାଈ,ବାଛୁରୀ ଓ ମଇଁଷି ଆଦିକୁ ଯଥାରୀତି ସ୍ନାନ କରାଇ ପୂଜାର୍ଚ୍ଚନା କରିଥାନ୍ତି । ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଗୋପାଳ ପରିବାରର କଳସ ବୁଡ଼ା କାର୍ଯ୍ୟକ୍ରମ ହେବା ସହିତ ଘରେ ଘରେ ବିଭିନ୍ନ ପ୍ରକାର ପିଠାପଣାର ଆୟୋଜନ କରାଯାଇଥାଏ । ଏହି ପର୍ବରେ ପ୍ରତ୍ୟେକ ଘରେ ଉତ୍ସବ ମୁଖର ପାଲଟିଥାଏ ।

# ପ୍ରାକ୍ତନ ସରପଂଚ ଶାଶୁଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ଫଗୋଲ ପ ।ୟତର ପୂର୍ବତନ ସରପ ସ୍ୱର୍ଣ୍ଣଲତା ପୃଷ୍ଟିଙ୍କ ଶାଶୁ ତଥା ଧର୍ମପ୍ରାଣା ମହିଳା ଚ ଳା ପୃଷ୍ଟି (୭୫)ଙ୍କ ଏକ ଘରୋଇ ଡ଼ାକ୍ତରଖାନାରେ ହୃଦଘାତଜନିତ ପରଲୋକ ହୋଇଛି । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଅଜୟ କୁମାର ପୃଷ୍ଟି,ରଂଜନ ପୃଷ୍ଟି,ହିମାଂଶୁଶେଖର ପୃଷ୍ଟି ,କନ୍ୟା ଲକ୍ଷ୍ମୀପ୍ରିୟା ସାହୁ ଉପସ୍ଥିତ ଥିଲେ । ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ମର ଶରୀରକୁ ପାଇକରାପୁର ସ୍ଥିତ ବାସଭବନକୁ ଅଣାଯାଇଥିଲା । ମୃତ୍ୟୁ ଖବର ପାଇ ଛତରକ । ବ୍ୟବସାୟୀ ସଂଘର କର୍ମକ ୀ, ସ୍ଥାନୀୟ ସରପ , ସମିତିସଭ୍ୟ ଓ ବହୁ ନେତୃବୃନ୍ଦ ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । କନିଷ୍ଠ ପୁତ୍ର ହିମାଂଶୁ ଶେଖର ପୃଷ୍ଟି ମୁଖାଗ୍ନି ଦେଇଥିଲେ । ଖବର ପାଇ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଆସନ୍ତା ନିର୍ବାଚନରେ ନକଲି ଅନୁସୂଚିତ ଜାତି କେଉଟ, କୈବ ଓ ଧୀବରମାନଙ୍କୁ ସଂରକ୍ଷଣ ଆସନରୁ ପ୍ରାର୍ଥୀ କରାନଯାଉ

**ଭୁବନେଶ୍ୱର(ବ୍ୟୁରୋ):** ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ତରଫରୁ ଇଂ ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ରବିବାର ଦିନ ଭୁବନେଶ୍ୱର କେଶରୀ ହୋଟେଲଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସବର୍ଣ୍ଣ, କେଉଟ, କୈବ ଓ ଧୀବର ଜାତିମାନେ ଅନ୍ୟାୟ ଉପାୟରେ ଓଡ଼ିଶା ଅନୁସୂଚିତ ଜାତି ତାଲିକାରେ ପଶିଆସି ସେମାନେ ଅସଲି ଦଳିତଙ୍କ ସିଂହଭାଗ ସୁବିଧା ହଡ଼ପ କରି ନେଉଛଁ । ଏମାନଙ୍କୁ ଓଡ଼ିଶା ଅନୁସୂଚିତ ଜାତି ତାଲିକାରୁ ହଟାଇବା ନିମି ଓଡ଼ିଶା ସରକାର ପ୍ରସ୍ତାବ ଦେବା ସହିତ ଆସ'। ସାଧାରଣ ନିର୍ବାଚନରେ ଏମାନଙ୍କୁ ସଂରକ୍ଷିତ ଆସନରୁ ପ୍ରାର୍ଥୀ କରାନଯିବା ନିମି ଦାବି କରାଯାଇଅଛି । ଓଡ଼ିଶା ସରକାର ଅନୁସୂଚିତ ଜାତି ତାଲିକାରେ ସ୍ଥାନିତ ହେବା ପାଇଁ ଅଯୋଗ୍ୟ କାଡି, ନିଆରି, ଘଣି ଇତ୍ୟାଦି ସବର୍ଣ୍ଣ ଜାତିକୁ ସୁପାରିଶ କରିଥିବାରୁ ତାହାକୁ ପ୍ରତ୍ୟାହାର କରିବା ଓ ସଂରକ୍ଷଣ ପାଇବାକୁ ହକଦାର ଥିବା ମେହେନ୍ତର, କଣ୍ଡରା ବୈଷ୍ଣବ, ପାଣ ବୈଷ୍ଣବ ଓ ବାଉରୀ ବୈଷ୍ଣବ ଇତ୍ୟାଦି ଦଳିତ ବୈଷ୍ଣବ ଜାତିକୁ ସ୍ଥାନିତ କରିବା ନିମି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଆସ'। ସାଧାରଣ ନର୍ବାଚନରେ ଏହି ଅନୁସୂଚିତ ଜାତି କେଉଟ, କୈବ , ଧୀବରମାନଙ୍କୁ ଯଦି ସଂରକ୍ଷଣ ଆସନରେ ପ୍ରାର୍ଥୀ କରାଯାଏ, ତେବେ ତାହାକୁ ଦୃଢ ବିରୋଧ କରିବା ସହିତ ତାଙ୍କୁ ଭୋଟ ନ ଦେବାକୁ ସାଧାରଣରେ ଅନୁରୋଧ କରାଯାଇଛି। ଏତଦ୍‌ବ୍ୟତୀତ ସରକାର ଆମ୍ବେଦକର ଛକ (ଏଜି ଛକ)ଠାରେ ଆମ୍ବେଦକର ଭବନ ନିର୍ମାଣ କରିବା ନିମି ଦାବି କରାଯାଇ ଆସୁଅଛି ଓ ଭୁବନେଶ୍ୱରରେ ଥିବା ଆମ୍ବେଦକର କଲେଜକୁ ପୂର୍ଣ୍ଣାଙ୍ଗ ଡିଗ୍ରୀ ସରକାରୀ କଲେଜରେ ପରିଣତ କରିବା ପାଇଁ ଅନୁରୋଧ କରାଯାଇଛି। ଏହିସବୁ ଦାବି ସରକାର ବିଚାରକୁ ନନେଲେ ଆଗାମୀ ଦିନରେ ଓଡ଼ିଶାର ୮୦ ଲକ୍ଷ ଦଳିତ ଓ ୧ କୋଟି ଆଦିବାସୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ, ଏଥିପାଇଁ ସରକାର ଦାୟୀ ରହିବେ। ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ସମିତିର ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସାଧାରଣ ସମ୍ପାଦକ ସୁନାକର ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାର ହରିଶ ବେହେରା, ସମାଜସେବୀ ଗୋପାଳ ଗୌତମ, ଅମିୟ ସେଠୀ, କଳ୍ପତରୁ ମଲ୍ଲିକ, ରବି ସେଠୀ, ମାନଗୋବିନ୍ଦ ସେଠୀ, ହରିହର ସେଠୀ, ସୁରେଶ ନାଏକ ଓ ପ୍ରକାଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଏପ୍ରିଲ ୧୪ରୁ ବାରିପଦାରେ ବଳାଙ୍ଗୀ ମହୋତ୍ସବ

**ବାରିପଦା(ଅମୃତ ମିଡିଆ) :**ମୟୁରଭଞ୍ଜ ଜିଲ୍ଲା ରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନ ର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଚାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣ ପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୨ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୪ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ । ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୭ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚେୟାରପର୍ସନ ଅରବିନ୍ଦ ଦାସ, ଉପଦେଷ୍ଟା ଡ଼. ବିଜୟ କୁମାର ଅଗ୍ରୱାଲ, କମଳେନ୍ଦୁ ଲାଲ ମହାନ୍ତ, ସରୋଜ କୁମାର ଖୁଣ୍ଟିଆ, ରଜତ କୁମାର ପଣ୍ଡା, ଦୀପକ ପାତ୍ର, ଅସୀମା ସାହୁ, ଦୀପକ ଦଣ୍ଡପାଟ, ଅଶୋକ କୁମାର ପଲେଇ, ବଳରାମ ବେହେରା, ଇନ୍ଦୁମତି ମହାନ୍ତି, ଡ଼. ଶଶୀ ଧର ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଉଦୟ ନାଥ ଜେନା, ପିତାମ୍ବର ମଲ୍ଲିକ, ଗୋପାଳ ସାଓ, ମିଥୁନ ବାରିକ, ସନତ କୁମାର ବାରିକ, ଗୋଲୋକ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ନିକଟ ଅତୀତରେ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାବାସୀ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଚଳିତ ବର୍ଷ ମେଳା କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ ହେବ, ସେବାବଦରେ ମତାମତ ରଖିଥିଲେ । ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥାନିତ କରାଯିବା ସହ ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି. ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗଦେଇଥିଲେ ।

# ହରିଦ୍ୱାରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଭୁବନେଶ୍ୱରରେ ରୁଦ୍ରାଭିଷେକ














₹ 5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.





# ପାନୀୟ ଜଳ ସମସ୍ୟାରେ ଜିଲ୍ଲାବାସୀ ଅସ୍ତବ୍ୟସ୍ତ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଖରାର ପ୍ରକୋପ ବଢୁଛି। ଅସହ୍ୟ ଖରାତାତି ସହ ପାନୀୟ ଜଳ ସମସ୍ୟା କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ନିକଟରେ ପ୍ରତ୍ୟେହ ଅଭିଯୋଗର ସଂଖ୍ୟା ବଢୁଛି। ଅପରପକ୍ଷେ ଜିଲାରେ ଏବେ ଏକ ନୂଆ ସମସ୍ୟା ଜଣ୍ଡିସ ରୋଗ ରୂପରେ ଆସିଛି। ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଏପରି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପାନୀୟ ଜଳ ସମସ୍ୟାରେ ଏହି ରୋଗ ବଢୁଥିବା ଜିଲାରେ ଏବେ ଆଲୋଚନା ହେଉଛି। ଭୁଗର୍ଭ ଜଳ ସଙ୍କଟରେ ଥିବା ଏହି ଜିଲାରେ ପାଉଚ, ବୋତଲ, ଲସି, ଆଇସକ୍ରୀମ ଆଦି ଶୋଷ ମେଣ୍ଟାଉ ଥିବା ବେଳେ ଏହାର ମୂଳ ଭିତ୍ତିଭୂମି ପାଣିର ନମୁନା ସଂଗ୍ରହ ହେଉନାହିଁ। ଯାହା ଏବେ ଜିଲାବାସୀଙ୍କ ଚିନ୍ତାର କାରଣ ସାଜିଛି। ଏ ସଂକ୍ରାନ୍ତରେ ମହାକାଳପଡ଼ାର ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଖରାଦିନ ଆରମ୍ଭରୁ ଜିଲାର ଉପାନ୍ତ ଅଞ୍ଚଳରେ ଜଣ୍ଡିସ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୩ ବର୍ଷ ମଧ୍ୟରେ ଏହି ରୋଗରେ ଜିଲାର ୧୪ ଲୋକଙ୍କ ମୃତ୍ୟୁ ହୋଇଛି। ଜଣ୍ଡିସ ପାଇଁ ଅନ୍ୟ କାରଣ ଥିଲେ ମଧ୍ୟ ଅସ୍ୱାସ୍ଥ୍ୟକର ପାନୀୟ ଜଳ ଏହାକୁ ଅଧିକ ଜଟିଳ କରିଛି। ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ରାଜକନିକା, ରାଜନଗର, ଆଳି, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଭୂଗର୍ଭ ଜଳ ଲୁଣିଆ। ଏଥି ସହିତ ଅନ୍ୟ ୪ ବ୍ଲକ ଅଞ୍ଚଳରେ ଭୂଗର୍ଭ ଜଳ ସଙ୍କଟ ଥିବା ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ସର୍ଭେ ହୋଇଛି। ନଦୀଜଳକୁ ପାନୀୟ ଜଳ ଭାବେ ବ୍ୟବହାର ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ କାଗଜପତ୍ରରେ ସୀମିତ ରହିଛି। ସମୟ ଅବଧି ସରିଥିଲେ ମଧ୍ୟ ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ଉପଯୋଗୀ ହୋଇନାହିଁ। ଫଳରେ ସାଧାରଣ ଲୋକ ଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇ ବିଭିନ୍ନ ରୋଗରେ ପଡୁଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳିସ୍ଥିତ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ କୁମାର ବେହେରା କହିଛନ୍ତି, ଅଧିକାଂଶ ନଳକୂପ ଅଚଳ। ଶୋଷ ମେଣ୍ଟାଇବା ପାଇଁ ଗ୍ରାମାଞ୍ଚଳରେ ପାଉଚ ଓ ବୋତଲ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ତେବେ ଏହି ପାଣି କେବେ ସୁଦ୍ଧା ବ୍ୟବହାର କରିହେବ, ସେଥିନେଇ କୌଣସି ସୂଚନା ନାହିଁ। ବିଭିନ୍ନ ସ୍ଥାନରେ ନକଲି ପାଣି ପାଉଚ ଓ ବୋତଲ ଫ୍ୟାକ୍ଟ୍ରି ବ୍ୟବସାୟ ଲମ୍ବି ଚାଲିଛି। ସେହିପରି ଖରାଦିନେ ଆଇସ୍ ?କ୍ରିମ, ଲସି, ଫଳରସ ଆଦିର ଚାହିଦା ବଢ଼ିଛି। କାରଖାନାରେ ବରଫ ପାଇଁ ବ୍ୟବହାର ହେଉଥିବା ପାଣିର ନମୁନା ଜିଲା ପ୍ରଶାସନର ଅଧିକାରୀ ସଂଗ୍ରହ କରି ପରୀକ୍ଷା କରିବା ନଜିର ନାହିଁ। ଏପରି ପାଣି ପିଇବା ପରେ ଜଣ୍ଡିସ ରୋଗ ବଢୁଥିବା ସେ ଆଶଙ୍କା ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ବିରେନ କୁମାର ଦାସ କହିଛନ୍ତି, ଗତ ଦୁଇବର୍ଷ ପୂର୍ବେ ପାଣିରେ ଇକୋଲି ଥିବା ପରୀକ୍ଷା ପରେ ଜଣା ପଡିଥିଲା। ସେହିପରି ପଡୋଶୀ ଜିଲାର ଶିଳ୍ପ ବର୍ଜବସ୍ତୁ ଜିଲାରେ ପ୍ରବାହିତ ନଦୀ ନାଳରେ ମିଶୁଥିବାରୁ ଜଳ ଏହା ରୋଗବାହକ ହୋଇଛି। ଏହାବ୍ୟତୀତ ଉନ୍ନୟନ କାର୍ଯ୍ୟ ସମୟରେ ଗଛକଟା ହେଉଥିଲେ ମଧ୍ୟ ଏହାର ପରିପୂରକ ଗଛ ଲଗାଯାଉନାହିଁ। ଖରାରେ ଅତିଷ୍ଠ ଲୋକ ପାଣି ପାଇଁ ଏବେ ଗରଳ ପିଇବାକୁ ବାଧ୍ୟ ହେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଖରାଦିନେ ପାଣି ବ୍ୟବସ୍ଥା କରୁଥିଲେ ମଧ୍ୟ ତାହା ମାଠିଆ, ବ୍ୟାନର ଓ ଟଙ୍କା ଖର୍ଚ୍ଚରେ ସୀମିତ ରହୁଛି। ଜଳସଙ୍କଟ ଥିବା ଏହି ଜିଲାର ପାନୀୟ ଜଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନକୁ ନିବେଦନ କରାଯାଇଛି। ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ଖରାରୁ ରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି।

# ରକ୍ତହୀନତାର ଶିକାର ହେଉଛନ୍ତି ଗର୍ଭବତୀ



**କୋରାପୁଟ(ଅମୃତ ମିଡିଆ):** କୋରାପୁଟ ଜିଲ୍ଲାରେ ମହିଳା ଓ ଶିଶୁମାନେ ରକ୍ତହୀନତାରେ ଶିକାର ହେଉଛନ୍ତି। ବିଶେଷ କରି ଏଥିରେ ଗର୍ଭବତୀମାନଙ୍କ ସଂଖ୍ୟା ଅଧିକ। ମିଳିଥିବା ସୂଚନା ଅନୁଯାୟୀ ଜୟପୁର ରକ୍ତଭଣ୍ଡାରରୁ ପ୍ରତିଦିନ ୨୫ରୁ ୩୦ ୟୁନିଟ୍ ରକ୍ତ ଆବଶ୍ୟକ ପଡିଥାଏ। ସେଥି ମଧ୍ୟରୁ ରକ୍ତହୀନତାରେ ଶିକାର ହୋଇଥିବା ପ୍ରାୟ ୯୦ ପ୍ରତିଶତ ମହିଳା ଓ ଶିଶୁଙ୍କୁ ରକ୍ତର ଆବଶ୍ୟକ ହୋଇଥାଏ। ମହିଳାଙ୍କ ମଧ୍ୟରୁ ରକ୍ତହୀନତାରେ ଶିକାର ଗର୍ଭବତୀଙ୍କ ସଂଖ୍ୟା ପ୍ରାୟ ୫୫ ପ୍ରତିଶତ। ଏହି ସ୍ଥିତିରେ ଏଠାରେ ନିରାପଦ ମାତୃତ୍ୱ ଯୋଜନା ବି ଫେଲ୍ ମାରିଛି। ଜୟପୁର ରକ୍ତଭଣ୍ଡାର ଉପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଘରୋଇ ଉଷା ହସ୍ପିଟାଲ ବି ନିର୍ଭର। କୋରାପୁଟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର ଆସିବା ପରେ ଜିଲ୍ଲାର କୋଣ ଅନୁକୋଣର ଗର୍ଭବତୀ ମା'ଙ୍କ ସହ ବିଭିନ୍ନ ରୋଗୀଙ୍କୁ ଚିକିତ୍ସା ପାଇଁ ଏଠାକୁ ଅଣାଯାଉଛି। ସେଭଳି ପ୍ରସବ ପାଇଁ ଆସୁଥିବା ବହୁ ଗର୍ଭବତୀଙ୍କ ହି ?ମୋଗ୍ଲୋବିନ୍ ୨ରୁ ୬ଗ୍ରାମ/ଡିଏଲ୍ ରହୁଛି। ଜୟପୁର ରକ୍ତଭଣ୍ଡାରରେ ବର୍ଷକ ମଧ୍ୟରେ ୬୪୭୪ୟୁନିଟ୍ ସଂଗ୍ରହ କରାଯାଇଥିଲା। ୩୪ଟି କ୍ୟାମ୍ପ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆୟୋଜନ କରି ଏଥିରୁ ୨୬୩୨ୟୁନିଟ୍ ସଂଗ୍ରହ କରିଥିଲେ। ଏଥିରୁ ୬୩୮୪ୟୁନିଟ୍ ରକ୍ତ ଦିଆଯାଇଛି। ସେଥିରୁ ସର୍ବାଧିକ ୨୨୭୬ୟୁନିଟ୍ କେବଳ ଗର୍ଭବତୀ ମା' ଓ ପ୍ରସୁତି ମା'ଙ୍କୁ ଦିଆଯାଇଛି। ସିକିଲିନ୍ ରୋଗୀଙ୍କୁ ୭୦୦ୟୁନିଟ୍ ଓ ଥାଲେସେମିଆ ରୋଗୀଙ୍କୁ ୪୦୦ୟୁନିଟ୍ ଯୋଗାଇ ଦିଆଯାଇଥିବା ଜୟପୁର ରକ୍ତଭଣ୍ଡାରରୁ ସୂଚନା ମିଳିଛି। ସାଧାରଣତଃ ସୁସ୍ଥ ମହିଳାଙ୍କ କ୍ଷେତ୍ରରେ ଶରୀରରେ ହିମୋଗ୍ଲୋବିନ୍ ୧୧.୫ ଗ୍ରାମ /ଡିଏଲ୍ ଏବଂ ପୁରୁଷଙ୍କ କ୍ଷେତ୍ରରେ ୧୨ ଗ୍ରାମ /ଡିଏଲ୍ ରହିବାକୁ ପଡ଼ିଥାଏ। ଡାକ୍ତରଖାନାରେ ରକ୍ତ ଆବଶ୍ୟକ ପଡୁଥିବା ମହିଳାଙ୍କ କ୍ଷେତ୍ରରେ ୨ଗ୍ରାମ/ଡିଏଲ୍ରୁ ୪ଗ୍ରାମ/ଡିଏଲ୍ ହି ?ମୋଗ୍ଲୋବିନ୍ ଥିବା ଗର୍ଭବତୀ ମଧ୍ୟ ପ୍ରସବ ପାଇଁ ଚିକିତ୍ସାଳୟକୁ ଆସିଥିବା ନଜିର ରହିଛି। ତେବେ କୋରାପୁଟ ଜିଲ୍ଲାରେ ତଥା ଖାସ୍ କରି ଜୟପୁର ଉପଖଣ୍ଡରେ ଆବଶ୍ୟକ ଅନୁଯାୟୀ ଶିବିର ଆୟୋଜନ ହୋଇପାରୁ ନଥିବାରୁ ସବୁ ଦିନ ରକ୍ତ ଅଭାବ ଦେଖାଦେଇଥାଏ। ତେଣୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ଆସିଥିବା ଗର୍ଭବତୀଙ୍କ ପରିବାରକୁ ରକ୍ତ ଯୋଗାଡ଼ ପାଇଁ ନୟାନ୍ତ ହେବାକୁ ପଡୁଛି। ପୁଷ୍ଟିକର ଖାଦ୍ୟ ଅଭାବ ଓ ଥାଲେସିମିଆ ରୋଗରେ ଆକ୍ରାନ୍ତ ହେବା ପରେ ରକ୍ତହୀନତାରେ ଶିକାର ହୋଇ ରୋଗୀ ରକ୍ତ ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ପୁଷ୍ଟିହୀନତାକୁ ଦୂର କରିବା ପାଇଁ ଗତ ବର୍ଷ ପ୍ରଶାସନ ପକ୍ଷରୁ ମନରେଗା ଓଜୀବିକା ମିଶନରେ ପୁଷ୍ଟିକର ବଗିଚା ନିର୍ମାଣ କରାଯାଇଥିଲା। ଗ୍ରାମରେ ରହୁଥିବା ପ୍ରତି ପରିବାର ଘର ବାରିରେ ପୁଷ୍ଟିକର ଖାଦ୍ୟ ଯୋଗାଇବା ଭଳି ଚାରା ରୋପଣ କରି ସେହି ଖାଦ୍ୟ ଖାଇବା ପାଇଁ ଏହି ପୁଷ୍ଟିକର ବଗିଚା ଯୋଜନାର ଲକ୍ଷ୍ୟ ରହିଥିଲା। ତେବେ ଏହି ଯୋଜନା ବର୍ତ୍ତମାନ ବନ୍ଦ ହୋଇ ରହିଛି।

# ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ମାରାଥନ ଚଢ଼ଉ



**ବାଲେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱର ସହର ନିକଟସ୍ଥ ପୁରୁଣା ବାଲେଶ୍ୱର ଓ ବସ୍ତା ଥାନା ଅଧୀନ ଗାନ୍ଧି ଛକ ଦେଶୀ ମଦ କାରବାରର ହବ୍ ପାଲଟିଛି। ପୁରୁଣାବାଲେଶ୍ୱରରୁ ଜିଲାର ବିଭିନ୍ନ ସ୍ଥାନ ସମେତ ଭଦ୍ରକ ଓ ଯାଜପୁର ଜିଲା ଏବଂ ଗାନ୍ଧି ଛକରୁ ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ସମେତ ମୟୂରଭଞ୍ଜ ଜିଲାକୁ ବିପୁଳ ପରିମାଣର ଦେଶୀ ମଦ ଚୋରା ଚାଲାଣ ହେଉଛି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ଅବକାରୀ ବିଭାଗ ପକ୍ଷରୁ ମାରାଥନ ଚଢାଉ ଆରମ୍ଭ ହୋଇଛି। ଦେଶୀ ମଦ ପିଇ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ସେମାନଙ୍କ ପରିବାର ନଷ୍ଟ ହୋଇଯାଉଛି। ଏହାକୁ ରୋକିବା ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ମଦ ବ୍ୟବସାୟ ବନ୍ଦ ପାଇଁ ଆନ୍ଦୋଳନ କରିଆସୁଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏକାଠି ହୋଇ ମଦ କାରବାର ବନ୍ଦ ଲାଗି ଥାନା, କୋର୍ଟ, କଚେରୀରେ ମାମଲାରେ ଲଢ଼େଇ ଜାରି ରଖିଛନ୍ତି। ଜିଲା ଅବକାରୀ ବିଭାଗ ପକ୍ଷରୁ ଗତ ବୁଧବାର ଗାନ୍ଧୀ ଛକସ୍ଥିତ ହୋଟେଲ ବସୁନ୍ଧରାରେ ଅତର୍କିତ ଚଢ଼ାଉ କରାଯାଇଥିଲା। ସେଠାରୁ ୧୫ଶହ ଲିଟର ଦେଶୀମଦ, ୮ଟି ବାଇକ୍, ନଗଦ ୮ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ୧୦ଜଣଙ୍କୁ ଗିରଫ କରାଯାଇଥିଲା। ଘଟଣାସ୍ଥଳରୁ ୩ଜଣ ଖସି ପଳାଇଥିଲେ। ପୁଣି ଗୁରୁବାର ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ପ୍ରକାଶ ମିଶ୍ରଙ୍କ ଉପସ୍ଥିତିରେ ୫୦ରୁ ଉର୍ଦ୍ଧ୍ୱ ପୋଲିସ ଓ ଅବକାରୀ କର୍ମଚାରୀ ମିଳିତ ଭାବେ ମଦ ବ୍ୟବସାୟୀ କୁଡ଼ିଆ ଗ୍ରାମର ପ୍ରତାପ ମହାପାତ୍ର ଓ ଭାଇ ପ୍ରହଲ୍ଲାଦ ମହାପାତ୍ରଙ୍କ ଘରେ ଚଢ଼ାଉ କରିଥିଲେ। ଘରେ କେହି ନ ଥିବା ବେଳେ ପୋଲିସ ଘର କବାଟ ଭାଙ୍ଗି ଭିତରେ ପଶି ଛାନଭିନ୍ କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। ଏନେଇ ଜିଲା ଅବକାରୀ ଥାନାରେ ମାମଲା (ନଂ.୪୧୭/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଜିଲା ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସିଏଚ୍ ତିରୁପତି, ବସ୍ତା ଥାନା ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା, ମୋବାଇଲ ଆଇଆଇସି ସଞ୍ଜିତ ବାଲା, ନୀଳଗିରି ଅବକାରୀ ଥାନା ଇନ୍ସପେକ୍ଟର କେଶବ ଦାସ ଓ ସଦର ଅବକାରୀ ଥାନା ଇନ୍ସପେକ୍ଟର ଦୀପ୍ତିମୟୀ ସାହୁ ସାମିଲ ଥିଲେ। ସେହିପରି ଗତ କିଛିଦିନ ପୂର୍ବରୁ ପୁରୁଣାବାଲେଶ୍ୱର ଅଞ୍ଚଳରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୭୦ହଜାର ଲିଟର ମହୁଲ ପୋଚ, ୧୨ ହଜାର ଲିଟର ଦେଶୀ ମଦ ଏବଂ ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଥିଲା। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ୧୦ଟି ମାମଲା ରୁଜୁ କରାଯାଇଥିଲା। ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀ କହନ୍ତି, ଚୋରା ଦେଶୀ ମଦ କାରବାର ରୋକିବା ପାଇଁ ଭିନ୍ନ ଭିନ୍ନ ସମୟରେ ଚଢ଼ାଇ ଜାରି ରହିଛି।

# ସୀମାନ୍ତ ଭୋଟ୍ ବ୍ୟାଙ୍କ୍ ଉପରେ ଆନ୍ଧ୍ରର ଆଖି




**ପାତ୍ରପୁର(ଅମୃତ ମିଡିଆ):** କୋରାପୁଟ ଜିଲ୍ଲା କୋଟିଆ ପରେ ଏବେ ଆନ୍ଧ୍ରପ୍ରଦେଶର ଆଖି ଗଞ୍ଜାମ ଜିଲ୍ଲାର ସୀମାନ୍ତ ଇଲାକାର ଭୋଟ୍ ବ୍ୟାଙ୍କ୍ ଉପରେ ପଡ଼ିଛି। ଏଥିପାଇଁ ଆନ୍ଧ୍ର ନେତା ଓ ପ୍ରଶାସନିକ ଅଧିକାରୀ ଅଙ୍କକଷା ଆରମ୍ଭ କରିସାରିଛନ୍ତି। ପାତ୍ରପୁର ବ୍ଲକ୍ ଅଧୀନ ଆନ୍ଧ୍ର ସୀମାନ୍ତରେ ଥିବା ବୁରାତାଲ୍, ତୁମ୍ବା ଓ ବି.ନୂଆଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆନ୍ଧ୍ରପ୍ରଦେଶ ସରକାର ବର୍ଷସାରା ଜମିପଟ୍ଟା, ବିଦ୍ୟୁତ୍, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଏବଂ ଗର୍ଭବତୀଙ୍କୁ ଚିକିତ୍ସା ଭଳି ବିଭିନ୍ନ ସୁବିଧା ଯୋଗାଇ ଦେଇଆସୁଥିବା ନଜିର୍ ରହିଛି। ଏଠାରେ ସେମାନଙ୍କର ୨୫ରୁ ଅଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରାୟ ଦୁଇ ଶହରୁ ଅଧିକ ଭୋଟରଙ୍କ ହାତରେ ଉଭୟ ଓଡ଼ିଶା ଓ ଆନ୍ଧ୍ରର ଭୋଟର୍ କାର୍ଡ ରହିଛି। ୨୦୨୦ ମସିହାରେ ଆନ୍ଧ୍ରପ୍ରଦେଶର ପଞ୍ଚାୟତ ନିର୍ବାଚନରେ ତୁମ୍ବା ପଞ୍ଚାୟତ କୁଲାଡ଼ି ଗ୍ରାମର ଜଣେ ମହିଳା ଆନ୍ଧ୍ରପ୍ରଦେଶ ତାଲଗୁରାଣ୍ଡିର ୯ ନମ୍ବର ୱାର୍ଡ଼ସଭ୍ୟା ଭାବେ ନାମାଙ୍କନ ଦାଖଲ କରିଥିଲେ। ସେହିପରି ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ମଣ୍ଡଳକୁ ଲାଗି ରହିଥିବା ପାତ୍ରପୁର ବ୍ଲକ୍ ଅଧୀନ ତେଲୁଗୁ ଭାଷାଭାଷୀ ଗ୍ରାମ ବି.ନୂଆଗାଁ ପଞ୍ଚାୟତର ଟି.ବ୍ରହ୍ମପୁର ଓ ଜୟପୁରର କିଛି ଲୋକ ଆନ୍ଧ୍ର ଯାଇ ଭୋଟ୍ ଦେଉଥିବା ସେଠାକାର କିଛି ପରାଜିତ ସରପଞ୍ଚ ପ୍ରାର୍ଥୀ ଅଭିଯୋଗ କରିଥିଲେ। ଏସବୁରୁ ସୀମାନ୍ତ ଇଲାକାରେ ଆନ୍ଧ୍ରର ଅନୁପ୍ରବେଶ ସ୍ପଷ୍ଟ ପ୍ରମାଣିତ ହେଉଥିବା ବେଳେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ସୀମାନ୍ତ ଗ୍ରାମର ଭୋଟରଙ୍କୁ ପ୍ରଭାବିତ କରିବାକୁ ଆନ୍ଧ୍ର ମସୁଧା ଚଳାଇବ, ଏଥିରେ ସନ୍ଦେହ ନାହିଁ। ମେ' ୧୩ ତାରିଖରେ ଓଡ଼ିଶାର ବ୍ରହ୍ମପୁର ଲୋକସଭା ଓ ବିଧାନସଭା ଆସନ ସମେତ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ବି ମତଦାନ ହେବାକୁ ଯାଉଛି। ବ୍ରହ୍ମପୁର ଲୋକସଭା ପାଇଁ ପାତ୍ରପୁର ବ୍ଲକ୍ ଅଧୀନ ତୁମ୍ବା ଓ ବୁରାତାଲ୍ ପଞ୍ଚାୟତର କୁଲାଡ଼ି, ସାତପୁରି, ବାଞ୍ଜୁଆସାହି ଓ ଗୁଡ଼ିଖଳା ପ୍ରମୁଖ ଗାଁର ଜନସାଧାରଣ ଭୋଟ୍ ଦେବେ। ତେବେ ଆନ୍ଧ୍ରପ୍ରଦେଶର ମାନଚିତ୍ରରେ କୁଲାଡ଼ି ଗ୍ରାମ ମଞ୍ଜୁଷାମଣ୍ଡଳର ତାଳଗୁରାଣ୍ଡି ପଞ୍ଚାୟତର ୯ ନମ୍ବର ୱାର୍ଡରେ ରହିଛି। ଫଳରେ ଉପରୋକ୍ତ ସମସ୍ତ ଗ୍ରାମ ସମେତ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମଣ୍ଡଳକୁ ଲାଗି ରହିଥିବା ବି.ନୂଆଗାଁ ଓ ଜୟନ୍ତିପୁର ପଞ୍ଚାୟତର କିଛି ଗ୍ରାମବାସୀ ଆନ୍ଧ୍ରରେ ଭୋଟ୍ ଦେବାର ଅଧିକ ସମ୍ଭାବନା ରହିଛି। କାରଣ ସେମାନଙ୍କ ପାଖରେ ଉଭୟ ରାଜ୍ୟର ଭୋଟର୍ କାର୍ଡ ରହିଛି। ଏହି ଅନୁସାରେ ସଂପ୍ରତି ଆନ୍ଧ୍ର ନେତା ସମସ୍ତ ଗ୍ରାମର ଭୋଟରଙ୍କୁ ନିଜ ଆଡ଼କୁ ଟାଣିବାକୁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ଅନ୍ୟପକ୍ଷରେ କିଛି ଭୋଟରଙ୍କ ସହ ଆଲୋଚନା ବେଳେ ସେମାନେ କହିଛନ୍ତି, 'ଆମକୁ ଯିଏ ସହଯୋଗ କରୁଛି ଓ ଆଗକୁ କରିବ' ଆମେ ତାକୁ ହିଁ ଭୋଟ୍ ଦେବୁ। ତେବେ ଆଗକୁ ଓଡ଼ିଶା ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଛି। ସୀମାନ୍ତ ବି.ନୂଆଗାଁ ସରପଞ୍ଚ ମୋହନ ରାଓ କହିଛନ୍ତି, ଆମ ପଞ୍ଚାୟତର ଜନସାଧାରଣଙ୍କ ନିକଟରେ ଉଭୟ ରାଜ୍ୟର ଭୋଟର୍ କାର୍ଡ ରହିଛି। ଅଧିକ ଭୋଟର୍ ଆନ୍ଧ୍ରପ୍ରଦେଶରେ ଭୋଟ୍ ଦେବା ଅନୁମାନ କରାଯାଉଛି। ତେବେ ଓଡ଼ିଶା ସରକାର ଯଦି ଆଗୁଆ ସଜାଗ ରହିବେ ତା'ହେଲେ ଏଥିରେ ରୋକ୍ ଲଗାଯାଇପାରିବ। ସୀମାନ୍ତ ଟି.ବ୍ରହ୍ମପୁର ପଞ୍ଚାୟତର ସରପଞ୍ଚ କେ.ତ୍ରିନାଥ କହିଛନ୍ତି, ଆନ୍ଧ୍ରପ୍ରଦେଶ ବାସିନ୍ଦା ଆନ୍ଧ୍ରରେ ଓ ଓଡ଼ିଶାବାସିନ୍ଦା ଓଡ଼ିଶାରେ ଭୋଟ୍ ଦେବାକୁ ସଚେତନ କରାଯାଇଛି।

# ବାଲେଶ୍ୱର: ଛକାପଞ୍ଝାରେ ବିଜେଡି-ବିଜେପି



**ବାଲେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱର ସଦର ବିଧାନସଭା ଆସନରେ ଏଥର ପୁଣି ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଦୁଇ ଦଳରେ ଆଶାୟୀଙ୍କ ସଂଖ୍ୟା ବଢ଼ିଥିବା ବେଳେ ଦଳୀୟ ଟିକେଟ୍ ପାଇବାକୁ ସମସ୍ତେ ସଭାସମିତି, ବନ୍ଧୁମିଳନ, ମିଶ୍ରଣ ପର୍ବ ଆୟୋଜନ କରି ନିଜ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ସେପଟେ ଜନତାଙ୍କର ବିଶ୍ୱାସଭାଜନ ହେବା ଲାଗି ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର କସରତ ବି ଚାଲିଛି। ଏବେ ବିଜେଡି ଦଖଲରେ ରହିଛି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ। ୨୦୧୯ ସାଧାରଣ ନିର୍ବାଚନରେ ରେମୁଣା ଓ ସଦର ଆସନରେ ଦେଖିବାକୁ ମିଳିଥିଲା ରୋଚକ ଲଢ଼େଇ। ସଦର ଆସନକୁ ଶାସକ ଦଳ ହାତରୁ ବିଜେପି ଛଡ଼ାଇ ନେଇଥିବା ବେଳେ ସେପଟେ ରେମୁଣା ଆସନକୁ ବିଜେପି ହାତରୁ ଛଡ଼ାଇ ନେଇଥିଲା ବିଜେଡି। ତେବେ ସଦର ଆସନରୁ ନିର୍ବାଚିତ ବିଜେପି ବିଧାୟକ ମଦନମୋହନ ଦତ୍ତଙ୍କର ଆକସ୍ମିକ ନିଧନ ହେବା ପରେ ଏଠାରେ ବଦଳି ଯାଇଥିଲା ରାଜନୈତିକ ଚିତ୍ର। ୨୦୨୦ରେ ଅନୁଷ୍ଠିତ ଉପନିର୍ବାଚନରେ ଦୁଇ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିବା ବେଳେ ଶେଷରେ ବାଜି ମାରି ନେଇଥିଲା ବିଜେଡି। ଶାସକ ଦଳର ନବାଗତ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଦିବଂଗତ ବିଧାୟକ ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ପୁତ୍ର ବିଜେପି ପ୍ରାର୍ଥୀ ମାନସ ଦତ୍ତଙ୍କୁ ୧୩,୧୯୫ ଭୋଟ୍ ?ରେ ପରାସ୍ତ କରିଥିଲେ। ତେବେ ସାଢ଼େ ୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସ୍ୱରୂପ ଜଣେ ଦକ୍ଷ ଓ ଲୋକପ୍ରିୟ ରାଜନେତା ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ନିର୍ବାଚନ ମଣ୍ଡଳୀରେ ଅନେକ ଉନ୍ନତିମୂଳକ ଯୋଜନାକୁ କାର୍ଯ୍ୟକାରୀ କରିବା ସହ ବିଜେଡିର ସଂଗଠନକୁ ତୃଣମୂଳସ୍ତରରେ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଆଗାମୀ ନିର୍ବାଚନରେ ଦଳ ତାଙ୍କୁ ପୁଣି ପ୍ରାର୍ଥୀ ହେବାକୁ ସୁଯୋଗ ପ୍ରଦାନ କରିବ ବୋଲି ସେ ଆଶା ରଖିଛନ୍ତି। ତେବେ ସ୍ୱରୂପଙ୍କ ନେତୃତ୍ୱକୁ ବିରୋଧ କରୁଛନ୍ତି ଅନ୍ୟ କେତେକ ଟିକେଟ୍ ଆଶାୟୀ। ଯେଉଁମାନେ ପୃଥକ ଭାବେ ନିଜର ସଙ୍ଗଠନ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହ ବିଧାୟକଙ୍କୁ ଡାକୁନାହାନ୍ତି। ଉପରେ ସବୁ ଠିକ୍ ?ଠାକ୍ ଚାଲିଥିଲେ ବି ଭିତରେ ଗୋଷ୍ଠି କଟା ଚାଲିଛି। ଏହା ହିଁ ସଦର ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନର ରାଜନୈତିକ ସ୍ଥିତି। ସ୍ୱରୂପଙ୍କ ବ୍ୟତୀତ ଦଳର ବରିଷ୍ଠ ନେତା ଯଯାତି ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବରଦା ପ୍ରସନ୍ନ ପଟ୍ଟନାୟକ, 'ବ୍ରିଟ୍' ଅଧ୍ୟକ୍ଷ ଆଲୋକ ସାହୁ ମଧ୍ୟ ବିଜେଡି ଟିକେଟ୍ ପାଇଁ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ନିର୍ବାଚନୀ ମଇଦାନରେ ଏଥର ବିଜେଡିକୁ ଚକ୍‌ମା ଦେବା ଲାଗି ପୂରା ପ୍ରସ୍ତୁତିରେ ଲାଗିଛି ବିଜେପି। ବିଜେଡି ଭଳି ବିଜେପିର ମଧ୍ୟ ଏକାଧିକ ଆଶାୟୀ ନିର୍ବାଚନ ରଣାଙ୍ଗନରେ ଲଢ଼ିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଦିବଂଗତ ବିଧାୟକ ମଦନମୋହନ ଦତ୍ତଙ୍କ ପୁଅ ମାନସ ପୁଣି ଆଶାୟୀ ଥିବା ବେଳେ ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ, ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ଶୁଭଙ୍କର ମହାପାତ୍ର ପ୍ରମୁଖ ଟିକେଟ୍ ଦୌଡ଼ରେ ରହିଛନ୍ତି। କଂଗ୍ରେସରୁ କିଏ ପ୍ରାର୍ଥୀ ହେବେ, ସେ ନେଇ ଏବେ ବି ଦଳୀୟ କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ୨୦୨୦ ଉପନିର୍ବାଚନରେ ଦଳରୁ ପ୍ରାର୍ଥୀ ହୋଇଥିବା ମମତା କୁଣ୍ଡୁ ବଡ଼ ବ୍ୟବଧାନରେ ହାରି ଯାଇଥିଲେ। ସେବେଠାରୁ ଶ୍ରୀମତୀ କୁଣ୍ଡୁ ସଙ୍ଗଠନରୁ ଧୀରେ ଧୀରେ ଦୂରେଇ ଯାଇଛନ୍ତି। ଏବେ ଯୁବନେତା ସରୋଜ କୁମାର ଲେଙ୍କା ଓ ବିକ୍ରମ ପଣ୍ଡାଙ୍କୁ ବିଭିନ୍ନ ସଭାସମିତି, କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ବିଜେଡି ଓ ବିଜେପି ପ୍ରାର୍ଥୀଙ୍କ ସହିତ ଲଢ଼ିବା ଦଳ ପାଇଁ ଏକ ବଡ଼ ଆହ୍ୱାନ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି।

# ଜିଲ୍ଲାରେ ଇଟାଭାଟି ଧୂଆଁ ଯୋଗୁ ପ୍ରଦୂଷଣ ହେଉଛି ପରିବେଶ



**ପଟ୍ଟାମୁଣ୍ଡାଇ(ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରବଳ ଖରା ସାଙ୍ଗକୁ ଗରମ ଅନୁଭୂତ ହେଉଛି। ଶନିବାର ତାପମାତ୍ରା ୩୫ରୁ ୩୭ ଡିଗ୍ରୀ ରହିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗ୍ରୀଷ୍ମ ପ୍ରବାହରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି। ମାତ୍ର ବେଆଇନ ନାଲି ଇଟାଭାଟିର ନିଆଁଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ହୋଇ ତାତି ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଇଟାଭାଟିରୁ ବାହାରୁଥିବା ଧୂଆଁ ଓ କୋଇଲା ପାଉଁଶ ଗୁଣ୍ଡ ଉଡ଼ି ଗଛର ପତ୍ର ଉପରେ ଏକ ଆସ୍ତରଣ ସୃଷ୍ଟି ହେବାରେ ଲାଗିଛି। ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଧୂଆଁ ଯୋଗୁ ଲୋକେ ଅଣନିଃଶ୍ୱାସୀ ହେଉପଡୁଛନ୍ତି। ଇଟାଭାଟି ବନ୍ଦ କରିବାକୁ ତହସିଲଦାର ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ରାସ୍ତାପାର୍ଶ୍ୱରେ ଇଟାଭାଟି ବେଧଡ଼କ ଭାବେ ଚାଲୁଛି। ପ୍ରଶାସନ କାହିଁକି ନୀରବ ରହିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ପରିବେଶବିତ୍ ବିଭୂତି ମହାପାତ୍ର କୁହନ୍ତି, ଇଟାଭାଟିରୁ ନିର୍ଗତ ଧୂଆଁ ଯୋଗୁ ବାୟୁମଣ୍ଡଳରେ ଉଷ୍ମତା ସହ ଅଙ୍ଗାରକାମ୍ଳ ଗ୍ୟାସ ବଢ଼ିବାରେ ଲାଗିଛି। ଫଳରେ ଆଖପାଖ ଅଞ୍ଚଳରେ ଛୋଟ ଶିଶୁଙ୍କ ସମେତ ବୃଦ୍ଧାବୃଦ୍ଧ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ରାଜସ୍ୱ କର୍ମଚାରୀମାନେ ଲୋକଦେଖାଣିଆ ଇଟାଭାଟି ମାଲିକଙ୍କ ନିକଟକୁ ଆସି କିଛି ଫାଇନ୍ ଆଦାୟ କରିବା ବଦଳରେ ହାତ ଚିକ୍କଣ କରି ଚୁପ୍ ହୋଇ ଚାଲି ଯାଉଛନ୍ତି। ଏଥିପାଇଁ ରାଜସ୍ୱ କର୍ମଚାରୀମାନେ ଦାୟୀ ଅଟନ୍ତି। କୃଷକନେତା ବିଜୟ ଦାସ, କ୍ଷୀରୋଦ ମଳିକ, ଅନନ୍ତ ଦାସ, ସର୍ବେଶ୍ୱର ସେଠୀ କୁହନ୍ତି, କେନ୍ଦ୍ରାପଡ଼ା ଏକ କୃଷିପ୍ରଧାନ ଜିଲା ଭାବେ ପରିଚିତ। ବହୁ ନଦୀନାଳ ଜିଲାରେ ପ୍ରବାହିତ। ବିଶେଷ କରି ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ପାଖ ଦେଇ ବ୍ରାହ୍ମଣୀ ଓ ଗୋବରୀ ନଦୀର ଅବବାହିକାରେ ଥିବା ମାଟି ଦୋରସା ଓ ବାଲିଆ ହୋଇଥିବାରୁ ସେଠାରେ ବିଭିନ୍ନ କୃଷିଜାତ ଫସଲ ଓ ପନିପରିବା କରି ଚାଷୀମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର କିଛିବର୍ଷ ହେବ ବ୍ୟବସାୟୀମାନେ ନଦୀ ପଠାରେ ଇଟାଭାଟି କରିବା ସହ ଜିଲା ଓ ଜିଲା ବାହାରକୁ ନାଲି ଇଟା ବିକ୍ରୟ କରୁଛନ୍ତି। ଏହାଦ୍ୱାରା ଶତାଧିକ ଏକର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏ ଦିଗରେ ତହସିଲଦାର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଚାଷୀମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ସାମାଜିକ କର୍ମୀ ପ୍ରବୀର ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମାଟିଆ, ତାତନା, ଅଳଭା, କଷଣଅଣ୍ଟା ଗ୍ରାମରେ ଚାଲିଥିବା ଚୋରା ଇଟାଭାଟି ଯୋଗୁ ପ୍ରଦୂଷଣ ବଢ଼ିଚାଲିଛି। ଫଳରେ ଏହି ଅଞ୍ଚଳର ଲୋକେ ପ୍ରଦୂଷଣଜନିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଥଣ୍ଡା, କାଶ ଓ ଶ୍ୱାସରୋଗ ବ୍ୟାପୁଛି। ଦିନକୁ ଦିନ ଏହି ଅଞ୍ଚଳରେ ଅନେକ ଶ୍ୱାସରୋଗୀଙ୍କୁ ଦେଖିବାକୁ ମିଳୁଛି। ଦିନରାତି ଇଟା ପୋଡ଼ା ହେଉଛି। ଫଳରେ ଗାଁ ଗହଳିକୁ ପ୍ରବଳ ଧୂଆଁ ମାଡ଼ିଆସୁଛି। ଲୋକେ ଥଣ୍ଡା, କାଶରେ ପୀଡ଼ିତ ହେଉଥିବା ବେଳେ ପ୍ରଦୂଷଣ ଯୋଗୁ ସହଜରେ କେହି ଆରୋଗ୍ୟ ହେଉନାହାନ୍ତି। ବିଶେଷକରି ବରିଷ୍ଠ ନାଗରିକମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଉପଜିଲାପାଳ ରବିନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଇଟାଭାଟିଗୁଡିକ ବନ୍ଦ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଉପରେ ପଦକ୍ଷେପ ତହସିଲଦାର ନେବେ ବୋଲି ସେ କହିଛନ୍ତି। ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ବେଆଇନ ଇଟାଭାଟି ଉପରେ ଚଢାଉ କରାଯାଇ ଇଟାଗୁଡିକୁ ନଷ୍ଟ କରାଯିବା ନିର୍ଦ୍ଦେଶ ଆସିଛି।

# ୩୫ ସାଂଗଠନିକ ଜିଲ୍ଲା ପାଇଁ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ



**ଭୁବନେଶ୍ୱର(ବ୍ୟୁରୋ):** କଂଗ୍ରେସ ଦ୍ୱାରା ପ୍ରସ୍ତୁତ ହୋଇଥିବା ଗ୍ୟାରେଣ୍ଟି କାର୍ଡକୁ ଆଜି ଦଳର ୩୫ଟି ସାଙ୍ଗଠନିକ ଜିଲ୍ଲାରେ ଏକକାଳୀନ ଉନ୍ମୋଚନ କରାଯାଇଛି। ଏହି ଭିତ୍ତିରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନରେ ଏହି କାର୍ଡକୁ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଏଆଇସିସି ଗଣମାଧ୍ୟମ ସଂଯୋଜିକା ବବିତା ଶର୍ମା, ରଜନୀ ମହାନ୍ତି, ଅଶୋକ ଦାସ ଓ ଅମୀୟ ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ହରିଚନ୍ଦନ କହିଥିଲେ ଯେ ରାଜ୍ୟରେ କଂଗ୍ରେସ ଶାସନକୁ ଫେରିଲେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ୫ଟି ଗ୍ୟାରେଣ୍ଟିକୁ ସରକାର ପାଳନ କରିବ। ଗୃହଜ୍ୟୋତି ଯୋଜନାରେ ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କୁ ୨ଶହ ୟୁନିଟ୍ ବିଦ୍ୟୁତ୍ ଦେୟ ସଂପୂର୍ଣ୍ଣ ଛାଡ଼ କରାଯିବ। ଯୁବ ବିକାଶ ଗ୍ୟାରେଣ୍ଟିରେ ୫ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହ ବେକାର ଯୁବକଯୁବତୀଙ୍କୁ ମାସକ ୩ହଜାର ଟଙ୍କା ବେକାରୀ ଭତ୍ତା, ଠିକା ନିଯୁକ୍ତିଙ୍କୁ ସଂପୂର୍ଣ୍ଣ ବନ୍ଦ, କୃଷକ ବନ୍ଧୁ ଯୋଜନାରେ ବୋନସ ସହ କ୍ୱିଣ୍ଟାଲ୍ ପ୍ରତି ୩ହଜାର ଟଙ୍କାରେ ଧାନ କିଣାଯିବ। ମଣ୍ଡିରେ କଟ୍‌ନୀ ଓ ଛଟ୍‌ନୀକୁ ସଂପୂର୍ଣ୍ଣ ବନ୍ଦ କରାଯିବ। କୃଷି ଋଣ ସଂପୂର୍ଣ୍ଣ ଛାଡ଼ କରାଯିବା ସହ କୃଷକଙ୍କ ପାଇଁ ମାସିକ ୨ହଜାର ଟଙ୍କା ପେନସନ ରାଶି ପ୍ରଦାନ କରାଯିବ। ଗୃହଲକ୍ଷ୍ମୀ ଯୋଜନାରେ ମହିଳା ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ ଋଣ ଛାଡ଼ କରାଯିବ ସହ ମହିଳାଙ୍କୁ ମାସିକ ଭତ୍ତା ୨ହଜାର ଓ ଆଦିବାସୀ ଓ ଦଳିତ ବର୍ଗର ମହିଳାଙ୍କୁ ମାସିକ ୩ହଜାର ଟଙ୍କା ଦିଆଯିବ। ମହିଳାଙ୍କୁ ୫ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର, ଜନକଲ୍ୟାଣ ଗ୍ୟାରେଣ୍ଟି ଯୋଜନାରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ସ୍ୱାସ୍ଥ୍ୟବୀମା ଯୋଜନା ଦ୍ୱାରା ଚିକିତ୍ସା ସୁବିଧା ମିଳିବ। ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗଙ୍କୁ ମାସିକ ୨ହଜାର ଟଙ୍କାର ଭତ୍ତା, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀଙ୍କୁ ୬ମାସ ଭିତରେ ସୁଧ ସହ ଜମାରାଶି ଫେରସ୍ତ ଦିଆଯିବ। ଆଦିବାସୀ ଓ ଦଳିତଙ୍କ ଜମି ଓ ଜଙ୍ଗଲ ଉପରେ ସଂପୂର୍ଣ୍ଣ ଅଧିକାରକୁ ଲାଗୁ କରିବା ସହ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯିବ। ସେ ଆହୁରିମଧ୍ୟ କହିଥିଲେ ଯେ ବିଜେଡି ଓ ବିଜେପି ଉଭୟ ଏ ରାଜ୍ୟକୁ ୨୪ବର୍ଷ ଭିତରେ ଯେତେସବୁ ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟରେ ସାମଗ୍ରିକ ସ୍ଥିତିର କୌଣସି ଉନ୍ନତି ହେଉନାହିଁ। ଏଥର କଂଗ୍ରେସ ପକ୍ଷରୁ 'ନୂଆ ଓଡ଼ିଶା ଗଢ଼ିବା ଆସ ସଂକଳ୍ପ କରେ କଂଗ୍ରେସ' ଡାକରା ଦିଆଯାଇଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଏହି ଗ୍ୟାରେଣ୍ଟି କାର୍ଡକୁ ଘରେ ଘରେ ପହଞ୍ଚାଇବା ଲାଗି ସମସ୍ତ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି।

# ମଲ୍‌ରେ ପାର୍କିଂ ଫି' ଆଦାୟ କରିବାକୁ ସଜବାଜ

**ଭୁବନେଶ୍ୱର(ବ୍ୟୁରୋ):** ପାର୍କିଂ ଜାଗା ଦେଖାଇ ବିଲ୍ଡିଂ ପ୍ଲାନ୍ ନେଲେ। ହେଲେ ପାର୍କିଂ ପାଇଁ ଜାଗା ରଖିଲେନି। ପାର୍କିଂ ଜାଗାରେ କୋଠା ତିଆରି କରି ବେପାରରେ ଲଗାଇଲେ। ବର୍ଷବର୍ଷ ଧରି କୋଟିକୋଟି ଟଙ୍କା ରୋଜଗାର କଲେ। ୧୦ଦିନ ଭିତରେ ପାର୍କିଂ ଜାଗା ଖାଲି କରିବାକୁ କୁହାଯାଇଥିଲା। ଏହା ନହେଲେ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ଓଡିଏ (ଓଡ଼ିଶା ଡେଭଲପ୍‌ମେଣ୍ଟ ଅଥରିଟି) ଆଇନ ଧାରା ୯୨ ବଳରେ ମାମଲା ରୁଜୁ କରିବା ସହ ପ୍ରତିଷ୍ଠାନକୁ ସିଲ୍ କରିବା ନିଷ୍ପତ୍ତି ହୋଇଥିଲା। ହେଲେ କେହି ଜଣେ ବ୍ୟବସାୟୀ ପାର୍କିଂ ଜାଗା ଖାଲି କଲେନାହିଁ କି ବିଏମ୍‌ସି ଜଣଙ୍କ ଉପରେ ବି କାର୍ଯ୍ୟାନୁଷ୍ଠାନ ନେଲାନାହିଁ। ଅବଶ୍ୟ ଦୋଷ ଛଡ଼ାଇବାଭଳି ୨୦୨୨ ମସିହାର ଏହି ନୋଟିସ୍‌କୁ ୮ ମାସ ପୂରିବା ପରେ ୨୦୨୩ ମସିହା ଜୁଲାଇ ୨୭ ତାରିଖରେ ବିଏମ୍‌ସି ପୁଣି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ବିଜ୍ଞପ୍ତି ଜାରି କରିଥିଲା। ଏଥିରେ ବି ଘରମାଲିକମାନଙ୍କୁ ଚରମବାଣୀ ଶୁଣାଇ ଦିଆ ଯାଇଥିଲା। ସେଥିରେ ଖିଲାପକାରୀଙ୍କୁ ମାସେ ସମୟ ଦିଆ ଯାଇଥିଲା। ଅଗଷ୍ଟ ୨୮ ତାରିଖରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା କଥା। ହେଲେ କଣ ହେଲା କେଜାଣି, ଏଥର ବି କେହି ଜଣେହେଲେ ଗୋଟିଏ ହେଲେ ପାର୍କିଂ ସ୍ଥାନ ଖାଲି କଲେନି କି ବିଏମ୍‌ସି ପକ୍ଷରୁ ମଧ୍ୟ ଗୋଟିଏ ହେଲେ କାର୍ଯ୍ୟାନୁଷ୍ଠାନ ହେଲାନି। ଅନ୍ୟପଟେ ୨୦୧୯ ମସିହା ଅକ୍ଟୋବର ୧୬ ତାରିଖରେ ବିଡିଏ ବିଜ୍ଞପ୍ତି ଜାରି କରିଥିଲା ଯେ ମଲ୍ କର୍ତ୍ତୃପକ୍ଷ ପାର୍କିଂରେ ଗାଡ଼ି ରଖିବା ଦେୟମୁକ୍ତ କରିବେ। ଏହି ନିୟମ ୫ ବର୍ଷ ଚାଲିବା ପରେ ଏବେ ବିଏମ୍‌ସି ଏହାକୁ ପରିବର୍ତ୍ତନ କରିବାକୁ ବସିଛି। ମଲ୍‌କୁ ପାର୍କିଂ ଫି' ଆଦାୟ ପାଇଁ ଅନୁମତି ଦେବାଲାଗି ବିଏମ୍‌ସି ନିଷ୍ପତ୍ତି ନେଇଛି। ପବ୍ଲିକ୍ ୱାର୍କସ୍ ଷ୍ଟାଣ୍ଡିଂ କମିଟିର ଏହି ପ୍ରସ୍ତାବକୁ କର୍ପୋରେସନ୍ ମୋହର ମାରିବା ପରେ ପାର୍କିଂ ଫି' ଆଦାୟ ପ୍ରସଙ୍ଗରେ ବିଏମ୍‌ସି ପ୍ରସ୍ତୁତି ଆରମ୍ଭ କରିଛି। ଏବେ ସାଧାରଣରେ ପ୍ରଶ୍ନ ଉଠିଛି, ଷ୍ଟାଣ୍ଡିଂ କମିଟିକୁ ମଲ୍ ମାଲିକଙ୍କ ଦୁଃଖ ଦିଶିଲା, ହେଲେ ବର୍ଷବର୍ଷ ଧରି ପାର୍କିଂ ଜାଗାକୁ ଅନ୍ୟାୟ ଭାବେବ୍ୟବସାୟରେ ଲଗାଇ ଲାଭବାନ୍ ହେଉଥିବା ବେପାରୀ ଦିଶିଲେନି ଦୁଇଦୁଇ ଥର ବିଏମ୍‌ସି ବିଜ୍ଞପ୍ତି ଜାରି କରିଥିଲେ ମଧ୍ୟ କେଉଁଠି ଥିଲା ଷ୍ଟାଣ୍ଡିଂ କମିଟି ମଲ୍ ହେଉ କି ପାର୍କିଂ ଜାଗା ଛାଡ଼ି ନଥିବା ବଡ଼ବଡ଼ିଆ, ଉଭୟ କ୍ଷେତ୍ରରେ ସାଧାରଣ ଲୋକଟିଏ ପ୍ରଭାବିତ ହେଉଛି। ଏହା ଉପରକୁ ବଡ଼ବଡ଼ ପ୍ରତିଷ୍ଠାନ ଯେଉଁମାନେ ପାର୍କିଂ ଜାଗାରେ ଘରକରି ବ୍ୟବସାୟ କରୁଛନ୍ତି ସେଠାରେ ବିଏମ୍‌ସି ଅନ୍‌ଷ୍ଟ୍ରିଟ୍ ପାର୍କିଂ କରି ଲୋକଙ୍କୁ ପାର୍କିଂ ଫି'ରେ ଲୁଟୁଛି। ପୂର୍ବରୁ ବିଡିଏ ମଧ୍ୟ ପ୍ଲାନ୍ ଉଲ୍ଲଂଘନକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରିଥିଲା। କିଏ କେତେ ଜରିମାନା ଦେବ, ତାହା ମଧ୍ୟ ହିସାବ ହୋଇଥିଲା। ବିଡିଏର ହିସାବ ଅନୁଯାୟୀ, ଜନପଥ, ବାପୁଜୀନଗର, କଟକ ରୋଡ୍, ସହିଦନଗର, ସତ୍ୟନଗର, ଇନ୍ଦ୍ରଧନୁ ମାର୍କେଟ୍, ଜାଗମରା, ଜୟଦେବବିହାର ନନ୍ଦନକାନନ ରାସ୍ତାରେ ୨,୦୦୦ରୁ ଅଧିକ ବ୍ୟାବସାୟିକ ପ୍ରତିଷ୍ଠାନ ପାର୍କିଂ ପାଇଁ ଜାଗା ରଖି ନାହାନ୍ତି। କେବଳ ଜନପଥରେ ଏମିତି ୫୦୦ରୁ ଅଧିକ ପ୍ରତିଷ୍ଠାନ ରହିଛି। ଏଠାରେ ପାର୍କିଂ ପାଇଁ ଉଦ୍ଦିଷ୍ଟ ପ୍ରାୟ ୧୨ ଲକ୍ଷ ୫୦ ହଜାର ବର୍ଗଫୁଟ୍ ଅଞ୍ଚଳ ବେପାରରେ ଲାଗିଛି। ବିଡିଏର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ବିଲଡିଂ ଆଣ୍ଡ ପ୍ଲାନିଂ ନିୟମ ଅନୁଯାୟୀ ପାର୍କିଂ ଅଞ୍ଚଳ ଛାଡ଼ି ନ ଥିଲେ ସର୍ବକ୍ଷମା ଯୋଜନାରେ ନିୟମିତ ହୋଇପାରିବେ। ଯେଉଁମାନେ କିଛି ବି ପାର୍କିଂ ଅଞ୍ଚଳ ଛାଡ଼ି ନାହାନ୍ତି, ସେଗୁଡ଼ିକୁ ଉଚ୍ଛେଦ କରିବାକୁ ନିୟମ ଅଛି। କିନ୍ତୁ କାହିଁକି ହେଉନି ତାହା କହିବାକୁ ଚାହିଁନାହାନ୍ତି। ଅନ୍ୟପଟେ ବିଏମ୍‌ସି ମଧ୍ୟ ଏ ମାମଲାରେ ମୁହଁ ଖୋଲିନାହିଁ।

# ମସଜିଦ୍‌ରେ ଶ୍ରଦ୍ଧାଳୁଙ୍କ ଗହଳି

**ଭୁବନେଶ୍ୱର(ବ୍ୟୁରୋ):** ଆରମ୍ଭ ହୋଇଛି ପବିତ୍ର ରମ୍‌ଜାନ୍ ମାସ। ଏହି ସମୟରେ ମୁସଲ୍‌ମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ସକାଳୁ ସନ୍ଧ୍ୟା ଯାଏଁ ଉପବାସରେ ରହି କଠୋର ବ୍ରତ ପାଳନ କରୁଛନ୍ତି। ଏହି ସମୟରେ କିଛି ସ୍ୱତନ୍ତ୍ର ଖାଦ୍ୟ ପଦାର୍ଥ, ପୋଷାକ, ଅତର, ଟୋପି ଆଦି ସହିତ ଏକ ସ୍ୱତନ୍ତ୍ର ଦାନ୍ତକାଠିର ବିଶେଷ ଚାହିଦା ରହିଥାଏ। ଏହି ପଦାର୍ଥଗୁଡ଼ିକୁ ନେଇ ରାଜଧାନୀର ବିଭିନ୍ନ ମସ୍‌ଜିଦ୍ ନିକଟରେ ଅସ୍ଥାୟୀ ବଜାର ବି ଖୋଲିଗଲାଣି। ନମାଜ ପଢ଼ିବା ପୂର୍ବରୁ କେବଳ ଏହି ଦାନ୍ତକାଠିଗୁଡ଼ିକରେ ଦାନ୍ତସଫା କଲେ ସତୁରି ପ୍ରତିଶତ ପୁଣ୍ୟ ମିଳିଥାଏ ବୋଲି ମୁସଲମାନମାନେ ବିଶ୍ୱାସ କରନ୍ତି। ଏହି ଦାନ୍ତକାଠି କ୍ୱେଡ଼ା, ପିଲୁଗଛର ଚେରରୁ ପ୍ରସ୍ତୁତ ହୋଇଥାଏ। ଏହି ଦାନ୍ତକାଠିଗୁଡ଼ିକୁ ରମଜାନ୍ ଆରମ୍ଭ ହେବାର ମାସେ ପୂର୍ବରୁ ହାଇଦ୍ରାବାଦ, ଉତ୍ତରପ୍ରଦେଶ, କୋଲକାତା ଆଦି ସ୍ଥାନରୁ ମଗାଯାଏ ବୋଲି ୟୁନିଟ୍ ୪ ମସଜିଦ୍



ନିକଟସ୍ଥ ବ୍ୟବସାୟୀ ସେଖ୍ ନୌସାଦ୍ ଅଲ୍ଲୀ କହିଛନ୍ତି। ଏହି ଦାନ୍ତକାଠି ଉପବାସ ସମୟରେ ପାଟିକୁ ସୁଗନ୍ଧିତ ରଖିବା ସହିତ କଫ ଓ ହୃଦ୍‌ରୋଗ ଆଦି ଦୂର କରିବାରେ ସହାୟକ ହୁଏ ବୋଲି ବିଶ୍ୱାସ ରହିଛି। ଆକାର ଅନୁସାରେ ଏଗୁଡ଼ିକର ଦାମ୍ ୩୦ରୁ ୪୦ଟଙ୍କା ରହିଛି। ବର୍ଷକରେ ଏହି ରମଜାନ ସମୟରେ ଏହି କାଠି ଆସେ ବୋଲି ବ୍ୟବସାୟୀମାନେ କହିଛନ୍ତି। ସେହିପରି ଖଜୁରୀ, ଅମୃତଭଣ୍ଡା, ତରଭୁଜ, ଫାଲୁଦା, ଲଚ୍ଛା ମଧ୍ୟ ବହୁତ ଚାହିଦା ବଢ଼ିଛି। ପ୍ରକାର ଓ ପରିମାଣ ଅନୁସାରେ ଖଜୁରିର ମୂଲ୍ୟ କେଜି ପ୍ରତି ୧୪୦ଟଙ୍କାରୁ ଆରମ୍ଭ ହୋଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଗୁଡ଼ିକ ମୁଖ୍ୟତଃ କଶ୍ମୀର, କୋଲକାତା, ଇଣ୍ଡୋନେସିଆ, ଆରବ ଆଦି ସ୍ଥାନରୁ ଆସୁଛି। ସେହିପରି ବିଭିନ୍ନ ରଙ୍ଗର ଲଚ୍ଛା କେଜି ପ୍ରତି ୧୫୦ରୁ ୪୦୦ ପର୍ଯ୍ୟନ୍ତ ରହିଛି। ଅନ୍ୟ ଏକ ଆକର୍ଷଣ ସାଜିଛି ଲଚ୍ଛା, ଡ୍ରାଏ ଫ୍ରୁଟସ୍, ଖଜୁରି ଆଦି ଥିବା ସ୍ୱତନ୍ତ୍ର ଗିଫ୍ଟ ବକ୍ସ। ଏହାର ଦାମ୍ ହାରାହାରି ୩୫୦ଟଙ୍କା ରହିଛି। ରମ୍‌ଜାନ୍ ମାସରେ ରାଜଧାନୀର ମସଜିଦ୍‌ଗୁଡ଼ିକରେ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ସତ୍ୟନଗର ସ୍ଥିତ ମସଜିଦ୍‌ର ମହାପ୍ରବନ୍ଧକ ସଏଦ୍ ଫଜଲ୍-ଏ-ଇଲାହୀଙ୍କ କହିବା ଅନୁଯାୟୀ, ମସଜିଦ୍‌କୁ ପ୍ରତିଦିନ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଆଗମନ ହେଉଛି। ରାଜଧାନୀର ୨୦ରୁ ୨୨ କିଲୋମିଟର ଦୂରରେ ରହୁଥିବା ଲୋକ ମଧ୍ୟ ଏଠାକୁ ଆସୁଛନ୍ତି। ଦିନ ସାରା ଉପବାସ ପରେ ଇଫ୍‌ତାରରେ ସମସ୍ତେ ଏକାଠି ମିଶି ବିଭିନ୍ନ ପ୍ରକାର ଫଳ ଯଥା, ଖଜୁରି, ତରଭୁଜ, ମିଠା ସରବତ ସହିତ ବିଭିନ୍ନ ଖାଦ୍ୟ ପଦାର୍ଥ ଖାଇ ରୋଜା ଖୋଲୁଛନ୍ତି। ସେହିପରି ୟୁନିଟ୍ ୪ ସ୍ଥିତ ଜାମା ମସଜିଦ୍‌ର ମୁବାରକ ଅହମ୍ମଦଙ୍କ କହିବା ଅନୁଯାୟୀ, ଏଠାରେ ମଧ୍ୟ ପ୍ରତିଦିନ ୨୦୦ରୁ ୨୫୦ ଲୋକଙ୍କ ଜନ ସମାଗମ ହେଉଛି। ଶ୍ରଦ୍ଧାଳୁଙ୍କ ଭିତରେ ଭାରି ଉତ୍ସାହ ରହିଛି।

# ନିର୍ବାଚନ ପାଇଁ କମିସନରେଟ୍ ପୋଲିସ ଜୋରଦାର ପ୍ରସ୍ତୁତି

**ଭୁବନେଶ୍ୱର(ବ୍ୟୁରୋ):** ସାଧାରଣ ନିର୍ବାଚନ ପାଇଁ କମିସନରେଟ୍ ପୁଲିସ ଜୋରଦାର ପ୍ରସ୍ତୁତି ଚଳାଇଛି। ପ୍ରତି ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରାଇବା ଲାଗି ପୁଲିସ ପାରମ୍ପରିକ ପଦକ୍ଷେପ ସବୁ ନେଉଛି। ଘନଘନ ବୈଠକ କରାଯାଉଛି। ଫ୍ଲାଗ୍‌ମାର୍ଚ୍ଚ ବି ଚାଲିଛି। କିନ୍ତୁ କମିସନରେଟ୍ ପୁଲିସର ଚିନ୍ତା କମିନି। ବରଂ ମୁଣ୍ଡବିନ୍ଧା ବଢ଼ିବାରେ ଲାଗିଛି। ଗତ ନିର୍ବାଚନ ସମୟର ଇତିହାସ ପୁଲିସ ପାଇଁ ଚିନ୍ତାର କାରଣ ହୋଇଛି। ଗତ ଦୁଇ ଦୁଇ ସାଧାରଣ ନିର୍ବାଚନ ଓ ପୌର ନିର୍ବାଚନ ସମୟର ଅଶାନ୍ତି ଓ ଗଣ୍ଡଗୋଳ ପୁଲିସ ପାଇଁ ଏଥର ବି ଚ୍ୟାଲେଞ୍ଜ୍ ସୃଷ୍ଟି କରିବ ବୋଲି ଏବେ ରାଜନୈତିକ ମାହୋଲରୁ ବାରି ହୋଇପଡ଼ିଲାଣି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେପି ଦଳରୁ ସାଂସଦ ହୋଇଛନ୍ତି ଅପରାଜିତା ଷଡ଼ଙ୍ଗୀ। କିନ୍ତୁ ଏହି ଲୋକସଭା ଆସନ ଅନ୍ତର୍ଗତ ସମସ୍ତ ବିଧାୟକ ହେଉଛନ୍ତି ବିଜେଡି ଦଳର। ତେଣୁ ଉଭୟ ଦଳ ମଧ୍ୟରେ ସବୁବେଳେ ତୁ ତୁ ମେ ମେ... ଲାଗିରହିଛି। ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଭୁବନେଶ୍ୱରରେ ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କୁ ପ୍ରଚାର ସମୟରେ ବିରୋଧ କରାଯାଇଥିଲା। ସେମାନଙ୍କୁ ଅଟକାଇ ମାଡ଼ ମାରିବା ସହିତ ଗାଡ଼ି ଭଙ୍ଗାରୁଜା କରାଯାଇଥିଲା। ଆକ୍ରମଣରେ ଅନନ୍ତ ନାରାୟଣ ଜେନା ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୟୁନିଟ୍ ୮ ଅଞ୍ଚଳରେ ଜଗନ୍ନାଥ ପ୍ରଧାନ ପ୍ରଚାର କରୁଥିବା ସମୟରେ ବୋମାମାଡ଼ ଖବର ପ୍ରଚାରିତ ହୋଇଥିଲା। ସେହିଭଳି ମଧ୍ୟ ଭୁବନେଶ୍ୱରରେ ଇଭିଏମ୍ ଟାମ୍ପରିଂ ଖବର ମଧ୍ୟ ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା। ସେହିଭଳି ଉତ୍ତର ଭୁବନେଶ୍ୱର ଅଞ୍ଚଳରେ ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଅପରାଜିତା ମହାନ୍ତିଙ୍କୁ ମଧ୍ୟ ବିଭିନ୍ନ ବିଭିନ୍ନ ବସ୍ତି ଅଞ୍ଚଳରେ ବିରୋଧ କରାଯିବା ସହିତ ଠେଲାପେଲା କରାଯାଇଥିଲା। ଏକାମ୍ରରେ ମଧ୍ୟ ଦୁଇ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ବହୁ ଜାଗାରେ ଗଣ୍ଡଗୋଳ ଖବର ସାମ୍ନାକୁ ଆସିଥିଲା। ୨୦୨୨ ମସିହା ମୁନିସିପାଲିଟି ନିର୍ବାଚନରେ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ଏକଦା ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ୩୯ ନଂ ୱାର୍ଡର ଏକ ବୁଥରେ ଗଣ୍ଡଗୋଳ ହୋଇଥିଲା। ଦୁଇ ଦଳର କର୍ମୀମାନେ ଢେଲା ଓ ମଦ ବୋତଲ ଫିଙ୍ଗିଥିଲେ। ମଧ୍ୟ ଭୁବନେଶ୍ୱରର ଲକ୍ଷ୍ମୀସାଗର ଓ ଝାରପଡ଼ା ଅଞ୍ଚଳରେ ଦୁଇ ଦଳ ମଧ୍ୟରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଥିଲା। ଗଣତି ପୂର୍ବ ଦିନ ବିଜେବି କଲେଜ ଷ୍ଟ୍ରଙ୍ଗ୍ ରୁମ୍‌ରେ କେହି ଜଣେ ପଶି ଇଭିଏମ୍ ଟାମ୍ପରିଂ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ନିୟନ୍ତ୍ରଣ କରିବା ଲାଗି ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ନିକଟରେ ୟୁନିଟ୍-୪ରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ କାର୍ଯ୍ୟକ୍ରମରେ ଗଣ୍ଡଗୋଳ କରି ୨ ଯୁବକ ଗିରଫ ହୋଇଛନ୍ତି। ଏବେଠୁ ପୁଣି ବିଜେଡି ଓ ବିଜେପି କର୍ମୀଙ୍କ ଭିତରେ ଆରମ୍ଭ ହୋଇଗଲାଣି ଛକାପଞ୍ଝା।

### ମାରୁତି ଇଷ୍ଟେଟ୍ ବିଲ୍ଡିଂ ଅଗ୍ନିକାଣ୍ଡ ମାମଲା

# ବିଲ୍ଡିଂର ନାହିଁ ଫାୟାର ଏନ୍‌ଓସି

**ଭୁବନେଶ୍ୱର(ବ୍ୟୁରୋ):** ମାରୁତି ଇଷ୍ଟେଟ୍ ବିଲ୍ଡିଂରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡର ସାଂଘାତିକ ସତ ପଦାକୁ ଆସିଛି। ଅଗ୍ନିକାଣ୍ଡର ପୋଷ୍ଟମର୍ଟମ ପରେ ଏହି କୋଠାରେ ଅଗ୍ନିସୁରକ୍ଷା ନିୟମକୁ ଅଣଦେଖା କରାଯାଇଥିବା ସ୍ପଷ୍ଟ ହେବାସହିତ ଏହି ବାବଦରେ ସାରା ସହରରେ ଅଗ୍ନିଶମ ବିଭାଗର ଉଦାସୀନତା ସାମ୍ନାକୁ ଆସିଛି। ଫଳରେ ସହରର ଅନ୍ୟ କୌଣସି କୋଠାରେ ସମାନ ଦୁର୍ଘଟଣା ଘଟି କ୍ଷୟକ୍ଷତି ହେବାର ଆଶଙ୍କା ଜଳଜଳ ଦିଶି ଯାଇଛି। ଗୋଟିଏ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯେଉଁ ମାରୁତି ଇଷ୍ଟେଟ ବିଲ୍ଡିଂରେ ନିଆଁ ଲାଗିଥିଲା, ଉକ୍ତ ବିଲ୍ଡିଂର ଫାୟାର ଏନ୍‌ଓସି ନଥିବା ଜଣାପଡିଛି। ୪ ମହଲାର ଏହି କୋଠାରେ ଏକ ରେଷ୍ଟୋରାଁ ସହିତ ୩ଟି ମଲ୍ ଚାଲିଛି। ଅଥଚ ବିଲ୍ଡିଂର ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଅଗ୍ନିକାଣ୍ଡର କାରଣ ଖୋଜା ହେବାବେଳେ ଦେଖା ଯାଇଥିଲା ସେଠାରେ ଯେଉଁ ଅଗ୍ନି ନିର୍ବାପକ ଯନ୍ତ୍ରାଂଶ ଲାଗିଥିଲା, ତାହା କାମ କରୁନଥିଲା। ଯାଞ୍ଚ ସମୟରେ ଏକଥା ଜଣାପଡ଼ିବାପରେ ତରବରିଆ ଭାବେ ଅଗ୍ନିଶମ ବିଭାଗ ବିଲ୍ଡିଂ ମାଲିକଙ୍କୁ ନୋଟିସ୍ କରିଛନ୍ତି। ଯଥାଶୀଘ୍ର ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ ସେଥିରେ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ରାଜଧାନୀରେ ଏହି ଗୋଟିଏ ବିଲ୍ଡିଂ ନୁହେଁ,



ଏହିପରି ଅସଂଖ୍ୟ ବିଲ୍ଡିଂ ରହିଛି ଯେଉଁଥିରେ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଚକିତ କରିବାଭଳି ବିଷୟ ଯେ କେଉଁ କୋଠାର ଫାୟାର ସେଫ୍‌ଟି ସାର୍ଟିଫିକେଟ୍ ଅଛି, କାହାର ନାହିଁ- ସେ ତଥ୍ୟ ମଧ୍ୟ ଅଗ୍ନିଶମ ବିଭାଗ ପାଖରେ ନାହିଁ। ଏଥିରୁ ଜଣାପଡୁଛି ପୂର୍ବ ବର୍ଷଗୁଡ଼ିକରେ ରାଜଧାନୀରେ ଘଟିଥିବା ହସ୍ପିଟାଲ ଓ ମାର୍କେଟରେ ଯେଉଁସବୁ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା, ସେଥିରୁ ବିଭାଗ କିଛି ଶିକ୍ଷାଲାଭ କରିନାହିଁ। ତେବେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ କହିବାକଥା, ଫାୟାର ରୁଲ୍-୨୦୧୭ ଆସିବା ପୂର୍ବରୁ ରାଜଧାନୀରେ ବିଏମ୍‌ସି ଓ ବିଡିଏର ଅନୁମତିରେ ଅନେକ କୋଠା ତିଆରି ହୋଇଥିଲା। କୋଠାଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାଲାଗି ଲୋକଙ୍କୁ ସଚେତନ କରାଯାଉଛି ଓ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବତନ ଅଗ୍ନିଶମ ଡିଜି ବିଜୟ ଶର୍ମା। ତାଙ୍କ ସମୟରେ ରାଜଧାନୀର ବିଭିନ୍ନ କୋଠାର ଅଗ୍ନି ନିର୍ବାପକ ବ୍ୟବସ୍ଥା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଆଧାର କରି ସେତେବେଳେ ଏକ ଟିମ୍ ଗଠନ କରାଯାଇ ସହରର ସବୁ ମଲ୍, ଆପାର୍ଟମେଣ୍ଟ ଓ ବଡ଼ ବିଲ୍‌ଡିଂରେ ବ୍ୟାପକ ଛାନ୍‌ଭିନ୍ କରାଯାଇଥିଲା। ଇତିମଧ୍ୟରେ ରାଜଧାନୀର କଳେବର, ଜନସଂଖ୍ୟା, ଗହଳି ତଥା କୋଠାଗୁଡ଼ିକର ଉଚ୍ଚତା ଅନେକ ଗୁଣରେ ବଢ଼ି ଯାଇଛି। ଅଗ୍ନି ନିରାପତ୍ତାକୁ ପୂର୍ବଅପେକ୍ଷା ଆହୁରି ଗୁରୁତ୍ୱ ଦେବା ବଦଳରେ ବିଭାଗ ଏମିତି ଖାମଖିଆଲ ହୋଇ ବସିବା ଉଦ୍‌ବେଗଜନକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ବିଶ୍ୱରୁ ଅନ୍ତ ଘଟିବ ଯକ୍ଷ୍ମା ରୋଗ



ଭୁବନେଶ୍ୱର(ବ୍ୟୁରୋ): ଯକ୍ଷ୍ମା ରୋଗ ବା ଟ୍ୟୁବରକ୍ୟୁଲୋସିସ (ଟିବି) ଗୋଟିଏ ଅତି ସଂକ୍ରାମକ ରୋଗ। ପୃଥିବୀର ପ୍ରଥମ ୧୦ଟି ମାରକ ରୋଗ ମଧ୍ୟରେ ଯକ୍ଷ୍ମା ଅନ୍ୟତମ। ଏହି ରୋଗଟି ବିଶ୍ୱର ପ୍ରାୟ ସର୍ବତ୍ର ଦେଖାଯାଉଥିଲେ ମଧ୍ୟ ରୋଗାକ୍ରାନ୍ତ ବ୍ୟକ୍ତିମାନେ ମୁଖ୍ୟତଃ ବିଶ୍ୱର ଗରିବ ଦେଶଗୁଡ଼ିକର ଗରିବ ବାସିନ୍ଦା। ରୋଗୀମାନଙ୍କ ମଧ୍ୟରୁ ପାଖାପାଖି ଏକ ତୃତୀୟାଂଶ ହେଉଛନ୍ତି ଭାରତୀୟ ଉପମହାଦେଶର ଅଧିବାସୀ। ସବୁଠାରୁ ଅଧିକ ରୋଗୀ ରହିଛନ୍ତି ଭାରତ ଏବଂ ଚାଇନାରେ। ଯକ୍ଷ୍ମା ସଂକ୍ରମଣ ଭାରତ ଉପରେ ଏକ ବିରାଟ ବୋଝ ରୂପେ ଦଣ୍ଡାୟମାନ। ଭାରତରେ ରହିଛନ୍ତି ୨୦ ଲକ୍ଷରୁ ଅଧିକ ଯକ୍ଷ୍ମା ରୋଗୀ। ପ୍ରତି ତିନି ମିନିଟରେ ଦୁଇ ଜଣ ବ୍ୟକ୍ତି ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଜୀବାଣୁଟିର ନାଁ 'ମାଇକୋବ୍ୟାକ୍ଟେରିୟସ'। ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ରୋଗୀଙ୍କର ଛେପଖଙ୍କାରରେ ଏହି ଜୀବାଣୁ ରହିଥିଲେ ସେହି ରୋଗୀଠାରୁ ସଂକ୍ରମଣ ପ୍ରସାରଲାଭ କରେ। ରୋଗଟି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ଏହି ରୋଗ ଭୋଗିଥାଆନ୍ତି। କିନ୍ତୁ ମହିଳାମାନଙ୍କ ତୁଳନାରେ ପୁରୁଷମାନେ ରୋଗଟି ପ୍ରତି ଅଧିକ ସମ୍ବେଦନଶୀଳ। ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। ଚର୍ମ, ଅନ୍ତନଳୀ, ହାଡ଼, ଗଣ୍ଠି, ଲସିକା ଗ୍ରନ୍ଥି, କିଡ୍‌ନୀ ଏପରିକି ମସ୍ତିଷ୍କ- କୌଣସିଟି ଯକ୍ଷ୍ମା କବଳରୁ ସୁରକ୍ଷିତ ନୁହେଁ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ରୋଗ ହୋଇଥାଏ ଫୁସ୍‌ଫୁସ୍‌ରେ। ଜୀବାଣୁଗୁଡ଼ିକ ବାୟୁବାହିକ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିବା ସ୍ୱାଭାବିକ। ଯକ୍ଷ୍ମା ଜୀବାଣୁ ମଣିଷ ଶରୀରରେ ବର୍ଷ ବର୍ଷ ଧରି ନିଷ୍କ୍ରିୟ ହୋଇ ରହି ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ସକ୍ରିୟ ହୋଇଉଠେ ଏବଂ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ରୋଗଟି ବଂଶଗତ ନୁହେଁ। ଡାଇବେଟିସ୍, କ୍ୟାନ୍‌ସର ରୋଗୀ, ଏଚ୍‌ଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରାନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ଲୋକ ଏବଂ ଷ୍ଟେରଏଡ୍ ଔଷଧ ଚିକିତ୍ସାରେ ରହିଥିବା ରୋଗୀ ଯକ୍ଷ୍ମାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ। କାରଣ ଏମାନଙ୍କଠାରେ ହ୍ରାସ ପାଇଥାଏ ରୋଗ ପ୍ରତିରୋଧକ ଶକ୍ତି। ବାୟୁ ଚଳାଚଳ ହେଉ ନ ଥିବା ଛୋଟ ଘରେ ରହୁଥିଲେ ରୋଗ ହେବାର ଆଶଙ୍କା ଅଧିକ। ଲକ୍ଷଣ: ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ସବୁରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ସମୟ ଲାଗି ରହିପାରେ। ସାଧାରଣତଃ ଜ୍ୱର ଆସିଥାଏ ସନ୍ଧ୍ୟା ସମୟରେ। ରାତିରେ ଝାଳ ବୁହେ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଖୁବ୍ ହାଲିଆ ଲାଗେ। କମିଯାଏ ଓଜନ। ଚିକିତ୍ସା ନ କଲେ ରୋଗୀ ହୋଇଯାଏ କଙ୍କାଳସାର। ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା : ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକଶନ ଦେଇ କରାଯାଏ ମାଣ୍ଟ ପରୀକ୍ଷା। କରାଯାଏ ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ। ସ୍ଥଳବିଶେଷରେ ଆବଶ୍ୟକ ପଡ଼ିପାରେ ଫୁସ୍‌ଫୁସ୍‌ର ସିଟି ସ୍କାନ୍। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ଚିକିତ୍ସା: ରୋଗ ନିର୍ଣ୍ଣିତ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। କିନ୍ତୁ ଯକ୍ଷ୍ମା ଜୀବାଣୁ ଏବେ ଏକାଧିକ ଔଷଧ ପ୍ରତି ପିଠିଆ ହୋଇପଡ଼ିବା ଚିକିତ୍ସକମାନଙ୍କ ପାଇଁ ଏକ ବିରାଟ ଆହ୍ୱାନ ରୂପେ ଉଭା ହେଲାଣି। ଏହାବ୍ୟତୀତ ଔଷଧ ଖାଇବାରେ ଅନିୟମିତ, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଏବଂ ନିୟମିତ ଭାବରେ ରୋଗୀ ପାଇଁ ଔଷଧ ଉପଲବ୍ଧ ନ ହେବା ହେଉଛି ଔଷଧ ନିରୋଧିତାର କେତେକ ମୁଖ୍ୟ କାରଣ। ଜୀବାଣୁଗୁଡ଼ିକ ଔଷଧ ବିରୋଧୀ ହୋଇପଡ଼ିବା ଯୋଗୁ ଚିକିତ୍ସା ସମସ୍ୟା ହୋଇପଡ଼ିଛି ଅଧିକ ଜଟିଳ। ସେଥିପାଇଁ ଏବେ ଡାଇରେକ୍ଟଲି ଅବ୍‌ଜରଭଡ ଥେରାପି ବା 'ଡଟ୍' ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି। ଏହି ପଦ୍ଧତିରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତଦାରଖରେ ରୋଗୀକୁ ନିୟମିତ ଔଷଧ ଖୁଆଇବା ବ୍ୟବସ୍ଥା ଅନୁସୃତ ହେଉଛି। ଯକ୍ଷ୍ମାରୋଗର ନିବାରଣ ପାଇଁ ଶିଶୁଙ୍କୁ ଦିଆଯାଉଛି ବିସିଜି ଟିକା। ଯକ୍ଷ୍ମା ହେଉଛି ଚିକିତ୍ସା ବିଜ୍ଞାନ ସମ୍ବନ୍ଧିତ ଏକ ସାମାଜିକ ବ୍ୟାଧି। ଏହାକୁ ସମାଜ ମଙ୍ଗଳର ବାରୋମିଟର ଭାବରେ ଅଭିହିତ କରାଯାଉଛି। ୨୦୩୦ ମସିହା ସୁଦ୍ଧା ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟ ରହିଛି।